# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, May 23/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 177 | ମୂଲ୍ୟ ₹୭/-






KP GROUP Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ | Bhubaneswar, Tuesday, May 23/2023 | ପୃଷ୍ଠା-୧




**ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଷ୍ଟେପ୍ ଶିଖାଇଲେ ରାମଚରଣ**

ଶ୍ରୀନଗରରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜି-୨୦ ସୁମିଟ୍‌ର ୩ୟ ୱାର୍କିଂ ଗ୍ରୁପ୍ ମିଟିଂରେ ପ୍ରଥମ କଳାକାର ଭାବେ ସାଉଥ୍ ଅଭିନେତା ରାମଚରଣ ଯୋଗଦେଇଛନ୍ତି।

୦୯

୧୪

**ସମୀର ବର୍ମା ଚାମ୍ପିୟନ**

ସ୍ଲୋଭେନିଆ ଓପନ୍ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି।





ସମୁଦ୍ରରେ ୬୧ ଦିନିଆ ମାଛଧରା କଟକଣା ଯୋଗୁ ଚେନ୍ନାଇ କାସିମେଡୁ ପୋତାଶ୍ରୟ ନିକଟରେ ଲାଗିଥିବା ମାଛଧରା ବୋଟ୍।

# ମଣିପୁରରେ ହିଂସା, ଫେରିଲା କର୍ଫ୍ୟୁ

## ପୂର୍ବତନ ବିଧାୟକଙ୍କ ସମେତ ୩ ଗିରଫ

ଇମ୍ଫାଲ, ୨୨।୫

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ କିଛିଦିନର ନୀରବତା ପରେ ସୋମବାର ଅପରାହ୍ନରେ ରାଜଧାନୀ ଇମ୍ଫାଲର କେତେକ ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟିଛି। ରାଜଧାନୀର ନ୍ୟୁ ଚେକୋନ ଅଞ୍ଚଳରେ ମେଇତି ସମ୍ପ୍ରଦାୟର ଗୋଟିଏ ଗୋଷ୍ଠୀ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଥିବା ପୋଲିସ କହିଛି। ସ୍ଥାନୀୟ ମାର୍କେଟରେ ସ୍ଥାନ ଆବଣ୍ଟନକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଥିଲା। ଇମ୍ଫାଲ ଇଷ୍ଟ ଜିଲାରେ ଦୁଇଟି ଘରକୁ ଉଦ୍ୟକ୍ତ ଲୋକେ ପୋଡ଼ିଦେବା ସହ ଦୋକାନ ବନ୍ଦ କରିବାକୁ ଲୋକମାନଙ୍କୁ ବାଧ୍ୟ କରିଥିଲେ। ଗୃହଦାହ ବେଳେ କେହି ମୃତାହତ ହୋଇନାହାନ୍ତି। ଏହି ଘଟଣାରେ ମଣିପୁରର ଜଣେ ପୂର୍ବତନ ବିଧାୟକ ଏବଂ ଅନ୍ୟ ଦୁଇଜଣଙ୍କୁ ବନ୍ଧୁକ ସହ ଗିରଫ କରାଯାଇଛି। ସେମାନେ ବନ୍ଧୁକ ଧରି ଦୋକାନ ବନ୍ଦ କରିବାକୁ ଲୋକଙ୍କୁ ଧମକ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ କହିଛନ୍ତି। ଉତ୍ତେଜନା ଜାରି ରହିଥିବାରୁ ଇମ୍ଫାଲରେ ଅପରାହ୍ନ ୧ଟା ପରେ ପୁଣିଥରେ କର୍ଫ୍ୟୁ ଲାଗୁ କରାଯାଇଛି। ପୂର୍ବରୁ କର୍ଫ୍ୟୁକୁ ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋହଳ କରାଯାଇଥିଲା। ଏଥିସହିତ ୫ ଦିନ ପାଇଁ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅସାମାଜିକ ତତ୍ତ୍ୱମାନେ ସୋସିଆଲ ମିଡିଆ ଜରିଆରେ ଘୃଣା ବକ୍ତବ୍ୟ, ହିଂସାତ୍ମକ ଫଟୋ ଶେୟାର କରିବା ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।

ମଣିପୁରରେ ଏକାଧିକ ପ୍ରସଙ୍ଗକୁ କେନ୍ଦ୍ର କରି ମେଇତି ଓ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପ୍ରାୟ ମାସେ ହେଲା ଉତ୍ତେଜନା ଲାଗି ରହିଛି। ମେ' ୩ରେ କୁକି ଆଦିବାସୀମାନେ ମେଇତିଙ୍କ ଅନୁସୂଚିତ ଜନଜାତି ମାନ୍ୟତା ଦାବି ବିରୋଧରେ ଏକତା ଶୋଭାଯାତ୍ରା ବାହାର କରିଥିବାବେଳେ ସଂଘର୍ଷ ଘଟି ୭୧ ଜଣଙ୍କ ଜୀବନ ଯାଇଥିବାବେଳେ ୨୩୦ ଜଣ ଆହତ ହୋଇଥିଲେ। ପାଖାପାଖି ୧,୭୦୦ ଘର ପୋଡ଼ିଦିଆଯାଇଥିଲା। ହିଂସାକାଣ୍ଡ ଓ ପୋଡ଼ାଜଳାରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ହଜାର ହଜାର ଲୋକ ସୁରକ୍ଷା ଦୃଷ୍ଟିରୁ ଘରଦ୍ୱାର ଛାଡ଼ି ସରକାରୀ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। ମୁଖ୍ୟତଃ କୁକି ଗ୍ରାମବାସୀଙ୍କୁ ସଂରକ୍ଷିତ ଜଙ୍ଗଲ ଜମିରୁ ଉଚ୍ଛେଦକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ସଂଘର୍ଷର ରୂପ ନେଇଥିଲା। ମେଇତି ସମ୍ପ୍ରଦାୟ ରାଜ୍ୟ ଜନସଂଖ୍ୟାର ୬୪ ପ୍ରତିଶତ ହୋଇଥିବାବେଳେ ସେମାନେ ମାତ୍ର ୧୦ ପ୍ରତିଶତ ଅଞ୍ଚଳରେ ରହୁଛନ୍ତି। ଅଣଆଦିବାସୀମାନଙ୍କୁ ☞ପୃଷ୍ଠା-୨

# ୨୦୦୦ ଟଙ୍କିଆକୁ ଦୋକାନୀ ମନା କରିପାରିବେ ନାହିଁ: ଆର୍‌ବିଆଇ

## ଟଙ୍କା ବଦଳାଇବାକୁ ଯଥେଷ୍ଟ ସମୟ ଅଛି: ଶକ୍ତିକାନ୍ତ

ନୂଆଦିଲ୍ଲୀ, ୨୨।୫



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିନେବା ପାଇଁ ଗତ ଶୁକ୍ରବାର ଘୋଷଣା କରିବା ପରେ ବଜାରରେ ଏହି ବଡ଼ ନୋଟ୍ ଏକ ପ୍ରକାର ଅଚଳ ହୋଇଯାଇଛି। ଯଦିଓ ୨ହଜାର ଟଙ୍କିଆ ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିଛି ଏବଂ ଏଗୁଡ଼ିକୁ ମଙ୍ଗଳବାରଠାରୁ ଆସନ୍ତା ସେପ୍ଟେମ୍ବର ୩୦ ଯାଏ ବ୍ୟାଙ୍କରେ ବଦଳାଇ ହେବ। କିନ୍ତୁ ଏବେଠୁ ଦୋକାନୀମାନେ ଏହାକୁ ଗ୍ରାହକଙ୍କଠାରୁ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର କହିଛନ୍ତି ଯେ, ଦୋକାନୀମାନେ ୨୦୦୦ ଟଙ୍କିଆ ନୋଟ୍ ନେବାକୁ ମନା କରିପାରିବେ ନାହିଁ। ଏହି ନୋଟ୍‌କୁ ପ୍ରତ୍ୟାହାର କରାଯିବାର ଅର୍ଥ ନୁହେଁ ଯେ, ଏହାର ବୈଧତା ନାହିଁ। ୨୦୦୦ ଟଙ୍କିଆ ନୋଟ୍‌ରେ କାରବାର କରିହେବ। କେହି ଏହାକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ଦାସ କହିଛନ୍ତି। ସେହିପରି ଟଙ୍କା ବଦଳାଇବାକୁ ଅଯଥାରେ ଭୟଭୀତ ହେବା ଏବଂ ବ୍ୟାଙ୍କରେ ଭିଡ଼ ଲଗାଇବା ଦରକାର ନାହିଁ। ଏହି ନୋଟ୍‌କୁ ବଦଳାଇବା ପାଇଁ ଯଥେଷ୍ଟ ସମୟ ଅର୍ଥାତ୍ ୪ ମାସ ସମୟ ରହିଛି। ଏନେଇ ବ୍ୟାଙ୍କଗୁଡ଼ିକରେ ଉତ୍ତମ ବ୍ୟବସ୍ଥା କରାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି।

# ନିରଞ୍ଜନଙ୍କ ହାତରୁ ଗଲା ଅର୍ଥ ବିଭାଗ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ପୂର୍ବତନ ମନ୍ତ୍ରୀଙ୍କୁ ପୁଣିଥରେ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ସେମାନେ ହେଲେ ବିକ୍ରମ କେଶରୀ ଆରୁଖ, ସାରଦା ପ୍ରସାଦ ନାୟକ ଓ ସୁଦାମ ମାରାଣ୍ଡି। ଏହି ୩ ଜଣ ସୋମବାର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ୍ ଲୋକସେବା କନ୍‌ଭେନ୍‌ଶନ ହଲ୍‌ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ବିଭାଗ ଦାୟିତ୍ୱ ବଣ୍ଟନ କରିଛନ୍ତି। ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ହାତରେ ପୂର୍ବରୁ ଅର୍ଥ ଓ ସଂସଦୀୟ ବ୍ୟାପାର ବିଭାଗ ଥିଲା। ନବ ଦାସଙ୍କ ମୃତ୍ୟୁ ପରେ ଅର୍ଥ ସହିତ ନିରଞ୍ଜନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଥିଲା। ଏବେ ନିରଞ୍ଜନଙ୍କ ନିକଟରୁ ଅର୍ଥ ବିଭାଗ କାଢ଼ି ନିଆଯାଇ ତାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱ ଦିଆଯାଇଛି। ବାଚସ୍ପତି ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ହୋଇଥିବା ବିକ୍ରମ କେଶରୀ ଆରୁଖଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ଦିଆଯାଇଥିବାବେଳେ ସାରଦା ପ୍ରସାଦ ନାୟକଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ସୁଦାମ ମାରାଣ୍ଡିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ କରାଯାଇଛି। ପୂର୍ବରୁ ଶ୍ରୀକାନ୍ତ ସାହୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଥିବା ବେଳେ ସମୀର ରଞ୍ଜନ ଦାଶ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଥିଲେ। ଗତ ୧୨ ତାରିଖରେ ଉଭୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ଉଭୟ ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ଥିବା ବେଳେ ଉକ୍ତ ଦୁଇ ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି।



ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୩ ନୂଆ ମନ୍ତ୍ରୀଙ୍କୁ ଶପଥପାଠ କରାଉଛନ୍ତି।

## ୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ

### ବିକ୍ରମ ଅର୍ଥ, ସୁଦାମ ସ୍କୁଲ ଓ ଗଣଶିକ୍ଷା, ସାରଦା ଶ୍ରମ ମନ୍ତ୍ରୀ

ନବୀନଙ୍କ ପୂର୍ବ ମନ୍ତ୍ରିମଣ୍ଡଳରେ ଗଞ୍ଜାମ ଜିଲାରୁ ଉଷା ଦେବୀ ଓ ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରୀ କରାଯାଇଥିବାବେଳେ ବିକ୍ରମ ଆରୁଖଙ୍କୁ ବାଚସ୍ପତି ପଦବୀରେ ବସାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ୫ ଜିଲାକୁ ମନ୍ତ୍ରୀ ପଦ ମିଳିଥିଲା। ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ନବ କିଶୋର ଦାସଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଥିବାବେଳେ ରୋହିତ ପୂଜାରୀ ଓ ରୀତା ସାହୁଙ୍କୁ ରାଷ୍ଟ୍ରପାହ୍ୟା ମନ୍ତ୍ରୀ କରାଯାଇଥିଲା। ନବ ଦାସଙ୍କ ମୃତ୍ୟୁ ପରେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ ଖାଲି ପଡ଼ିଥିଲା। ଅନ୍ୟପକ୍ଷରେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରୁ କୌଣସି ମନ୍ତ୍ରୀ ନ ଥିଲେ। ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ନବୀନ ଏହି ଦୁଇ ଜିଲାକୁ ଗୁରୁତ୍ୱ ☞ପୃଷ୍ଠା-୨

# ଅନ୍‌ଲାଇନରେ ହେବ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ

ଭୁବନେଶ୍ୱର, ୨୨।୫(ବ୍ୟୁରୋ): ଚଳିତ ବର୍ଷଠାରୁ ଅନ୍‌ଲାଇନରେ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ ହେବ। ମେରିଟ୍ ଲିଷ୍ଟ ଆଧାରରେ ଛାତ୍ରୀଛାତ୍ରମାନେ ସିଟ୍ ପାଇବେ। ସ୍ପଟ୍ ଆଡ୍‌ମିଶନ ପାଇଁ ସିଲେକ୍ସନ ହୋଇଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ହ୍ୱାଟ୍ସଆପ୍ କିମ୍ବା ଏସ୍‌ଏମ୍‌ଏସ୍‌ରେ ମେସେଜ୍ ପଠାଯିବ। କାଗଜପତ୍ରରେ ଅନିୟମିତତା ରୋକିବାକୁ ସାମ୍ସ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧୭ ତାରିଖରେ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ଦଶମ ପାସ୍ କରିଥିବା ଛାତ୍ରୀଛାତ୍ର ଯେଉଁମାନେ ଅନ୍‌ଲାଇନ ଦ୍ୱାରା ଆଡ୍‌ମିଶନ କରିବାକୁ ଆବେଦନ କରି ନ ଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏସ୍‌ଏମ୍‌ଏସ୍ ଜରିଆରେ ମେସେଜ୍ ପଠାଯାଇ ଇ-ଆଡ୍‌ମିଶନ ଜରିଆରେ ନାମ ଲେଖାଇବାକୁ ସଚେତନ କରାଯିବ। ଯୁକ୍ତ ୨ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ଅପେକ୍ଷା କରିରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ନାମଲେଖା ପ୍ରକ୍ରିୟା କେବେ ଆରମ୍ଭ ହେବ ସେ ନେଇ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

**ଆଜିର ସମ୍ପାଦକୀୟ**

**ଚାଇନା ଭୟ**

**ଆଜିର ମନ୍ତବ୍ୟ**

"ଆସାମରେ କ୍ରମାଗତ ଆଇନ ଶୃଙ୍ଖଳା ସ୍ଥିତିରେ ଅଗ୍ରଗତି ଦେଖାଦେଉଥିବାରୁ ଚଳିତବର୍ଷ ଶେଷ ଆଡ଼କୁ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଆଫ୍‌ସା) ଉଠାଇ ଦିଆଯିବ।

– ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ

# ପିଲାଙ୍କୁ ସିଟ ଯୋଗାଇବା ନେଇ ଚିନ୍ତା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

## ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବାକୁ ଶିକ୍ଷା ବିଭାଗର ପ୍ରୟାସ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟକ ପିଲା ପାସ୍ କରିବା ପରେ ଯୁକ୍ତ ୨ରେ ସମସ୍ତଙ୍କୁ ସିଟ ଯୋଗାଇଦେବା ନେଇ ଉଚ୍ଚଶିକ୍ଷା ବିଭାଗର ଚିନ୍ତା ବଢ଼ିଛି। ଚଳିତ ବର୍ଷ ରାଜ୍ୟର ୫ଲକ୍ଷ ୧୨ ହଜାର ପିଲା ମାଟ୍ରିକ ପାସ କରିଛନ୍ତି। ମାତ୍ର ରାଜ୍ୟର କଲେଜଗୁଡ଼ିକରେ +୨ ପ୍ରଥମ ବର୍ଷ ପାଇଁ ମୋଟ ୫ଲକ୍ଷ ୯ହଜାର ସିଟ ରହିଛି। ତେଣୁ ପିଲାଙ୍କୁ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଇବା ବଦଳରେ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ସ୍କୁଲ ସ୍ତରରେ ପିଲାଙ୍କୁ ଏନେଇ ପ୍ରୋତ୍ସାହିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

ରାଜ୍ୟରେ ଏବେ ୨୩୧ ସରକାରୀ ଧନ୍ଦାମୂଳକ ସେକେଣ୍ଡାରୀ ସ୍କୁଲ ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସାଧାରଣ ପାଠପଢ଼ା ଅପେକ୍ଷା ପିଲାମାନେ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇଲେ ରୋଜଗାରକ୍ଷମ ହେବା ସହ ନିଜସ୍ୱ ଅନୁଷ୍ଠାନ ଆରମ୍ଭ କରିପାରିବେ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ବ୍ୟକ୍ତିତ୍ୱ ବିକାଶ ସାଙ୍ଗକୁ କୁଶଳୀ କାରିଗର ଚାହିଦା ଏହାଦ୍ୱାରା ପୂରଣ କରାଯାଇପାରିବ। ଏନେଇ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ବିଇଓ ଅଫିସ, ସିଆର୍‌ସିସି ଅଫିସ ଏବଂ ହାଇସ୍କୁଲର ନୋଟିସ ବୋର୍ଡରେ ଏ ସମ୍ପର୍କରେ ସୂଚିତ କରି ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ କୁହାଯାଇଛି। ଏହାଛଡ଼ା ପଦକ୍ଷେପ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଗ୍ରିକଲଚର, ହେଲଥ୍ ଆଣ୍ଡ ପାରାମେଡିକାଲ, ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ହୋମସାଇନ୍ସ ଏବଂ ହ୍ୟୁମାନିଟିକ୍ସ ଆଦି ୬ଟି କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ପାଇଁ ପିଲାଙ୍କୁ ପ୍ରବର୍ତ୍ତାଯିବ। ଜଣେ ଛାତ୍ରୀ ବା ଛାତ୍ର କେବଳ ଗୋଟିଏ ଧନ୍ଦାମୂଳକ ବିଷୟରେ ନାମ ଲେଖାଇପାରିବେ।

ସୂଚନାଥାଉ କି, ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୭ଟି ବିଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ରହିଛି। ସେହିପରି କଟକ ଜିଲାରେ ୧୪, ଗଞ୍ଜାମରେ ୧୩, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲାରେ ୧୨ଟି ଲେଖାଏ, ବାଲେଶ୍ୱର ଭଦ୍ରକ ଓ ଜଗତ୍‌ସିଂହପୁର ଜିଲାରେ ୧୧ଟି ଲେଖାଏ, ଢେଙ୍କାନାଳ ଓ ପୁରୀ ଜିଲାରେ ୧୦ଟି ☞ପୃଷ୍ଠା-୨

# ୩ ବର୍ଷ ପାଇଁ ଚାଷୀଙ୍କ ଶସ୍ୟବୀମା ମାଗଣା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଚାଷୀଙ୍କ ଶସ୍ୟବୀମା ଆସନ୍ତା ୩ ବର୍ଷ ପାଇଁ ସମ୍ପୂର୍ଣ୍ଣ ମାଗଣା ହେବ ବୋଲି ସୋମବାର ସମବାୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ସଫଳତା ନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ୨୦୨୩ ଖରିଫ୍‌ରୁ ୨୦୨୫-୨୬ ରବି ପର୍ଯ୍ୟନ୍ତ ଚାଷୀଙ୍କ ପ୍ରିମିୟମ ବାବଦ ଖର୍ଚ୍ଚ ବହନ କରିବେ। ରାଜ୍ୟରେ ତ୍ରିସ୍ତରୀୟ ସ୍ୱଳ୍ପମିଆଦୀ ସମବାୟ ଋଣ ବ୍ୟବସ୍ଥା ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ୧୭ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କ ଓ ୨୭୧୦ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି(ପାକ୍‌ସ)ମାନେ ଚାଷୀଙ୍କୁ ସେମାନଙ୍କ ଆବଶ୍ୟକତା ମୁତାବକ ଋଣ ଯୋଗାଇ ଦେଉଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବିନା ସୁଧରେ ଉପଲବ୍ଧ ଋଣର ପରିମାଣ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବୃଦ୍ଧି କରିଛନ୍ତି, ଯାହାଦ୍ୱାରା ୨୦୨୨-୨୩ ବର୍ଷରେ ରାଜ୍ୟରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଗୁଡ଼ିକୁ ମୋଟ ୧୬୮୩.୫୭ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି। ୨୦୦୦-୦୧ ବର୍ଷରେ ୬.୪୦ ଲକ୍ଷ ଚାଷୀଙ୍କୁ ଦିଆଯାଇଥିବା ୪୩୮.୩୬ କୋଟି ଟଙ୍କା ଋଣ ତୁଳନାରେ ଏହି ଅଭିବୃଦ୍ଧି ବିଭାଗର ସଫଳତାକୁ ସୂଚିତ କରୁଛି।

ମନ୍ତ୍ରୀ ନାୟକ ଆହୁରି କହିଛନ୍ତି, ଏହା ବ୍ୟତୀତ ରାଜ୍ୟରେ ପାକ୍‌ସଗୁଡ଼ିକ ଚାଷୀଙ୍କୁ ପ୍ରାମାଣିକ ବିହନ ଓ ସାର ଯୋଗାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି। ପାକ୍‌ସଗୁଡ଼ିକର ସେବା ପ୍ରଦାନକୁ ଆହୁରି ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ୨୨୯୫ ଗୋଟି ପାକ୍‌ସର କୋର୍ ବ୍ୟାଙ୍କିଙ୍ଗ ସଲ୍ୟୁଶନ ବ୍ୟବସ୍ଥାରେ କମ୍ପ୍ୟୁଟରୀକରଣ କରାଯାଇଛି। ତୃଣମୂଳ ସ୍ତରରେ ସ୍ୱଳ୍ପମିଆଦୀ ଋଣ ସେବା ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ୧୪୫୧ ଗୋଟି ନୂତନ ପାକ୍‌ସ ସଙ୍ଗଠିତ କରାଯାଇଛି। କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟର ଅନଲାଇନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟିକୁ ଇ-ନାମ ପ୍ଲାଟଫର୍ମରେ ସ୍ଥାନିତ କରାଯାଇଛି। ଇ-ନାମ ପ୍ଲାଟଫର୍ମରେ ଏଫପିଓମାନଙ୍କୁ ପଞ୍ଜୀକରଣ କରାଯାଇଛି, ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି। ଆନ୍ତଃ-ମଣ୍ଡି ବାଣିଜ୍ୟ କାରବାରର ପରିମାଣରେ ପ୍ରଭୂତ ବୃଦ୍ଧି ଘଟି ଓଡ଼ିଶା ଦେଶରେ ୪ର୍ଥ ସ୍ଥାନ ହାସଲ କରିଛି। ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ମୋଟ ୫୧ଟି ଗୋଦାମରୁ ୪୪ଟି ଗୋଦାମରେ ଓୟେରହାଉସିଂ ଡେଭଲପମେଣ୍ଟ ଆଣ୍ଡ ସଲ୍ୟୁଶନ ଆକ୍ଟର ବ୍ୟବସ୍ଥା ଲାଗୁ କରାଯାଇଛି। ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଜନିତ ଫସଲ ହାନିରୁ ସୁରକ୍ଷା ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୨୦୨୧-୨୨ ବର୍ଷ ପାଇଁ ୩୧.୯୩ ଲକ୍ଷ ଚାଷୀଙ୍କୁ ୧୧୬୬.୦୨ କୋଟି ☞ପୃଷ୍ଠା-୨

# ଯାତ୍ରୀଙ୍କୁ ନେବାକୁ ୧ କି.ମି. ପଛକୁ ଫେରିଲା ଟ୍ରେନ୍

କୋଚି, ୨୨।୫

କେରଳରେ ୧୯୯୫ରେ ବ୍ଲକବଷ୍ଟର ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ସିନ୍‌ର ପୁନରାବୃତ୍ତି ହୋଇଛି। ଏକ ବିରଳ ଘଟଣାକ୍ରମରେ ଶୋରାନୁର ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ଏକ ଛୋଟ ଷ୍ଟେଶନକୁ ଅତିକ୍ରମ କରିଯିବା ପରେ ଡ୍ରାଇଭର ଜାଣିପାରିଥିଲେ। ସେ ଉକ୍ତ ଷ୍ଟେଶନରୁ ଯାତ୍ରୀମାନଙ୍କୁ ନେବା ଲାଗି ଟ୍ରେନ୍‌କୁ ପାଖାପାଖି ଗୋଟିଏ କିଲୋମିଟର ପଛକୁ ଫେରାଇଥିଲେ। ଅବଶ୍ୟ ଆଲପୁଝାର ଚେରିୟାନଡ ଷ୍ଟେଶନରେ ୧୯୯୫ ଚଳଚ୍ଚିତ୍ରର ରାଜ ଏବଂ ସିମ୍ରନଙ୍କ ଭଳି ପ୍ରେମୀଯୁଗଳ ଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଟ୍ରେନ୍‌ଟି ଗ୍ରାମାଞ୍ଚଳର ଏକ ଷ୍ଟେଶନକୁ ଅତିକ୍ରମ କରିଯିବା ଓ ଯାତ୍ରୀଙ୍କୁ ଉଠାଇବା ପାଇଁ ପୁଣିଥରେ ପଛକୁ ଫେରିବା 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ନାଟକୀୟ ଦୃଶ୍ୟଠାରୁ କମ୍ ନ ଥିଲା। ଥିରୁଭାନନ୍ତପୁରମ୍‌ରୁ ଯାଉଥିବା ୧୬୩୦୨ ଭେନାଦ ଏକ୍ସପ୍ରେସ୍ ସକାଳ ୭ଟା ୪୫ରେ ଚେରିୟାନଡ୍ ଷ୍ଟେଶନ ନିକଟରେ ପହଞ୍ଚିଥିବାବେଳେ ଏହା ଏକ ହଲ୍ଟ ଷ୍ଟେଶନ ହୋଇଥିବାରୁ କୌଣସି ସିଗ୍‌ନାଲ ନ ଥିଲା। ହୁଏତ ଡ୍ରାଇଭରଙ୍କ ଭୁଲ୍ କାରଣରୁ ଟ୍ରେନ୍ କିଛି ବାଟ ଅତିକ୍ରମ କରିଯିବା ପରେ ସେ ଏକ ଷ୍ଟେଶନକୁ ଛାଡ଼ିଆସିଥିବା ଜାଣିବାକୁ ପାଇଥିଲେ। ଫଳରେ ଯାତ୍ରୀଙ୍କୁ ନେବା ଲାଗି ସେ ଟ୍ରେନ୍‌କୁ ପଛକୁ ଫେରାଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ଥାଉ;**
**ଫଳ ପଛକେ ଯାଉ ।**

ଗଛ ରହିଲେ ପୁଣି ଫଳିବ। ତେଣୁ ଫଳ ପାଇଁ ଚିନ୍ତା ବା ବ୍ୟସ୍ତତା କରିବା ଅମୂଳକ। ପରୋକ୍ଷରେ ପ୍ରସୂତି ଓ ସନ୍ତାନ ଉଭୟେ ସଙ୍କଟାପନ୍ନ ଅବସ୍ଥାରେ ଥିଲାବେଳେ ମା’ ରକ୍ଷା ପାଇଯାଉ ବୋଲି କୁହାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁଆ ମୂଳେ ଗୋବର,**
**ପଣସ ମୂଳେ ମାଟି**
**ନଡ଼ିଆ ଯଦି ନ ଫଳିବ,**
**ଚେର ଦେବ କାଟି।**

ସାଧାରଣତଃ ଗୁଆ ଗଛ ମୂଳରେ ଗୋବର ଓ ପଣସ ଗଛ ମୂଳରେ ମାଟି ଦେଲେ ଭଲ ଫଳ ଫଳେ ବୋଲି ଜଣାଯାଇଥାଏ। ସେହିପରି ନଡ଼ିଆ ଗଛର ଉପର ଚେରକୁ କାଟି ଦେଲେ ନଡ଼ିଆ ଭଲ ଫଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅଗ୍ନିଶମ ଡିଜି ଭାବେ ଦାୟିତ୍ୱ ନେଲେ ସୁଧାଂଶୁ ଷଡ଼ଙ୍ଗୀ

**ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବୁ**



**୬ ମାସରେ ଅଗ୍ନିଶମ ବିଭାଗରେ ନିଯୁକ୍ତ ହେବେ ୧୧୦୦ କର୍ମଚାରୀ**

କଟକ ଅଫିସ,୨୨।୫

ରାଜ୍ୟ ଅଗ୍ନିଶମ ବିଭାଗର ଡିଜି ଭାବେ ଆଇପିଏସ୍ ଅଫିସର ଡ. ସୁଧାଂଶୁ ଷଡ଼ଙ୍ଗୀ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କଟକସ୍ଥିତ ଅଗ୍ନିଶମ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ସେ ଭାରପ୍ରାପ୍ତ ଅଗ୍ନିଶମ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର କିଛିଦିନ ତଳେ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ପୂର୍ବରୁ ସେ ସ୍ପେଶାଲ ଡିଜି ପୋଲିସ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଭାବେ କାର୍ଯ୍ୟ ତୁଲାଉଥିଲେ। ଏହା ପୂର୍ବରୁ ସେ ଟୁଇନ୍‌ସିଟିର ପୋଲିସ କମିଶନର ଭାବେ କାର୍ଯ୍ୟ କରିଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶା ଅଗ୍ନିଶମ ବିଭାଗର କାର୍ଯ୍ୟ ଦକ୍ଷତା ଦେଶରେ ସୁନାମ ଅର୍ଜନ କରିଛି ଏବଂ ଆଗାମୀ ଦିନରେ ଏହାକୁ ବଜାୟ ରଖାଯିବ। ରାଜ୍ୟବାସୀଙ୍କୁ ଉନ୍ନତ ସେବା ପ୍ରଦାନ କରି ଆସ୍ଥାଭାଜନ ହେବା ପାଇଁ ସମସ୍ତେ ଚେଷ୍ଟା କରିବୁ ବୋଲି କହିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ସେ ଆହୁରି କହିଛନ୍ତି, ୨୦୦୦ରେ ରାଜ୍ୟରେ ୧୧୨ ଦମକଳ କେନ୍ଦ୍ର ଥିଲା। ଏବେ ଏହା ୩ ଗୁଣ ବୃଦ୍ଧି ପାଇ ୩୪୫ରେ ପହଞ୍ଚିଲାଣି। ଏହି କେନ୍ଦ୍ରଗୁଡ଼ିକ କେବଳ ଆଗ୍ନେୟ ଦୁର୍ଘଟଣା ବା ଅଗ୍ନି ନିର୍ବାପନ କାର୍ଯ୍ୟ କରୁନାହିଁ ବରଂ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଥମ ରେସ୍‌ପଣ୍ଡର ଭାବେ କାମ କରୁଛି। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦେଶ ଓ ବିଦେଶରେ ସୁନାମ ଆଣିଛି। ଏବେ ରାଜ୍ୟରେ ଆଗଭଳି ଚାଳ ଛପର ଘର ନାହିଁ କି ଆଗ ଭଳି ଘରପୋଡ଼ି ଆଉ ହେଉ ନାହିଁ। କିନ୍ତୁ ଉଚ୍ଚ ଏବଂ ଅତି ଉଚ୍ଚ ଅଟ୍ଟାଳିକା ଗଢ଼ି ଉଠିବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଆଗ୍ନେୟ ଦୁର୍ଘଟଣାର ଆଶଙ୍କା ରହୁଛି। ସେଥିପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହୁଛି। ଚଳିତବର୍ଷ ଅଗ୍ନିଶମ ବିଭାଗର ଆଧୁନିକୀକରଣ ଓ ସାମର୍ଥ୍ୟ ବୃଦ୍ଧି ପାଇଁ ୨୪୦ କୋଟି ଟଙ୍କା ଅଧିକ ଅନୁଦାନ ଦେବା ପାଇଁ ଆଲୋଚନା ଚାଲିଛି। ଏହାଛଡ଼ା ଆଗାମୀ ୬ ମାସ ମଧ୍ୟରେ ଅଗ୍ନିଶମ ସଂସ୍ଥାରେ ୧,୧୦୦ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁମତି ମିଳିସାରିଛି। ଏଥିପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଅପରପକ୍ଷରେ ରାଜ୍ୟରେ ବର୍ତ୍ତମାନ ୧୫,୯୧୮ ଗୃହରକ୍ଷୀ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦିଆଯିବ। ଆଶା କରିବି ସେମାନେ ଦକ୍ଷତା ଓ ନିଷ୍ଠାର ସହ ସେବା ପ୍ରଦାନ କରି ଲୋକଙ୍କ ଆସ୍ଥାଭାଜନ ହେବେ। ଆଗାମୀ ଦିନରେ ରାଜ୍ୟ ଅଗ୍ନିଶମ ଓ ଗୃହରକ୍ଷୀ ସଂସ୍ଥା ନିଜର ସମ୍ମାନ ଓ ପରିଚୟ ଦେଶବିଦେଶରେ ବଜାୟ ରଖିବାକୁ ଯତ୍ନବାନ୍ ହେବ ବୋଲି ସେ କହିଛନ୍ତି।

# ତୃତୀୟ ଦିନରେ ମହାନଦୀ ଟ୍ରିବ୍ୟୁନାଲର ୨ ଜିଲା ଗସ୍ତ

## ଓପିଜିସିର ଇନ୍‌ଟେକ ପଏଣ୍ଟ, ଇବ୍ ଥର୍ମାଲ ପରିଦର୍ଶନ

ସମ୍ବଲପୁର/ସୁନ୍ଦରଗଡ଼,୨୨।୫(ବ୍ୟୁରୋ/ଡି.ଏନ.ଏ.)

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ସୋମବାର ତୃତୀୟ ଦିନରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ଗସ୍ତ କରିଛନ୍ତି। ସକାଳେ ଟିମ୍ ସଦସ୍ୟ ବୁର୍ଲା ଆଶୋକ ନିବାସରୁ ବାହାରି ପ୍ରଥମେ ଝାରସୁଗୁଡ଼ା ଓପିଜିସିର ଇନ୍‌ଟେକ ପଏଣ୍ଟ ବୁଲି ଦେଖିଥିଲେ। କମ୍ପାନୀ ଜଳଭଣ୍ଡାରରୁ କେତେ ପରିମାଣ ପାଣି ପାଇଁ ଅନୁମତି ନେଇଛି ଓ କେତେ ପାଣି ନେଉଛି ତାହା ଯାଞ୍ଚ କରିଥିଲେ। ଏହା ପରେ ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ବୁଲି ଦେଖିଥିଲେ। ସେଠାରେ ବିଭିନ୍ନ ସମସ୍ୟା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସୁନ୍ଦରଗଡ ଜିଲା ଆଇବି ଡ୍ୟାମ୍ ପ୍ରକଳ୍ପ ପରିଦର୍ଶନ କରି ଡ୍ୟାମ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସବୁଠାରେ ପାଣିର ପ୍ରବାହ ଓ ଅଣ ମୌସୁମୀ ସମୟରେ ସ୍ଥିତି କ’ଣ ରହୁଛି ସେ ସମ୍ପର୍କରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମଙ୍ଗଳବାର ଏହି ଟିମ୍ ନୂଆପଡା ଜିଲା ସାଇପଲା ଡ୍ୟାମ୍ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ମହାନଦୀ ଜଳକୁ ନେଇ ଓଡିଶା ଓ ଛତିଶଗଡ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ପ୍ରଥମେ ଛତିଶଗଡ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଟିମ୍‌ଗତ ରବିବାର ପ୍ରଥମେ ସମ୍ବଲପୁରରେ ପହଞ୍ଚି ହୀରାକୁଦ ଡ୍ୟାମ ଓ ଅନ୍ୟ ଅଞ୍ଚଳର ବୁଲି ଦେଖିଥିଲେ। ଏହି ୩ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଏ.ଏମ୍. ଖନୱିଲକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ ଓ ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି।

# ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ମୃତ

ବାରିପଦା ଅଫିସ, ୨୨।୫

ମୟୂରଭଞ୍ଜ ଜିଲା ବାରିପଦା ଶିମିଳିପାଳରେ ସୋମବାର ରାତିରେ ଜଣେ ଶିକାରୀଙ୍କ ଗୁଳିରେ ନଅଣା ସାଉଥ୍ ରେଞ୍ଜର ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟିଛି। ସେ ବାରିପଦା ଭଞ୍ଜପୁର ଅଞ୍ଚଳର। ଫରେଷ୍ଟଗାର୍ଡ ଜଙ୍ଗଲରେ ଏକଲା ମୋବାଇଲରେ କଥା ହେଉଥିବା ବେଳେ ଶିକାରୀ ଜଣକ ଏହାର ସୁଯୋଗ ନେଇ ଗୁଳି କରିଥିବା ଜଣାପଡିଛି। ପୂର୍ବରୁ ପାଟ୍ରୋଲିଂ ବେଳେ ବନ କର୍ମଚାରୀ ଉକ୍ତ ଶିକାରୀଙ୍କଠାରୁ ବନ୍ଧୁକ ଜବତ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶିକାରୀ ଗୁଳିମାଡ଼ କରିଥିବା ସନ୍ଦେହ କରାଯାଉଛି। ବାଙ୍ଗିରିପୋଷି ପୋଲିସ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିବ

## ୧୩,୪୬୮ ଛାତ୍ରୀଛାତ୍ର ନାମ ଲେଖାଇବେ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିମଧ୍ୟରୁ ୧୦୦ଟି ବିଦ୍ୟାଳୟରେ କଳା ଓ ୬ଟି ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ । ଏହି ବିଦ୍ୟାଳୟଗୁଡ଼ିକରେ ୨ଟି ଲେଖାଏ ସେକ୍ସନ ଖୋଲିବା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ସେକ୍ସନରେ ୬୪ ଜଣ ଲେଖାଏ ମୋଟ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇବେ। ଏହାଦ୍ୱାରା ରାଜ୍ୟରେ ୧୦୬ଟି ସରକାରୀ ବିଦ୍ୟାଳୟରେ ମୋଟ ୧୩୪୬୮ ସିଟ୍ ନାମଲେଖା ପାଇଁ ବୃଦ୍ଧି ପାଇବ। ଅନ୍ୟପଟେ ପ୍ରଧାନଶିକ୍ଷକମାନେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ତାଲିମ ଦିଆଯାଇଛି। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିୟୋଜନ ପ୍ରକ୍ରିୟା ବିଦ୍ୟାଳୟସ୍ତରରେ ଚାଲୁ ରହିଛି।

# ଆଜି ନିକଟତର ହେବେ ଶୁକ୍ର ଓ ଚନ୍ଦ୍ର

## ଖାଲି ଆଖିରେ ଦେଖିହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ମଙ୍ଗଳବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଶୁକ୍ରର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ସେମାନଙ୍କ ଭିତରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିବ। ଏହା ପରଦିନ ଅର୍ଥାତ୍ ୨୪ ତାରିଖରେ ସେମାନଙ୍କ ଭିତରେ କୌଣିକ ଦୂରତା ବଢ଼ିଯାଇ ପ୍ରାୟ ୧୫ଡିଗ୍ରୀ ହେବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଆମେ ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିପାରିବା। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳର ଆକାଶ ମେଘମୁକ୍ତ ଥିଲେ ଏହି ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ମେ’ ୨୩ ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହା ଦେଖିହେବ। ଏହି ଦୃଶ୍ୟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଦର୍ଶକମାନେ ପ୍ଲାନେଟାରିୟମରେ ଏହି ଦୃଶ୍ୟ ଦେଖିପାରିବେ। ତେବେ ଆକାଶ ମେଘୁଆ ରହିଲେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯିବ ବୋଲି ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।



ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ସାରଦା ପ୍ରସାଦ ନାୟକ ସୋମବାର ନୂଆ ମନ୍ତ୍ରୀ ଭାବେ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିବା ଅବସରରେ।

## ପ୍ରଥମ ପୃଷ୍ଠାରୁ...




### ୩ ବର୍ଷ ପାଇଁ...

ଟଙ୍କାର ବୀମାଅର୍ଥ ପ୍ରଦାନ କରାଯାଇଛି। ୨୦୨୩-୨୪ ବର୍ଷରୁ ଏହି ଯୋଜନାରେ ଉନ୍ନତୀକରଣ ପୂର୍ବକ ଅଧିକ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ହାସଲ କରିପାରିଛି ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

### ନିରଞ୍ଜନଙ୍କ ହାତରୁ...

ଦେଇଥିବା କୁହାଯାଉଛି। ଫଳରେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ନାୟକ ଓ ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡିଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ତେବେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ କମ୍ ହୋଇଯାଇଥିଲେ ମଧ୍ୟ କାହାକୁ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି। ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀ କରା ନ ଯିବା ନେଇ ସମର୍ଥକମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ସମୂହ ଇସ୍ତଫା ଦେବା କଥା ଉଠାଇଛନ୍ତି। ତେବେ ସୁଶାନ୍ତ ସିଂ ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ବିବାଦୀୟ ହୋଇଥିବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲାରେ ୨ ଜଣ ମନ୍ତ୍ରୀ ଥିବାବେଳେ ଏବେ କେବଳ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ରାଜ୍ୟପାହ୍ୟା ମନ୍ତ୍ରୀ ଅଛନ୍ତି।

ଅନ୍ୟପକ୍ଷରେ ବାଚସ୍ପତି ପଦବୀ ପୂରଣ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ବାଚସ୍ପତି ପଦରେ ସରକାର କାହାକୁ ବସାଇବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ଏହି ପଦ ପାଇଁ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର ଏବଂ ଉଷା ଦେବୀଙ୍କ ନାଁ ଚର୍ଚ୍ଚାରେ ରହିଛି। ତେବେ ନବୀନ କାହାକୁ ଏହି ଗୁରୁଦାୟିତ୍ୱ ଦେବେ ତାହା ଉପରେ ଏବେ ସଭିଙ୍କ ନଜର। ଆଉ ଦିନେ ଦୁଇଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

ଶପଥ ଗ୍ରହଣ କାର୍ଯ୍ୟକ୍ରମ ୯ଟା ୫୦ ମିନିଟ୍‌ରେ ଆରମ୍ଭ ହୋଇ ୯ଟା ୫୯ ମିନିଟ୍‌ରେ ଶେଷ ହୋଇଥିଲା। ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣର ପ୍ରାୟ ୧ ଘଣ୍ଟା ପୂର୍ବରୁ ଆସି ନିଜ ନିଜ ଆସନରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପହଞ୍ଚିବା ପରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା। ଶପଥ ଗ୍ରହଣ ବେଳେ ମନ୍ତ୍ରୀ ଅଶୋକ ପଣ୍ଡା, ରୋହିତ ପୂଜାରୀ, ଏମ୍‌ପି ପ୍ରମିଳା ବିଶୋଇଙ୍କ ସମେତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ମେୟର, ଦଳୀୟ ନେତା ଏବଂ ସମର୍ଥକମାନେ ଯୋଗଦେଇଥିଲେ।

### ମଣିପୁରରେ ହିଂସା...



ସେଠାର ବିଜ୍ଞପିତ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ଅନୁମତି ଦିଆଯାଉ ନାହିଁ। ମେଇତିଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଗଲେ, ସେମାନେ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ହକ୍‌ଦାର ହେବେ। ଏହା ଆଦିବାସୀମାନଙ୍କୁ ଉତ୍ତେଜିତ କରିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ରାଜ୍ୟର ଭାଜପା ସରକାର ବ୍ୟବସ୍ଥିତ ଢଙ୍ଗରେ ଟାର୍ଗେଟ କରି ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରୁ ସେମାନଙ୍କୁ ବାହାର କରିଦେବାର ଲକ୍ଷ୍ୟ ରଖିଛନ୍ତି ବୋଲି କୁକି ସମ୍ପ୍ରଦାୟ ଅଭିଯୋଗ କରିଛି। ଉତ୍ତେଜନା ଲାଗି ରହିଥିବାରୁ ସେନା ଓ ଅର୍ଦ୍ଧସାମରିକ ଯବାନ ରାଜ୍ୟରେ ମୁତୟନ ରହିବା ସହ ସାଧାରଣ ଲୋକଙ୍କୁ ସହାୟତା ଲାଗି ନିୟମିତ ପାଟ୍ରୋଲିଂ କରୁଛନ୍ତି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଆସୁଛନ୍ତି। ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ନାହିଁ ଓ ଆଉ ସଂଘର୍ଷ ହେବା ଉଚିତ ନୁହେଁ ବୋଲି ସେ ରବିବାର କହିଥିଲେ। ସଂଘର୍ଷ ମୁଖ୍ୟତଃ ସରକାରଙ୍କ ସହ ହେଉଛି। ଯେତେବେଳେ ସରକାର କିଛି କରିବାକୁ ଉଦ୍ୟମ କରୁଛନ୍ତି, ସେତେବେଳେ ବିରୋଧର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପିଲାଙ୍କୁ ସିଟ...

ଲେଖାଏ ବିଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ଅଛି। କେନ୍ଦୁଝରରେ ୯ଟି, କଳାହାଣ୍ଡି ଓ କୋରାପୁଟରେ ୭ଟି ଲେଖାଏ, ଅନୁଗୋଳ, ବରଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୬ଟି ଲେଖାଏ, କନ୍ଧମାଳରେ ୫ଟି, ଗଜପତି, ରାୟଗଡ଼ା ଓ ସମ୍ବଲପୁର ଜିଲାରେ ୪ଟି ଲେଖାଏ, ନୂଆପଡ଼ା, ଦେବଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ୩ଟି ଲେଖାଏ, ବୌଦ୍ଧ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ୨ଟି ଲେଖାଏ ବିଦ୍ୟାଳୟରେ ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସକାଶେ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆବଶ୍ୟ ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ମୃଗଶିରା ନକ୍ଷତ୍ର ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ପିଲାମାନେ ଆପଣଙ୍କୁ ଏହି ଦିଗରେ ସାହାଯ୍ୟ କରିପାରନ୍ତି। ମୋଟା ଅଙ୍କର ଅର୍ଥ ଆବଶ୍ୟକତା ସହକର୍ମୀଙ୍କ ସହଯୋଗରେ ଦୂରହୋଇପାରେ।

**ମିଥୁନ**
ଆଜି ଯାହା ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ମିତ୍ରମାନେ ମଧ୍ୟ ପୂର୍ବ ଶତ୍ରୁତା କଥା ସ୍ମରଣକରି ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଆରଦ୍ରା ନକ୍ଷତ୍ରର ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ବନ୍ଧୁମିଳନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ**
ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଶ୍ଲେଷା ନକ୍ଷତ୍ର କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିବ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି। ସଭାସମିତିରେ କିମ୍ବା ବନ୍ଧୁ ମେଳରେ ଅପ୍ରିୟ ସତ କଥା କହି ବିରୋଧୀ ହେବେ।

**ସିଂହ**
ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ, କିନ୍ତୁ ପରିଣାମ ବିଶେଷ ଖରାପ ହେବ ନାହିଁ। ଆଜି ଯାହା ପାଇବେ ତାହା ବହୁତ ପୂର୍ବରୁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ମଘା ନକ୍ଷତ୍ର ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ କାରଣ ନ ଥାଇ ଦୋଷୀ ସାବସ୍ତ୍ୟ ହୋଇପାରନ୍ତି।

**କନ୍ୟା**
ଆଜି ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ, କାରଣ ଭୁଲ୍ ବୁଝାମଣା ହିଁ ଏହାର ପ୍ରଧାନ କାରଣ ହେବ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହେବେ। ଚିତ୍ରା ନକ୍ଷତ୍ର ପିଲାମାନଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ସ୍ୱାତୀ ନକ୍ଷତ୍ର ସକାଶେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧକ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଅସ୍ୱସ୍ତିକର ପରିସ୍ଥିତି ସୁଧୁରିଯିବାର ଝଲକ ଆଜି ହିଁ ପାଇଯିବେ। ଅନୁରାଧା ନକ୍ଷତ୍ର ଯେଉଁ କାମରେ ହାତ ଦେବେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ସାଧାରଣ କଥାକୁ ନେଇ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ କ୍ଷେତ୍ର ଭଲ ରହିବ।

**ମକର**
ଆଜି ଦିନଟିରେ ଯାହା କରିବେ,ପ୍ରତ୍ୟେକ କ୍ଷେତ୍ର ପ୍ରାୟତଃ ଅନୁକୂଳ ରହିବ। ଆତ୍ମୀୟ ସ୍ୱଜନ କିମ୍ବା ନିକଟ ସମ୍ପର୍କୀୟମାନେ ପାଖେଇ ଆସିବେ। ଶ୍ରବଣା ନକ୍ଷତ୍ରର ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବ।

**କୁମ୍ଭ**
ପରିବାରର ବାରଣକୁ ନ ମାନି କାମରେ ଆଗଭର ହେବା ଠିକ୍ ହେବନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ**
ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ଯାହା ଆଗାମୀ ସମୟ ପାଇଁ ଲାଭଦାୟକ ରହିବ। ଅପ୍ରିୟ ସତ୍ୟ ପ୍ରକାଶକରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାର ପ୍ରୟନ୍ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରିଦେଇ ସମାଲୋଚିତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶିବବିବାହ ଡାଟ ନିମନ୍ତ୍ରଣ, ମେ ୨୩ ତାରିଖ। ଶ୍ରୀମନ୍ଦିରରେ ଶିବ ବିବାହ ପର୍ବ। ରାଶି ନକ୍ଷତ୍ର- ଦିବା ଘ.୧୨।୨୯ ମି. ଗତେ ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୨ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୯ ଗତେ, ଘ.୦୪।୩୬ ମଧ୍ୟେ ରାହୁକାଳ।

**ଦୋକାନୀମାନେ ୨ ହଜାରିଆ ନୋଟ୍ ନେବାକୁ ମନା କରିପାରିବେ ନାହିଁ: ଆର୍‌ବିଆଇ**




# ୮ ଏକର ଜମିକୁ ୩ ବର୍ଷିଆ ଲିଜ୍‌ରେ ନିଆଗଲା

- ପୂର୍ବରୁ ଗୌଡ଼ଗାଁରେ ଭୂତଳ ପେଟ୍ରୋଲ, ଗ୍ୟାସ୍ ଠାବ ହୋଇଥିଲା
- ନଭେମ୍ବରରେ ଖନନ ହେବ

**ମାର୍ଶାଘାଇ, ୨୨।୫(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଯମପଡ଼ା ପଞ୍ଚାୟତର ଗୌଡ଼ଗାଁଠାରେ ଭୂତଳ ପେଟ୍ରୋଲ ଖଣି ଓ ଗ୍ୟାସ ଠାବ ହେବା ପରେ ଭାରତୀୟ ତୈଳ ନିଗମ ତତ୍ପର ହୋଇଉଠିଛି। ଏଥିନିମନ୍ତେ ମାର୍ଶାଘାଇ ତହସିଲ ପକ୍ଷରୁ ଜନଶୁଣାଣି କାର୍ଯ୍ୟ ଶେଷ କରାଯାଇଛି। ୮ ଏକର ଘରୋଇ ଜମିକୁ ୩ ବର୍ଷୀୟା ଲିଜରେ ନିଆଯାଇଛି। ଏକ ଗୁଣ୍ଠ ଜମି ପ୍ରତିବାର୍ଷିକ ଚଉଦ ହଜାର ଟଙ୍କା ଜମି ମାଲିକଙ୍କୁ ପ୍ରଦାନ କରାଯିବ। ୧୧୪ ଜଣ ଜମି ମାଲିକଙ୍କୁ ୧ କୋଟି ୬୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମାର୍ଶାଘାଇ ତହସିଲଦାର ଭାନୁମତୀ ମାଝି ପ୍ରକାଶ କରିଛନ୍ତି। ତୈଳ ନିଗମ ପକ୍ଷରୁ ନଭେମ୍ବରରେ ଖନନ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ମନ୍ତ୍ରୀଙ୍କ ପୁଅଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ

**୩ ମିନିଟ୍‌ର ଭିଡିଓରେ ଅଣଓଡ଼ିଆ ଝିଅ**

**ସମ୍ବଲପୁର, ୨୨।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ନେତାମାନଙ୍କ ନାମରେ ଅନେକ ଅଭିଯୋଗ ହୋଇଆସୁଛି। ଆପରାଧିକ ମାମଲାରେ ପରୋକ୍ଷ ଓ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏପରି କି ନେତା ଓ ମନ୍ତ୍ରୀଙ୍କ ନାମରେ ନିଜ ବୋହୂମାନେ ନିର୍ଯାତନା ଦେଇଥିବା ନେଇ ମାମଲା ରୁଜୁ ହୋଇଛି। ପରିବାର ସଦସ୍ୟଙ୍କ ଏଭଳି କାର୍ଯ୍ୟ ପାଇଁ ମନ୍ତ୍ରୀ ପଦ ଯାଇଥିବା ରାଜ୍ୟ ରାଜନୀତି ଇତିହାସରେ ରହିଛି। ଏବେ ରାଜ୍ୟର ଜଣେ ମହିଳା ମନ୍ତ୍ରୀଙ୍କ ପୁଅଙ୍କ କଳା କାରନାମା ସାମ୍ନାକୁ ଆସିଛି। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓଟି ପ୍ରାୟ ୩ ମିନିଟ୍‌ର ରହିଛି। ଭିଡିଓରେ ଜଣେ ଅଣଓଡ଼ିଆ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିବା ସମ୍ପୂର୍ଣ୍ଣ ଦୃଶ୍ୟ ରହିଛି। ଉକ୍ତ ଭିଡିଓଟି ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଉତ୍ତୋଳନ ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ଯୁବକ ଜଣଙ୍କ ବିବାହିତ। ଉଭୟଙ୍କ ଜାଣତରେ ଓ ସହମତିରେ ଭିଡିଓ ଉତ୍ତୋଳନ କରାଯାଉଥିବା ଜଣାପଡୁଛି। ଘଟଣା ପ୍ରାୟ ୧ମାସ ଭିତରେ ହୋଇଥିବା ଆଲୋଚନା ହେଉଥିବା ବେଳେ ପୋଲିସ ତଦନ୍ତକଲେ ତାହା ସ୍ପଷ୍ଟ ହୋଇଯିବ। ଭିଡିଓ ଭାଇରାଲ ହେବା ପରେ ରାଜନୈତିକ ମହଲ ଓ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜଣେ ମନ୍ତ୍ରୀଙ୍କ ପୁଅ ବୋଲି ଛାଡ଼ିଦିଆଯିବ ନା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ପୁଅ ପାଇଁ ମହିଳା ମନ୍ତ୍ରୀ ଜଣଙ୍କ ଅଡୁଆରେ ପଡ଼ିଥିଲେ। ଠିକା କାମକୁ କେନ୍ଦ୍ରକରି ବିଜେଡିର ୨ଗୋଷ୍ଠୀ ମଧ୍ୟରେ ବଚସା ଓ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଥିଲା। ପୁଅଙ୍କ ଏଭଳି କାର୍ଯ୍ୟ ପାଇଁ ମହିଳା ମନ୍ତ୍ରୀଙ୍କ ସମ୍ମାନରେ ଆଞ୍ଚ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନେକ ଘଟଣାରେ ପୋଲିସ ମାମଲା ରୁଜୁକରି ବଡ଼ବଡ଼ିଆଙ୍କୁ ଛାଡ଼ି ଦେଉଛି। ଏହି ମାମଲାରେ ତାହା କରିପାରେ ବୋଲି କୁହାଯାଉଛି। ବୁଦ୍ଧିଜୀବୀଙ୍କ ମତରେ ସହମତିରେ ପ୍ରାପ୍ତବୟସ୍କ ବ୍ୟକ୍ତି ଶାରୀରିକ ସମ୍ପର୍କ ରଖିବା ହୁଏତ ଆଇନ ବିରୁଦ୍ଧ ହୋଇ ନ ପାରେ। ହେଲେ ଯୁବତୀଙ୍କ ଏହି ସମୟର ଅଶ୍ଳୀଳ ଭିଡିଓ କରିବା ଓ ଏହାକୁ ଭାଇରାଲ କରିବା ଆଇନ ବିରୁଦ୍ଧ। ସାଧାରଣ ଘଟଣାରେ ପୋଲିସ କଡ଼ା ପଦକ୍ଷେପ ଗ୍ରହଣ କରିଥିବା ନଜିର ରହିଛି। ହେଲେ ମନ୍ତ୍ରୀଙ୍କ ପୁଅ ମାମଲାରେ ପୋଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ଅପେକ୍ଷା ବୋଲି ଆଲୋଚନା ହେଉଛି।










**DAYANAND INSTITUTE**
Dhanupali, Sambalpur- 768005
Helpline- 8763032587, 9938895475, 9437158817
**ADMISSION OPEN**
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in




# ଭିଜିଲାନ୍ସ ଜାଲରେ ଥାନା ଆଇଆଇସି

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

**ବରଗଡ଼ ଅଫିସ୍, ୨୨।୫:** ବରଗଡ଼ ଜିଲା ଗାଇସିଲେଟ ଥାନା ଆଇଆଇସି ବୀରବର ଭଗତଙ୍କ



ବାସଭବନରେ ସୋମବାର ସକାଳୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଗତଙ୍କ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନୁଗୁଳିଆପଡ଼ା ବାସଭବନ ସହ ଗାଇସିଲେଟ ଥାନା ପରିସରରେ ରହିଥିବା ସରକାରୀ କ୍ୱାର୍ଟର୍ସ, ଥାନା ଚ୍ୟାମ୍ବର, ସମ୍ବଲପୁର ଜିଲା ସଦର ଥାନା କବରାପାଲିସ୍ଥିତ ଫାର୍ମ ହାଉସ୍‌ରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ଭଗତଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ସମ୍ବଲପୁର ଅନୁଗୁଳିଆପଡ଼ାରେ ୨ମହଲା ବିଶିଷ୍ଟ କୋଠାଘର, ସମ୍ବଲପୁର କବରାପାଲି ଓ ସୁନ୍ଦରଗଡ଼ ଜିଲା ବଣେଇରେ ଫାର୍ମ ହାଉସ୍, ୨ଟି ମାରୁତି ଡିଜାୟର କାର୍ ଏବଂ ଅନ୍ୟ ଆସବାବ ସାମଗ୍ରୀ ଠାବ ହୋଇଛି। ସେହିପରି ଭଗତଙ୍କ ବାସଭବନରୁ ୧୬୫ ଗ୍ରାମର ସୁନା ଗହଣା, ନଗଦ ୭୯ହଜାର ୪୬୦ଟଙ୍କା ମିଳିଥିବାବେଳେ ବହୁ ଜମି ପ୍ଲଟ ଠାବ ହୋଇଛି। ସେଥିମଧ୍ୟରେ ସମ୍ବଲପୁର ବହିଦାର ନ୍ୟୁପଲ୍ଲୀ ମୌଜା ଖାତା ନଂ. ୧ ଓ ୧୮୨ରେ ୨ଏକର ୬୧ଡେସିମିଲ, ଅଇଁଠାପାଲି ମୌଜା ଖାତା ନଂ. ୫୫୯/୩୧୯୨ରେ ୨୪ଡେସିମିଲ, କବରାପାଲି ମୌଜା ଖାତା ନଂ.୧ ଓ ୧୩ରେ ୨ଏକର ୭ଡେସିମିଲ, ବଣେଇ ଗୁଡ଼ିଆଲି ମୌଜା ଖାତା ନଂ.୪୬ରେ ୨ଏକର ୧୪ଡେସିମିଲ, ଖାତା ନଂ.୧ରେ ୧ଏକର ୬ଡେସିମିଲ, ସନବୌରକେଲା ମୌଜା ଖାତା ନଂ.୧୬ରେ ୧୯ଡେସିମିଲ ଜମି ଠାବ ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଦ୍ୱାରା ଜମିର ମୂଲ୍ୟ ଆକଳନ ଚାଲୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସନ୍ଧ୍ୟା ସୁଦ୍ଧା ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୧ କୋଟି ୧୧ଲକ୍ଷ ଟଙ୍କା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଥାନା ଆଇଆଇସି ଭଗତଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉରେ ଭିଜିଲାନ୍ସର ୨ଡିଏସ୍‌ପି, ୭ ଇନ୍ସପେକ୍ଟର, ୨ଏଏସଆଇଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# 'ଆଇଟିସି ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ସୁଦୃଢ଼ କରିବ'

**ଖୋର୍ଦ୍ଧା ଅଫିସ, ୨୨।୫**

ଖୋର୍ଦ୍ଧା ଶିଳ୍ପାଞ୍ଚଳଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇଟିସିର ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ ଗ୍ରାହକ ସାମଗ୍ରୀ ଉତ୍ପାଦନ ଏବଂ ଲଜିଷ୍ଟିକ(ଆଇସିଏମଏଲ) ସୁବିଧା କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ୩୫ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି କେନ୍ଦ୍ରରେ ନୂତନ କୃଷି ମୂଲ୍ୟବୋଧ ଶୃଙ୍ଖଳା ଏବଂ ଜୀବିକା ଉପଲବ୍ଧ ହେବ। ପର୍ଯ୍ୟାୟକ୍ରମେ ଆଇଟିସିର ବିଶ୍ୱସ୍ତରୀୟ ଖାଦ୍ୟ ବ୍ରାଣ୍ଡ ଉତ୍ପାଦନ କରାଯିବ ବୋଲି ଆଇଟିସି ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ପୁରୀ କହିଛନ୍ତି। ଓଡ଼ିଶାକୁ ଦେଶର ପରବର୍ତ୍ତୀ ଇଣ୍ଡଷ୍ଟ୍ରିଆଲ ହବ୍ କରାଯିବ। ଯାହା ନିବେଶକମାନଙ୍କୁ ନିରନ୍ତର ବ୍ୟବସାୟ ଅଭିବୃଦ୍ଧି ତଥା ଲୋକଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖୋର୍ଦ୍ଧାରେ ବିଶ୍ୱସ୍ତରୀୟ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା ଉପଲବ୍ଧ କରାଇବା କ୍ଷେତ୍ରରେ ଆଇଟିସିର ନିବେଶ ରାଜ୍ୟର ଉତ୍ପାଦନ କ୍ଷେତ୍ରକୁ ମୂଲ୍ୟଯୁକ୍ତ ସୁବିଧା ଯୋଗାଇବା ସହ କୃଷି ଉତ୍ପାଦର ମୂଲ୍ୟ ବଢ଼ିବ। ପରିବେଶ ସନ୍ତୁଳନ ଲାଗି ଗୁରୁତ୍ୱ ଦିଆଯାଇଛି। ନୂତନ ଅତ୍ୟାଧୁନିକ କାରଖାନା ଏକ ମେଗାୱାଟ ସବୁଜ ଶକ୍ତି ଦ୍ୱାରା ଚାଳିତ ହେବ। ବୈଜ୍ଞାନିକ ଭାବରେ ପରିକଳ୍ପିତ ରେନ ୱାଟର ହାର୍ଭେଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି। ଭବିଷ୍ୟତ ପ୍ରସ୍ତୁତ ୟୁନିଟ ଅତ୍ୟାଧୁନିକ ଯନ୍ତ୍ରପାତି, ଡିଜିଟାଲ ଭିତ୍ତିଭୂମି ସହିତ ଚାଳିତ ହେବ। ଏଠାରେ ୫୫% ମହିଳା ନିୟୋଜିତ ହେବେ। ନିକଟରେ ଓଡ଼ିଶାରେ ବିଶ୍ୱସ୍ତରରେ



ଇଣ୍ଟିଗ୍ରେଟେଡ୍ ଗ୍ରାହକ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥି।

ଏଗ୍ରୋ ଫରେଷ୍ଟ୍ରି ଇନିସିଏଟିଭକୁ ବିସ୍ତାର କରିଛି। ୬ହଜାରରୁ ଊର୍ଦ୍ଧ୍ୱ ଜମିରେ କ୍ଷେତ ଫସଲ ସହିତ ବୃକ୍ଷରୋପଣ ମାଧ୍ୟମରେ କ୍ଷୁଦ୍ର ଚାଷୀଙ୍କ ପାଇଁ ଅତିରିକ୍ତ ଜୀବିକା ନିର୍ବାହର ଲକ୍ଷ୍ୟ ରହିଛି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସିର ଏକ ପ୍ରମୁଖ ଯୋଗଦାନ ରହିଛି। ଆଇଟିସିର ଏଫ୍‌ଏମ୍‌ସିଜି ଉତ୍ପାଦ ଗୁଡିକ ଓଡ଼ିଶାର ୨.୫ ଲକ୍ଷରୁ ଅଧିକ ଖୁଚୁରା ଆଉଟଲେଟରେ ଉପଲବ୍ଧ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବିକା ନିର୍ବାହ ଏହା ଦ୍ୱାରା ସମ୍ଭବ ହୋଇପାରିଛି। ରପ୍ତାନି ପାଇଁ ରାଜ୍ୟରୁ ମକା, ଚାଉଳ ଏବଂ ଚିଙ୍ଗୁଡି ଯୋଗାଣ ପାଇଁ ଆଇଟିସିର ଏଗ୍ରି- ବିଜିନେସ ଓଡ଼ିଶାର କୃଷକଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ବିପଦରୁ ରାଜ୍ୟର କୃଷକଙ୍କ ସ୍ଥିରତା ଆଣିବାରେ ପ୍ରୟାସ କରୁଛି। ନୀତି ଆୟୋଗ ସହିତ

**ଇଣ୍ଟିଗ୍ରେଟେଡ୍ ଗ୍ରାହକ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ**

- ଓଡ଼ିଶା ହେବ ଇଣ୍ଡଷ୍ଟ୍ରିଆଲ ହବ୍: ମୁଖ୍ୟମନ୍ତ୍ରୀ
- ୫୫% ମହିଳା ହେବେ ନିୟୋଜିତ

ସହଭାଗିତାରେ କମ୍ପାନୀ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସ୍ଥାୟୀ କୃଷି ଅଭ୍ୟାସରେ ତାଲିମ ଦେଇଛି। ଗ୍ରାମାଞ୍ଚଳରେ ଜଳ ନିରାପତ୍ତାକୁ ଦୃଷ୍ଟିରେ ରଖି ଆଇଟିସି ଓଡ଼ିଶାରେ ୭୯ଶହ ଏକର ପରିମିତ ଅଞ୍ଚଳରେ ଜଳସେଚନ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଏକ ଦଶନ୍ଧି ଧରି ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ସହ ସହଭାଗିତାରେ ଧୂପବତୀ ଉତ୍ପାଦନରେ ନିୟୋଜିତ ଗ୍ରାମୀଣ ମହିଳାଙ୍କ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ୨୨ହଜାରରୁ ଅଧିକ ହିତାଧିକାରୀ ଅନ୍ତର୍ଭୁକ୍ତ ରହିଛନ୍ତି। ଏଥିସହିତ ପରିବେଶ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସହିତ ମିଳିତ ଭାବରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ୩ଟି କମ୍ପୋଷ୍ଟର ମେଶିନ ସ୍ଥାପନ କରିଛି। ମହିଳା ସଶକ୍ତୀକରଣ, ଦକ୍ଷତା, ପ୍ରାଥମିକ ଶିକ୍ଷା, ପରିମଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ଆଇଟିସି ରାଜ୍ୟରେ ଏହାର ସିଏସଆର ପଦକ୍ଷେପକୁ ବୃଦ୍ଧି କରିଛି। ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗରମ ପିଚୁରେ ପଡ଼ି କଣ୍ଟେନର ଡ୍ରାଇଭର ମୃତ

**ରାଜ୍ୟ ରାଜପଥ ନିର୍ମାଣ ବେଳେ ଦୁର୍ଘଟଣା**

**ଦୁର୍ଗୀ, ୨୨।୫(ହି.ଏନ.ଏ.)**

ରାୟଗଡା ଜିଲା ଦୁର୍ଗୀ ପଞ୍ଚାୟତ ବନ୍ଧୁଗୁଡା ନିକଟସ୍ଥ ୪୬ନଂ.ରାଜ୍ୟ ରାଜପଥ ରାସ୍ତାକାମ ଚାଲିଥିବା ବେଳେ ସୋମବାର ଗରମ ପିଚୁ ଢାଳିବା ବେଳେ ଅସାବଧାନତାରୁ ପିଚୁ କଣ୍ଟେନର ଡ୍ରାଇଭର ପଡିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶାଖାପାଟଣା ନାକାପାଲି ପଞ୍ଚାୟତ ବେମାପାଡୁ ଗ୍ରାମର ଆଇନାମାପୁଡ଼ି କ୍ରିଷ୍ଣାମା ରାଜୁ।

ପ୍ରତିଦିନ କ୍ରିଷ୍ଣାମା ବିଶାଖାପାଟଣାରୁ ରାସ୍ତାକାମ ପାଇଁ ଗରମ ପିଚୁ କଣ୍ଟେନରରେ ଆଣିଥାନ୍ତି। ସୋମବାର ସେ ପିଚୁ ଆଣି ଆସିବା ବେଳକୁ ରାସ୍ତା କାମ କରୁଥିବା ଲୋକମାନେ ଖାଉଥିଲେ। ସେ ପିଚୁ ଢାଳିବାକୁ ଡାକିଥିଲେ, କିନ୍ତୁ ସେମାନେ ଖାଇସାରିବା ପରେ ଯିବେ ବୋଲି କହିଥିଲେ। କ୍ରିଷ୍ଣାମା କାହାକୁ ଅପେକ୍ଷା ନ କରି ନିଜେ ପିଚୁ ଢାଳୁଥିବା ସମୟରେ ଅସାବଧାନତାରୁ ସେ ଗରମ ପିଚୁରେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କର୍ମଚାରୀମାନେ ଏହା ଦେଖି ତୁରନ୍ତ ଅଗ୍ନିଶମ ଓ ପୋଲିସକୁ ଖବର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ବିଷମକଟକ ଡାକ୍ତରଖାନାକୁ ନେଇଥିଲେ। ଖବର ଲେଖିବା ସୁଦ୍ଧା ତାଙ୍କ ପରିବାର ଲୋକେ ବିଶାଖାପାଟଣାରୁ ଆସୁଥିବା ଜଣାପଡିଛି।

# ସାକ୍ଷୀ ଦେଲେ ୱେବ ଚ୍ୟାନେଲ ଖବରଦାତା

**କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା**

**ଭଦ୍ରକ ଅଫିସ, ୨୨।୫**

ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଗ୍ରୀଷ୍ମବକାଶ ଅଦାଲତରେ ସୋମବାର ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସ୍ୱାଧିକାର ୱେବ ଚ୍ୟାନେଲର ଖବରଦାତା ଶରତ ପଣ୍ଡା ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଜାମିନରେ ଥିବା ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, କୃଷ୍ଣଚନ୍ଦ୍ର ନାୟକ ଏବଂ ବିବେକ ନାୟକ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ଜେଲରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଭିଡିଓ କନ୍‌ଫରେନ୍ସରେ ହାଜର କରାଯାଇଥିଲା।

ଶରତ ନିଜ ବୟାନରେ କହିଥିଲେ, ତାଙ୍କୁ କବିଲ ନ୍ୟୁଜର ଚାନ୍ଦବାଲି ପ୍ରତିନିଧି ଦେବାଶିଷ ଜେନା ୨୦୨୨ ଫେବୃୟାରୀ ୪ରେ ଫୋନ୍ କଲ୍ କରି ଭୁବନେଶ୍ୱରରୁ ସମ୍ପୂର୍ଣ୍ଣା ନ୍ୟୁଜ ଚ୍ୟାନେଲ ମାଲିକାଣୀ ଶର୍ମିଷ୍ଠା ରାଉତ ଫୋନ୍ କଲେ ତାଙ୍କ ସହ କଥା ହେବା ପାଇଁ କହିଥିଲେ। କିଛି ସମୟ ପରେ ଶର୍ମିଷ୍ଠା ଫୋନ କରି ପଳାସପୁର ଗ୍ରାମରେ କାହାର ବାହାଘର ହେଉଛି ବୋଲି ପଚାରିଥିଲେ। ସେ ବୁଝି କହିବେ ବୋଲି ତାଙ୍କୁ କହିଥିଲେ। ମାତ୍ର ତା' ପରଦିନ ସକାଳେ ଶର୍ମିଷ୍ଠା ଓ ଝୁନା ଭୋଇ ତାଙ୍କ ପାଖରେ ପହଞ୍ଚି ପଳାସପୁର ଗ୍ରାମର ବଳଭଦ୍ର ଭଳଙ୍କ ଘରକୁ ଯାଉଛନ୍ତି କହି ସେଠାରୁ ପଳାଇ ଆସିଥିଲେ। ୭ ତାରିଖ ସକାଳେ ମାନସ ଓ ଦେବାଶିଷ ସ୍କୁଟିରେ ଫେରୁଥିବା ବେଳେ ପଳାସପୁର ମନ୍ଦିର ପାଖରେ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ଆସି ମାନସଙ୍କୁ ମୋବାଇଲ, କ୍ୟାମେରା, ଚିପ୍ ମାଗିଥିଲେ। ସେ ଦେବାକୁ ମନା କରିବାରୁ ସେମାନେ ତାଙ୍କ ଚାପୁଡ଼ା ମାରି ଘୋଷାଡ଼ି ନେଇ କାର୍ ଭିତରେ ବସାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶର୍ମିଷ୍ଠା ଓ ଝୁନାଙ୍କୁ ସେ ଚିହ୍ନିଥିଲେ ବୋଲି ଶରତ ବୟାନ ଦେଇଛନ୍ତି।

# ଡିସେମ୍ବର ସୁଦ୍ଧା ସବୁ ଡାକ୍ତର ପଦବୀ ପୂରଣ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟରେ ଖାଲିଥିବା ସମସ୍ତ ଡାକ୍ତର ପଦବୀ ପୂରଣ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ମେଡିକାଲ କଲେଜ ଥିବା ଯୋଗୁ ଡାକ୍ତର, ପାରାମେଡିକାଲ କର୍ମଚାରୀ, ନର୍ସିଂ ଅଫିସର ପ୍ରମୁଖଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି। ସେଥିପାଇଁ ପ୍ରାଥମିକତା ଭିତ୍ତିରେ ଗତ ୧୦ ବର୍ଷରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ କରାଯାଇଛି। ନର୍ସିଂ ସ୍କୁଲଗୁଡ଼ିକୁ କଲେଜରେ ରୂପାନ୍ତରଣ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦି କାମ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ ହୋଇଛି। ୨୦୦୦ ମସିହା ତୁଳନାରେ ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସଂଖ୍ୟା ବଢ଼ିବା ସହିତ ଉନ୍ନତ ବିକେନ୍ଦ୍ରୀକରଣ ମାଧ୍ୟମରେ ରାଜ୍ୟର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି। ରାଜ୍ୟରେ ୨୦୦୦ ମସିହାରେ ମାତ୍ର ୩୨୧ ଏମ୍‌ବିବିଏସ୍ ଡାକ୍ତର ଏବଂ ୨୫୪ ବିଶେଷଜ୍ଞ ଡାକ୍ତର ବାହାରୁଥିବା ବେଳେ ବର୍ତ୍ତମାନ ତାହା ଯଥାକ୍ରମେ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ।

୨୨୦୦ ଓ ୮୨୬କୁ ବୃଦ୍ଧି ପାଇଛି। କର୍କଟ ରୋଗୀଙ୍କର ଅସହାୟତାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ବାଗ୍‌ଚି ଶ୍ରୀଶଙ୍କର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନ, ବାଗ୍‌ଚି କରୁଣାଶ୍ରୟ ପାଲିଏଟିଭ୍ କେୟାର ସେଣ୍ଟର ଏବଂ ନାଇଜର ପରିସରରେ ଷ୍ଟେଟ୍ ଅଫ୍ ଆର୍ଟ କ୍ୟାନ୍‌ସର ହସ୍‌ପିଟାଲ ପ୍ରତିଷ୍ଠା ହେଉଛି। ଏଥିସହ ସମସ୍ତ ଜିଲା ଚିକିତ୍ସାଳୟରେ ମାଗଣା କେମୋଥେରାପି ସୁବିଧା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସମସ୍ତ ଜିଲା ଚିକିତ୍ସାଳୟରେ ଡାଏଲିସିସ୍ ସେବା ଉପଲବ୍ଧ ହୋଇଛି। ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ସେବା ଯୋଗାଇ ଦିଆଯାଉଥିବା ବେଳେ ରାଜ୍ୟର ୯୬.୫ ଲକ୍ଷ ପରିବାରର ୩.୩ କୋଟିରୁ ଅଧିକ ଉପଭୋକ୍ତାଙ୍କ ଲାଗି ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ ପ୍ରମୁଖ ଘରୋଇ ହସ୍ପିଟାଲରେ ପୁରୁଷଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କା ମୂଲ୍ୟର ଚିକିତ୍ସା ଉପଲବ୍ଧ କରାଯାଇଛି। ଏଥିରେ ପ୍ରତିମାସରେ ପ୍ରାୟ ୨୨୫ କୋଟି ଟଙ୍କା ମୂଲ୍ୟର ସେବା ପାଖାପାଖି ୧ ଲକ୍ଷ ରୋଗୀ ପାଇପାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାଷାରେ ପ୍ରତିଟି ଜୀବନ ମୂଲ୍ୟବାନ୍। ସେଥିପାଇଁ ରାଜ୍ୟ ସରକାର ଗତ ଦୁଇ ଦଶନ୍ଧି ମଧ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ମେଡିକାଲ କଲେଜର ସ୍ୱାସ୍ଥ୍ୟସେବା ଏବେ ରାଜ୍ୟର କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ଉପାନ୍ତ ଜିଲାରେ ଉପଲବ୍ଧ। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଅଧୀନରେ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତରମାନଙ୍କୁ ଉଡ଼ାଜାହାଜ ଯୋଗେ ନେଇ ସମ୍ପୃକ୍ତ ଜିଲାର ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସେବା ଯୋଗାଇ ଦିଆଯାଉଛି। ଏହାର ସୁଫଳସ୍ୱରୂପ ରାଜ୍ୟ ସମଗ୍ର ଦେଶରେ ସର୍ବାଧିକ ଶିଶୁ ମୃତ୍ୟୁ ହ୍ରାସ, ଦ୍ୱିତୀୟ ସର୍ବାଧିକ ମାତୃ ମୃତ୍ୟୁ ହ୍ରାସ, ସର୍ବାଧିକ ଟିକାକରଣ, ସର୍ବାଧିକ ମ୍ୟାଲେରିଆ ନିୟନ୍ତ୍ରଣ, ଦ୍ୱିତୀୟ ସର୍ବାଧିକ ଯକ୍ଷ୍ମା ନିୟନ୍ତ୍ରଣ, ପ୍ରଜନନ ହାରରେ ଆଶାତୀତ ହ୍ରାସ, ମହିଳାଙ୍କ ଋତୁସ୍ରାବ ସମ୍ପର୍କିତ ସ୍ୱଚ୍ଛତା କ୍ଷେତ୍ରରେ ଜାତୀୟ ହାର ଅପେକ୍ଷା ଅଧିକ ସଫଳତା ପ୍ରାପ୍ତ ହୋଇଛି। ୨୦୨୩-୨୪ ସ୍ୱାସ୍ଥ୍ୟ ବଜେଟରେ ମୋଟ ୧୫,୭୫୬ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି, ଯାହା ୨୦୦୦-୨୦୦୧ ବଜେଟ(୫୫୦ କୋଟି ଟଙ୍କା)ତୁଳନାରେ ୩୦ ଗୁଣ ଅଧିକ। ଚଳିତ ବର୍ଷର ସମୁଦାୟ ବଜେଟର ୭% ସ୍ୱାସ୍ଥ୍ୟ ବଜେଟ ବୋଲି ସଚିବ କହିଛନ୍ତି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



# ଚାଇନା ଭୟ

ମେ ୧୯ରୁ ୨୧ ଯାଏ ଜାପାନର ହିରୋଶିମାରେ ଜି୭ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜି୭ ସଦସ୍ୟ ଦେଶଗୁଡ଼ିକ ଯଥା ଆମେରିକା, ଇଂଲଣ୍ଡ, ଜର୍ମାନୀ, ଜାପାନ, କାନାଡା, ଫ୍ରାନ୍ସ ଓ ଇଟାଲୀ ଉକ୍ତ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଦାରିଦ୍ର୍ୟ, ଆଣବିକ ଅସ୍ତ୍ର ପ୍ରସାର, କୃତ୍ରିମ ବୁଦ୍ଧିମତ୍ତା ଓ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ମଧ୍ୟ ଉପସ୍ଥିତ ଥିଲେ। କାରଣ ସମ୍ମିଳନୀରେ ୟୁକ୍ରେନ୍‌କୁ ଏଫ୍‌-୧୬ ଲଢୁଆ ଯୁଦ୍ଧ ବିମାନ ଯୋଗାଇ ଦେବା ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାସହ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ ଯେ, ୟୁକ୍ରେନ୍ ପାଇଲଟଙ୍କୁ ଏହି ଯୁଦ୍ଧବିମାନ ଉପରେ ଆମେରିକା ପ୍ରଶିକ୍ଷଣ ଦେବ। ସମ୍ମିଳନୀରେ ଉପରୋକ୍ତ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ଅଧିକାଂଶ ପ୍ରସଙ୍ଗ ଥିଲା ଚାଇନା କୈନ୍ଦ୍ରିକ। ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ଚାଇନାର ବିସ୍ତାରବାଦ ଅର୍ଥନୀତିର ପ୍ରଭାବ ଓ ଏହା ସହ କାର୍ଯ୍ୟ କରିବା କ୍ଷେତ୍ରରେ ଆବଶ୍ୟକ ରଣନୀତିକୁ ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ଉକ୍ତ ସମ୍ମିଳନୀରେ ଚାଇନାର ଦ୍ରୁତ ଆଣବିକ ଅସ୍ତ୍ର ସମ୍ପ୍ରସାରଣକୁ ନେଇ ଜି୭ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଥିଲେ। ଚାଇନାର ଦ୍ରୁତ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ ଆଞ୍ଚଳିକ ଏବଂ ବିଶ୍ୱରେ ଅସ୍ଥିରତା ଆଣିବ ବୋଲି ଜି୭ ନେତୃବୃନ୍ଦ ମିଳିତ ବିବୃତି ଦେଇଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଥିଲେ, ଚାଇନା ସାମ୍ପ୍ରତିକ ସମୟରେ ବଡ଼ ଆହ୍ୱାନ ସୃଷ୍ଟି କରିଛି ଏବଂ ଏହା ନିଜ ଦେଶରେ ତଥା ବାହାରେ ଏକଛତ୍ରବାଦ ବଢ଼ାଇବାରେ ଲାଗିଛି। ଉକ୍ତ ବିବୃତିଗୁଡ଼ିକରୁ ସ୍ପଷ୍ଟ ଯେ, ଅର୍ଥନୈତିକ କ୍ଷେତ୍ରରେ ଚାଇନାର ଏକଚାଟିଆ ଓ ପ୍ରଭାବ ବିସ୍ତାର ମନୋଭାବ ବିରୋଧରେ ଜି୭ ରାଷ୍ଟ୍ର ସମୂହ ଏକାଠି ହେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଚାଇନା ଯେଉଁ ବୈଷୟିକ(ଟେକ୍‌ନୋଲୋଜି) ସ୍ତରରେ ପହଞ୍ଚିଲାଣି ସେଠାରେ ତାକୁ ମୁକାବିଲା କରିବା ପାଇଁ ଜି୭ ଦେଶଗୁଡ଼ିକର ଶକ୍ତି ନାହିଁ ବୋଲି କ୍ରମଶଃ ବୁଝାପଡୁଛି। ଏଥିପାଇଁ ସେମାନେ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକର ସହଯୋଗରେ ଚାଇନାକୁ ରୋକିବା ଲାଗି ଏକ ସମନ୍ୱୟ ଭିତ୍ତିକ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି।

ବିଶ୍ୱ ଦୃଶ୍ୟପଟର ବାସ୍ତବତାକୁ ଲକ୍ଷ୍ୟ କଲେ ଚାଇନା ଆର୍ଥିକ , ଆଣବିକ ତଥା ମହାକାଶ କ୍ଷେତ୍ରରେ ଯେଭଳି ବିକାଶ କରୁଛି ତାହା ବିଶ୍ୱରେ ପୂର୍ବରୁ ଏକଚାଟିଆ ଭାବେ ନିଜର ଆଧିପତ୍ୟ ବିସ୍ତାର କରିଆସିଥିବା ଜି୭ ଦେଶଗୁଡ଼ିକ ପାଇଁ ଅସହ୍ୟ ମନେହେଉଛି। ବର୍ତ୍ତମାନ ତାଇୱାନ୍‌କୁ ନେଇ ଚାଇନା ଓ ଆମେରିକା ମଧ୍ୟରେ ଉପୁଜିଥିବା ବିବାଦ, ୟୁକ୍ରେନ ଯୁଦ୍ଧରେ ରୁଷିଆକୁ ଚାଇନାର ସମର୍ଥନ ଏବଂ ୟୁକ୍ରେନ୍‌କୁ ନାଟୋର ଦୃଢ଼ ସହଯୋଗ ବିଶ୍ୱରେ ଉତ୍ତେଜନା ସୃଷ୍ଟି କରିଛି। ଏହି ସମୟରେ ଚାଇନାର ଅର୍ଥନୈତିକ ପ୍ରଭୁତ୍ୱ ଓ ଆଣବିକ ଅସ୍ତ୍ରଶସ୍ତ୍ର ବିସ୍ତାର ଏହି ଧନୀ ରଷ୍ଟ୍ରଗୁଡ଼ିକ ଭିତରେ ଏକ ପ୍ରକାର ଭୟ ସୃଷ୍ଟି କରିବା ସ୍ୱାଭାବିକ। ଚାଇନା ମଧ୍ୟ ତା' ବିରୋଧରେ ଜି୭ର ମନୋଭାବକୁ କଠୋର ଭାବେ ନିନ୍ଦା କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ହିରୋଶିମାରେ ଜି୭ ବୈଠକ ଆରମ୍ଭ ହେବା ସମୟରେ ଚାଇନା ସମାନ୍ତରାଳ ଭାବେ କେନ୍ଦ୍ର ଏସିଆ ଦେଶଗୁଡ଼ିକୁ ନେଇ ଏକ ବୈଠକ ଆୟୋଜିତ କରିଥିଲା। ଏହି ଦେଶଗୁଡ଼ିକୁ ଚାଇନା ନିଜ ଆୟତ୍ତରେ ରଖିବା ଲାଗି ବିଭିନ୍ନ ଅର୍ଥନୈତିକ ପ୍ରକଳ୍ପ ଜାରି ରଖିବା ସହ ବିପୁଳ ଅର୍ଥ ନିବେଶ କରିବାରେ ଲାଗିଛି। ଏସବୁ ଦୃଷ୍ଟିରୁ ବିଚାର କଲେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରୁ ଉଭୟ ସାମରିକ ଏବଂ ଅର୍ଥନୈତିକ କ୍ଷେତ୍ରରୁ ଲାଭ ପାଇଆସୁଥିବା ଧନୀ ଦେଶଗୁଡ଼ିକ ସେମାନଙ୍କ ପ୍ରଭାବ କ୍ଷୀଣ ହେବାର ଆଶଙ୍କା କଲେଣି। ଏହି ପରିସ୍ଥିତିରେ ଭାରତର ଭବିଷ୍ୟତ କେଉଁ ପ୍ରକାର ଗଢ଼ାଯିବ ତାହା ଏବକାର ନେତୃତ୍ୱ ନିଷ୍ପତ୍ତି ନେବେ। ଗୋଟିଏ ପଟେ ଭାରତ ଜି୭ ଦେଶଗୁଡ଼ିକ ସହିତ ବନ୍ଧୁତ୍ୱକୁ ସାଧାରଣରେ ପ୍ରକାଶ କରୁଥିବାବେଳେ ଅନ୍ୟପଟେ ଚାଇନା ତାହାର ଭାରତୀୟ ଅଞ୍ଚଳ ମାଡ଼ିବସିବାର ଚାପ ବଜାୟ ରଖିଛି। ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି। ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି। ଆଜି ଯଦି ୟୁକ୍ରେନ୍‌କୁ ଉଦାହରଣ ଭାବେ ଦେଖାଯାଏ ତେବେ ଚାଇନା ସହିତ ଭାରତର ଯୁଦ୍ଧ ହେଲେ ଜି୭ ରାଷ୍ଟ୍ରଗୁଡ଼ିକର ସିଧାସଳଖ ସାହାଯ୍ୟ ମିଳିବା ସମ୍ଭବପର ମନେ ହେଉନାହିଁ। ସେଭଳି ପରିସ୍ଥିତି ସୃଷ୍ଟି ହେଲେ ଭାରତକୁ କିଛି ମିଲିଟାରି ସାମଗ୍ରୀ କିଣିବାର ସୁବିଧା ମିଳିପାରେ। କିନ୍ତୁ ମୂଳମନ୍ତ୍ର ହେଉଛି ଯେ, ନିଜର ମିଲିଟାରି ଶକ୍ତି ବଢ଼ାଇ ସ୍ୱାବଲମ୍ବୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ୟୁକ୍ରେନ୍ ଭଳି ଯଦି ଭାରତ ନିଜ ଶକ୍ତିରେ ଲଢ଼ିପାରେ ତେବେ ହୁଏତ ବାହ୍ୟ ସାହାଯ୍ୟ ଆସିବା ପାଇଁ ସମୟ ମିଳିବ। ନଚେତ ପରିସ୍ଥିତି ଅସମ୍ଭାଳ ହୋଇପାରେ।

**ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି। ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 2 | | | |
| | | 1 | | 8 | | | | |
| | | | | | | | 5 | 8 |
| | 2 | | | 9 | | 1 | 3 | |
| 3 | | | | | | 7 | | |
| | | | 7 | 6 | | 4 | 9 | |
| | 7 | | 6 | | | | | |
| 5 | 3 | | | | 7 | | 4 | |
| 6 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 1 | 3 | 6 | 8 | 7 | 4 |
| 1 | 7 | 3 | 8 | 2 | 4 | 6 | 9 | 5 |
| 4 | 6 | 8 | 9 | 5 | 7 | 1 | 3 | 2 |
| 7 | 4 | 5 | 6 | 1 | 8 | 3 | 2 | 9 |
| 9 | 2 | 6 | 5 | 7 | 3 | 4 | 1 | 8 |
| 8 | 3 | 1 | 4 | 9 | 2 | 5 | 6 | 7 |
| 6 | 1 | 4 | 7 | 8 | 9 | 2 | 5 | 3 |
| 2 | 5 | 7 | 3 | 4 | 1 | 9 | 8 | 6 |
| 3 | 8 | 9 | 2 | 6 | 5 | 7 | 4 | 1 |

ଗତକାଲିର ଉତ୍ତର



# ଭତ୍ତା ଯୋଜନା-କିଛି ଉପେକ୍ଷିତ ଦିଗ

ରାଜୀବ କର୍ମ

ଗରିବ ବ୍ୟକ୍ତି ଏବଂ ପରିବାରକୁ ସର୍ବନିମ୍ନ ଜାତୀୟସ୍ତରର ସାମାଜିକ ସୁରକ୍ଷା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ଏକ ଜନମଙ୍ଗଳ ରାଷ୍ଟ୍ର ଭାବରେ ସମ୍ବିଧାନର DIRECTIVE PRINCIPLES OF STATE POLICY ନିର୍ଦ୍ଦେଶନାମା ଅନୁଚ୍ଛେଦ ୪୧ ଅନୁସାରେ ନିଜର ଉତ୍ତରଦାୟିତ୍ୱକୁ ପୂରଣ କରିବା ପାଇଁ ଭାରତ ସରକାର ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ମାଧ୍ୟମରେ ବେରୋଜଗାର, ବାର୍ଦ୍ଧକ୍ୟ, ଦୁର୍ବଳ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭତ୍ତା ଆକାରରେ ଅର୍ଥ ରାଶି ଯୋଗାଇ ଦେବାର ବ୍ୟବସ୍ଥା ୧୯୯୫ ଅଗଷ୍ଟ ୧୫ରୁ ଆରମ୍ଭ କରାଯାଇଛି। ଏଥିରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବିଧବା ଭତ୍ତା, ଜାତୀୟ ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଏବଂ ଅନ୍ନପୂର୍ଣ୍ଣା ଭଳି ଯୋଜନା ଅନ୍ତର୍ଭୁକ୍ତ। ସର୍ବୋଚ୍ଚ ସ୍ତରରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗ୍ରାମୀଣ ସ୍ତରରେ ଗ୍ରାମପଞ୍ଚାୟତ ଦ୍ୱାରା ଏହା ରୂପାୟନ ହୋଇଥାଏ।

ଯେତେବେଳେ ନିଜର କୌଣସି ଆୟ ପନ୍ଥା ନ ଥାଏ କିମ୍ବା ନିଜର ସନ୍ତାନସନ୍ତତି ଯତ୍ନ ନିଅନ୍ତି ନାହିଁ, ନିଜର ଜ୍ଞାତି ପରିଜନ, ବନ୍ଧୁବାନ୍ଧବ, ଭାଇ ସହୋଦର ହାତ ଛାଡ଼ି ଦିଅନ୍ତି, ସେତେବେଳେ ସାହାରା ଭାବରେ ଏହି ଯୋଜନା ସେହି ଦୁଃସ୍ଥ ବ୍ୟକ୍ତିମାନଙ୍କୁ ସର୍ବନିମ୍ନ ସାମାଜିକ ସୁରକ୍ଷା ସହିତ ଭରସା ଯୋଗାଇଥାଏ। ବୟସାନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ସରକାରଙ୍କ ତରଫରୁ ଦିଆଯାଏ। ଅନେକ ସମୟରେ ଏହା ହିଁ ସେମାନଙ୍କର ଶେଷ ଆଶା। ସେହି ଦିନକୁ ଆତୁର ଭାବରେ ସେମାନେ ଅପେକ୍ଷା କରିଥାଆନ୍ତି, ଯେଉଁଦିନ ସେମାନେ ତାଙ୍କର ଭତ୍ତା ଗଣ୍ଡାକ ପାଇବେ। ସେହିପରି କମ୍ ବୟସରେ ସ୍ୱାମୀ ଛାଡ଼ିଗଲା ପରେ ସ୍ତ୍ରୀଟି ପ୍ରାୟତଃ ବେସାହାରା ହେଇଯାଇଥାଏ। ଅନେକ ସମୟରେ ଛୋଟ ଛୋଟ ପିଲା ଛୁଆଙ୍କୁ ଧରି ବିଧବା ଜଣକ ଅନେକ ହଇରାଣ ହୋଇଥାଏ। ବେଳେବେଳେ ଶାଶୁଘର ଲୋକ ପଚାରନ୍ତି ନାହିଁ। ସେତିକିବେଳେ ସେମାନଙ୍କୁ ସାମାଜିକ ଭାବରେ ସୁରକ୍ଷା ପାଇଁ ସରକାର ବିଧବା ଭତ୍ତା ସାହାଯ୍ୟ କରିଥାଏ। ଭତ୍ତା ସ୍ୱଳ୍ପ ହେଲେ ମଧ୍ୟ ଅଭାବ ସମୟରେ ଏହା ବଡ଼ ମହୌଷଧି।

ଏତଦ୍ ଭିନ୍ନ ଦିବ୍ୟାଙ୍ଗମାନଙ୍କୁ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସରକାର ସାମାଜିକ ସୁରକ୍ଷା ଏବଂ ସହାୟତା ଯୋଗାଇ ଆସୁଛନ୍ତି। ଭତ୍ତା ବ୍ୟତିରେକେ ସାମାଜିକ ସୁରକ୍ଷା ଯୋଜନାରେ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ପରିବାରର ମୁଖ୍ୟ ଆୟକାରୀଙ୍କ ମୃତ୍ୟୁ ହେଲେ ଏକକାଳୀନ ସହାୟତା ରାଶି ଏବଂ ଅତିଶୟ ଗରିବ ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ୧୦ କେଜି ଚାଉଳ ଇତ୍ୟାଦି ଯୋଗାଇ ଦିଆଯାଉଛି। ଉପରୋକ୍ତ ଭତ୍ତା ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ବେଳେ ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଭତ୍ତା ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରୁ ବଞ୍ଚିତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା କରିଛନ୍ତି।



ଉପରୋକ୍ତ ଯୋଜନା ଭଲ, ଆଭିମୁଖ୍ୟ ମଧ୍ୟ ଭଲ; କିନ୍ତୁ ଉପଯୁକ୍ତ କାର୍ଯ୍ୟକାରିତାର ଅଭାବ ରହିଛି। ପୂର୍ବରୁ ଭତ୍ତା ଯୋଜନାରେ ଅର୍ଥରାଶି ହାତକୁ ହାତ ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ଦେଖାଗଲା ଯେ, ଅନେକ ହିତାଧିକାରୀଙ୍କ ପାଖକୁ ପଇସା ପହଞ୍ଚି ପାରିଲା ନାହିଁ। ଅନେକ ଲୋକ ମାସ ମାସ ଧରି ତାଙ୍କ ଭତ୍ତା ପାଇପାରିଲେ ନାହିଁ। ପଇସା ବାଟମାରଣାର ଅନେକ ଘଟଣା ସାମ୍ନାକୁ ଆସିଲା। ଏହାକୁ ରୋକିବା ପାଇଁ ସରକାର ସମସ୍ତଙ୍କୁ ତାଙ୍କର ନିଜସ୍ୱ ବ୍ୟାଙ୍କ ଖାତାକୁ ଭତ୍ତାଟଙ୍କା ପଠାଇବାର ବ୍ୟବସ୍ଥା କଲେ। ମାତ୍ର ଏଥିରେ ବି କେତେକ କ୍ଷେତ୍ରରେ ଅସୁବିଧା ଦେଖାଗଲା, ଯାହା ଫଳରେ ଅନେକ ହିତାଧିକାରୀ ହଇରାଣ ହେଲେ। ଅନେକ ସମୟରେ ହିତାଧିକାରୀଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଦିଆଯାଇ ଥିବାରୁ କେଉଁଥିରେ ପଇସା ଜମାହେଉଛି ଜଣାପଡୁ ନାହିଁ। ବ୍ୟାଙ୍କ ତରଫରୁ ସଠିକ୍ ତଥ୍ୟ ହିତାଧିକାରୀଙ୍କୁ ଦିଆଯାଉ ନାହିଁ। ବ୍ୟାଙ୍କ ପାସ୍ ବହି ପ୍ରିଣ୍ଟକରି ହିତାଧିକାରୀଙ୍କ ସନ୍ଦେହ ଦୂର କରିବା ପାଇଁ ବ୍ୟାଙ୍କଗୁଡ଼ିକର ଇଚ୍ଛା ନାହିଁ। ଅନେକ ଲୋକଙ୍କର ନିଜ ବାସସ୍ଥାନରୁ ଦୂରରେ ଥିବା ବ୍ୟାଙ୍କରେ ଜମାଖାତା ଥିବାରୁ ସେମାନେ ସେଠାକୁ ଯାଇ ଭତ୍ତା ଟଙ୍କା ଆଣି ପାରୁ ନାହାନ୍ତି। ଅନେକ ଲୋକଙ୍କୁ ଜମାଖାତା ବଦଳରେ ବ୍ୟାଙ୍କ ଛୋଟ ଛୋଟ କାର୍ଡ ଦେଇଛନ୍ତି, ଯା' ଫଳରେ ତାଙ୍କ ଜମାଖାତାରେ କେତେ ଟଙ୍କା ଜମା ହେଲା କେତେ ଉଠାଣ ହେଲା ସେମାନଙ୍କ ପାଖରେ ପ୍ରମାଣ ରହୁନାହିଁ। ଅନେକ ସମୟରେ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ଠିକ୍ ଭାବରେ ନେଉ ନ ଥିବାରୁ ଅନେକ ମାସ ଧରି ଭତ୍ତା ପାଇ ପାରୁ ନାହାନ୍ତି।

ଅନେକ ସମୟରେ ଜନସେବା କେନ୍ଦ୍ରଗୁଡ଼ିକରେ ହିତାଧିକାରୀମାନଙ୍କୁ ଠିକ୍ ତଥ୍ୟ ପ୍ରଦାନ କରାଯାଉ ନାହିଁ। ଜନସେବା କେନ୍ଦ୍ରର କର୍ମଚାରୀମାନେ ହିତାଧିକାରୀମାନଙ୍କର ଫିଙ୍ଗର ପ୍ରିଣ୍ଟ ଛଳନା ପୂର୍ବକ ନେଇ ଭତ୍ତା ହଡ଼ପ କରି ନେଉଥିବାର ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। ବହୁ ସମୟରେ ପଞ୍ଚାୟତ ଅଧିକାରୀମାନଙ୍କର ହିତାଧିକାରୀମାନଙ୍କ ପ୍ରତି ବ୍ୟବହାର ରୁକ୍ଷ ହେଉଥିବା ଦେଖାଯାଇଥାଏ। ପ୍ରତ୍ୟେକ ମାସର ୧୫ ତାରିଖ ଦିନ ସାର୍ବଜନୀନ ଭତ୍ତା ଦିବସ ଭାବରେ ସରକାର ଘୋଷଣା କରିଥିବା ସତ୍ତ୍ୱେ ବିଗତ ଅନେକ ମାସ ହେଲା ୧୫ ତାରିଖ ସୁଦ୍ଧା ହିତାଧିକରୀମାନଙ୍କୁ ଭତ୍ତା ଦିଆଯାଇପାରିଲା ନାହିଁ। ଅନେକ ସମୟରେ ଠିକ୍ ସମୟରେ ଟଙ୍କା ପଞ୍ଚାୟତରେ ପହଞ୍ଚି ପାରୁ ନାହିଁ। ଫଳରେ ହିତାଧିକାରୀମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼େ। ଅନେକ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ ପଞ୍ଚାୟତ ଅଫିସକୁ ଆସିବାକୁ ଅକ୍ଷମ। କିଛି ଲୋକ ରୋଗଶଯ୍ୟାରେ ପଡ଼ିଥିବାରୁ ଭତ୍ତା ନେବାକୁ ଆସି ପାରନ୍ତି ନାହିଁ। ତେଣୁ ସେମାନଙ୍କୁ ତାଙ୍କ ଦୁଆରମୁହଁରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିପାରିଲେ ନାହିଁ। ଆଜିବି ୭୦-୮୦ ବର୍ଷର ଅନେକ ଲୋକ ଭତ୍ତା ପାଇଁ ଅନେଇ ରହିଛନ୍ତି। ସେପଟେ ଲୋକଙ୍କ ବୟସ ହେଲେ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ, କିନ୍ତୁ ଏପଟେ କହୁଛନ୍ତି ଟାର୍ଗେଟ୍ ନାହିଁ। କେତେକ କର୍ମଚାରୀଙ୍କ ଅପାରଗତା ହେତୁ କେତେ ହିତାଧିକାରୀ ପ୍ରକୃତରେ ଭତ୍ତା ପାଇବା ପାଇଁ ଯୋଗ୍ୟ, ତା'ର ତଥ୍ୟ ସରକାରଙ୍କ ପାଖରେ ନାହିଁ।

କେତେକ ଛୋଟଛୋଟ ପଦକ୍ଷେପ ଦ୍ୱାରା ଏଭଳି ଅସୁବିଧାକୁ କେତେକାଂଶରେ କମ୍ କରାଯାଇପାରିବ। ଯେପରିକି ସମସ୍ତ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ବ୍ୟାଙ୍କ ଜମାଖାତା ଦେବାର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦୂରତାରେ କିୟୋସ୍କ ବ୍ୟାଙ୍କ ସ୍ଥାପନ। କିୟୋସ୍କ ବ୍ୟାଙ୍କଗୁଡ଼ିକରେ ଜମା ବହି ଅପଡେଟ୍ ଏବଂ ମୁଦ୍ରଣର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦିନରେ ଭତ୍ତା ଦେବାର ବ୍ୟବସ୍ଥା ଏବଂ ଅନୁପସ୍ଥିତ ହିତଧିକାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା। ଅତିଶୟ ବୟସ୍କ ଏବଂ ଶଯ୍ୟାଶାୟୀ ହିତାଧିକାରୀଙ୍କୁ ଦୁଆର ମୁହଁରେ ପଞ୍ଚାୟତ ଏବଂ ବ୍ୟାଙ୍କ ତରଫରୁ ଭତ୍ତା ଦେବାର ବ୍ୟବସ୍ଥା। ଅତ୍ୟାବଶ୍ୟକ ସ୍ଥଳେ କିଛି ହିତାଧିକାରୀଙ୍କୁ ନଗଦ ଭତ୍ତା ଦେବାର ବ୍ୟବସ୍ଥା। ନିୟମିତ ବ୍ୟବଧାନରେ )ହିତାଧିକାରୀମାନେ ଭତ୍ତା ପାଉଛନ୍ତି କି ନାହିଁ ତାହାର ଯାଞ୍ଚ କଲେ ଉପରୋକ୍ତ ସମସ୍ୟାକୁ କେତେକାଂଶରେ ଦୂର କରାଯାଇପାରିବ।

**ଶଗଡ଼ା, ବୌଦ୍ଧ**
**ମୋ: ୮୩୨୮୪୮୧୪୫**



# ବନାଗ୍ନିର କରୁଣ ଚିତ୍ର

ସୁବାସ କୁମାର ତାରଣିଆଁ

ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ରହିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ। ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। କିନ୍ତୁ ଏବେ ଏହି ସଂଜ୍ଞାରେ ପରିବର୍ତ୍ତନ ଘଟିଛି। ଜଙ୍ଗଲରୁ ମଙ୍ଗଳ ମିଳିବା ବଦଳରେ ଆମେ ଜଙ୍ଗଲର କ୍ଷତି ଘଟାଇ ଚାଲିଛେ। ଯାହାର ପ୍ରଭାବରେ ଏବେ ସାରା ଜଙ୍ଗଲ ବନାଗ୍ନିରେ ପରିଣତ ହୋଇଛି। ଫଳରେ ବହୁ ବିରଳ ଜୀବଜନ୍ତୁ ଓ ବୃକ୍ଷ ନିଜର ଅସ୍ତିତ୍ୱ ହରାଉଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ଗ୍ଲୋବାଲ ୱାର୍ମିର ପ୍ରଭାବରୁ ଜୈବବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା। ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ। ପ୍ରତିଦିନ ଶହ ଶହ ବୃକ୍ଷ ପୋଡ଼ି ଛାରଖାର ହୋଇଯାଉଛି। ବନାଗ୍ନି ଭୟଙ୍କର ରୂପ ଧାରଣ କରିଛି, ଯାହାକୁ ରୋକିବା ଲାଗି ଏକ ଆହ୍ୱାନ ସୃଷ୍ଟି ହୋଇଛି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବହୁ ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଉଥିବାବେଳେ ଅନେକ ହିଂସ୍ରଜନ୍ତୁ ବନାଗ୍ନିରୁ ରକ୍ଷା ପାଇବା ପାଇଁ ସହରମୁହାଁ ହେଉଛନ୍ତି। ଫଳରେ ମଣିଷ ଓ ପଶୁଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏଥିପାଇଁ ମନୁଷ୍ୟକୃତ ବନାଗ୍ନି ହିଁ ଦାୟୀ।

ବନାଗ୍ନି କେବଳ ଓଡ଼ିଶାରେ ହେଉନାହିଁ ବରଂ ଦେଶ ତଥା ଦେଶ ବାହାରେ ମଧ୍ୟ ଭୟଙ୍କର ବନାଗ୍ନି ଘଟିଚାଲିଛି। ୨୦୧୯ ମସିହା ଶେଷଭାଗରେ ଅଷ୍ଟ୍ରେଲିଆର ୩.୩୮ ଲକ୍ଷ ବର୍ଗ କି.ମି. ଜଙ୍ଗଲରେ ଭୟଙ୍କର ବନାଗ୍ନି ଘଟିଥିଲା, ଯେଉଁଥିରେ ସମୁଦାୟ ଜଙ୍ଗଲର ୨୦ ପ୍ରତିଶତ ନଷ୍ଟ ହୋଇଥିଲା ଓ ୪୩ ଜଣଙ୍କ ମୃତ୍ୟୁ ଘଟିବା ସହ ତିନିଶହରୁ ଉର୍ଦ୍ଧ୍ୱ ଘର ପୋଡ଼ିଥିଲା। ଏଥିରେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ ଏବଂ କୋଟି କୋଟି ଜୀବଜନ୍ତୁ ଅସ୍ତିତ୍ୱ ହରାଇଥିଲେ। ସେହିପରି ଓଡ଼ିଶାରେ ଗତ ପାଞ୍ଚ ବର୍ଷ ମଧ୍ୟରେ ନିଆଁ ଲାଗି ପ୍ରାୟ ୬୦ ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ବନ ବିଭାଗ ପାଇଁ ଏକ ଚିନ୍ତାର କାରଣ ହୋଇଥିବା ବେଳେ ଏଥିରୁ ଅଧିକାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ଜଣାପଡ଼ିଛି। ୨୦୨୧ରେ ସର୍ବାଧିକ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ୨୮,୬୫୩ ହେକ୍ଟର ଜଙ୍ଗଲ କ୍ଷତିଗ୍ରସ୍ତ ହୋଇଥିଲା। ୨୦୨୩ ପ୍ରାରମ୍ଭରେ ମଧ୍ୟ ବନାଗ୍ନି ଉଗ୍ରରୂପ ଧାରଣ କରିଥିଲା। ଏହି ବନାଗ୍ନି କବଳରୁ ଓଡ଼ିଶା ମୁକୁଳି ପାରି ନ ଥିଲା। ୨୨ଟି ଜିଲାର ୮୪ଟି ରେଞ୍ଜରରେ ୧୪୭ଟି ବଡ଼ଧରଣର ଜଙ୍ଗଲ ଜଳୁଥିଲା ବେଳେ ରାଜ୍ୟର ଅଧାରୁ ଅଧିକ ଜିଲାକୁ ବନାଗ୍ନି ଗ୍ରାସ କରିଥିଲା। ଗଞ୍ଜାମ ଜିଲାର ୯ଟି ରେଞ୍ଜରରେ ନିଆଁ ଅଣାୟତ୍ତ ହୋଇଥିଲା ବେଳେ ସମ୍ବଲପୁର, ରାୟଗଡ଼ାରେ ବି ସ୍ଥିତି ସମାନ ଥିଲା। ନୟାଗଡ଼, ଗଜପତି, ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାରେ ଅଧିକାଂଶ ଜଙ୍ଗଲ ଜଳୁଥିଲା। ସେହିପରି ଶିମିଳିପାଳ, ଚନ୍ଦକା-ଡମପଡ଼ା, ସୁନାବେଡ଼ା ଓ ଦଶପଲ୍ଲା ଆଦି ସବୁଠି ସମାନ ଚିତ୍ର। ଦିନକୁ ଦିନ ଗୋଟିଏ ଗୋଟିଏ ବନଖଣ୍ଡରେ ନିଆଁ ଲାଗୁଥିଲେ ମଧ୍ୟ ବନ ବିଭାଗର ସମସ୍ତ ଉଦ୍ୟମ ବିଫଳ ହୋଇଛି। ବନାଗ୍ନିକୁ ରୋକିବା ପାଇଁ କେବଳ ବର୍ଷାକୁ ହିଁ ଭରସା କରିଛନ୍ତି ବନ କର୍ମଚାରୀ। ଯଦିଓ ମାର୍ଚ୍ଚ ମାସର ମଧ୍ୟଭାଗରେ ଦୁଇ ଦିନ ବର୍ଷା ହେବା ଫଳରେ ବନାଗ୍ନିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା ଓ ବନ କର୍ମଚାରୀମାନେ ଖୁସିରେ ନାଚି ଉଠିଥିଲେ, ହେଲେ ଏସବୁ ସତ୍ତ୍ୱେ ବନ ବିଭାଗର କର୍ମଚାରୀମାନଙ୍କୁ ଏବେଠୁ ଆହୁରି ସତର୍କ ରହିବା ଦରକାର।



ଆନ୍ଧ୍ରପ୍ରଦେଶ, କର୍ନାଟକ, ମଧ୍ୟପ୍ରଦେଶ ପରି ରାଜ୍ୟ ବନାଗ୍ନିକୁ ଆୟତ୍ତ କରିବାରେ ସବୁଠାରୁ ଆଗରେ ଅଛନ୍ତି। କାରଣ ବନାଗ୍ନିକୁ ଆୟତ୍ତ କରିବା ପାଇଁ ଏହିସବୁ ରାଜ୍ୟ ଆଧୁନିକ ଜ୍ଞାନକୌଶଳକୁ ଆପଣାଇଥାନ୍ତି। ଓଡ଼ିଶା ମଧ୍ୟ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କଲେ ସହଜରେ ବନାଗ୍ନିକୁ ଆୟତ୍ତ କରିହେବ। ଏଥିପାଇଁ ବନ କର୍ମଚାରୀମାନେ ତାଲିମ ନେବା ଆବଶ୍ୟକ। ୨୦୨୧ରେ ଯେତେବେଳେ ରାଜ୍ୟରେ ବନାଗ୍ନି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା, ସେତେବେଳେ ରାଜ୍ୟ ସରକାର ତାହାକୁ ରୋକିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। କିନ୍ତୁ ଟାସ୍କଫୋର୍ସ ଦେଇଥିବା ରିପୋର୍ଟ ଉପରେ କିଛି ପଦକ୍ଷେପ ନିଆଯାଇ ନାହିଁ। ଏଥିରେ ସଦସ୍ୟ ଥିବା କିଛି କେତେଜଣ ଅଣ ସରକାରୀ କର୍ମଚାରୀଙ୍କ ରିପୋର୍ଟର କପି ମଧ୍ୟ ମିଳିପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁନ୍ଦରଗଡ଼ ବନଖଣ୍ଡ ସଦର ବନାଞ୍ଚଳରେ ନିଆଁ ଲାଗିଥିବା ଖବର ପାଇବା ପରେ ବନ ବିଭାଗର ଏକ ଟିମ୍ ସେଠାକୁ ନିଆଁ ଲିଭାଇବା ପାଇଁ ଯାଇଥିଲେ। ଜଙ୍ଗଲ ଭିତରେ ଗାଡ଼ି ରଖି ନିଆଁକୁ ଆୟତ୍ତ କରିବାକୁ ଯାଇଥିବା ବେଳେ ଜଙ୍ଗଲ ନିଆଁର ତୀବ୍ରତା ଏତେ ପ୍ରଖର ଥିଲା ଯେ, ସେମାନଙ୍କ ଗାଡ଼ିରେ ନିଆଁ ଲାଗିଯାଇଥିଲା। ବନ କର୍ମଚାରୀ ଫେରିଲା ବେଳକୁ ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଥିଲା। ହୁଏତ ଜଣେ ବନ କର୍ମଚାରୀ ଯଦି ଗାଡ଼ି ପାଖରେ ରହିଥାନ୍ତେ, ତେବେ ଗାଡ଼ିଟି ସୁରକ୍ଷିତ ରହିଥାନ୍ତା। ବନ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବରୁ ଏପରି ଅଘଟଣ ଘଟିଥିଲା।

ଜଙ୍ଗଲରେ ନିଆଁ ଲାଗିବାର ବିଭିନ୍ନ କାରଣ ଅଛି। ସାଧାରଣତଃ ବିଡ଼ି ବା ସିଗାରେଟ ଟାଣିସାରି ଫିଙ୍ଗିଦେବା ପରେ ସିଗାରେଟ ନିଆଁ ହିଁ ବନାଗ୍ନିର କାରଣ ହୋଇଥାଏ। ଓଡ଼ିଶାର ପାହାଡ଼ ଜଙ୍ଗଲ ପାଦଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଉଥିବା ଶିଳ୍ପପତି, ପୁଞ୍ଜିପତି ଓ ମାଫିଆମାନେ ବନାଗ୍ନି ସୃଷ୍ଟି କରିଥାନ୍ତି। ଫଳରେ ଜଙ୍ଗଲକୁ ନିଜର ଜୀବନ ଜୀବିକାର ମାଧ୍ୟମ କରିଥିବା ଆଦିବାସୀମାନେ ତାହା ହରାଇ ବସିଛନ୍ତି। ସାଧାରଣତଃ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ରାଜ୍ୟର ଅଧିକାଂଶ ଜଙ୍ଗଲରେ ଛୋଟମୋଟ ନିଆଁ ଲାଗିଥାଏ ଓ ସେସବୁ ନିଆଁକୁ ବନ କର୍ମଚାରୀମାନେ ଆୟତ୍ତ କରିଥାନ୍ତି। ଫେବୃୟାରୀ ପ୍ରଥମ ସପ୍ତାହରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ୩ଟି ସ୍ଥାନରେ ନିଆଁ ଲାଗିଥିଲା ଏବଂ ସଜାଗ ଥିବା ବନ କର୍ମଚାରୀମାନେ ନିଆଁକୁ ଲିଭାଇବାରେ ସଫଳ ହୋଇଥିଲେ। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଭୟାରଣ୍ୟ, ଚନ୍ଦକା, ଡମପଡ଼ା, ହଳଦିଆ ଓ ଭୁବନେଶ୍ୱର ଆଦି ୪ ରେଞ୍ଜରରେ ବନ ବିଭାଗ, ଆଣ୍ଟିପୋଚିଂ, ଇକୋ ଟୁରିଜମ୍‌ର ସମୁଦାୟ ୩୦୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏଥିସହ ୮ଟି ଫାୟାର ପ୍ରୋଟେକ୍‌ସନ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ୮ଟି ସ୍କ୍ୱାଡ୍‌ରେ ୬୦ ଜଣ ବନ କର୍ମଚାରୀଙ୍କ ସମେତ ଜଙ୍ଗଲରେ ଥିବା ଗ୍ରାମବାସୀଙ୍କୁ ନିୟୋଜିତ କରାଯାଇଛି। ତଥାପି ବନ କର୍ମଚାରୀମାନଙ୍କୁ ଆହୁରି ସଜାଗ ଓ ସଚେତନ ରହିବାକୁ ପଡ଼ିବ। କାରଣ ଫେବୃୟାରୀ ଆରମ୍ଭରୁ ଜୁନ୍ ଶେଷ ପର୍ଯ୍ୟନ୍ତ ୫ ମାସ ଜଙ୍ଗଲକୁ ନିଆଁର ଭୟ ଥାଏ।

**କଣ୍ଟି, ବାହାରଣା, ବାଲିକୁଦା, ଜଗତ୍‌ସିଂହପୁର, ମୋ :୮୩୨୮୪୦୨୧୪**

## ଏଇ ଭାରତରେ

କେରଳର ବିଜୁ ନାରାୟଣନଙ୍କ ଅନେକ ଆବିଷ୍କାର ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ସେ ଏବେ ଏକ ସୋଲାର ମିକ୍ସି ନିର୍ମାଣ କରିଛନ୍ତି, ଯାହା ଗ୍ରାଇଣ୍ଡିଂ କରିବା ସହ ପାଖାପାଖି ୧୫ଟି କାର୍ଯ୍ୟ କରିପାରୁଛି। ଏହି ମେସିନ ସୌରଶକ୍ତିରେ ଓ ରିମୋଟ୍ ଦ୍ୱାରା ଚାଲୁଛି। ଏହା ପରିବା କାଟିବା ସହ ନଡ଼ିଆ କୋରି ଦେଉଛି। ଘରେ କୌଣସି ସ୍ଥାନରେ ଧୂଆଁ ଉଠିଲେ ଏହା ଜଣାଇଦେଉଛି । ଏଥିରେ ଏକ ରେଡିଓ ମଧ୍ୟ ଅଛି ଓ ମୋବାଇଲ ଚାର୍ଜ ବ୍ୟବସ୍ଥା ରହିଛି। ଉକ୍ତ ମିକ୍ସିକୁ ଭାକ୍ୟୁମ୍ କ୍ଲିନର ଭାବେ ବି ବ୍ୟବହାର କରାଯାଉଛି। ଏଥିରେ ୩ ୱାଟ୍‌ର ଏମର୍ଜେନ୍ସି ଲାଇଟ୍ ଥିବାବେଳେ ଛୋଟ ଫ୍ୟାନ୍ ମଧ୍ୟ ରହିଛି। ଏହାକୁ ନିର୍ମାଣ କରିବା ଲାଗି ତାଙ୍କୁ ୧ ଦଶନ୍ଧିରୁ ଅଧିକ ସମୟ ଲାଗିଛି। ବିଜୁ ମାତ୍ର ୧୨ ବର୍ଷ ବୟସରେ ଏକ ରେଡିଓ ତିଆରି କରିବା ଆରମ୍ଭ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ୫୩ ବର୍ଷ ବୟସ୍କ ବିଜୁଙ୍କୁ ବିଭିନ୍ନ ଆବିଷ୍କାର ଲାଗି କେରଳର ରୁରାଲ ଇନୋଭେଶନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମେ ୧୯୯୮**

- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଆର୍.କେ. କୁମାରଙ୍କ ଇସ୍ତଫା ପ୍ରଦାନ।
- ଆସାମ ଗଣପରିଷଦ ମନ୍ତ୍ରିମଣ୍ଡଳରୁ ରାଜ୍ୟର ପରିବହନ ମନ୍ତ୍ରୀ ପ୍ରଦୀପ ହଜାରିକାଙ୍କ ଇସ୍ତଫା ପ୍ରଦାନ।
- ନାଲ୍‌କୋ କର୍ତ୍ତୃପକ୍ଷଙ୍କର ଚରମ ଉଦାସୀନତା, ପ୍ରଶାସନିକ ବିଶୃଙ୍ଖଳା ଓ ବ୍ୟାପକ ଦୁର୍ନୀତି ଯୋଗୁ ସ୍ମେଲଟର ପ୍ଲାଣ୍ଟର ୧୦୦ ପଟ୍ ଆକାମୀ।

## ଚିରନ୍ତନୀ

ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା !
-(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗହମ ଯୋଗାଇ ଦିଆଯାଉ

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ହିତାଧିକାରୀମାନଙ୍କୁ କେନ୍ଦ୍ର ସରକାର ରିହାତି ଦରରେ ଯୋଗାଇ ଦେଉଥିବା ଖାଦ୍ୟଶସ୍ୟ ମଧ୍ୟରୁ ଗତ ୧୦ ମାସ ହେଲା ଗହମ ଯୋଗାଣକୁ ବନ୍ଦ ରଖିଛନ୍ତି। ଚଳିତ ମାସରୁ ଗହମ ଯୋଗାଣ ଆରମ୍ଭ ହେବାକୁ ଥିବାବେଳେ ଏବେ ଆଉ ୨ମାସ ଗହମ ଯୋଗାଣକୁ ବନ୍ଦ ରଖାଯାଇଛି। ଅବଶ୍ୟ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ବଦଳରେ ହିତାଧିକାରୀଙ୍କୁ ଚାଉଳ ଦିଆଯିବ। ଗହମ ଅଭାବ ଯୋଗୁ ଦେଶରେ ଗହମଜାତ ସାମଗ୍ରୀ ତଥା ଅଟା, ମଇଦା, ସୁଜି ଆଦିର ମୂଲ୍ୟ ଆକାଶଛୁଆଁ ହୋଇଛି। ଗତ ବର୍ଷ ମାର୍ଚ୍ଚ ରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଚାଷୀର ମୁଣ୍ଡରେ ଚଡ଼କ ପଡ଼ିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟଭାଗରେ ଅଦିନିଆ ବର୍ଷା ଗହମ ଉତ୍ପାଦନରେ ବାଧକ ସାଜିଛି। ଅନ୍ୟପକ୍ଷରେ ଦେଶରେ ଚାଉଳ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିଛି। କହିବା ବାହୁଲ୍ୟ ଯେ, ଗହମ ତୁଳନାରେ ଚାଉଳ ଉତ୍ପାଦନ ଦେଶରେ ୨ଗୁଣରୁ ଅଧିକ ହୋଇଛି ; ଯାହାକି କୃଷି, କୃଷକ ଓ ସରକାରଙ୍କ ପାଇଁ ଚିନ୍ତାର କାରଣ। ଦେଶରେ ଏବେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି। ଚାଉଳ, ଗହମ, ଅଟା, ଡାଲି, ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଦେଶରେ ଡାଲି ଦର କେବଳ ୧୫.୩ ବୃଦ୍ଧି ପାଇଛି। ମୌସୁମୀ ବର୍ଷା ଯଦି ସ୍ୱାଭାବିକ ନ ହୁଏ, ତେବେ ନିର୍ବାଚନୀ ବର୍ଷାରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବା ନିଶ୍ଚିତ। ଏହା କେବଳ ସରକାରଙ୍କ ପାଇଁ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ହେବ। ଏବେ ଗହମ ଉତ୍ପାଦନ ସନ୍ତୋଷଜନକ ଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ଗହମ ଯୋଗାଇ ଦିଆଯାଉ।

**-ସୌଭାଗ୍ୟ ରଞ୍ଜନ ମହାନ୍ତି**
**ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଫେଇ କାର୍ଯ୍ୟର ତଦାରଖ କଲେ ଏନଏସି ଅଧକ୍ଷ

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ଡେଲିମାର୍କେଟରେ ସୋମବାର ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଳ ସଫେଇ କର୍ମଚାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହ ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ସହରକୁ ସଫାସୁତରା ରଖିବାରେ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଆଲୋଚନାରେ ପ୍ରେମ ସିଂହ, ଜ୍ୟୋତି ବାଗ, କବିର ସୁନା, ବିନୋଦ ସୁନା, ଗାୟତ୍ରୀ ସାଗର, ଜିତୁ ସାଗର, ସଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକ ମୃତ

ସଇଁତଲା,୨୨।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅଞ୍ଚଳର ଜଣେ ଯୁବକ ନଦୀରେ ବୁଡ଼ି ଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଟିକ୍ରାପଡ଼ା ଗ୍ରାମର ରାଜେଶ ହାତୀ (୨୭)। ସୋମବାର ସକାଳୁ ସେ ଲାନ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବାବେଳେ ସେ ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଗାଧୋଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଓ ଡାକ୍ତରଖାନା ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨୦ଲିଟର ରନ୍ଧା ମଦ ଜବତ

କଣ୍ଟାବାଞ୍ଜି,୨୨।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପାଟ୍ରୋଲିଂ ଟିମ୍ ସୋମବାର କୁକୁଡାହାଡ ଗ୍ରାମରେ ଚଢାଉ କରି ବେଆଇନଭାବେ ବିକ୍ରି କରୁଥିବା ଜଣେ ବ୍ୟକ୍ତିଠାରୁ ୨୦ଲିଟର ରନ୍ଧା ଦେଶୀ ମଦ ଜବତ କରିଛି। ମଦ ବିକ୍ରି କରୁଥିବା ରମେଶ କୁଅଁର (୨୭)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନାରେ ଏକ ମାମଲା(୨୫/୨୩-୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଥାନା ଅଧିକାରୀ ପ୍ରବୀଣ ସାହୁଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ଶାଳୀଙ୍କୁ ଅପହରଣ କରି ଜେଲଗଲେ ଭିଣୋଇ

କଣ୍ଟାବାଞ୍ଜି,୨୨।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଟିଙ୍ଗିରିପଡାର ଜଣେ ନାବାଳିକାଙ୍କୁ ତାଙ୍କ ଭିଣୋଇ ଅପହରଣ କରିଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ପରେ ପୋଲିସ ଭିଣୋଇଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଭିଣୋଇଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ନାବାଳିକା ଜଣକ ଗତ ୧୫ତାରିଖରୁ ଘରୁ କୁଆଡେ ପଳାଇ ଯାଇଥିବା ନେଇ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(୧୨୭/୨୩) ରୁଜୁ କରି ପୋଲିସ ଖୋଜାଖୋଜି କରିଥିଲା। ଅନୁସନ୍ଧାନ ଓ ଫୋନ ଟ୍ରାକିଂରୁ ଲାଠୋର ଥାନା ଭରୁଆମୁଣ୍ଡାର ଜିତୁ ବେହେରା ନାବାଳିକାଙ୍କୁ ରାୟପୁର ନେଇ ଯାଇଥିବା ଜଣାପଡିଥିଲା। ପରେ ପୋଲିସ ଉଭୟଙ୍କୁ କଣ୍ଟାବାଞ୍ଜି ଥାନା ଡକାଇଥିଲା। ଉଭୟେ ଥାନାରେ ପହଞ୍ଚିବା ପରେ ପରିବାର ବର୍ଗଙ୍କ ଏତଲା ଅନୁଯାୟୀ ଜିତୁଙ୍କୁ ପୋଲିସ ଅଟକ ରଖିବା ସହ ନାବାଳିକାଙ୍କ ଡାକ୍ତରୀମାଇନା କରାଇଥିଲା। ନାବାଳିକାଙ୍କ ମାଜିଷ୍ଟ୍ରେଟଙ୍କ ସାମନାରେ ସିଆରପିସି ୧୬୪ ବୟାନ ରେକର୍ଡ କରାଯାଇଥିଲା।

### ଋତୁକାଳୀନ ପ୍ରଯତ୍ନ କେନ୍ଦ୍ର ପରିଚାଳନା ଅର୍ଥ ଦିଅ

ଖପ୍ରାଖୋଲ,୨୨।୫(ଡି.ଏନ.ଏ.): ଦାଦନ ଶ୍ରମିକ ଭାବରେ ବାହାର ରାଜ୍ୟକୁ ଯାଉଥିବା ପରିବାରର ପିଲାଙ୍କ ପାଠପଢା ପାଇଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଚଳିତ ବର୍ଷ ୧୨ଟି ଋତୁକାଳୀନ ସେବା କେନ୍ଦ୍ର ଖୋଲାଯାଇଛି। ଉକ୍ତ କେନ୍ଦ୍ରରେ ୬ମାସ ରହିବା ଖାଇବା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପିଲା ପିଛା ୧୦ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱରେ ଥିବା ଶିକ୍ଷକମାନେ ବିଭିନ୍ନ ସାମଗ୍ରୀ କିଣିଥିବା ବିଲ୍ ଭାଉଚର କାର୍ଯ୍ୟାଳୟରେ ଦାଖଲ କରିଥିବା ପ୍ରକାଶ କରିଛନ୍ତି। ସାମଗ୍ରୀ ବାବଦକୁ ୫୦ପ୍ରତିଶତ ଟଙ୍କା ମିଳିଥିବା ବେଳେ ବାକି ରହିଥିବା ୫୦ ପ୍ରତିଶତ ମିଳି ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଏବେ ଦୋକାନୀମାନେ କେନ୍ଦ୍ର ପରିଚାଳନା ସକାଶେ ଆବଶ୍ୟକ ସାମଗ୍ରୀ ଦେବା ପାଇଁ କୁଣ୍ଠାବୋଧ କରୁଥିବା ଅଭିଯୋଗ କରିଛନ୍ତି। ଗତ ନଭେମ୍ବର ୨୦୨୨ରେ କେନ୍ଦ୍ରମାନ ଆରମ୍ଭ ହୋଇଛି। ଖୋଲା ରହିବା ସମୟ ୬ ମାସ ସମ୍ପୂର୍ଣ୍ଣ ହୋଇସାରିଛି। ହେଲେ ୬ ମାସ ହେଲା ପରେ ମଧ ଦାଦନ ଖଟି ଯାଇଥିବା ପରିବାର ଫେରି ନାହାନ୍ତି। ଆଗକୁ କେନ୍ଦ୍ର ବନ୍ଦ ହୋଇଗଲେ ଛାତ୍ରଛାତ୍ର କେଉଁଠି ରହିବେ ବୋଲି ମତ ପ୍ରକାଶ ପାଇଛି। ତେଣୁ ପିଲାଙ୍କ ରହିବା ଖାଇବାକୁ ଦୃଷ୍ଟି ରେ ରଖି ବାକି ରହିଥିବା ଅର୍ଥ ପ୍ରଦାନ ସହ ବାହାର ରାଜ୍ୟରୁ ଅଭିଭାବକ ଫେରିବା ପର୍ଯ୍ୟନ୍ତ ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏନେଇ ଖପ୍ରାଖୋଲ ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହାଙ୍କୁ ପଚାରିବାରୁ ବାକିଆ ତିନି ମାସର ପାଉଣା ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ ବୋଲି କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ ଦଫା ଦାବିପତ୍ର

**ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ**

- ଦାବିପୂରଣ ପାଇଁ ଆନ୍ଦୋଳନ ଚେତାବନୀ
- ଆନ୍ଦୋଳନକୁ ସମର୍ଥନ ଜଣାଇଲେ ରାଜ୍ୟ ସଭା ସାଂସଦ

ବଲାଙ୍ଗୀର ଅଫିସ,୨୨।୫

ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ସାଧାରଣ ବୈଠକ ସ୍ଥାନୀୟ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଯୋଗଦାନ କରିଥିଲେ। ବୈଠକରେ ବଲାଙ୍ଗୀର ଜିଲା ତଥା ପଶ୍ଚିମ ଓଡିଶାର ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଏବଂ ଏହାର ସମସ୍ୟା ତଥା ସମାଧାନ ଉପରେ ଆଲୋଚନା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଉପସଭାପତି ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଦିବାକର ହୋତା ବାର୍ଷିକ ବିବରଣୀ ପାଠ କରିବା ସହ କୋଷାଧ୍ୟକ୍ଷ ବାର୍ଷିକ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସଂଘରେ ଯୋଗଦେଇଥିବା ନୂଆ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ସାଂସଦ ବିଶିଙ୍କୁ ସଭାପତି ପ୍ରଫେସର ମିଶ୍ର ଓ ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର ସମ୍ମାନୀତ କରିଥିଲେ।

ମୁଖ୍ୟଅତିଥି ବିଶି ତାଙ୍କ ବକ୍ତବ୍ୟରେ ରେଳ ବିଭାଗର ବଲାଙ୍ଗୀର ଜିଲା ପ୍ରତି ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର ଜିଲାରେ ରେଳପ୍ରକଳ୍ପ ଏବଂ ରେଳ ସୁବିଧା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଲୋକଙ୍କୁ ରେଳସେବା ଯୋଗାଇବା ପରିବର୍ତ୍ତେ ଅବହେଳା ପ୍ରଦର୍ଶନ କରାଯିବା ଠିକ୍ ନୁହେଁ ବୋଲି କହିଥିଲେ। ରେଳବିଭାଗର ଏତାଦୃଶ ଅବହେଳା ପ୍ରତିବାଦରେ ଆବଶ୍ୟକ ପଡିଲେ ସଂଘ ଆନ୍ଦୋଳନ କରିବ ଏବଂ ସେ ମଧ ଉକ୍ତ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଥିଲେ। ସଭାପତି ପ୍ରଫେସର ମିଶ୍ର ସଂଘ ପକ୍ଷରୁ ୧୫ ଦଫା ଦାବିପତ୍ରକୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଂସଦ ବିଶିଙ୍କୁ ପ୍ରଦାନ କରିଥିଲେ। ପ୍ରଦତ୍ତ ଦାବିପତ୍ରରେ ବଲାଙ୍ଗୀର ଷ୍ଟେଶନରେ ତୁରନ୍ତ ଦୁଇଟି ଲିଫ୍ଟର ବ୍ୟବସ୍ଥା ସହ ରାମ୍ପ ଏବଂ ଆଉ ଗୋଟିଏ ପାଦଚଲା ଓଭରବ୍ରିଜ ନିର୍ମାଣ କରାଯିବାକୁ ଦାବି କରାଯାଇଛି। ଏହା ସହିତ ଏହି ଷ୍ଟେଶନକୁ ବି ଗ୍ରେଡରୁ ଏ ଗ୍ରେଡକୁ ଅପ୍‌ଗ୍ରେଡ କରିବା, ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ପ୍ଲାଟଫର୍ମ ନମ୍ବର ୨ ଓ ୩ରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଏବଂ ଯାତ୍ରୀଙ୍କ ଉପରେ ଶୀତଳ ଜଳବୃଷ୍ଟି ସୁବିଧା କରାଯିବାକୁ ଦାବି କରାଯାଇଛି। ବଲାଙ୍ଗୀରରୁ ସିଧାସଳଖ ପ୍ରୟାଗରାଜ ଓ ଦିଲ୍ଲୀକୁ ଟ୍ରେନସେବା ଯୋଗାଇବା ତଥା ଭୁବନେଶ୍ୱରକୁ ଗୋଟିଏ ଦିନରେ ଯାଇ ଫେରିବା ପାଇଁ ଏକ ଟ୍ରେନ ବ୍ୟବସ୍ଥା କରିବା ଅଥବା ସମ୍ବଲପୁର ଇଣ୍ଟରସିଟି ଟ୍ରେନକୁ ଦୁଇଟି ରେକରେ ପରିଣତ କରି ବଲାଙ୍ଗୀର ଯାଏ ସମ୍ପ୍ରସାରଣ କରିବା ଦାବି କରାଯାଇଛି। ହୀରାକୁଦ ଏକ୍ସପ୍ରେସକୁ ତିନିଦିନ ବିଶାଖପାଟଣାରୁ ରାୟଗଡା-ଟିଟିଲାଗଡ-ସମ୍ବଲପୁର ଦେଇ ଚଳାଚଳ କରିବା ଦାବି କରାଯାଇଛି। ଆଡଭୋକେଟ ଭବାନୀ ଶଙ୍କର ଶତପଥି ବିଭିନ୍ନ ସମସ୍ୟାକୁ ନେଇ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ତଥା ରେଳମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରସ୍ତାବ ରଖିଥିଲେ। ଗୋପବନ୍ଧୁ ପୁରୋହିତ ଆନ୍ଦୋଳନାତ୍ମକ ପନ୍ଥାକୁ ଜୋରଦାର କରିବାକୁ କହିଥିଲେ। ସମସ୍ତ ଦାବିକୁ ସାଂସଦ ବିଶି ଶୁଣିବା ସହ ଜିଲାର ରେଳ ସମସ୍ୟା ଏବଂ ସଂଘର ଦାବିକୁ ରାଜ୍ୟ ସଭା ତଥା ରେଳମନ୍ତ୍ରୀଙ୍କ ଠାରେ ଅବଗତ କରିବେ ବୋଲି କହିଥିଲେ। ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଯୁଧିଷ୍ଠିର ମିଶ୍ର, ବିଷ୍ଣୁ ପ୍ରସାଦ କେଡିଆ, ପ୍ରଭାକର ମିଶ୍ର, ମନୋରଞ୍ଜନ ପୁରୋହିତ, ମୋତିଲାଲ ସାହୁ, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ମାଳିଆ ଗଡୁଆ, ମହେଶ୍ୱର ସାହୁ, ନିତ୍ୟଶନନ୍ଦ ମିଶ୍ର ଉପସ୍ଥିତ ଥିଲେ।



ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ସାଧାରଣ ବୈଠକରେ ମଞ୍ଚାସୀନ ଅତିଥି ଏବଂ କାର୍ଯ୍ୟକର୍ତ୍ତା।

# ଦେବ ନିମନ୍ତ୍ରଣ, ପତରପେଣ୍ଡି କାର୍ଯ୍ୟକ୍ରମ


ଦେବ ନିମନ୍ତ୍ରଣ ପାଇଁ ବରପିତା ଓ ଅନ୍ୟମାନେ ବାହାରିଛନ୍ତି।

**ମୁରିବାହାଲ ଶୀତଳ ଷଷ୍ଠୀ**

ମୁରିବାହାଲ,୨୨।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାଠାରେ ଥିବା ରାଧକୃଷ୍ଣ ଓ ଶିବ ମନ୍ଦିର ପରିଚାଳନା କମିଟି ତରଫରୁ ୧୧ତମ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଦେବ ନିମନ୍ତ୍ରଣ ସହ ପତର ପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ସୋମବାର ମୁରିବାହାଲ ଶିବ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଚଳିତବର୍ଷ ବର ପିତା ହୋଇଥିବା ସୁମନା ନନ୍ଦ ଖମାରୀ ଓ ତାଙ୍କ ସ୍ତ୍ରୀ ପ୍ରମୋଦିନୀ ଖମାରି ସ୍ଥାନୀୟ ଜଗନ୍ନାଥ, ହନୁମାନ, ରାଧକୃଷ୍ଣ ମନ୍ଦିର, ମା' ମହେଶ୍ୱର ପୀଠ ସହ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କନ୍ୟା ପିତା ଗୁଣନିଧି ଧରୁଆ ଓ ତାଙ୍କ ସ୍ତ୍ରୀ କୁମୁଦିନୀ କୁଅଁରଙ୍କ ବାସଭାବନରେ ପତରପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭଗବାନଙ୍କ ମାତାପିତା ହୋଇ ଥିବାରୁ ନିଜକୁ ଧନ୍ୟ ମନେ କରୁଥିବା କହିଛନ୍ତି କନ୍ୟାପକ୍ଷ ଓ ବରପକ୍ଷ। ଆସନ୍ତା ୨୪ ତାରିଖ ଶିବ ବିବାହ ଓ ୨୫ ତାରିଖ ନଗର ପରିକ୍ରମା ସହ ଯୁଗଳ ମୂର୍ତ୍ତି ଦର୍ଶନ କରାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ପରିଚାଳନା କମିଟି ସଭାପତି ରାଜୀବ କୁମାର ମହାନ୍ତି, ଉପସଭାପତି ଭୀଷ୍ମରାଜ ମେହେର, ସାଧାରଣ ସମ୍ପାଦକ ସୁଧୀର ପାଣି, ଚିନ୍ତାମଣି ମହାରଣା, ସୁଧାଂଶୁ ଶେଖର ପୋଢଯାଦବ, କୃତ୍ତିବାସ ଦାସ, ପ୍ରବୀର କୁମାର କମ୍ପ, ତରୁଣ ପୋଢ଼ କାର୍ଯ୍ୟକ୍ରମ ପରିଚଳନାର ନେତୃତ୍ୱ ନେଉଛନ୍ତି।

# ବହୁମୁଖୀ ସଭାଗୃହ ଉଦ୍‌ଘାଟିତ


ବିଧାୟକ ନରସିଂହ ମିଶ୍ର ମୁରସିଂ ଠାରେ ବହୁମୁଖୀ ସଭାଗୃହ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୨।୫

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମୁରସିଂ ଠାରେ ୧୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ ସଭାଗୃହକୁ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରଛନ୍ତି। ଏହି ଅବସରରେ ଅଞ୍ଚଳବାସୀ ବିଧାୟକ ମିଶ୍ରଙ୍କୁ ସାଧାରଣ ସଭାରେ କୃତଜ୍ଞତା ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଭାରେ ବିଧାୟକ ମିଶ୍ର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ତଥା ଗ୍ରାମବାସୀ ନିଜ ଭିତରେ ଏକତା ରଖିଲେ ବିକାଶ ପାଇଁ କୌଣସି ଶକ୍ତି ଅଟକାଇ ପାରିବ ନାହିଁ ବୋଲି କହିଥିଲେ। ଏଠାରେ ସେ କେନ୍ଦ୍ର ସରକାରଙ୍କ ଏକଛତ୍ରବାଦିତା ଯୋଗୁଁ ଦେଶ ଅରାଜକତା ଆଡକୁ ଯାଉଛି ବୋଲି ଚେତାଇ ଦେଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟ ସୁରକ୍ଷିତ ମଣୁ ନାହାନ୍ତି, ବେକାର ଯୁବକଙ୍କୁ ନିଯୁକ୍ତି କି ରୋଜଗାର ନାହିଁ। କେନ୍ଦ୍ର ସରକାର ଲୋକଙ୍କୁ ଭୁଆ ବୁଲାଇବାରେ ଲାଗିଛନ୍ତି। ରାଜ୍ୟରେ ନବୀନ ସରକାର ମଧ ନାରୀ ସଶକ୍ତିକରଣର ଫମ୍ପା ସ୍ଲୋଗାନ ଦେଇ ଓଲଟା କାମ କରୁଛନ୍ତି। ସରକାରରେ ଥିବା ମନ୍ତ୍ରୀ, ବିଧାୟକଙ୍କ ନାଁରେ ନାରୀ ନିର୍ଯାତନା ଅଭିଯୋଗ ଆସିଲେ ମଧ ସରକାର ଚୁପ୍ ପଡୁଛନ୍ତି। ଏହି ବୈଠକରେ ସେ ବଲାଙ୍ଗୀର ରାଜପରିବାରର ବୋହୂ ନିର୍ଯାତନା ଅଭିଯୋଗ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କ ନାରୀ ସଶକ୍ତିକରଣ ଏବଂ ନାରୀ ସୁରକ୍ଷା ସ୍ଲୋଗାନ କୁମ୍ଭୀର କାନ୍ଦଣା ବୋଲି କହି କଟାକ୍ଷ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଅସିତ ମିଶ୍ର, ରାମଜୀ ଚୌଧୁରୀ, କାନ୍ତେଶ୍ୱର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଚର୍ଚ୍ଚ ସମ୍ପାଦକ ନିତ୍ୟାନନ୍ଦ ସୁନା, ପଙ୍କଜିନୀ ଛତ୍ରିଆ, ଆଇଜାକ ସୁନା, ଇସମାଇଲ ସୁନା, ଜୟନ୍ତ ନନ୍ଦ, ପ୍ରୀତମ ସୁନା, ଢୋଲାମଣି ବାଗ, ବଳରାମ ନାଗ ଏବଂ ପାଷ୍ଟର ପ୍ରୀତମ ସୁନାଙ୍କ ସହ ଅନେକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ସଇଁତଲା, ୨୨।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅଧୀନ ଦେଓଗାଁ କମ୍ୟୁନିଟି କେନ୍ଦ୍ର ନିକଟରୁ ପୋଲିସ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ସୋମବାର ଜବତ କରିଛି। ମୃତକ ଦେଓଗାଁର ବୁଦ୍ଧଦେବ ନାଗ(୨୯)। ରବିବାର ରାତିରେ କେତେକ ଯୁବକଙ୍କ ସହ ସେ ଟିକ୍ରାପଡ଼ା ଅଞ୍ଚଳକୁ ଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ଗ୍ରାମ ଶେଷମୁଣ୍ଡରେ ଥିବା କମ୍ୟୁନିଟି କେନ୍ଦ୍ର ନିକଟରେ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ। ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ବୁଦ୍ଧଦେବଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ମୃତଦେହ ନିକଟରେ ରକ୍ତଭିଜା ପଥର ଓ ହଳେ ଜୋତା ପଡ଼ିଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଟେଲରିଂ ପ୍ରଶିକ୍ଷଣ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ



ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବେହେରା,୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଥିବା ଦଣ୍ଡପାଟ ଯୁବ ସେବା ସଙ୍ଗଠନ ଓ ଜନ ଶିକ୍ଷଣ ସଂସ୍ଥାନ, ଭବାନୀପାଟଣାର ମିଳିତ ଆନୁକୂଲ୍ୟରେ ପରିଚାଳିତ ଟେଲରିଂ ପ୍ରଶିକ୍ଷଣ କେନ୍ଦ୍ରରେ ସୋମବାର ପ୍ରଥମ ପର୍ଯ୍ୟାୟର ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ସଙ୍ଗଠନ ସଭାପତି ଭବେଶ ଗଇଁତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନ ଆଞ୍ଚଳିକ ସଂଯୋଜକ ବୁଲୁ ପଲେଇ, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ପ୍ରଶିକ୍ଷିକା ଚାନ୍ଦିନୀ ଭୋଇ, ସାବିତ୍ରୀ ନାଏକ, ସଙ୍ଗଠନ ସମ୍ପାଦକ ଭୁଜବଳ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପ୍ରକାଶଯୋଗ୍ୟ ଯେ, ନାରୀମାନଙ୍କୁ ଶଶକ୍ତିକରଣ ତଥା ସ୍ୱାବଲମ୍ବୀ କରେଇବା ଉଦ୍ଦେଶ୍ୟରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ଓ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଗତ ବର୍ଷ ନଭେମ୍ବର ୧ରେ ବେହେରା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଟେଲରିଂ ପ୍ରଶିକ୍ଷଣ ଆରମ୍ଭ କରାଯାଇଥିଲା। ପ୍ରଶିକ୍ଷଣର ପ୍ରଥମ ପର୍ଯ୍ୟାୟରେ ୪୦ଜଣ ଛାତ୍ରୀଙ୍କୁ ଶିକ୍ଷା ଦିଆଯାଇଥିଲା। ଶିକ୍ଷା ଗ୍ରହଣ ପରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣ ପତ୍ର ଦିଆଯାଇଛି। କାର୍ଯ୍ୟକ୍ରମ ସଙ୍ଗଠନ ସଦସ୍ୟ କ୍ଷୀରସିନ୍ଧୁ ବାଣ୍ଡୁଆ ପରିଚାଳନା କରିଥିବା ବେଳେ ତରେଶ ବିଶି, ଶୁଶିଳ ଚନ୍ଦ୍ର ନାଗ, ଭିକାରୀ ଚରଣ ଗୋପାଳ, ଈଶ୍ୱର ବାଣ୍ଡୁଆ, ଟିକେଶ୍ୱର ଭୋଇ, ରଙ୍ଗାଧର ନାଗ, କ୍ଷୀରସିନ୍ଧୁ ବାଗ, ହେମାଲ ବିଶି, ରୁପେଶ ନାଏକ ପ୍ରମୁଖ ସହଯୋଗ କରଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସଇଁତଲା,୨୨।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଭାଗୃହରେ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତିନ କୁଶଲକରଙ୍କ ଯୁଗ୍ମ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁଣାଣୀ ଶିବିରରେ ପିଡ଼ି ଡ଼ିଆରଡ଼ିଏ ସୁଶାନ୍ତ ସିଂ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ସଇଁତଲା ବିଡ଼ିଓ ଚନ୍ଦ୍ରମଣୀ ନାଗ, ରେଞ୍ଜର ସଂଘମିତ୍ରା ଭୋଇ, ସିଡ଼ିପିଓ ସବିତା ନନ୍ଦ, ଉପଖଣ୍ଡ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଏ, ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ଜଳ ଯୋଗାଣ ଓ ପରିମଳ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସରୋଜ ଶତପଥୀ, ଡ଼ିଏସଏସଓ ନବକୃଷ୍ଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୮୨ଟିଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏହି ଅବସରରେ ୨ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର, ୭ଜଣ ଭିନ୍ନକ୍ଷମଙ୍କୁ ଭତ୍ତା, ୧୭ ଜଣଙ୍କୁ ବିଧବା ଭତ୍ତା ଓ ଜଣେ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ଜିଲାପାଳ ରାଣା ପ୍ରଦାନ କରିଥିଲେ। ସଇଁତଲା ବ୍ଲକ ସରପଞ୍ଚ ସଂଘ ତରଫରୁ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାକୁ ୬୦:୪୦ କରାଯିବା, ପଞ୍ଚାୟତରେ ଜରୁରୀ ଥିବା ରାସ୍ତାକାମର ତୁରନ୍ତ ଅନୁମୋଦନ, ଜଳ ସଙ୍କଟ ଥିବା ପଞ୍ଚାୟତରେ ନଳକୂପ ଖନନ ଅନୁମତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର କାର୍ଯ୍ୟାଦେଶ ପ୍ରଦାନ ଆଦି ୧୧ଦଫା ଦାବପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଜଳ ସମସ୍ୟା ଉପରେ ଅଭିଯୋଗ ଆସିଥଇଲା। ଦୀର୍ଘବର୍ଷ ହେଲା ସଇଁତଲା ବେନିଆଁବନ୍ଧ ଓ ବ୍ଲକ ଛକକୁ ଜଳ ଯୋଗାଣର କୌଣସି ସୁବିଧା ନ ଥିବାରୁ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଜଳ ଯୋଗାଣ ଓ ପରିମଳ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଶତପଥୀ ପ୍ରତିଶ୍ରୁତି ଦେଇଥିଲେ। ଯୁରବନ୍ଧ ପଞ୍ଚାୟତରେ ନେଟୱର୍କ ସମସ୍ୟା ଥିବାରୁ ପଞ୍ଚାୟତର କୌଣସି କାର୍ଯ୍ୟ ହୋଇପାରୁ ନ ଥିବା ସରପଞ୍ଚ ଅଭିଯୋଗ କରିଥିଲେ। ବିଡ଼ିଓ ନାଗ ଧନ୍ୟବାଦ ଜ୍ଞାପନ କରିଥିଲେ।


ଯୁଗ୍ମ ଶୁଣାଣି ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ ଉଠିଲା

**ମୁରିବାହାଲ ପଞ୍ଚାୟତ ସମିତିର ତ୍ରୈମାସିକ ବୈଠକ**

- ଗୁରୁତ୍ୱ ଦିଆଯାଉନି କହି ଅଧାରୁ ବୈଠକରୁ ପଳାଇଲେ ଉପାଧକ୍ଷ

ମୁରିବାହାଲ, ୨୨।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତିର ତ୍ରୈମାସିକ ବୈଠକ ସୋମବାର ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ଅଧିକାରୀ ଏନ.ଯେ.ଥିଓଫିଲ ପୂର୍ବ ବିବରଣୀ ପାଠ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତୀକ କୁମାର ମେହେର ବିଭାଗ ସମ୍ବନ୍ଧରେ ସୂଚନା ଦେଇଥିଲେ। ସମନ୍ୱିତ ଶିଶୁ ବିଭାଗ ଯୋଜନା ଅଧିକାରୀ ସୁପ୍ରଭାତ ମହାପାତ୍ର ନିଜ ବିଭାଗ ତଥ୍ୟ ପ୍ରଦାନ କରୁଥିବା ବେଳେ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ୧୯୭ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବାରୁ ଶିଶୁମାନେ କୁପୋଷଣର ଶିକାର ହେଉଛନ୍ତି ବୋଲି ଗୁଡିଘାଟ ସମିତି ସଭ୍ୟ ପୁଣ୍ୟ ହରପାଳ ଓ ଇଛାପଡା ସମିତି ସଭ୍ୟ ତୋଫାନ ନାଗ ଅଭିଯୋଗ କରିଥିଲେ। ଏଣୁ ଛତୁଆ ବଣ୍ଟନ କରୁଥିବା ଏସ୍‌ଏଚ୍‌ଜିକୁ ବଦଳାଇ ନୂତନ ନିଯୁକ୍ତି ଦେବା ପାଇଁ ଜିଲ୍ଲା ପରିଷଦ ଉପାଧକ୍ଷ ମିଥିଳା ମାଝି କହିଥିଲେ। ଏହି ସମୟରେ ପଞ୍ଚାୟତ ସମିତି ଉପାଧକ୍ଷ ଯାଜ୍ଞସିନୀ ହାତୀ ନିଜ ସିଟ୍‌ରୁ ଉଠି ମତେ କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି କହି ବୈଠକ ବର୍ଜନ କରିଥିଲେ। ଏହାପରେ ବିଭିନ୍ନ ସମସ୍ୟାକୁ ନେଇ ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଡା ଗୃହରେ ମହାତ୍ମା ଗାନ୍ଧୀଙ୍କ ଫୋଟୋ ରଖି ତଳେ ଅନଶନରେ ବସିଥିଲେ। ପରେ ଅଧକ୍ଷ ହରିବନ୍ଧୁ ମେହେର, ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲ ହେର୍ଣ୍ଡାଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ହସ୍ତକ୍ଷେପ ପରେ ସେ ଅନଶନରୁ ଉଠି ନିଜ ଆସନରେ ବସିଥିଲେ। ଗୃହ ସ୍ୱାଭାବିକ ହେବା ପରେ ଶିକ୍ଷା, ଉଦ୍ୟାନ, କୃଷି, ପ୍ରାଣୀସମ୍ପଦ, ଯୋଗାଣ, ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗର ଯୋଜନା ସମ୍ପର୍କରେ ଗୃହକୁ ଅବଗତ କରିଥିଲେ। ଆଲୋଚନାରେ ମୁରିବାହାଲ ପଞ୍ଚାୟତ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ପଞ୍ଚାୟତର ନିଜସ୍ୱ କାର୍ଯାଳୟ ନ ଥିବା ବିଷୟ ସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଏକ ପ୍ରସ୍ତାବ ଗୃହୀତ କରି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ ସେଟ ବ୍ଲକରେ କେନ୍ଦ୍ର ସରକାର ଯୋଜନାରେ ଘର ଘର ନଳ, ଘର ଘର ଜଳ ଯୋଜନାରେ ୨୦ ଗ୍ରାମରେ ଓଭରହେଡ ଟ୍ୟାଙ୍କ ନିର୍ମାଣ କରା ଯାଉଛି ବୋଲି ତଥ୍ୟ ଦେଇଥିଲେ। ଉକ୍ତ କାର୍ଯ୍ୟକୁ ସଠିକ ଏବଂ ସମୟରେ ସାରିବା ପାଇଁ ଏମ୍‌ପି ପ୍ରୀତିନିଧି ଶ୍ରୀବତ୍ସ ବେହେରା ପରାମର୍ଶ ଦେଇଥିଲେ। ବିଡିଓ ପୁଟେଲ ବିଭିନ୍ନ ବିଭାଗର ସମସ୍ୟା ଉପରେ ଉତ୍ତର ରଖିଥିଲେ। ବୈଠକରେ ଅତିରିକ୍ତ ସହକାରୀ ଯନ୍ତ୍ରୀ ଅବିନାଶ ମୋଡ଼ି, ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ସରପଞ୍ଚ କାଳିଆ ସରାଫ, ସବିତା ବିଭାର, ରାମଦାସ ମହାକୁର, ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଭୀମ ବାଗ ଆଲୋଚନାରେ ଭାଗ ନେଇଥିଲେ।


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

## ସଂକ୍ଷେପରେ

### ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୨୨।୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ସୋମବାର ସ୍ଥାନୀୟ ଟାଉନହଲଠାରେ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଲୋକ ସଭା ପ୍ରଭାରୀ ନିରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ୩୦ ତାରିଖଠାରୁ ଏକମାସ ବ୍ୟାପୀ ଜିଲା, ମଣ୍ଡଳ, ବୁଥସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ମାର୍ଗଦର୍ଶନ କରିଥିଲେ। ଜିଲା ସଭାପତି ମହାନ୍ତି ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ପଦକ୍ଷେପଗୁଡିକୁ ସବୁସ୍ତରରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। କଣ୍ଡାମାଳ ଏବଂ ବୌଦ୍ଧ ବିଧାନସଭା ପାଇଁ ଦଶଗୋଟି ବିଷୟ ଉପରେ ଆଧାରିତ କାର୍ଯ୍ୟକ୍ରମ ମହାଜନସମ୍ପର୍କ ଅଭିଯାନ ପାଳନ କରାଯିବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା କହ୍ନାଇଁ ଚରଣ ଡାଙ୍ଗ, ସୁଶାନ୍ତ ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ଚିତ୍ତ ପାତ୍ର, ସୁଶାନ୍ତ ବାଘ, ତାପସ ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ, ନିରଞ୍ଜନ ଦାନି, ରବି ଦେଓ, ତ୍ରିପୁରାରୀ ବେହେରା, ନମିତା ରାଣୀ ଦାଶ, ମିନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

**ବଘିଆପଡ଼ା,୨୨।୫(ଡି.ଏନ.ଏ.):** ବୌଦ୍ଧ ଥାନା ବଘିଆପଡ଼ା-ଦେବଗଡ ରାସ୍ତା ବ୍ରାହ୍ମଣୀପାଲି ଛକ ନିକଟରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବମଣ୍ଡା ଗ୍ରାମର ପପୁନ ସେଠୀ। ଗୁରୁତର ଯୁବକ କନକପୁର ଗ୍ରାମର ରାଜ କିଶୋର ମୁନାଙ୍କୁ ପ୍ରଥମେ ବୌଦ୍ଧ ମେଡିକାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ରାଜ କିଶୋର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପପୁନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ପପୁନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପେଣ୍ଟିଂ ସଂଘର ଏସ୍‌ପିଙ୍କୁ ଦାବିପତ୍ର

## ମିଥ୍ୟା ମାମଲା ପ୍ରତ୍ୟାହାର, ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ସମୟରେ ବିକ୍ଷୋଭ କରାଯାଉଛି।

**ବୌଦ୍ଧ,୨୨।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ସଭାପତି ଅନିଲ ସ୍ୱାଇଁ, ସମ୍ପାଦକ ଅହଲ୍ଲାଦ ଠାକୁର, ସଦସ୍ୟ ରମାକାନ୍ତ ବେହେରାଙ୍କ ଉପରେ ହୋଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହର ଓ ପ୍ରକୃତ ଦୋଷୀଙ୍କୁ ଗିରଫ କରିବା ଦାବିରେ ସୋମବାର ସଂଘ ପକ୍ଷରୁ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ କ୍ରମେ ଗତ ୧୫ ତାରିଖରେ ବିରନରସିଂହପୁର ବନବିଭାଗର ନର୍ସରୀଠାରେ ଜଣେ ପେଣ୍ଟର କାମ ଠିକା ନେଇ ସୁବାସ ସାହୁଙ୍କୁ କାମରେ ଲଗାଇଥିଲେ। ପୂର୍ବରୁ ସେ ତିନିଜଣ ପେଣ୍ଟରଙ୍କ ଦ୍ୱାରା କାମ କରାଇ ମୋଟ ୧ ଲକ୍ଷ ୪୧ ହଜାର ଟଙ୍କା ଦେଇ ନାହାନ୍ତି। ସଂଘ ସଭାପତି ସ୍ୱାଇଁଙ୍କ ସହ ଅନ୍ୟ କର୍ମକର୍ତ୍ତା ଆଲୋଚନା କରି ସେହି କାମ କରିବା ପାଇଁ ତାଙ୍କୁ କହିଥିଲେ। ଉଭୟ କାମ ବନ୍ଦ କରିବା ପାଇଁ ନର୍ସରୀ କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ନର୍ସରୀ କର୍ମଚାରୀ ଓ ବନ କର୍ମଚାରୀ ସେମାନଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଏଥିରେ ସଭାପତି ସ୍ୱାଇଁଙ୍କ ଆଖିରେ ଗଭୀର ଆଘାତ ଲାଗିଥିଲା। ଥାନାରେ ଅଭିଯୋଗ କଲେ ଜୀବନରେ ମାରି ଦେବାର ଧମକ ଦେଇ ନିଜେ ବନ କର୍ମଚାରୀ ଥାନାରେ ଏକ ମିଛ ଅଭିଯୋଗ କରିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ ସଦସ୍ୟ ଏହା ଜାଣିବା ପରେ ଟାଉନ ଥାନାକୁ ଯାଇ ପ୍ରକୃତ ଘଟଣା ଜଣାଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହାର ପ୍ରତିବାଦରେ ସଂଘ ସଦସ୍ୟ ଏକ ରାଲିରେ ଯାଇ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ରାଜ୍ୟ ସାଧରଣ ସମ୍ପାଦକ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

# ଜାଲ୍ ମ୍ୟୁଟେଶନ ଖାରଜ ଦାବିରେ ଆମରଣ ଅନଶନ


ଅନଶନସ୍ଥଳରେ ତହସିଲଦାର ଓ ଅନ୍ୟ ଅଧିକାରୀ।

**ଅମରପାଲି,୨୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ସମ୍ମୁଖରେ ଅହିରାଜ ହୋତା ନାମକ ଜଣେ ବ୍ୟକ୍ତି ଆମରଣ ଅନଶନରେ ବସିଥିଲେ। ବେଆଇନ ଭାବେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ୨୯୦ ଜାଲ ମ୍ୟୁଟେଶନ ଖାରଜ, ବେଆଇନ ପଟ୍ଟା ପ୍ରସ୍ତୁତ କରିଥିବା ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି। ଏନେଇ ସେ ପୂର୍ବରୁ ସ୍ଥାନୀୟ ତହସିଲରେ ବାରମ୍ବାର ଅଭିଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗକୁ କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ତେଣୁ ଅହିରାଜ ଅନଶନରେ ବସିଥିଲେ। ଅପରାହ୍ନରେ ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକ ଓ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଅନଶନସ୍ଥଳକୁ ଯାଇ ଆସନ୍ତା ୨ମାସ ମଧ୍ୟରେ ସମସ୍ତ ବେଆଇନ ପଟ୍ଟା ଖାରଜ କରିବା ସହ ସମ୍ପୃକ୍ତ ଖାତାକୁ ଉକ୍ତ ଜମି ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ବର୍ତ୍ତମାନ ପର୍ଯ୍ୟନ୍ତୁ ଅନେକ ପଟ୍ଟା ଖାରଜ କରାଯାଇଥିବା କହିବା ପରେ ହୋତା ଅନଶନରୁ ଓହରି ଥିଲେ। ସୁଚନାମତେ ବୀରମହାରାଜପୁର ତହସିଲରେ ଗତ କିଛି ବର୍ଷ ପୂର୍ବରୁ ଦଲାଲଙ୍କ ଜରିଆରେ ବେଆଇନ ଭାବେ କେତେକ ବିତ୍ତଶାଳୀ ବ୍ୟକ୍ତି, ସରକାରୀ ଚାକିରିଆ ନିଜ ନାମରେ ଏକର ଏକର ସରକାରୀ ଜମି ପଟ୍ଟା କରି ୨୯୦ ଫରଜରି ମ୍ୟୁଟେସନରେ ଭୂଲେଖରେ ଅପଲୋଡ କରିଥିଲେ। ଏହା ସହିତ ମୃତ ବ୍ୟକ୍ତିଙ୍କ ନାମରେ ଚଞ୍ଚକତା ଉଇଲ କରି ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ମାତ୍ର ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିଲା। ସୋମବାର ଅହିରାଜ ହୋତାଙ୍କ ସହିତ ବିଭିନ୍ନ କ୍ଷତିଗ୍ରସ୍ତ ବ୍ୟକ୍ତି ଏବଂ ବେଆଇନ ଭାବେ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲର ପଟ୍ଟା ଦେଇଥିବାରୁ ସେହି ଗ୍ରାମର ଗ୍ରାମବାସୀ ଅନଶନରେ ସାମିଲ ହୋଇଥିଲେ।

# ବହୁଭାଷୀ କାବ୍ୟସନ୍ଧ୍ୟା ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୨।୫**



ବହୁଭାଷୀ କାବ୍ୟସନ୍ଧ୍ୟା କାର୍ଯ୍ୟକ୍ରମରେ ଆୟୋଜକ, କବିବୃନ୍ଦ ।

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ବହୁଭାଷୀ କାବ୍ୟସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ପ୍ରାଧ୍ୟାପକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ପରିଚୟ ପ୍ରଦାନ କରିଥିଲେ। କାମିନୀ ଦାଶ ମନ୍ତ୍ରପାଠ କରିଥିଲେ। ଏହି ଅବସରରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରାଧ୍ୟାପକ ସନ୍ତୋଷ କୁମାର ମିଶ୍ରଙ୍କ ରଚିତ ପୁସ୍ତକ କଥା ସରିତ ସାଗରକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ବହୁଭାଷୀ କାବ୍ୟସନ୍ଧ୍ୟାରେ କବିମାନେ ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ, ସଂସ୍କୃତ, ଛତିଶଗଡ଼ି, ବଙ୍ଗାଳୀ, ଇଂରାଜୀ ଆଦି ଭାଷାରେ କବିତା ପାଠ କରିଥିଲେ। କବୟିତ୍ରୀ ଦର୍ଶନା ଅଗ୍ରୱାଲ ଏବଂ କବି ଦୁଃଖିସେବକ ସାହୁ କାବ୍ୟସନ୍ଧ୍ୟାକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଦୟାନିଧି ମହାପାତ୍ର, ନବୀନ ଚନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ନାରାୟଣ ଯାଦବ, ବାସନ୍ତୀ ଗୁରୁ, ସନ୍ତୋଷିନୀ ଦାଶ, ନୁରାବତୀ ସାହୁ, ସୁପ୍ରଭା ସାମଲ, ଡ. ରବିନାରାୟଣ ସାହୁ, ମନୋରଞ୍ଜନ ମେହେର, ଗୋପବନ୍ଧୁ ପୁରୋହିତ, ପ୍ରଭାସିନୀ ହୋତା, ଅରବିନ୍ଦ ଗୁପ୍ତା, ପ୍ରଦୀପ୍ତଭାନୁ ମହାନ୍ତି, ପାଣ୍ଡବ କର୍ଣ୍ଣ ପ୍ରମୁଖ କବିତା ପାଠ କରିଥିଲେ। ସମିତିର ସଭାପତି ପ୍ରୀତମ ସିଂ ସଭାପତିତ୍ୱ କରିଥିଲେ। ଉପସଭାପତି କମଳ ଯୋଶୀ, ନିଳାମ୍ବର ମେହେର, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋସାଗର, ଜଗଦାନନ୍ଦ ମିଶ୍ର, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ, କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଦ୍ୟାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୨୨।୫ (ଡି.ଏନ.ଏ.)**

ଅଞ୍ଚଳ କଲେଜ ପଦ୍ମପୁର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୁଲ୍ୟରେ ଶେଷ ବର୍ଷ ବିଦ୍ୟାର୍ଥୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ଡ.ଲଳିତେନ୍ଦୁ ନାୟକ ପୌରହିତ୍ୟ କରି ଉତ୍ତମ ଚରିତ୍ରବାନ ଛାତ୍ର ହେବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଡ.ସରୋଜ ନାଏକ, ଅଧ୍ୟାପକ ଜୟ କୁମାର ଭୁଏ, ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ କେତେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଛାତ୍ରୀଛାତ୍ର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ମାନ ସହ ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟୁତ୍ତରରେ ଶେଷ ବର୍ଷ ଛାତ୍ରୀଛାତ୍ରୀ ନିଜ କଲେଜ ଜୀବନର ଅନୁଭୂତି କହି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଅଭିଯୋଗ ଶୁଣାଣିକୁ ଆସିଥିବା ଲୋକେ।

**ପାଇକମାଲ, ୨୨।୫ (ଡି.ଏନ୍.ଏ.)**

ବରଗଡ ଜିଲା ପାଇକମାଲ ପଞ୍ଚାୟତ ସମିତି ସଭା ଗୃହରେ ବରଗଡ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୋମବାର ବ୍ୟକ୍ତିଗତ ଓ ସାମୂହିକ ୧୨୮ଟି ଅଭିଯୋଗ ଆସିଥିବାବେଳେ କିଛି ଅଭିଯୋଗର ସମାଧାନ କରାଯାଇଛି। ଜିଲାପାଳ ମନିସା ବାନାର୍ଜୀ ପ୍ରାୟ ୧୧ଟାରେ ଆସିଥିବାରୁ ବିଳମ୍ବରେ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋଏଲ ଅଭିଯୋଗ ଶୁଣାଣିରେ ଯୋଗଦେଇ ଥିବାବେଳେ, ବରଗଡ ଏସ୍‌ପି ପ୍ରହଲାଦ ସାହି ମିନା, ପଦ୍ମପୁର ଉପ ଜିଲାପାଳ ସଦାକର କୁମ୍ଭାର, ପଦ୍ମପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ମଞ୍ଚାସୀନ ଥିଲେ। ପିଡବ୍ଲ୍ୟୁଡ଼ି ଏସଡିଓ ଜିତେନ୍ଦ୍ର ମେହେର, ପଦ୍ମପୁର ଏସଡିଏମଓ ସରୋଜ କୁମାର ସେଠ, ବୁକୁରାମୁଣ୍ଡା ସ୍ୱାସ୍ଥ୍ୟ ଅଧିକାରୀ ସୌର୍ଯ୍ୟରଞ୍ଜନ ଦାସ, ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଶ୍ୟପ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଏହି ଜନଶୁଣାଣିରେ ୧୨୮ ମୋଟ ଅଭିଯୋଗ ହୋଇଥିବା ବେଳେ ୧୨୦ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଅଭିଯୋଗ ଶୁଣାଣି କରାଯାଇଥିଲା। ଜିଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ଯଥାଶିଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ବ୍ୟକ୍ତିଗତ ଅଭିଯୋଗମାନଙ୍କରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ୫ଟି ସ୍କୁଲ, ଜଳସେଚନ ଆଦି ଅଭିଯୋଗ କରିଥିଲେ। ପାଇକମାଲ ବିଡିଓ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ଲୋକେ

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ବ୍ଲକ ଧାଙ୍ଗେର ଭୁଏଟିକ୍ରା ଗ୍ରାମର ଭିବେକ କୁମ୍ଭାରଙ୍କ ପୁଅ ବୀରେନ୍ଦ୍ର(୨୪) ଏକ ସଡ଼କ ଦୁର୍ଘଟଣାରେ ଗତ ୧୮ତାରିଖ ମୃତ୍ୟୁବରଣ କରିଥିଲେ। ତେବେ ମୃତ୍ୟୁ ପରେ ପରିବାର ଲୋକେ ବୀରେନ୍ଦ୍ରଙ୍କ ଚକ୍ଷୁଦାନ କରିଥିଲେ। ଚକ୍ଷୁଦାନ ପାଇଁ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ମାରୱାଡ଼ି ମହିଳା ସମିତି, ବରଗଡ଼ ଶାଖାର ଅଞ୍ଜୁ ମିତ୍ତଲ ପ୍ରମୁଖ ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିରେ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ ଏବଂ ଭୁବନେଶ୍ୱରସ୍ଥିତ ଦୃଷ୍ଟିଦାନର ଟେକ୍ନିସିଆନଙ୍କ ଦ୍ୱାରା ବୀରେନ୍ଦ୍ରଙ୍କ ଶରୀରରୁ ଚକ୍ଷୁ ସଂଗ୍ରହ କରାଯାଇଥିଲା। ଚକ୍ଷୁ ସଂଗ୍ରହ ସମୟରେ ବୀରେନ୍ଦ୍ରଙ୍କ ବଡ଼ଭାଇ ସୁରେନ୍ଦ୍ର, ମନୋରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣାରେ ବୀରେନ୍ଦ୍ର ସବୁଦିନ


ବୀରେନ୍ଦ୍ର କୁମ୍ଭାର (ଫାଇଲ ଫଟୋ)

ପାଇଁସିନା ଆଖି ବୁଜିଦେଲେ, ହେଲେ ତାଙ୍କ ଚକ୍ଷୁ ଦ୍ୱାରା ଅନ୍ୟ ଦୃଷ୍ଟିହୀନମାନେ ଦୁନିଆଁ ଦେଖିପାରିବେ ବୋଲି ନିଷ୍ଠା ପରିବାରର ଉପଦେଷ୍ଟା ତ୍ରିପାଠୀ କହିବା ସହିତ ତାଙ୍କ ପରିବାର ଲୋକଙ୍କ ଏଭଳି ମହତ୍ କାମ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ପାରିଛି ବୋଲି ସେ ପ୍ରକାଶ କରିଛନ୍ତି ।

# ବୁଢ଼ୀମା' ମନ୍ଦିର ପ୍ରତିଷ୍ଠା ପାଇଁ ଢେରାପଡ଼ା ଚଳଚଞ୍ଚଳ

## ଯଜ୍ଞମଣ୍ଡପରେ ଆବାହନ ହେଲେ ସର୍ବ ଦେବଦେବୀ

**ସୋନପୁର,୨୨।୫(ନି.ପ୍ର)**

ବୁଢ଼ୀମା' ମନ୍ଦିର ପ୍ରତିଷ୍ଠା ପାଇଁ ପଣ୍ଡିତଙ୍କ ମନ୍ତ୍ର ଧ୍ୱନିରେ ଭାବଗମ୍ଭୀର ହୋଇ ଉଠିଛି ସୋନପୁର ସହର ସ୍ଥିତ ଢେରାପଡାର ପରିବେଶ। ରବିବାର କଳସାଧିବାସ ପରେ ମଣ୍ଡଳ ପୂଜନ କ୍ରମରେ ଗୌରୀ ତିଳକ ମଣ୍ଡଳ, ବାସ୍ତୁ ମଣ୍ଡଳ, କ୍ଷେତ୍ରପାଳ ମଣ୍ଡଳ, ନବଗ୍ରହ ମଣ୍ଡଳ, ବିଷ୍ଣୁ ସର୍ବତୋଭଦ୍ର ମଣ୍ଡଳ, ଦୁର୍ଗା ସର୍ବତୋ ଭଦ୍ର ମଣ୍ଡଳ,ଏକଲିଙ୍ଗ ଭଦ୍ର ମଣ୍ଡଳ ଓ ଯୋଗିନୀ ମଣ୍ଡଳରେ ବିଭିନ୍ନ ପୂଜା ହୋଇଛି । ସୋମବାର ସକାଳେ ସୂର୍ଯ୍ୟ ପୂଜା, ଗ୍ରହପୂଜା, ଗୋ ପୂଜା, ଗୁରୁ ପୂଜନ, ସର୍ବ ଦେବାଦେବୀ ପୂଜନ, ଅଗ୍ନି ସ୍ଥାପନମ ପରେ ଆରତୀ ପୁଷ୍ପାଞ୍ଜଳି କରାଯାଇଛି। ଯଜ୍ଞ ମଣ୍ଡପରେ ମୁଖ୍ୟ ଆଚାର୍ଯ୍ୟ


ଯଜ୍ଞ ମଣ୍ଡପରେ ପଣ୍ଡିତମାନେ ପୂଜା କରୁଛନ୍ତି।

ଭାବେ ରାଧେଶ୍ୟାମ ପୁରୋହିତ, ବ୍ରହ୍ମା ଶିବନାରାୟଣ ପୂଜାରୀ ଓ ଜାପକ ଭାବରେ ରାମାନୁଜ, ଗଣେଶ ଓ ଆନନ୍ଦ ପୂଜାରୀ କର୍ମ ତୁଲାଉଛନ୍ତି। କର୍ତ୍ତାଭାବରେ ବି. ଗୌରୀ ଶଙ୍କର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ଦେବୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଢ଼ିମା' ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ଦିନ ପୂର୍ଣ୍ଣାହୁତି ସହ ବୁଢ଼ିମା' ଠାକୁରାଣୀଙ୍କ ମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଡୁଙ୍ଗୁରିପାଲି ୨୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ଓ ଆରକ୍ଷୀ ଅଧିକ୍ଷକ ଅମରିଶ ପଣ୍ଡା ଜନସାଧାରଣଙ୍କ ୩୪ଟି ପଞ୍ଜିକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ୧୮, ସାମୂହିକ ୬, ସିଏମଆରଏଫକୁ ୩ଟି ଗ୍ରହଣ କରାଯାଇଥିଲା। ୭ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ସହକାରୀ ଯନ୍ତ୍ରୀ ବୀରେନ୍ଦ୍ର ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ତୁଲେଶର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଏଡିଏମଓ ଦୈତ୍ୟନାରାୟଣ ପାଢ଼ୀ, ଡ଼କ୍ଟର ସଞ୍ଜୟ କୁମାର ପଧାନ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ. ଦାମୋଦର କଇବର୍ତ୍ତ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇଥିଲେ।


ଶିବିରରେ ଯୋଗଦେଇଥିବା ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ।

# ଟ୍ରେଜେରିରୁ ବାହାରିଲା ୧୦୮ ଭରି ସୁନା ନାଗ, ଅଳଙ୍କାର

**ସୋନପୁର,୨୨।୫(ନି.ପ୍ର.)**

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସୁବର୍ଣ୍ଣପୁର ସହରଟି ବେଶ ଚଳଚଞ୍ଚଳ ହୋଇଉଠିଛି। ସୋମବାର ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ସୁନାର ନାଗ ପ୍ରତିମା, ରୂପା ବିମାନ ଓ ଅଳଙ୍କାର ସୁବର୍ଣ୍ଣପୁର ଟ୍ରେଜେରୀ(ଜିଲା କୋଷାଗାର)ରୁ ବାହାର କରାଯାଇଛି। ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଦେବୋତ୍ତର ବିଭାଗର ମେଘନାଦ ମନହିରା, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି କିଶନଲାଲ ଅଗ୍ରୱାଲ, ସମ୍ପାଦକ ଗିରିଗୋବର୍ଦ୍ଧନ ଥନାପତି, ଜୟନାରାୟଣ ସାହୁ, ରାମଶଙ୍କର ସାହୁ, କାଉନସିଲର ସୁକାନ୍ତ କୁମାର ସାହୁ, ରାଜୁ ରାଓ, ବୈକୁଣ୍ଠନାଥ ଶତପଥୀ, ବି ସତ୍ୟନାରାୟଣ ରାଓ କନ୍ୟା ପିତା ବଡବଜାର ର ଶ୍ୟାମ ସୁନ୍ଦର ଶର୍ମା, ବରପିତା ରାୟଗୁରୁ ପଡାର ମନୋଜ କୁମାର ମିଶ୍ର, ଚନ୍ଦ୍ରଶେଖର ଓ ସୁବର୍ଣ୍ଣମେରୁ ମନ୍ଦିରର ସେବାୟତ ସୁଦାମ ପୂଜାହାରୀ ଓ ଲକ୍ଷ୍ମୀନାରାୟଣ ଥନାପତି ପ୍ରମୁଖ ଟ୍ରେଜେରୀରେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ପ୍ରତିମା ଓ ଅଳଙ୍କାରକୁ ଚନ୍ଦ୍ରଶେଖର ମନ୍ଦିରକୁ ନିଆଯାଇ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ସଶସ୍ତ୍ର ପୋଲିସ ଟିମ୍ ନାଗ ପ୍ରତିମା ଓ ଅଳଙ୍କାରକୁ ଜଗି ରହିଛନ୍ତି। ସନ୍ଧ୍ୟାରେ ମାଟିପକା ପରେ


ସୁନାର ନାଗ ପ୍ରତିମା, ବିମାନ ଓ ଅଳଙ୍କାରକୁ ପୂଜା କରାଯାଉଛି।

## ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ସହରର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କୁ ଚନ୍ଦ୍ରଶେଖର ବାବା ନିମନ୍ତ୍ରଣ କରିବାକୁ ଯାଇଥିଲେ। ଶିବ ଓ ପାର୍ବତୀଙ୍କ ଗୃହ ପ୍ରବେଶ ପରେ ବିଧି ଅନୁଯାୟୀ ଏହି କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ଅଳଙ୍କାର ଧାରଣ ଓ ବର ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି। ଅସନ୍ତା ୨୪ ତାରିଖ ବୁଧବାର ସୁବର୍ଣ୍ଣମେରୁ ବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖରଙ୍କ ଶୁଭ ବିବାହ ମାତା ପାର୍ବତୀଙ୍କ ସହ ଅନୁଷ୍ଠିତ ହେବ। ଶୀତଳଷଷ୍ଠୀ ଯାତ୍ରା କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ଲୋକ ସଂସ୍କୃତି ଓ ଆଧାତ୍ମିକ ପର୍ବ ଶୀତଳଷଷ୍ଠୀକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଚଳିତ ବର୍ଷ ଆଡମ୍ବର ସହକାରେ ପାଳନ କରାଯାଉଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜିଆବାହାଲ ଅଞ୍ଚଳରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଓରାମପଡା ବସ୍ତିର ରାମଜିତ ଦାସ(୩୫)। ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ କରିଛି। ଜିଆବାହାଲ ଓରାମପଡା ଅଞ୍ଚଳରେ ରାମଜିତ ପରିବାର ସହ ବାସ କରନ୍ତି। ରବିବାର ରାତିରେ ଘରେ ଲୋକେ ଶୋଇ ପଡ଼ିଥିବାବେଳେ କୌଣସି କାରଣରୁ ଘରପଙ୍ଖାରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆରଜିଏଚକୁ ଚିକିତ୍ସାଲାଗି ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**କୁତ୍ରା,୨୨।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନଂ ରାଜ୍ୟ ରାଜପଥ ଗୋମାରଡ଼ିହିଠାରେ ରବିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ କୁଆଁରମୁଣ୍ଡା ସରନାପୋଷ ଗ୍ରାମର ବିନୋଦ ମାଝି(୩୦) ଓ ଗୁରୁତର ହେଉଛନ୍ତି ସେହି ଗ୍ରାମର କ୍ରିଷ୍ଣ କିଷାନ(୧୯)। ମିଳିଥିବା ସୂଚନା ଅନୁଯାୟୀ ଗୋମାରଡିହିଠାରେ ଏକ ଟ୍ରକ ଛିଡ଼ା ହୋଇଥିବା ବେଳେ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ୨ ଯୁବକ ଛିଟିକି ପଡ଼ିଥିଲେ। ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିବା ସହ କିଷାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି।

### ପୁରାତନ ଛାତ୍ରୀ ସମାବେଶ

**ରାଜଗାଙ୍ଗପୁର,୨୨।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ପୁରାତନ ଛାତ୍ରୀଙ୍କ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ବିପିନ ଚୌଧୁରୀ ସଭାପତିତ୍ୱ କରିଥିଲେ। ସମାବେଶରେ ବହୁ ସଂଖ୍ୟକ ପୁରାତନ ଛାତ୍ରୀ ଯୋଗଦେଇ ନିଜ ପରିଚୟ ପ୍ରଦାନ କରିବା ସହ ମହାବିଦ୍ୟାଳୟରେ ପଢୁଥିବା ସମୟର ନିଜ ସ୍ମୃତିକୁ ମନେପକାଇ ଥିଲେ। ଏଥିସହ ନିଜର ଉପଲବ୍ଧି ବିଷୟରେ ଅବଗତ କରାଇ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଥିଲେ। ଭବିଷ୍ୟତରେ ଉଚ୍ଚ ପଦ ପଦବୀରେ ପହଞ୍ଚିବା ପାଇଁ ଅଧକ୍ଷ ଶୁଭାସି ଜଣାଇଥିଲେ। ମହାବିଦ୍ୟାଳୟ ସହ ଅଧକ୍ଷା ଡ.କୌଶଲ୍ୟା ଅଗ୍ରୱାଲ, ଅଧାପକ ସପନ ପଣ୍ଡା ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକୁ ଅଧାପିକା ରୋସନାରା ବେଗମ ପରିଚାଳନା କରିଥିଲେ ଏବଂ ପିଟି ଅଧକ୍ଷା ପୁଷ୍ପଲତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ଶିଳ୍ପ ତାଲିମ୍ କେନ୍ଦ୍ରର ଭାରତ ସ୍କାଉଟ ଗାଇଡ୍ସ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା

**ବଡ଼ଗାଁ,୨୨।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଶିଳ୍ପ ତାଲିମ୍ କେନ୍ଦ୍ରର ଭାରତ ସ୍କାଉଟ ଗାଇଡ୍ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଏପ୍ରିଲ ୧୦ରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ବଡ଼ଗାଁ ଥାନା ଅଧିକାରୀ ହୃଷୀକେଶ ବେହେରା, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସତ୍ୟନାରାୟଣ ନାୟକ ଅତିଥିଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଲେମ୍ବୁ ସର୍ବତ, ଦହି ସର୍ବତ ଓ ଥଣ୍ଡା ପାନୀୟ ବଣ୍ଟନ କରାଯାଉଛି। ଭାରତ ସ୍କାଉଟ ଗାଇଡ, ବଡ଼ଗାଁ ଆଇଟିଆଇ ଶାଖାର ରୋଭର୍ ଦୟାମଣୀ ଏକ୍କାଙ୍କ ନେତୃତ୍ୱରେ ମୋନାଲିସା ବୁଡା, ଯୁଗଲ ଓରାମ, ସୌମ୍ୟରଞ୍ଜନ ନାୟକ, ତୁରତି ବଡାଇକ ଜଳଛତ୍ର ପରିଚାଳନା କରୁଛନ୍ତି। ଦୈନିକ ୫ ଜଣ ସ୍କାଉଟ ଗାଇଡ ଛାତ୍ରୀଛାତ୍ର ସେବା ଯୋଗାଇଦେଉଛନ୍ତି। ଶିଳ୍ପ ତାଲିମ କେନ୍ଦ୍ରର ଭାରତ ସ୍କାଉଟ ଗାଇଡ ପକ୍ଷରୁ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଜଳଛତ୍ର ବ୍ୟବସ୍ଥା କରାଯାଉଛି।

### ଶାରଦା ମନ୍ତ୍ରୀ ପଦ ପାଇବା ପରେ ରାଉରକେଲାରେ ଉତ୍ସବ

**ରାଉରକେଲା ଅଫିସ,୨୨।୫:** ରାଉରକେଲା ବିଧାୟକ ଶାରଦା ନାୟକ ଶ୍ରମ ମନ୍ତ୍ରୀ ପଦଭାର ସମ୍ଭାଳିବା ନେଇ ଉତ୍ସବମୁଖରିତ ହୋଇଉଠିଛି ରାଉରକେଲା ସହର। ଶକ୍ତିନଗର, ରଘୁନାଥପାଲ୍ଲୀ ଅଞ୍ଚଳରେ ବିଜେଡ଼ି କର୍ମୀ ଓ ଶୁଭେଚ୍ଛୁ ବାଣ ଫୁଟାଇ ମିଷ୍ଟାନ୍ନ ବାଣ୍ଟି ଖୁସି ମନାଇଛନ୍ତି। ଶକ୍ତିନଗର ଛକରେ ବରିଷ୍ଠ ଆଇନଜୀବୀ କୈଳସ ପ୍ରଧାନ, ଏନସି ଜେନା, ଗୋପାଳ ପାତ୍ର, ଶିଶିର ମୁଦୁଲି, ଉତ୍ତମ ବେହେରା, ସୁଦାମ ପ୍ରଧାନ ସମେତ ଶତାଧିକ କର୍ମୀ ଉତ୍ସବ ପାଳିଥିଲେ। ସେହିପରି ରବିବାର ରାତିରେ ଉଦିତନଗର ଛକରେ ଶୁଭେଚ୍ଛୁ ମାନେ ବାଜାବାଣ ଫୁଟାଇ ଖୁସି ମନାଇଥିଲେ।

# ଇବ୍ ନଦୀ ବଞ୍ଚାଅ ଦାବିରେ ବିକ୍ଷୋଭ



ସଚେତନ ନାଗରିକଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରଯାଉଛି।

**ସୁନ୍ଦରଗଡ଼,୨୨।୫(ଡି.ଏନ୍.ଏ.)**

ଛତିଶଗଡ଼ ସରକାରଙ୍କ ମନମାନୀ ବିରୁଦ୍ଧରେ ଓ ଇବ୍ ନଦୀ ବଞ୍ଚାଅ ଦାବିରେ ସୋମବାର ସୁନ୍ଦରଗଡ଼ ସଚେତନ ନାଗରିକଙ୍କ ପକ୍ଷରୁ ସ୍ଥାନୀୟ ମହାଦେବ ପଡ଼ା ଘାଟଠାରେ ଡ. ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛତିଶଗଡ଼ ସରକାରଙ୍କ ମନମାନୀ କାର୍ଯ୍ୟ ବିରୁଦ୍ଧରେ ସେମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଛତିଶଗଡ଼ ରାଜ୍ୟ ସରକାର ଯଶପୁର ଜିଲା ସମଡମାଠାରେ ଇବ୍ ନଦୀ ଉପରେ ୨୦୧୯ରେ ଏକ ବ୍ୟାରେଜ ନିର୍ମାଣ କରିଥିଲେ। ଫଳରେ ତଳମୁଣ୍ଡରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହି ନଦୀ ଉପରେ ନିର୍ଭର କରୁଥିବା ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଅଞ୍ଚଳବାସୀ ପ୍ରଭାବିତ ହୋଇଛନ୍ତି। ବିଶେଷ କରି ସୁନ୍ଦରଗଡ଼ବାସୀଙ୍କ ଜୀବନରେଖା କୁହାଯାଉଥିବା ଏହି ଇବ୍ ନଦୀର ଜଳଧାର ବର୍ଷା ମାସ ପରେ କମିଯିବା ଓ ନଭେମ୍ବର ମାସ ବେଳକୁ ଶୁଖିଯାଇଥିବାରୁ ସହର ବାସୀ ଜଳକଷ୍ଟର ଶୀକାର ହେଉଛନ୍ତି। ଅନ୍ୟ ପକ୍ଷରେ ଇବ୍ ନଦୀର ଦରବାରଟାଙ୍ଗରଠାରେ ଜିଲା ପ୍ରଶାସନର ଦୋମୁହାଁ ନୀତି ଯୋଗୁଁ ୫୪କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଆନିକଟ କାର୍ଯ୍ୟ ବନ୍ଦ ହୋଇଯାଇଥିବା ବେଳେ ଛତିଶଗଡ଼ ସରକାର ଇବ୍ ନଦୀର ଉପରମୁଣ୍ଡରେ ମାତ୍ର୧୭କୋଟି ଟଙ୍କା ବ୍ୟୟ ଅଟକଳରେ ୪୦ ଗେଟ୍ ବିଶିଷ୍ଟ ଆନିକଟ ନିର୍ମାଣ କରିଛନ୍ତି ବୋଲି ଡ. ଷଡ଼ଙ୍ଗୀ କହିଛନ୍ତି। ଇବ୍ ନଦୀ ବଞ୍ଚାଇରଖିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ଷଡ଼ଙ୍ଗୀ କହିଛନ୍ତି।

# କଳାବ୍ୟାଜ ପିନ୍ଧିଲେ ଅମଲା


କଳା ବ୍ୟାଜ ପରିଧାନ କରିଛନ୍ତି ଅମଲା କର୍ମଚାରୀ।

**କୁତ୍ରା,୨୨।୫(ଡି.ଏନ୍.ଏ.)**

ସାରା ରାଜ୍ୟରେ ସୋମବାରଠାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅମଲା କର୍ମଚାରୀ ସରକାରଙ୍କୁ ଟାର୍ଗେଟ କରି କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଥିବା ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଅମଲା କର୍ମଚାରୀ କଳା ବ୍ୟାଜ ପିନ୍ଧିଛନ୍ତି। ତାଙ୍କ କହିବା କଥା ସରକାର ତାଙ୍କ ପ୍ରତି ଅନ୍ୟାୟ କରୁଛନ୍ତି। ତେଣୁ ତାଙ୍କର ତାରତମ୍ୟ ନୀତିକୁ ବିରୋଧ କରି କଳା ବ୍ୟାଜ ପିନ୍ଧିଛନ୍ତି। ସମାନ କାମକୁ ସମାନ ଦରମା କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩୧ ଯାଏ ସେମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାରି ଭିତରେ ଯଦି ସରକାର ତାଙ୍କର ଦାବି ପୂରଣ ନ କରିଛନ୍ତି ତେବେ ଜୁନ ମାସରୁ କଲମ ଛାଡ଼ ଆନ୍ଦୋଳନ ହେବା ନେଇ ସୂଚନା ଦେଇଛନ୍ତି। ୨୦୦୯ରୁ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଆରଆଇ ତଥା ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ଗ୍ରାଜୁଏଶନ ପଦବୀ କରିବା ସହିତ ତାଙ୍କ ବେତନକୁ ୪୨୦୦ ଗ୍ରେଡପେ କରାଯାଇଛି ଏହା ସହିତ ଅମଲାମାନଙ୍କୁ ମଧ ୨୦୧୭ ମସିହାରୁ ଗ୍ରାଜୁଏଶନ କରିଛନ୍ତି କିନ୍ତୁ ସେହି ପୁରୁଣା ନୀତି ଅବଲମ୍ବନ କରୁଛନ୍ତି। ୧୯୦୦ ଗ୍ରେଡପେରେ ସେମାନେ ରହିଯାଇଛନ୍ତି। ତେଣୁ ଅମଲାମାନେ ଏହାକୁ ବିରୋଧ କରିଛନ୍ତି।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଦେବଗଡ଼ ଗସ୍ତ

**ଦେବଗଡ଼,୨୨।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ଗସ୍ତରେ ଆସି ବାରକୋଟ ବ୍ଲକ ପରିଦର୍ଶନ କରିଥିଲେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାହୁ ଯୋଗଦେଇ ଜିଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଆଇସିଡିଏସ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ କନ୍‌ସଲଟାଣ୍ଟ ତମଲ ରାଜା, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବାରକୋଟ ବିଡିଓ ବିଜୟ ସଏ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ଜିଲାରେ ବଣ୍ଟନ ହେଉଥିବା ସାମଗ୍ରୀ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହାପରେ ଅଧକ୍ଷ ସାହୁ ଗୋପପୁର ସ୍ଥିତ ଚାଉଳ ଗୋଦାମ ପରିଦର୍ଶନ କରି ଚାଉଳ ମାନ ଯାଞ୍ଚ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥି।

## ଝାଡ଼େଶ୍ୱର ମନ୍ଦିର ରୋଷେଇ ଗୃହ ଲୋକାର୍ପିତ

**ଦେବଗଡ଼,୨୨।୫(ଡି.ଏନ୍.ଏ.)**

ଦେବଗଡ଼ର ପ୍ରସିଦ୍ଧ ଝାଡ଼େଶ୍ୱର ମନ୍ଦିରର ରୋଷେଇ ଗୃହକୁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସୋମବାର ଉଦ୍‌ଘାଟନ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ରୋଷେଇ ଗୃହର ପୁନରୁଦ୍ଧାର ଓ ଉନ୍ନତିକରଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ତଥା ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, କାଉନଶିଲର ମଧୁସୂଦନ ବାଘ, ବରିଷ୍ଠ ଭାଜପା ନେତା ମୋତିଲାଲ ଶର୍ମା, ସରୋଜ କୁମାର ପାଢୀ, ଚନ୍ଦ୍ରଶେଖର ମହାପାତ୍ର, ରାଜେନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ଦେହୁରୀ, କିଶୋର ବେହେରା, ଅଶୋକ କୁମାର ଗୁରୁ, ବାବୁଲି କର, ପ୍ରତାପ କୁମାର ପଣ୍ଡା ଓ ସତ୍ୟନାରାୟଣ ପୁରୋହିତଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ହେଉଛି।

**ଦେବଗଡ଼,୨୨।୫(ଡି.ଏନ୍.ଏ.)**

ବାରକୋଟ ବ୍ଲକ ଅନ୍ତର୍ଗତ ଗୋଳାବନ୍ଧ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ ଉପାଧ୍ୟାୟ ଯୋଗଦେଇ ୧୦୫ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ୟକ୍ତିଗତ ୯୩ଟି ଓ ସାମୂହିକ ୧୨ଟି ସମସ୍ୟା ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯେପରି ରାସ୍ତାଘାଟ, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପାନୀୟଜଳ, ଜମି ପଟ୍ଟା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଏସପି ପ୍ରମୋଦ ରଥ, ଡିଏଫ୍‌ଓ ମଗର ଧାନାଜୀ ରାଓସୋ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବାରକୋଟ ବ୍ଲକ ବିଡିଓ ବିଜୟ ସଏ, ଡେପୁଟି କଲେକ୍ଟର ଲୀଳାବତୀ ନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କେରଳ, ବେଙ୍ଗଲ, ଦାଦରାନଗରହାଭେଳି, ଆନ୍ଧ୍ରପ୍ରଦେଶ ବିଜୟୀ


ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଖେଳର ଦୃଶ୍ୟ।

**ରାଉରକେଲା ଅଫିସ,୨୨।୫**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକିଷ୍ଟାଡିୟମରେ ତ୍ରୟୋଦଶ ଉପକନିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିୟନଶିପର ପଞ୍ଚମ ଦିନରେ ୫ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ହକି କର୍ଣାଟକ ସହ କେରଳା ହକି ମଧ୍ୟରେ ଖେଳା ଯାଇଥିଲା। ଦ୍ୱିତୀୟ ମ୍ୟାଚ ହକି ବେଙ୍ଗଲ ସହ ହକି ହିମାଚଳପ୍ରଦେଶ ମଧ୍ୟରେ ହୋଇଥିବାବେଳେ ତୃତୀୟ ମ୍ୟାଚ ଦାଦାରାନଗରହାବେଳି ସହ ତାମିଲନାଡୁ ହକି ମଧ୍ୟରେ ଖେଳା ଯାଇଥିଲା। ପ୍ରତିଯୋଗିତାର ୪ର୍ଥ ମ୍ୟାଚହକି ଆନ୍ଧ୍ରପ୍ରଦେଶ ଓ ପଣ୍ଡିଚେରି ମଧ୍ୟରେ ଖେଳା ଯାଇଥିଲା। ୫ମ ମ୍ୟାଚ ହକି ହରିୟାନା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ, ହକି ଉତ୍ତରପ୍ରଦେଶ, ହକି ଝାଡ଼ଖଣ୍ଡ ଓ ଦାଦରାନଗର ହାବେଳି, ପଞ୍ଜାବ ହକି ବିଜୟୀ ହୋଇଥିଲା। ଆଜିର ପ୍ରଥମ ମ୍ୟାଚ ହକି କେରଳ ଦଳ କର୍ନାଟକ ଦଳକୁ ୪-୩ -୦ ଗୋଲରେ ପରାସ୍ତ କରିଛି। କେରଳ ଦଳ ପକ୍ଷରୁ ଅମନ ଅଭିଷେକ କେରକେଟ୍ଟା ଖେଳର ୨୦ ଓ ୫୭ ମିନିଟ୍‌ରେ ୨ଟି ଗୋଲ ମାରି ଦଳକୁ ଆଗୁଆ ରଖିଥିଲେ। ପରେ ଅର୍ଜୁନ କିଷ୍ଡା ୨୨ ମିନିଟରେ ଓ ପ୍ରତାପ ଲାକ୍ରା ୨୩ ମିନିଟରେ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। କର୍ନାଟକ ଦଳ ପକ୍ଷରୁ ବରୁଣ ମଦାପା ୧୧ ଓ ୩୪ ମିନିଟ୍‌ରେ ୨ଟି ଗୋଲ ମାରିଥିବାବେଳେ ଉଥାପା କେସ୍ ୮ ମିନିଟରେ କେରଳ ବିପକ୍ଷରେ ଗୋଟିଏ ଗୋଲମାରି ମ୍ୟାଚରେ ପରାଜିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ହକି ବେଙ୍ଗଲ ଦଳ ହକି ହିମାଚଳପ୍ରଦେଶକୁ ୧୨-୦ ଗୋଲରେ ପରାସ୍ତ କରିଥିଲା। ବେଙ୍ଗଲଦଳ ଖେଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ଦଳର ଫରୁଆର୍ଡ ଖେଳାଳୀ ଅମନ କୁମାର ଠାକୁର ଖେଳର ୪୩, ୫୧, ୫୩, ୫୫ ମିନିଟ୍‌ରେ ଦଳ ପକ୍ଷରୁ ସର୍ବାଧିକ ୪ଟି ଗୋଲ କରିଥିଲେ। ପରେ ଆୟୁସ ପ୍ରସାଦ ୨୮,୩୦,୩୩, ମିନିଟ୍‌ରେ ୩ଟି ହ୍ରାଟ୍ରିକ ଗୋଲ ମାରିଥିଲେ। ସେହିଭଳି ବେଙ୍ଗଲ ଦଳ ପକ୍ଷରୁ ବିଷ୍ଣୁ ପାସୱାନ ୪୯,୫୦ ମିନିଟ୍‌ରେ ୨ଟି ଗୋଲ କରିଥିବାବେଳେ ଶିବମ୍ ରବିଦାସ ଓ ଅଧିନାୟକ ବିଜୟ ସ, ମାଟୁସ ଖାଲକୋ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ସେହିଭଳି ତୃତୀୟ ମ୍ୟାଚରେ ଦାଦରାନଗରହାବେଳି ହକି ତାମିଲନାଡୁକୁ ୪-୦ ଗୋଲରେ ପରାସ୍ତ କରିଥିବାବେଳେ ପ୍ରତିଯୋଗିତାର ୪ର୍ଥ ମ୍ୟାଚ ହକି ଆନ୍ଧ୍ରପ୍ରଦେଶ ଦଳ ପଣ୍ଡିଚେରୀ ଦଳକୁ ୪-୧ ଗୋଲରେ ପରାସ୍ତ କରିଥିଲା। ରିପୋର୍ଟ ଲେଖିବା ରାତି ୧୦ଟା ପର୍ଯ୍ୟନ୍ତ ଶେଷ ମ୍ୟାଚ ହକି ହରିୟାନା ସହ ଛତିଶଗଡ ମଧ୍ୟରେ ଜାରି ରହିଥିବାରୁ ମ୍ୟାଚର ଫଳାଫଳ ଜଣାପଡି ନ ଥିଲା। ମଙ୍ଗଳବାର ଏହି ପ୍ରତିଯୋଗିତାର ୬ଟି ମ୍ୟାଚ ଖେଳାଯିବ। ଯେଉଁଥିରେ ପ୍ରଥମ ମ୍ୟାଚ ଆସାମ ହକି ଓ ତ୍ରିପୁରା ମଧ୍ୟରେ ଖେଳାଯିବ। ସେହଭଳି ଦ୍ୱିତୀୟ ମ୍ୟାଚ ହକି ପଞ୍ଜାବ ସହ ଦିଲ୍ଲୀ, ତୃତୀୟ ମ୍ୟାଚ ହକି ଚଣ୍ଡିଗଡ ଓ ଅରୁଣାଚଳ ପ୍ରଦେଶ, ୪ର୍ଥ ମ୍ୟାଚ ହକି ଗୁଜୁରାଟ ଓ ରାଜସ୍ଥାନ, ପଞ୍ଚମ ମ୍ୟାଚ ମିଜୋରାମ ହକି ଦଳ ସହିତ ତେଲଙ୍ଗାନା, ଷଷ୍ଠ ମ୍ୟାଚ ଓଡିଶା ଓ ଉତ୍ତରାଖଣ୍ଡ ହକି ମଧ୍ୟରେ ଖେଳାଯିବ।

### ଉପକନିଷ୍ଠ ହକି ଚାମ୍ପିୟନଶିପ୍: ୪ଟି ମ୍ୟାଚରେ ୨୮ଟି ଗୋଲ

## ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୨୨।୫**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜେପି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଜଣେ ଯୁବକଙ୍କ ରବିବାର ରାତିରେ ମୃତ୍ୟୁ ହୋଇଛି। ମୃତ ଯୁବକ ସମ୍ବଲପୁର କଣ୍ଟାପାଲି ଗ୍ରାମର ଶରତ ପଟ୍ଟନାୟକ(୩୨)। ଏନେଇ ଶରତଙ୍କ ବଡଭାଇ ମନୋଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ ୩୭।୨୩) ରୁଜୁକରି ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସୋମବାର ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ କଣ୍ଟାପାଲି ଗ୍ରାମରେ ଶରତ ପରିବାର ସହ ବାସ କରନ୍ତି। ଚଳିତ ମାସ ୧୯ ତାରିଖରେ ଶରତ ବିଳମ୍ବିତ ରାତିରେ ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ସେ ଘରେ ଶୋଇଥିବା ଅବସ୍ଥାରେ ରକ୍ତବାନ୍ତି କରିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଜିଲା ମିଳିତ ଅମଲା ମଞ୍ଚର କଳାବ୍ୟାଜ ପରିଧାନ


କଳାବ୍ୟାଜ ପିନ୍ଧିଛନ୍ତି ଜିଲା ମିଳିତ ଅମଲା ମଞ୍ଚ।

**ଦେବଗଡ଼,୨୨।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ମିଳିତ ଅମଲା ମଞ୍ଚ ଲେଭେଲ୍ ୯ (ଗ୍ରେଡ୍‌ପେ-୪୨୦୦ ଟଙ୍କା) ପ୍ରଦାନ ଦାବିରେ କଳାବ୍ୟାଜ ପରିଧାନ କରିଛନ୍ତି। ମଞ୍ଚର ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସୋମବାର ଜିଲା ସଦର ମହକୁମା ସମେତ ତିଲେଇବଣୀ, ରିଆମାଳ ଓ ବାରକୋଟ ବ୍ଲକରେ କାର୍ଯ୍ୟରତ ମିଳିତ ମଞ୍ଚର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ଆସନ୍ତା ୩୧ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଯଦି ଏହାରି ଭିତରେ ସରକାର ଦାବି ପୂରଣ ନ କରନ୍ତି ତେବେ ଜୁନ ୧ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ସଭାପତି ସାହୁଙ୍କ ସମେତ ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନ, ଆବାହକ କମଳାପତି ସାହୁ, ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ ଓ ସଦସ୍ୟ ଶିବ ଶଙ୍କର ଦେହୁରୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ କଳାବ୍ୟାଜ ପରିଧାନ ପୂର୍ବକ ସେମାନଙ୍କର ଅସନ୍ତୋଷ ଏବଂ ପ୍ରତିବାଦ ଜଣାଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ସୁନ୍ଦରଗଡ଼,୨୨।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ମୋଟ ୯୨ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୦ ବ୍ୟକ୍ତିଗତ ଏବଂ ୫୨ ସାମୂହିକ ସମସ୍ୟା ଜନିତ ଅଭିଯୋଗ। ସମସ୍ୟା ଗୁଡ଼ିକ ମଧ୍ୟରେ ପାନୀୟ ଜଳ ସମସ୍ୟା, ଗ୍ରାମୀଣ ସଂଯୋଗ, ପେନସନ୍, ରାସନ କାର୍ଡ, ଜମିଜମା ସମସ୍ୟା, ସ୍ୱାସ୍ଥ୍ୟ, କ୍ଷୁଦ୍ର ଜଳସେଚନ ଆଦି ରହିଥିଲା। ସେହିପରି ୨୩ ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିନ୍ତ୍ରିଆ, ଉଭୟ ଜିଲା ପରିଷଦ ସଭ୍ୟ 'କ' ଏବଂ 'ଖ', ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ମାଝି, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନ ତଥା ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଲୋକମାନେ ଅଭିଯୋଗ କରୁଛନ୍ତି।

# କବି ଲେଖକ ସମ୍ମିଳନୀ, ସାହିତ୍ୟ ଆଲୋଚନାଚକ୍ର

**ଦେବଗଡ଼,୨୨।୫(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ସ୍ଥିତ ପରିବାର ଫାଉଣ୍ଡେଶନ ଓ ଗୁରୁ ଶ୍ରୀ ଅଲେଖ ମହିମା ସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ କ୍ଲବ ଗୃହରେ କବି ଲେଖକ ସମ୍ମିଳନୀ ସହ ଗୌତମ ବୁଦ୍ଧ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଭୀମଭୋଇଙ୍କ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବାର ଫାଉଣ୍ଡେଶନ ଓ ଗୁରୁ ଶ୍ରୀ ଅଲେଖ ମହିମା ସଂସ୍ଥାର ଶ୍ରୀମନ୍ତ ସାହୁଙ୍କ ତତ୍ତ୍ୱାବଧାନ ଏବଂ ବରିଷ୍ଠ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଅଶୋକ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଗୌରହରି ଷଡ଼ଙ୍ଗୀ, ମୁଖ୍ୟ ବକ୍ତାଭାବେ ଓଡ଼ିଶା ସାହିତ୍ୟ ସଂସଦର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ ଓ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ବୁଦ୍ଧ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଭୀମଭୋଇଙ୍କ ଜୀବନୀ ଓ ସେମାନଙ୍କ ଅବଦାନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିତା ଗୁଡ଼ିକୁ ବିପିନ ବିହାରୀ ପୃଷ୍ଟି ସଂଯୋଜନା କରିଥିଲେ। ଏଥିରେ ସାହିତ୍ୟିକ ଲୋକନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଯତୀନ୍ଦ୍ର କୁମୁରା ପ୍ରମୁଖ ସହଯୋଗ କରିଥିଲେ। ଲେଖରାଜ ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ଡୁଡୁକାଠେଙ୍ଗା ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହରିପ୍ରିୟା ନାଗଙ୍କ ସଭାପତିତ୍ୱରେ ବିଡିଓଙ୍କ ଅନୁପସ୍ଥିତ ଯୋଗୁ କୋକସରା ଜିପିଓ ନାରାୟଣ ଭୋଇ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ସିଏଚଓ ଚିନ୍ମୟୀ ମହନ୍ତି ଉପସ୍ଥିତ ରହିଥିବା ବେଳେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିଲେ। ୬୩ଜଣ ଆବାସ ଘର, ପିଡିଏସ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲୋଇସିଂହା କଲେଜ ଆଲୁମନି କମିଟି ଗଠିତ

**ଲୋଇସିଂହା,୨୨।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୋ କଲେଜ ଆବାହକ ପ୍ରାଧାପିକା ଶାନ୍ତିପ୍ରୀୟା ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରି କଲେଜର ବିଭିନ୍ନ ଉନ୍ନୟନମୂଳକ କାମରେ ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମରେ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଆଲୁମିନି କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସରୋଜ ବିଶ୍ୱାଳ ସଭାପତି, ଶିବକୁମାର ଅଗ୍ରୱାଲ ସମ୍ପାଦକ, ସୁବ୍ରତ ନାୟକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଗଠିତ ୯ ଜଣିଆ ଉପଦେଷ୍ଟା କମିଟିରେ ପ୍ରତାପ ବହିଦାର, ପ୍ରଦୀପ ବଗର୍ତ୍ତି, ସନ୍ତୋଷ ସିଂଲାଲ, ସରୋଜ ମହାକୁର, ସୁମନ୍ତ ସାହୁ, ସମ୍ପଦ ପୋଦ୍ଦବବିତା ବେହେରା, ନୀଳିମା ବଗର୍ତ୍ତି, ସୁଷମା ଭୋଇ ରହିଛନ୍ତି।

### ଦହିପାଣି ବାଣ୍ଟିଲା ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ

**ଲୋଇସିଂହା,୨୨।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଲେଭାଟ ସପ୍ତାହିକ ବଜାରରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପକ୍ଷରୁ ସୋମବାର ଦହି ସର୍ବତପାଣି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମ୍ଭାର ଓ ଅବସରପ୍ରାପ୍ତ ଫାର୍ମାଶିଷ୍ଟ ପୂର୍ଣ୍ଣଚନ୍ଦ୍ର ଦାଶ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବଜାରକୁ ଆସୁଥିବା ଲୋକଙ୍କ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଉପରେ ସଚେତନ କରିଥିଲେ। ପଦାକୁ ବାହାରିଲା ବେଳେ କି ସତର୍କତା ଅବଲମ୍ବନ କରିବେ ତାହା ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ବ୍ଲକ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

### ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ, କାର୍ଯ୍ୟ ସମୀକ୍ଷା

**ଜିଲାପାଳଙ୍କ ଜନଶୁଣାଣି ଶିବିର**

**ଗୋଲାମୁଣ୍ଡା,୨୨।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକସ୍ଥିତ ସଭାଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣିରେ ମୋଟ ୩୪ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ଆସିଥିଲା। ସେଥି ମଧ୍ୟରୁ ୬ଟି ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିଲା। ଏହାପରେ ଜିଲାପାଳ ଗୋଲାମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟ, ମିଶନଶକ୍ତି ଗୃହ, ଯୁକ୍ତ ୨ ସର୍ମଙ୍ଗଳା ଓ ଡିଗ୍ରୀ କଲେଜ, ମାନଝରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ ଓ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ।

### ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ଖଡ଼ିଆଲ,୨୨।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ବରଗାଁ



ଗ୍ରାମର ଜଣେ ଧର୍ମପ୍ରାଣ ବ୍ୟକ୍ତି ତ୍ରିବିକ୍ରମ ମୁଣ୍ଡଙ୍କ ବରଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶିକ୍ଷକତାରୁ ଜୀବନ ଆରମ୍ଭ କରି ଥିଲେ ହେଁ ପରେ ଅକ୍ଳାନ୍ତ ପରିଶ୍ରମ ବଳରେ ଜଣେ ସଫଳ ବ୍ୟବସାୟୀ ହୋଇ ପାରିଥିଲେ। ୧୯୭୫ -୭୬ରେ ମାତ୍ର ୨୮ ବର୍ଷ ବୟସରେ ଅବିଭକ୍ତ ବରଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚରେ ନିର୍ବାଚିତ ହୋଇଥିଲେ। ସେ ପ୍ରାଚୀନ କାବ୍ୟ କବିତା, ସାହିତ୍ୟ, ପୁରାତନ ନାଟକ, ସୁଆଙ୍ଗ, ବିଭିନ୍ନ ପୁରାଣ ଜ୍ଞାନ, ଚୌପଦୀ ଇତ୍ୟାଦିରେ ପ୍ରଗାଢ଼ ଅଭିରୁଚି ରଖିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ଦୁଇ ପୁଅ ବଡ ଅମୂଲ୍ୟ ଓ ଆଦିତ୍ୟ, ବଡ଼ ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କର ପରଲୋକ ସମୟରେ ପରିବାରର ସମସ୍ତେ ଉପସ୍ଥିତ ରହିଥିଲେ।



ଗୋଳିଆ ପାଣି ସଂଗ୍ରହ କରୁଛନ୍ତି।



ନଳକୂଅରୁ ଲାଲ ରଙ୍ଗ ପାଣି ବାହାରୁଛି।

# ଫ୍ଲୋରାଇଡଯୁକ୍ତ ପାଣି ପିଇ ବିଭିନ୍ନ ରୋଗର ଶିକାର

**ନୂଆପଡ଼ା ଅଫିସ,୨୨।୫**

**କୋମନା ବ୍ଲକ**
- ୨ ବର୍ଷରେ ୪ ମୃତ, ୬ ଆକ୍ରାନ୍ତ
- ୩ ପଡ଼ାରେ ନଳକୂଅ ପାଣି ବ୍ୟବହାର ଯୋଗ୍ୟନୁହେଁ

ବସୁଧା ଯୋଜନାରେ ପ୍ରତ୍ୟେକ ଗାଁର ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଯୋଜନା ଜିଲାରେ ଫେଲ ମାରିଥିବାରୁ ଲୋକେ ନଳକୂଅ ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ନଳକୂଅ ପାଣିରେ ଫ୍ଲୋରାଇଡ ବାହାରୁଛି। ପାଣି ପରୀକ୍ଷା ପାଇଁ ଅନେକ ଥର ଅଭିଯୋଗ କରି ସାରିଲେଣି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

ପ୍ରାପ୍ତ ସୂଚନା ମୁତାବକ ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାଲିପାଟି ଗାଁରେ ସାହାଜମୁଡା ପଡା, ସୋରିପଡା, ଡେମତଲପଡା ଓ ଡୋଙ୍ଗରୀପଡା ୪ଟି ପଡା ରହିଛି। ୪ଟି ପଡାରୁ ୩ଟି ପଡ଼ାରେ ନଳକୁଅ ଥିବା ବେଳେ ଗୋଟିଏ ଡେମତଲପଡାରେ ନାହିଁ। ଡେମତଲପଡାବାସୀ ପାଣି ପାଇଁ ୨ କି.ମି. ଯାଉଥିବା ବେଳେ ଅନ୍ୟ ୩ଟି ପଡାରେ ଥିବା ନଳକୂଅ ପାଣି ବ୍ୟବହାର ଯୋଗ୍ୟ ନୁହେଁ। ହେଲେ ପାଣିର ଅଭାବ ଯୋଗୁ ଲୋକେ ବାଧ୍ୟ ହୋଇ ସେହି ପାଣି ବ୍ୟବହାର କରୁଛନ୍ତି। ଏହି ପାଣି ବ୍ୟବହାର କରିବା ଦ୍ୱାରା ଅନେକ ପ୍ରକାର ରୋଗ ହେଉଛି। ୨ ବର୍ଷରେ ୪ଜଣଙ୍କ କର୍କଟ ରୋଗରେ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆକ୍ରାନ୍ତ ହୋଇଛନ୍ତି। କନା ମାଝି (୬୦), ଧନୀରାମ ମାଝି (୫୪), ପିତ ମାଝି (୪୯), ପିତ ମାଝି (୫୭) ମୃତ୍ୟୁ ବାରଣ କରିଥିବା ବେଳେ ନିତ୍ୟା ମାଝି (୪୮), କମଳା ମାଝି (୪୪), ରାଧା ମାଝି (୫୫), ପଦ୍ମନୀ ମାଝି (୪୫), ଜୟମନୀ ମାଝି(୫୯), ଡିର୍ଲୁ ମାଝି (୬୧) କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ପଡାର ଅଧିକାଂଶ ଲୋକଙ୍କ ଦାନ୍ତ ଲାଲ ହୋଇଯାଉଥିବା ବେଳେ ରକ୍ତବାନ୍ତି, ଶରୀରରେ ଫୋଟକା ହେବା, ଗଳଗଣ୍ଡ, ଶ୍ୱାସ, ଗଳା ଫୁଲି ଯାଇ କଥା କହି ନ ପାରିବା, ପେଟ ଦରଦ, ଆଣ୍ଠୁଗଣ୍ଠି ଦରଦ, ଆଖିରୁ ପାଣି ଝରିବା, ଅଣ୍ଟା ବଙ୍କା ହେବା, ଗୋଡହାତ ଫୁଲିବା ଭଳି ହୋଇଯାଉଛନ୍ତି। ନଳକୂଅରେ ପାଣି ସଫା ବାହାରୁଛି। ବାଲଟିନ କିମ୍ବା ଗରିଆରେ ରଖିଦେଲେ ଲାଲ ରଙ୍ଗ ହୋଇଯାଉଛି। ବ୍ୟବହାର କରୁଥିବା ଗରିଆ, ବାଲଟିନ ଓ ବାସନ ସବୁ ଲାଲ ରଙ୍ଗ ହୋଇଗଲାଣି। ପାଖରେ ବନ୍ଧ କିମ୍ବା ମୁଡା ନ ଥିବାରୁ ବାଧ ହୋଇ ସେହି ପାଣି ବ୍ୟବହାର କରୁଛନ୍ତି। ଡୋଙ୍ଗରପଡା ପାଖରେ ଥିବା ଚହଲାର ଗୋଳିଆ ପାଣି ପଡାବାସୀ ବ୍ୟବହାର କରୁଛନ୍ତି। ନଳକୂଅ ପାଣି ପରୀକ୍ଷା କରିବା ଓ ନୂତନ ନଳକୂଅ ପାଇଁ ବାରମ୍ବାର ଦାବି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସାହଜଟଠାରେ ଓଭର ଟ୍ୟାଙ୍କ ନିର୍ମାଣ ହୋଇଛି। ପାଇପ ମଧ୍ୟ ବିଛା ସରିଛି, ଆଜକୁ ୨ ବର୍ଷ ହେବ ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ। ଏ ସଂକ୍ରାନ୍ତରେ କୋମନା ବିଡିଓ ସୁଶାନ୍ତ କୁମାର ରଣାଙ୍କୁ ପଚାରିବାରୁ ନଳକୂଅ ପାଣି ପରୀକ୍ଷା କରିବା ସହ ରୋଗୀମାନଙ୍କୁ ନେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଚିକିତ୍ସା କରାଯିବ ବୋଲି କହିଥିଲେ।

## ନବଜାତ ଶିଶୁକୁ ମାଟିରେ ପୋତିବା ଅଭିଯୋଗ

**ଖଡ଼ିଆଲ,୨୨।୫(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଲ ସହର ସପ୍ତାହିକ ବଜାର ପଡାଠାରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନବଜାତ ଶିଶୁ ପୁତ୍ରକୁ କୃଷି ଫାର୍ମ ନିକଟରେ ଲାଲ କନାରେ ଗୁଡ଼ାଇ ମୁଣ୍ଡକୁ ଛାଡି ମାଟି ତଳେ ପୋତି ଦେଇଥିବା ଅଭିଯୋଗ ହୋଇଛି। ଶିଶୁର କାନ୍ଦିବା ଶବ୍ଦ ଶୁଣି ପଡାର ଦ୍ୱିତୀୟା ଶବର ଉଦ୍ଧାର କରି ଥିବାବେଳେ ପଡାର ମହିଳାମାନେ ରୁଣ୍ଡ ହୋଇ ଘରକୁ ଆଣିଥିଲେ। ପରେ ନବଜାତ ଶିଶୁ ପୁତ୍ରକୁ ଅନ୍ୟ ଜଣେ ମହିଳା ନେଇ ଯାଇଥିଲେ। ପରେ ମାମଲା ଖଡ଼ିଆଲ ଥାନାରେ ପହଞ୍ଚି ଥିବା ବେଳେ ଶିଶୁ ପୁତ୍ରକୁ ଖଡ଼ିଆଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଛି। ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଥିବା ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି। ସେହିପରି ଶିଶୁ ସୁରକ୍ଷା ସମିତି ଅଧକ୍ଷ ଡ. ଫନିନ୍ଦମ ସିଂଦେଓଙ୍କୁ ଯୋଗାଯୋଗ କରାଯାଇଥିଲା। ଶିଶୁ ସୁରକ୍ଷା ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ଖଡ଼ିଆଲ ଯାଇଥିବା ବେଳେ ଏହାର ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମେ ଶିଶୁକୁ ଯତ୍ନ ନେବା ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି।

## ସରକାରୀ ବାବୁଙ୍କ ନାମରେ ଗଡୁଛି ଦେଢ଼ କୋଟି

**ଭବାନୀପାଟଣା,୨୨।୫(ସ୍ୱ.ପ୍ର.)**

- ଅଡିଟ୍ ରିପୋର୍ଟରୁ ଜଣାପଡ଼ିଲା
- ଖର୍ଚ୍ଚ କଲେନି, ଫେରାଉନାହାନ୍ତି

କଳାହାଣ୍ଡି ଜିଲା କଳମପୁର ବ୍ଲକରେ ସରକାରୀ ବାବୁମାନେ ବିଭିନ୍ନ ଯୋଜନାରେ ଖର୍ଚ୍ଚ କରିବାକୁ ୧ କୋଟି ୫୮ଲକ୍ଷ ୨୨ ହଜାର ୩୫୦ ଟଙ୍କା ଅଗ୍ରିମ ନେଇ ଫେରାଉ ନାହାନ୍ତି। ଏହା ୨୦୨୧-୨୨ ଅଡିଟ୍ ରିପୋର୍ଟରେ ଜଣାପଡ଼ିବା ପରେ ଏବେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରିପୋର୍ଟରୁ ଜଣାପଡ଼ିଛି ଯେ, କଳମପୁର ବ୍ଲକ୍ ମଣ୍ଡଲ ପଞ୍ଚାୟତ ପିଇଓ ବିକାଶ ମୋହନ ମାଝି ୨୫ ଲକ୍ଷ ୬୭ ହଜାର ଟଙ୍କା, ପିଇଓ ଗଜାନନ ନାଏକ ୧୯ ଲକ୍ଷ ୭୯ ହଜାର ଟଙ୍କା, ପିଇଓ ଲାଲ ସୁନ୍ଦର ଶବର ୨୬ ଲକ୍ଷ ୬୯ ହଜାର ଟଙ୍କା, ପିଇଓ ପର୍ଶୁରାମ ନାଏକ ୨୦ ଲକ୍ଷ ଟଙ୍କା, ପିଇଓ ପୁରୁଷୋତ୍ତମ ନାଏକ ୧ ଲକ୍ଷ ୪ହଜାର ଟଙ୍କା, ପିଇଓ ରାମଚନ୍ଦ୍ର ନାଏକ ୧୦ ଲକ୍ଷ ୬ ହଜାର ଟଙ୍କା, ପିଇଓ ଶ୍ୟାମା ପ୍ରସାଦ ମିଶ୍ର ୧୭ ଲକ୍ଷ ୭୦ ହଜାର ଟଙ୍କା, ପିଇଓ ସୁଶାନ୍ତ ବଣିଆ ୧୩ ଲକ୍ଷ ୫୩ ହଜାର ଟଙ୍କା, ପିଇଓ ଉମା ଶଙ୍କର ଶାହା ୨୧ ଲକ୍ଷ ୮୯ ହଜାର ଟଙ୍କା, ଏସ୍‌ଆଇ ଅଶୋକ ପ୍ରଧାନ ୭୧ ହଜାର ୨ଶହ ଟଙ୍କା, ଯୋଗାଣ ନୀରିକ୍ଷକ ଦେବଧର ଧରୁଆ ୮୩ ହଜାର ୪ଶହ ଟଙ୍କା, ଜିପିଇଓ କରୁଣାକର ବାଗ ୧୪ ହଜାର ୭୫୦ ଟଙ୍କା, ଏମ୍‌ଜିଏନ୍‌ଆରଇଜିଏସ୍ ଆସିଷ୍ଟାଣ୍ଟ ସୁବ୍ରତ ସାହୁ ୨୦ ହଜାର ଟଙ୍କା ବ୍ଲକରୁ ଅଗ୍ରିମ ନେଇଛନ୍ତି। କିନ୍ତୁ ସେମାନେ ଫେରାଇବାର ନା ଧରୁନାହାନ୍ତି। ତୁରନ୍ତ ଏହି ବକେୟା ଟଙ୍କା ପ୍ରଦାନ ନିମନ୍ତେ ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ସିଆର୍‌ପିଏଫ୍ କ୍ୟାମ୍ପରେ ଜନସମ୍ପର୍କ ଶିବିର

**ଲାଞ୍ଜିଗଡ,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସିକେରକୁପାଠାରେ ଏଫ୍ ୬୪ ବାଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ସିଆର୍‌ପିଏଫ୍ ଏଫ୍ ୬୪ ବାଟାଲିୟନ କାମାଣ୍ଡେଣ୍ଟ ପଙ୍କଜ ଚୈଧରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଦାନ ଚେରିଟେବୁଲ ଟ୍ରଷ୍ଟ ଚେୟାରମେନ ପଲ୍ଲବୀ ଚତୁର୍ବେଦୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଫ ୬୪ ବାଟାଲିୟନ ଡିଆଇଜିପି ଏମଇଡି ବିଥିକା ସିଂ, ମେଡିକାଲ ଅଫିସର, ଏମଡି ଇବ୍ରାହିମ ଲାଞ୍ଜିଗଡରୋଡ ସରପଞ୍ଚ ସୁଶ୍ରୀ ମମତା ଶବର ଯୋଗଦେଇଥିଲେ। ଏଥିରେ ଲାଞ୍ଜିଗଡ଼ରୋଡ଼ ଏବଂ କଦମଗୁଡା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବୃଦ୍ଧବୃଦ୍ଧା ତଥା ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରି ସବୁକ୍ଷେତ୍ରରେ ପୋଲିସ ତଥା ଯବାନ ଆପଣମାନଙ୍କ ସାଥିରେ ରହିଛି ଓ ରହିବ। ତେଣୁ ଭାତୃଭାବ ଓ ବନ୍ଧୁତ୍ୱ ବଜାଇ ରଖିବା ପାଇଁ ନିବେଦନ କରିଥିଲେ। ବରଦାନ ଚାରିଟେବୁଲ ଟ୍ରଷ୍ଟ ହରଦୋଇ ଦ୍ୱାରା ୫୦ଜଣ ବୃଦ୍ଧବୃଦ୍ଧାମାନଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଇନ୍ସପେକ୍ଟର ମହମ୍ମଦ ଖୁଦବୁଦ୍ଦିନ ପରିଚାଳନା କରିଥିବା ବେଳେ ସମସ୍ତ ଯବାନ ସହଯୋଗ କରିଥିଲେ।

## ପିଡିଏସ ଚାଉଳ ବାଟମାରଣା ଅଭିଯୋଗ

**କୋକସରା,୨୨।୫(ଡି.ଏନ.ଏ.)**

ସରକାର ବିଭିନ୍ନ ଯୋଜନାରେ ପିଡିଏସ ଚାଉଳ ଯୋଗାଣ କରୁଥିବା ବେଳେ ତାହା ବାଟମାରଣା ହେଉଥିବା ଅଭିଯୋଗ ଆସିଛି। କଳାହାଣ୍ଡି ଜିଲା କୋକସରା ଗ୍ରାମ ପଞ୍ଚାୟତରେ ସୋମବାର ପିଡିଏସ ଚାଉଳ ବଣ୍ଟନ ସମୟରେ ହିତାଧିକାରୀମାନେ ଚାଉଳ ଓଜନ କରିବାରୁ ୫୦ କେଜି ଚାଉଳ ବସ୍ତାରେ କେଉଁଟି ୪୪ କେଜି ତ କେଉଁ ବସ୍ତାରେ ୪୬ କେଜି ଚାଉଳ ରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୋକସରା ଏଫସିଆଇ ଚାଉଳ ଗୋଦାମରୁ କୋକସରା ବ୍ଲକର ୨୨ ପଞ୍ଚାୟତ ଗୋଦାମକୁ ଚାଉଳ ପରିବହନ ପାଇଁ ଜଣେ ଠିକାଦାର ରହିଛନ୍ତି। ତେବେ ପଞ୍ଚାୟତକୁ ଚାଉଳ ଆସିବା ବାଟରେ କିଏ ଚାଉଳ ବାଟମାରଣା କରୁଛି ତାହା ସନ୍ଦେହ ଘେରରେ ରହିଥିବା ବେଳେ ବାଟମାରଣା ପଛରେ ପରିବହନ ଠିକାଦାର ନା ପଞ୍ଚାୟତ କର୍ମଚାରୀଙ୍କ ହାତ ରହିଛି ତାହାକୁ ନେଇ ତଦନ୍ତ କରିବାକୁ ଦାବି କରିଛନ୍ତି। ପଞ୍ଚାୟତର ୬ ନମ୍ବର ୱାର୍ଡ଼ ସଭ୍ୟ ଗୁଣନିଧି ବାଗ, ବନମାଳୀ ପ୍ରଧାନୀ, ପ୍ରତାପ ପ୍ରଧାନୀ, ରୂପଧର ନାଗ, ନାରାୟଣ ଶର୍ମା ସମେତ ଅନେକ ହିତାଧିକାରୀମାନେ ଏହି ଅଭିଯୋଗ କରିଛନ୍ତି। ହିତାଧିକାରୀମାନେ ଏ ନେଇ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ମଧ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ଅନୁରୂପ ଘଟଣା ଢ଼ହଗାଁ ପଞ୍ଚାୟତରୁ ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ କୋକସରା ଯୋଗାଣ ବିଭାଗ ଅଧିକାରୀ ଜଗାରାମ ମୁର୍ମୁଙ୍କ ପ୍ରତିକ୍ରିୟା ନେବାରୁ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।




ବଣ୍ଟନ ସମୟରେ ପିଡିଏସ୍ ଚାଉଳ ଓଜନ କରାଯାଉଛି।

## ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ପାଇଁ ସଚେତନତା କାର୍ଯ୍ୟକ୍ରମ

**କେସିଙ୍ଗା,୨୨।୫(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ତାଲୁକ ଆଇନ ସେବା ସମିତି କେସିଙ୍ଗା ପକ୍ଷରୁ ଘରକୁ ଘର ବୁଲି ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା, ମାଗଣା ଆଇନ ସେବା ଯୋଗାଇ ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ ସୋମବାର ଆରମ୍ଭ କରାଯାଇଛି। ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କ'ଣ ସବୁ ସରକାରୀ ସୁବିଧା ଅଛି ତଥା ଯଦି ସେମାନେ ସେଥିରୁ ବଞ୍ଚିତ, ତାହାହେଲେ କିପରି ସେମାନଙ୍କୁ ସମସ୍ତ ସରକାରି ସହାୟତା ଉପଲବ୍ଧ କରାଯାଇ ପାରିବ ଏବଂ ଆଇନ ସେବା ପ୍ରାଧିକରଣର ଅଧିନିୟମ୧୯୮୭ ର ଧାରା୧୨ ଅନୁସାରେ ମାଗଣା ଆଇନ ସେବା ପାଇବାର ହକଦାର ଅଟନ୍ତି ତାହା ଘର ଘର ବୁଲି ଲୋକଙ୍କୁ ସଚେତନ କରାଯାଇ ଥିଲା। କାର୍ଯ୍ୟାଳୟ ପକ୍ଷରୁ ଓକିଲ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କୁ



ନେଇ ଗଠିତ ଟିମ୍ ପ୍ରଥମ ଦିନ ବ୍ଲକର ଲଇତରା, ବୋରିଆ ଏବଂ ଦେଓଗାଁ ପଞ୍ଚାୟତରେ ଏହି ଅଭିଯାନ କରାଯାଇଥିଲା। ଏହା ୨୯ ତାରିଖ ଯାଏଁ ଚାଲିବ। ପ୍ରଥମ ଦିନରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ଗୋଲକ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ପାରା ଲିଗାଲ ସ୍ୱେଚ୍ଛାସେବୀ ସନ୍ତୋଷ ଦଣ୍ଡସେନା, ନୀଲମ ବାଗ, କେଳୁଚରଣ ତାଣ୍ଡି ପ୍ରମୁଖ ଗାଁ ଗାଁ ବୁଲି ଲୋକଙ୍କୁ ଦିବ୍ୟାଙ୍ଗ ଯୁବତୀ, ଯୁବକ, ମହିଳା ଓ ପୁରୁଷମାନଙ୍କ ଏକ ସର୍ଭେ କରାଯାଇଥିଲା।

## ଉତ୍କଳ ମହିଳା ସମିତିର ଜିଲା ସମ୍ମିଳନୀ

**ଜୁନାଗଡ଼,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସଂସ୍କୃତି ଭବନଠାରେ ସୋମବାର ଉତ୍କଳ ମହିଳା ସମିତିର ଷଷ୍ଠତମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାନେତ୍ରୀ ରାଣୀମତି ଛତ୍ରିଆ, ସଂଯୁକ୍ତା ଚନ୍ଦନ, ମୀନା ବାଗ, ସୁକାନ୍ତି ଦାଶ, ଅମ୍ବିକା ବାଗ, ହିମାଦ୍ରୀ ବାଗ, ସବିତା ସତନାମୀ, ଲଳିତା ରଣା ପ୍ରମୁଖ ଯୋଗଦେଇ ଥିଲେ। ମହିଳାମାନଙ୍କ ସାମାଜିକ ସୁରକ୍ଷା, ଥାନା, କୋର୍ଟ, କଚେରୀରେ ମହିଳାମାନଙ୍କୁ ସମ୍ମାନ ମିଳିବା, ଜବକାର୍ଡ ହିତାଧିକାରୀଙ୍କୁ ୨ ଶହ ଦିନର କାମ ଯୋଗାଇ ଦେବା, ମହିଳାମାନଙ୍କୁ ସମାନ କାମ ପାଇଁ ସମାନ ମଜୁରି ଆଦି ୧୩ଟି ଦାବି ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହାକୁ ନେଇ ଏକ ଜନଆନ୍ଦୋଳନ ମଧ କରାଯିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା।



ଜିଲା ସମ୍ମିଳନୀରେ ଉତ୍କଳ ମହିଳା ସମିତିର ଅଧିକାରୀବୃନ୍ଦ।

## ୩୦ ବର୍ଷ ପରେ ମିଳିଲା ପଞ୍ଚାୟତ ଅଫିସ ଜମି

**ଭବାନୀପାଟଣା,୨୨।୫(ସ୍ୱ.ପ୍ର.)**

**୧ ଡେସିମିଲ ଜମି ମିଳି ନାହିଁ**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାଲୋପଲା ପଞ୍ଚାୟତ ଅଫିସ ପାଇଁ ମିଳିଥିବା ଜମିର ମାଲିକାନା ହାସଲ ଦୀର୍ଘ ୩୦ବର୍ଷ ପରେ ସମ୍ଭବ ହୋଇପାରିଛି। ଏହାକୁ ନେଇ ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ଜୁନାଗଡ ବ୍ଲକ ଅନ୍ତର୍ଗତ ମହିଚଲା ପଞ୍ଚାୟତରୁ ସ୍ୱତନ୍ତ୍ର ଭାବେ ଅଲଗା ହୋଇ ୧୯୯୨ରେ କାଲୋପଲା ପଞ୍ଚାୟତ ଗଠିତ ହୋଇଥିଲା। ପତ୍ର ସଂଖ୍ୟା ୧୪୮୪ ତା ୨୨।୦୭।୧୯୯୨ରେ ଶକୁନ୍ତଳ ଗୌଡ ଖାତା ନମ୍ବର ୯୩ ପ୍ଲଟ ନମ୍ବର ୫୧୦ରୁ ୮ ଡେସିମିଲ ଜମି ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ ନାମରେ ହସ୍ତାନ୍ତର କରିଥିଲେ। ହେଲେ ଏହା ମ୍ୟୁଟେଶନ ହୋଇ ପାରି ନ ଥିଲା କିମ୍ବା ପଞ୍ଚାୟତ ଖାତାକୁ ଆସି ପାରି ନ ଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରେ ପ୍ଲଟ ନମ୍ବର ୫୧୦ ପରିବର୍ତ୍ତେ ୫୦୯ ଉପରେ ପଞ୍ଚାୟତ ଅଫିସ ଗୃହ ନିର୍ମାଣ ହୋଇଥିଲା। ଏ ସମ୍ପର୍କରେ ଧର୍ମଗଡ ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୩୬୦ ତା ୨୭।୦୧।୨୦୦୨ ଅନୁସାରେ ଉକ୍ତ ଜମି ସକ୍ରାନ୍ତୀୟ ସଂଶୋଧନ ଡିଡ ନଂ. ୧୭୩/୨୦୦୨ରେ ସଂଶୋଧନ କରାଯାଇଥିଲା। କିନ୍ତୁ ପ୍ଲଟ ନମ୍ବର ୫୦୯ରେ ଥିବା ୧୦ ଡେସମିଲ ମଧ୍ୟରୁ ୩ ଡେସିମିଲ ଲେଖାଏ ଦୁଇଥର ବିକ୍ରି କବଲା କରାଯାଇ ମାତ୍ର ୪ ଡେସିମିଲ ଜମି ବଳକା ଥିଲା। ତନ୍ମଧ୍ୟରୁ ମାତ୍ର ୩ ଡେସମିଲ ଜମି ହିଁ ଦାଖଲ ଖାରଜ ହୋଇଥିବା ବେଳେ ୭ ଡେସମିଲ ଜମି ବଳକା ଥିଲା। ଫଳରେ ସେହି ୪ ଡେସମିଲ ଜମି ଉପରେ ହିଁ କଲୋପଲା ପଞ୍ଚାୟତ ଅଫିସ ଗୃହ ନିର୍ମାଣ କରିବାକୁ ବିଭାଗ ବାଧ ହେଲା। ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ୮ ଡେସିମିଲ ଜମି ଆସି ପାରି ନ ଥିଲା। ଏ ସମ୍ପର୍କରେ କଲୋପଲା ପୂର୍ବତନ ସମିତି ସଭ୍ୟ ସତ୍ୟ ନାରାୟଣ ବେହେରା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଞ୍ଚାୟତ ଜମି ଓ ଖାତାକୁ ଆଣିବାକୁ ଆବେଦନ କରିଥିଲେ। ବିଡିଓଙ୍କଠାରୁ ଆରଡିସି ପର୍ଯ୍ୟନ୍ତ ବେହେରା ଆବେଦନ କରିବା ପରେ ସୁଫଳ ନ ମିଳିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁ ପିସି ୧୫୬୭୯/୨୦୧୯ରେ କଳାହାଣ୍ଡି ଜିଲାପାଳଙ୍କୁ ପଞ୍ଚାୟତ ଖାତାରେ ଉକ୍ତ ଜମି ଦରଜ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ମିସ କେସ ନମ୍ବର ୦୧/୨୦୨୦ରେ ଜୁନାଗଡ ତହସିଲଦାରଙ୍କ ପାଖରେ ମ୍ୟୁଟେଶନ କେଶ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ବେହେରା ଜୁନାଗଡ ତହସିଲଦାରଙ୍କ ପାଖରେ ଖାତା ନମ୍ବର ୯୩ ପ୍ଲଟ ନମ୍ବର ୫୦୯ ବାରି ମାମୁଲି ୮ ଡିସମିଲ ଜମି ପାଇଁ ମ୍ୟୁଟେଶନ କେଶ ନମ୍ବର ୬୦୨/୨୦୨୧ ଦାଖଲ କରିଥିବା ବେଳେ ପୂର୍ବତନ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ ଖାରଜ କରିଦେଇଥିଲେ। ସେଥିପାଇଁ ଧର୍ମଗଡ ଉପଜିଲାପାଳଙ୍କ ଅଦାଲତରେ ଅପିଲ କେଶ ନମ୍ବର ୦୨/୨୦୨୧ ଦାଖଲ କରିବା ପରେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ ସମସ୍ତ ବିଷୟ ବସ୍ତୁ ଉପରେ ବିଚାର କରି ରେଜିଷ୍ଟ୍ରି ଦଲିଲ ଆଧାରରେ ଦାଖଲ ଖାରଜ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଜୁନାଗଡ ତହସିଲଦାର ପ୍ଲଟ ନମ୍ବର ୫୦୯ରେ ଥିବା ୭ ଡେସିମିଲ ଜମିକୁ କଲୋପଲା ପଞ୍ଚାୟତ ପକ୍ଷରୁ ଧର୍ମଗଡ ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ ନାମରେ ଖାତା ନମ୍ବର ୯୫/୪୮୭ ଅନୁସାରେ ଗତ ତା ୦୨।୦୫।୨୦୨୩ରେ ଦାଖଲ ଖାରଜ କରିଥିବା ଜଣାପଡିଛି। ଦୀର୍ଘ ୩୦ ବର୍ଷ ସଂଘର୍ଷ କରିବା ପରେ ୮ ଡେସିମିଲ ଜମି ମଧ୍ୟରୁ ୭ ଡେସିମିଲ ଜମି ପଞ୍ଚାୟତ ଖାତାକୁ ଆସିଥିବା ବେଳେ ଆଉ ୧ ଡେସିମିଲ ଜମି ମିଳିପାରି ନ ଥିବା ଜଣାପଡିଛି।

## ସଂକ୍ଷେପରେ

### ଜାତୀୟସ୍ତରୀୟ ବକ୍ସିଂରେ ଶୁଭ୍ରତା କଲତା



**ଅମରପାଲି,୨୨।୫ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ବକ୍ସିଂ ଖେଳାଳି ଶୁଭ୍ରତା କଲତା ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ୩ ଜଣ ଖେଳାଳି ଭାଗ ନେଇଛନ୍ତି। ମହିଳା ବିଭାଗରେ ଶୁଭ୍ରତା ୫୦ ରୁ ୫୭ କି.ଗ୍ରା ବର୍ଗରେ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି । ଆସନ୍ତା ମାସ ୧୨ ତାରିଖ ସିକିମର ଗ୍ୟାଙ୍ଗଟକଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରିବେ। ତାଙ୍କର ଏହି ସଫଳତା ପାଇଁ କୋଚ କଲିମ ମହମ୍ମଦ, କୃତିବାସ ଶତପଥୀ, ଜିଲା ବକ୍ସିଂ ସଂଘ ସମ୍ପାଦକ ବ୍ରଜଗୋପାଳ ପଣ୍ଡା, ଜିଲା ଅଥଲେଟିକ ସଂଘ ସମ୍ପାଦକ ପିୟୁଷ କୁମାର ପଣ୍ଡା, ଶିକ୍ଷକ ରାଜେଶ ମେଣ୍ଡିଲି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଧାନମଣ୍ଡି ଉଦ୍‌ଘାଟିତ

**ବିନିକା ୨୨ । ୫ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକାରେ ସୋମବାର ଧାନମଣ୍ଡିକୁ ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆରଏମସି ଅଧିକାରୀ, ଏସିଏସଓ ରବିତିଶ ସିଂ ନାୟକ, ପ୍ରଭାତ କୁମାର ଦାସ, ମାର୍କେଟିଂ ମ୍ୟାନେଜର ପିଙ୍କୁ ଭୁଏ, ସମିତି ସଭାପତି ଆନନ୍ଦ କୁମାର ବାବୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ସମିତିର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୨୬୧ କୁଇଣ୍ଟାଲ ୮୩ କେଜି କ୍ରୟ ହୋଇଛି। ପ୍ରଥମ ଚାଷୀ ଭାବେ ଉର୍ଲେ ଗ୍ରାମର ସବିତା ହୋତା ଧାନ ବିକ୍ରୟ କରିଥିଲେ ।

### ୨୨କେଜି ଗଞ୍ଜେଇ ଜବତ: ୩ ଗିରଫ



**ବୌଦ୍ଧ,୨୨।୫(ସ୍ୱ.ପ୍ର.):** ବୌଦ୍ଧ ପୋଲିସ ସୋମବାର ଚଢାଉ କରି ୨୨ କିଲୋ ଗଞ୍ଜେଇ ଜବତ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ମୁତାବକ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ବୌଦ୍ଧ ଆଡକୁ ଆସୁଥିବା ଏକ ବାଇକ୍ (ଓଡି୧୨ଏ-୩୫୨୦)କୁ ରାମ୍ପିକଟା ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ବାଇକ୍‌ରେ ଥିବା ଦୁଇଟି ଜରି ବ୍ୟାଗ ଭିତରୁ ୨୨ କିଲୋ ଗଞ୍ଜେଇ ଜବତ କରି ପୋଲିସ ହରଭଙ୍ଗା ବ୍ଲକ ଲଣ୍ଡେଜୁର ଗ୍ରାମର ସଞ୍ଜୟ ବେହେରା(୩୦), ହରେକୃଷ୍ଣପୁର ଗ୍ରାମର ରଞ୍ଜନ ବେହେରା(୪୦) ଓ ଫୁଲବାଣୀ ଜିରିଙ୍ଗପଡାର ସଲମନ ଖାଁ(୧୯)ଙ୍କୁ ଗିରଫ କରିଥିଲା। ବୌଦ୍ଧ ଥାନା କେସ୍ ନଂ୨୦୮/୨୩ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### କାର୍‌କୁ ଧକ୍କା ଦେଇ ଓଲଟିଲା ଟ୍ରକ୍

**ତଳଗାଁ,୨୨।୫(ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ମାଧପୁରଠାରେ ସୋମବାର କାର୍‌କୁ ଧକ୍କା ଦେଇ ଏକ ଟ୍ରକ୍ ରାସ୍ତା ଉପରେ ଓଲଟିପଡିଛି। ଏଥିରେ ଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇଥିବାବେଳେ କାର୍‌ରେ ଥିବା ଯାତ୍ରୀ ସୁରକ୍ଷିତ ରହିଛନ୍ତି। ବଲାଙ୍ଗୀର ପଟୁ ଏକ ଆଜବେଷ୍ଟସ୍ ବୋଝେଇ ଟ୍ରକ୍ (ଓଡି୦୫ଏଇ-୮୨୯୨) ଭୁବନେଶ୍ୱର ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଇନୋଭା କାର୍ (ଓଡି୧୭କେ-୩୪୭୭) ସହ ଧକ୍କା ହୋଇଥିଲା। ଆଡେଣୀଗଡ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇଗାଡିକୁ ରାସ୍ତାରୁ ହଟାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପର୍ଯ୍ୟଟନର ବିକାଶ, ରେଳପଥ ସମ୍ପର୍କରେ ଆଲୋଚନା

## ସଚେତନ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ

**ସୋନପୁର, ୨୨।୫(ନି.ପ୍ର.)**

ସୁବର୍ଣ୍ଣପୁର ସଚେତନ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ ସଭାପତି ସୀତାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମାରୱାଡି ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ପରେ ଜିଲାର ଅନ୍ୟାନ୍ୟ ସଙ୍ଗଠନ ସଦସ୍ୟଙ୍କ ସହ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାକୁ ଅନେକ କ୍ଷେତ୍ରରେ ସରକାରଙ୍କ ଅଣଦେଖାର ଆଭିମୁଖ୍ୟକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ରାଜ୍ୟର ଅନ୍ୟ ଜିଲାଗୁଡିକରେ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ କାର୍ଯ୍ୟ ସରକାର ହାତକୁ ନେଉଥିବା ବେଳେ ସୁବର୍ଣ୍ଣପୁର ଜିଲାକୁ ମଧ୍ୟ ଏଥିରେ ସାମିଲ କରାଯିବା ପାଇଁ ଦାବି ହୋଇଥିଲା। ଜିଲାରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ସକାଶେ ଖୁବ୍‌ଶୀଘ୍ର ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟରେ ବିଳମ୍ବ ଓ ସମ୍ବଲପୁର-ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଦେଇଯିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ଏନେଇ ନିଆଯାଇଥିବା ପଦକ୍ଷେପ ବିଷୟରେ ମଞ୍ଚର ସଭାପତି ସୂଚନା ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ସଚେତନ ନାଗରିକ ମଞ୍ଚ ଓ ଅନ୍ୟାନ୍ୟ ଅନୁଷ୍ଠାନ କର୍ମକର୍ତ୍ତା ।

ସମ୍ବଲପୁର-ଗୋପାଳପୁର ରେଳଲାଇନକୁ ନେଇ ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପ୍ରାକ୍ତନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏବଂ ବଲାଙ୍ଗୀର ଏମପି ସଙ୍ଗୀତା ସିଂଦେଓଙ୍କ ଅବଗତି ଓ ବିହିତ ପଦକ୍ଷେପ ସକାଶେ ଅନୁରୋଧ କରାଯାଇଥିବା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବହୁ ବାର ପତ୍ର, ମେଲ, ଟୁଇଟ ଜରିଆରେ ମଧ୍ୟ ସରକାରଙ୍କ ପାଖରେ ଦାବି ରଖାଯାଇଛି ହେଲେ ଉତ୍ତର ମିଳୁନଥିବା କଥା ମଞ୍ଚର ସଭାପତି ପ୍ରକାଶ କରିଥିଲେ। ତେଣୁ ଏକ ପ୍ରତିନିଧି ମଣ୍ଡଳୀ ଖୁବ୍‌ଶୀଘ୍ର ଦିଲ୍ଲୀ ଯାଇ ରେଳମନ୍ତ୍ରୀ ଓ ବିଭିନ୍ନ ପଦାଧିକାରୀ ବୃନ୍ଦଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସହ ସୁବର୍ଣ୍ଣପୁର ସହରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳିଆ ହେରିଟେଜ ପ୍ରକଳ୍ପ ବିଷୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ସହ ଜିଲା ସଦର ମହକୁମାରେ ଚାଲୁ ରହିଥିବା ରିଂରୋଡ୍ କାର୍ଯ୍ୟ ଦୀର୍ଘ ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇ ନ ପାରିବା ନେଇ ଚିନ୍ତା ପ୍ରକଟ କରାଯାଇଥିଲା।

ଆଲୋଚନାରେ ଗୋରେଖ ନାଥ ସାହୁ, ପର୍ଶୁରାମ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ବାଙ୍କାନିଧି ରାୟଗୁରୁ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, କିଶୋର ହୋତା, କ୍ଷିରସାଗର ବିଭାର, ସହଦେ ପାତ୍ର, ମହେଶ ପୂଜାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଚେତନ ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ମେହେରଙ୍କ ସମେତ ଆଇନଜୀବୀ ବ୍ୟୋମକେଶ ଦାସ, ପର୍ଶୁରାମ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ଜିଲା କ୍ରିକେଟ ସଂଘ ସଭାପତି ରାମଶଙ୍କର ସାହୁ, ଭିକାରୀ ପୃଷ୍ଟି, ପ୍ରଦୀପ ପୁରୋହିତ, ଦୁଃଖିରାମ ନାୟକ, ସୂର୍ଯ୍ୟ ନାରାୟଣ ଦାସ, ନବଘନ ଷାଣ୍ଡ, ପଞ୍ଚାନନ ବାରିକ, ଶେଷଦେବ ମେହେର, ସଞ୍ଜୀବ ଅଗ୍ରୱାଲା, ରାଜକିଶୋର ତ୍ରିପାଠୀ, ଦିଲ୍ଲୀପ ରଥ, ମୃତ୍ୟୁଞ୍ଜୟ ପାତ୍ର ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦିଗଶିରା, ଡୁଙ୍ଗୁରିପାଲିରେ ଧାନମଣ୍ଡି ଉଦ୍‌ଘାଟିତ

**ଡୁଙ୍ଗୁରିପାଲି ୨୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଉପବଜାର ପରିସରରେ ରବିଧାନ ସଂଗ୍ରହ ସୋମବାର ଆରମ୍ଭ ହୋଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଡ଼ିଓ ତ୍ରିପୁର ମହାନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଦିଗଶିରା ସମିତି ସଭ୍ୟା ମମତା ମହାନନ୍ଦ, ଆର୍‌ଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ଏଆରସିଏସ ଲଳିତ ମାଝି, ଡିପିସି କାର୍ତ୍ତିକ ନାଏକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଦିଗଶିରା ପୂର୍ବତନ ସରପଞ୍ଚ ଲବ ମେହେର, ଡୁଙ୍ଗୁରିପାଲି ଯୋଗାଣ ନିରୀକ୍ଷକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାଷୀ ଧାର୍ଯ୍ୟ ସମୟରେ ଧାନ କିପରି ବିକ୍ରି କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ସମଲେଶ୍ୱରୀ ସ୍ୱୟଂ ସହାୟକ ମହିଳା ଏସ୍‌ଏଚ୍‌ଜି ସଭାନେତ୍ରୀ ବେଦ ଦୀପ,ସମ୍ପାଦକ ରାଜେଶ୍ୱରୀ ସୁନା, ସଭ୍ୟା ଦେବକୀ ନାଗ, ଭାନୁମତି ନାଗ, ସୀତା ଦୀପ, ପାର ନାଗ, ରିଙ୍କି ସୁନା, ଏଲିନା ବାଗ, ଜେମାଦେଇ ଦୀପ, ଡିଇଓ ବର୍ଷାରାଣୀ ଡାଙ୍ଗ ଓ ଚାଷୀ ଗର୍ଜନ ମେହେର, ଧୀରେନ ମେହେର ଉପସ୍ଥିତ ଥିଲେ।

ସେହିପରି ଡୁଙ୍ଗୁରିପାଲି ଆରଏମସି ପରିସରରେ ଡୁଙ୍ଗୁରିପାଲି ପାକ୍ସର ଧାନକ୍ରୟ ଆରମ୍ଭ ହୋଇଛି। ଏହାକୁ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଉଦ୍‌ଘାଟନ କରିଥିଲେ। ପାକ୍ସ ସମ୍ପାଦକ ରବୀନ୍ଦ୍ରଚନ୍ଦ୍ର ବିଶ୍ୱାଳ, ସହଲା ପାକ୍ସ ସମ୍ପାଦକ ନୀତେଇ ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଡୁଙ୍ଗୁରିପାଲି ପାକ୍ସ ସଭାପତି ଦାଶରଥି ବିଶ୍ୱାଳ, ଏସିଏସଓ ଲଳିତ ପଟ୍ଟନାୟକ ଏଆରସିଏସ ଲଳିତ ମାଝି, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ଏମଆଇ ପୂର୍ଣ୍ଣଚନ୍ଦ୍ର ରାଉତ,ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିନ ଚାଷୀ ଅଜିତ ବେହେରା ମଣ୍ଡିକୁ ଧାନ ଆଣି ବିକ୍ରି କରିଥିଲେ। ଅଗ୍ରଣୀ ଚାଷୀ ରଙ୍କମଣି ସାହୁ, ତକ୍ଷକ ସାହୁ, ଅନଙ୍ଗ ପଧାନ, ଘନଶ୍ୟାମ ପଧାନ ଓ ମିଲର୍ସ ବଜରଙ୍ଗ ଅଗ୍ରୱାଲ, ଗଙ୍ଗା ଦଣ୍ଡସେନା, ସନ୍ଦୀପ ପଧାନ, ଉପସ୍ଥିତ ଥିଲେ।



ଦିଗଶିରା ଉପ ବଜାରରେ ଅତିଥିମାନେ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି ।

# ଦେବ ନିମନ୍ତ୍ରଣ ପାଇଁ ଭୈରବ ବାବାଙ୍କ ନଗର ପରିକ୍ରମା



ହିମାଦ୍ରି ନଗରରେ ବାହାରି ଥିବା କଳସ ଶୋଭାଯାତ୍ରା ।

**ବରପାଲି, ୨୨।୫(ଡି.ଏନ.ଏ.)**

ବରଗଡ ଜିଲା ବରପାଲିର ୧୪୬ତମ ଶୀତଳ ଷଷ୍ଠୀ ଯାତ୍ରାର ତୃତୀୟ ଦିବସରେ ଶିବ ପାର୍ବତୀଙ୍କ ବିବାହ ନିମନ୍ତ୍ରଣ କଲେ ଭୈରବ ବାବା। ଆଜିର ଯାତ୍ରାକୁ 'ଭୈରୋ ବୁଲା' କୁହାଯାଏ। ସୋମବାର ତୃତୀୟା ଦିନ ଭଣ୍ଡାର ଗୃହରେ ଅବସ୍ଥାପିତ ବାବା କପିଳେଶ୍ୱର ଓ ମା' ପାର୍ବତୀଙ୍କ ସ୍ନାନ ଓ ଆରତୀ ପରେ ମଧ୍ୟାହ୍ନରେ ଅନ୍ନ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ବାବା ଭୈରବ ଦେବଦମ୍ପତିଙ୍କ ବିବାହରେ ଯୋଗ ଦେବା ପାଇଁ ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ ପାଇଁ ନଗର ପରିକ୍ରମା କରିଥିଲେ। ଅନ୍ୟପକ୍ଷରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ନଗର ପରିକ୍ରମା କରି ସ୍ୱର୍ଗ ଉପରେ ଆକ୍ରମଣ କରି ବିଜୟ ଲାଭ କରିବା ପରେ ଭୁଲିଆ ସମାଜ ନିକଟରେ ଥିବା ମଞ୍ଚରେ ରଙ୍ଗସଭା ଆୟୋଜନ କରିଥିଲେ।

ବରପାଲି ଶୀତଳ ଷଷ୍ଠୀର ସାଂସ୍କୃତିକ କାର୍ଯକ୍ରମର ମୁଖ୍ୟ ଆକର୍ଷଣ ଥିବା ନଟରାଜ ମହୋତ୍ସବକୁ ଗଙ୍ଗାଧର ମେହେର କ୍ଲବ ପରିସରରେ ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ଓଡିଶୀ ନୃତ୍ୟ କଳା ମଣ୍ଡଳ କଟକ, ସୁବର୍ଣ୍ଣପୁରର ପର୍ଏଁରି ଅନୁଷ୍ଠାନ, ମୟୂରଭଞ୍ଜର ଝୁମର ଅନୁଷ୍ଠାନ ଓ ବରଗଡ଼ର ଦିବ୍ୟ ରୂପ ଅନୁଷ୍ଠାନ କାର୍ଯକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା ରୁଦ୍ରଜ୍ୟୋତି ଉନ୍ମୋଚିତ ହୋଇଥିଲା। ସେହିପରି ହିମାଦ୍ରୀ ନଗର ମଧ୍ୟ ଚଳଚଞ୍ଚଳ ହୋଇଛି। ସକାଳେ ମହିଳାମାନେ ଗହୀରବନ୍ଧରୁ ପୂର୍ଣ୍ଣଜଳ କଳସ ଶୋଭାଯାତ୍ରାରେ ଆଣି ସହର ପରିକ୍ରମା ପୂର୍ବକ ପାର୍ବତୀ ମଣ୍ଡପରେ ସ୍ଥାପନ କରିଥିଲେ। କନ୍ୟା ମାତାପିତା ମିନତୀ ପତି ଓ ରାଜ ଗୋପାଳ ଦାଶ ଏଥିରେ ସାମିଲ ହୋଇଥିଲେ। ହିମାଦ୍ରୀ ନଗରଠାରେ ମଧ୍ୟ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ସହରର ବିଭିନ୍ନ ଛକରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହାଇସ୍କୁଲ ପଡିଆରେ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଥିଲା। ମଧରାତ୍ରରେ ରାମେଶ୍ୱର ଶିବ ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା।

## ହେମା ଅନୁଷ୍ଠାନକୁ ସଂସ୍କୃତି ଅଧିକାରୀଙ୍କ ପରିଦର୍ଶନ

**ପଦ୍ମପୁର, ୨୨।୫(ଡି.ଏନ୍.ଏ.)**

ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଓ ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀ ସହଯୋଗରେ ଚାଲିଥିବା ସାତ ଦିବସୀୟ ଶିଶୁ ନାଟ୍ୟ କର୍ମଶାଳାର ତୃତୀୟ ଦିନରେ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ ସାସ୍ୱାଶ ପଣ୍ଡା ଅନୁଷ୍ଠାନ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଜିଲା ଶ୍ରମିକ ଅଧିକାରୀ ଓ ଜିଲା ପଞ୍ଚାୟତିରାଜ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସଂସ୍କୃତି ଅଧିକାରୀ ଅନୁଷ୍ଠାନର କାର୍ଯ୍ୟପନ୍ଥାକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି ପାଇଁ ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ତୃତୀୟ ଦିନରେ ସଙ୍ଗୀତଜ୍ଞ ଲାଦୁ ମହାନନ୍ଦ ଶିଶୁମାନଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ। ପରେ ଦୟାସାଗର ଧରୁଆ ଓ ନାଟ୍ୟକାର ରାଜକୁମାର ସାହୁ ତାଲିମକୁ ଆଗକୁ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜାଳ ବାଗ, ଇନ୍ଦ୍ରମଣି ସାହୁ , ଘନଶ୍ୟାମ ଭୋଇ, କୁଳମଣି ପଶାୟତ, ହେମନ୍ତ ମହାକୁର, ଜୟନ୍ତ ସାହ, ରସିକ ବରିହା, ସୁବ୍ରତ ସାହୁ, ରବୀନ୍ଦ୍ର ସାହୁ, ଗୌତମ ସାହୁ,ଧର୍ମେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# କନିଷ୍ଠ ସହାୟକଙ୍କ ଗ୍ରେଡ୍ ପେ ୪୨୦୦କୁ ବୃଦ୍ଧି କର

## ଅମଲାମାନେ ପିନ୍ଧିଲେ କଳା ବ୍ୟାଜ୍

**ସୋନପୁର,୨୨।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅମଲାମାନେ ସୋମବାରଠାରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସେମାନେ କଳା ବ୍ୟାଜ୍ ପିନ୍ଧି କାମ କରିବେ। ଦାବି ପୂରଣ ନ ହେଲେ ଜୁନ୍ ୧ ତାରିଖଠାରୁ ଅମଲାମାନେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଯୋଗ୍ୟତା ଆଧାରରେ କନିଷ୍ଠ ସହାୟକଙ୍କ ଲେଭେଲ-୯ ଗ୍ରେଡ୍ ପେ ୪୨୦୦କୁ ବୃଦ୍ଧି କରିବା ପାଇଁ ମିଳିତ ଅମଲା ମଞ୍ଚ ପକ୍ଷରୁ ଦାବି ହୋଇଆସୁଛି। କମ୍ପ୍ୟୁଟର ଜ୍ଞାନ ଥିବା କନିଷ୍ଠ ସହାୟକଙ୍କୁ ଯୋଗ୍ୟତା ଆଧାରରେ ଦରମା ବୃଦ୍ଧି ପାଇଁ ରାଜ୍ୟ ସରକାର ୨୦୧୭ରେ ନିଷ୍ପତ୍ତି ନେଇଥିଲେ । ମାତ୍ର ତାହା ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଅମଲା ସଂଘ ପକ୍ଷରୁ ପୂର୍ବରୁ ଏ ସମ୍ପର୍କରେ ଚରମ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ପ୍ରଦାନ କରା ଯାଇଥିଲା। ମିଳିତ ଅମଲା ମଞ୍ଚର ଚିତ୍ତରଞ୍ଜନ ତରାସିଆ, ଜୟଦ୍ରଥ ଜଗଦଳା, ଜିଲା ସମ୍ପାଦକ ଦିନେଶ ରଞ୍ଜନ ମିଶ୍ର, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଶିବଦତ୍ତ ଦାଶଙ୍କ ନେତୃତ୍ୱରେ ଅମଲା ମାନେ ଜିଲାରେ ପ୍ରତିକାତ୍ମକ ଆନ୍ଦୋଳନ ଜାରି ରଖିଛନ୍ତି।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରିଥିବା ଅମଲାମାନେ।

# ସ୍ଥିତି ଅନୁଧ୍ୟାନ କଲେ ବିଭାଗୀୟ ଅଧିକାରୀ

## ବଡ଼ବର୍ଡାକଟା କେନ୍ଦୁପତ୍ର ଫଡ଼ି ପୋଡ଼ିଦେବା ଘଟଣା

**ଅମରପାଲି,୨୨।୫(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ବଡବର୍ଡାକଟା କେନ୍ଦୁପତ୍ର ଫଡିକୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଜାଳି ଦେଇଥିଲେ। ଫଳରେ କେନ୍ଦୁପତ୍ର ଫଡିରେ ଥିବା ସମସ୍ତ କେନ୍ଦୁପତ୍ର ଜଳି ପୋଡି ନଷ୍ଟ ହୋଇଯାଇଛି। ସୋମବାର କେନ୍ଦୁପତ୍ର ବିଭାଗର ସମ୍ବଲପୁର ଆରସିସିଏଫ ଟି.ଅଶୋକ କୁମାର, ରେଢାଖୋଲ ଡିଏଫଓ ବସିଲ ବରାଳ, ଏସିଏଫ ରୂପଚାନ୍ଦ ଦୋରା, ବହଳପଦର କେନ୍ଦୁପତ୍ର ରେଞ୍ଜ ଅଧିକାରୀ ସର୍ବେଶ୍ୱର ବେହେରା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ଫଡି ପୋଡି ବିଷୟରେ ପଚରାଉଚୁରା କରିଥିଲେ। ଆକଳନପରେ ସେଠାରେ ଥିବା ପ୍ରାୟ ୧ଲକ୍ଷ ୫୦ ହଜାର ୩୫୦ କେରି କେନ୍ଦୁପତ୍ର ଜଳି ନଷ୍ଟ ହୋଇଯାଇଥିବା ଜଣାପଡିଛି। ପରେ କେନ୍ଦୁପତ୍ର ବିଭାଗ ତରଫରୁ ସୁବଳୟା ଥାନାରେ ଦିଆଯାଇଥିବା ଏତଲା ଆଧରରେ ଏକ ମାମଲା ୭୫/୨୩)ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ବଡବର୍ଡାକଟା କେନ୍ଦୁପତ୍ର ଫଡିକୁ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ।



କେନ୍ଦୁପତ୍ର ବିଭାଗ ଅଧିକାରୀମାନେ ବଡବର୍ଡାକଟା ଫଡିରେ ତଦନ୍ତ କରୁଛନ୍ତି।

# ଶିଳ୍ପୀର ସ୍ୱଚ୍ଛମନ କଳାକୁ ଜୀବନ୍ତ କରିଥାଏ

## ପାରମ୍ପରିକ ଟେରାକୋଟା ଶିବିର ଉଦ୍‌ଘାଟିତ

**ସୋନପୁର,୨୨।୫(ନି. ପ୍ର )**

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସୁବର୍ଣ୍ଣପୁର ସହରର କୁମ୍ଭାରପଡାଠାରେ ପାରମ୍ପରିକ ଟେରାକୋଟା ଶିବିର ସୋମବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ସୋନପୁର ଟେରାକୋଟା ଓ କଳା, ସଂସ୍କୃତି ଓ ଐତିହର ବାର୍ତ୍ତାବହ ବୋଲି ପ୍ରକାଶ କରିଥିଲେ। ଶିଳ୍ପୀର ସ୍ୱଚ୍ଛମନ ଓ ଆନ୍ତରିକତା ତାର କଳାକୁ ଅଧିକ ଜୀବନ୍ତ ଓ ଆକର୍ଷିତ କରିଥାଏ। ଏଣୁ ପ୍ରତ୍ୟେକ ଶିଳ୍ପୀ ନିବିଡ଼ଭାବେ କଳା ସହିତ ଜଡିତ ହୋଇ କଳାର ପ୍ରତ୍ୟେକ ସ୍ତରକୁ ଚିହ୍ନିବାକୁ ଦାଶ ପରାମର୍ଶ ଦେଇଥିଲେ। ଏକାଡେମୀର କାର୍ଯ୍ୟକାରୀ ସମିତ ସଦସ୍ୟ ଶ୍ୟାମସୁନ୍ଦର ମେହେର, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସାଗତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିଥିଲେ। ସୋନପୁର ଟେରାକୋଟାର ସ୍ୱତନ୍ତ୍ରତା ସବୁଠି ପ୍ରସିଦ୍ଧ। ଏହି ବିଶେଷତାକୁ ଏବଂ ଶିଳ୍ପୀମାନଙ୍କର କଳାକୃତିକୁ ପ୍ରଚାର ପ୍ରସାର ପାଇଁ ଓ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ଲଳିତ କଳା ଏକାଡେମୀର ଏହା ଏକ ନିଆରା ପ୍ରାୟାସ। ପ୍ରସ୍ତୁତ କଳାକୃତିଗୁଡ଼ିକ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେବା ସହିତ ଓଡ଼ିଶା ବାହାରେ ମଧ୍ୟ ଏକାଡେମୀ ପ୍ରଦର୍ଶନୀ ଜରିଆରେ ପ୍ରଦର୍ଶିତ କରାଯିବ। ଏହା ଦ୍ୱାରା ଶିଳ୍ପୀମାନଙ୍କୁ ଜାଣିବା ସହିତ ତାଙ୍କର କଳାକୃତିର ଚାହିଦା ବିଶ୍ୱ ଦରବାରରେ ବଢିବ। ଶିବିରରେ ୨୦ଜଣ ପାରମ୍ପରିକ ଟେରାକୋଟା ଶିଳ୍ପୀ ୭ଦିନ ଧରି ସୋନପୁରର ପ୍ରସିଦ୍ଧ ଟେରାକୋଟା ହନୁମାନ, କିଶକିନ୍ଦା ମାଙ୍କଡ, ହାତୀ, ଘୋଡା, କାମଧେନୁ, ଘୁମ ଓ ବିଭିନ୍ନ ସାମଗ୍ରୀ ଆଦି ତିଆରି କରିବେ। ଏହି ଶିବିର ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଯାପନ ଦିନ ଟେରାକୋଟା କଳାକୃତିଗୁଡିକର ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ ବୋଲି ଜଣାପଡିଛି ।




ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ପାରମ୍ପରିକ ଟେରାକୋଟା ଶିଳ୍ପୀ।

## ସଂକ୍ଷେପରେ

### ପୋଲିସ ହେପାଜତରୁ ଚମ୍ପଟ୍ ମାରିଥିବା ଅଭିଯୁକ୍ତ ଗିରଫ

ନାକଟିଦେଉଳ,୨୨।୫(ଡି.ଏନ.ଏ.): ନାକଟିଦେଉଳ ପୋଲିସ ହେପାଜତରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ୩ଦିନ ପରେ ସୋମବାର ଗିରଫ ହୋଇଛନ୍ତି। ସେ ହେଲେ



ବୌଦ୍ଧ ଜିଲା ବଘିଆପଡ଼ା ଗ୍ରାମର ସନୁଜ ବେହେରା (୨୦)। ସୂଚନା ଅନୁସାରେ ସନୁଜଙ୍କ ନାମରେ ନାକଟିଦେଉଳ ଥାନାରେ ଏକ ଚୋରି ମାମଲା ରହିଥିଲା। ନାକଟିଦେଉଳ ପୋଲିସ ଟିମ୍ ଗତ ୧୯ ତାରିଖରେ ବଘିଆପଡ଼ାରୁ ସନୁଜଙ୍କୁ ଗିରଫ କରି ନାକଟିଦେଉଳ ଆଣୁଥିଲେ। ତେବେ ବାଟରେ ପୋଲିସ ଗାଡି ଅଟକାଇ ଏକ ଦୋକାନରେ ଚା ପିଉଥିବା ବେଳେ ଗାଡ଼ିରେ ବସିଥିବା ସନୁଜ ଫେରାର ହୋଇଯାଇଥିଲେ। ପୋଲିସ କେସ୍ ନମ୍ବର ୬୯/୨୩ରେ ଏକ ମାମଲା ରୁଜୁ କରି ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା। ତେବେ ସନୁଜ ଜଣେ ସମ୍ପର୍କୀୟଙ୍କ ଏକାଦଶାହ ଭୋଜିରେ ଯୋଗ ଦେବାକୁ ବୌଦ୍ଧ ଆସୁଥିବା ଖବର ପାଇ ଛକି ବସିଥିବା ପୋଲିସ ତାଙ୍କୁ କାବୁ କରିଥିଲା। ସନୁଜଙ୍କୁ ୩୭୯ ଦଫାରେ ସୋମବାର ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କୃପା ବାଗ ପ୍ରକାଶ କରିଛନ୍ତି।

### ମିତ୍ରଭାନୁ ପଟଯୋଶୀଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରଜରାଜନଗର,୨୨।୫(ଡି.ଏନ.ଏ.): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ମିତ୍ରଭାନୁ ପଟଯୋଶୀଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରଜରାଜନଗର ସହରାଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଟଯୋଶୀ ତାଙ୍କ କର୍ମମୟ ଜୀବନ କାଳ ମଧ୍ୟରେ ଅଞ୍ଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ବିଭିନ୍ନ ସମସ୍ୟା ଜିଲା ପ୍ରଶାସନ ଆଗରେ ରଖୁଥିବାବେଳେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଉପରେ ଚାପ ପକାଇ ସମସ୍ୟା ସମାଧାନ କରୁଥିଲେ। ତାଙ୍କ ପୁତ୍ର ସଞ୍ଜୀବ ପଟଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ବରପିତା ପତରପେଁଡି ସାମଗ୍ରୀ ନେଇ ଯାଉଛନ୍ତି।



ସୋମନାଥ ବାବାଙ୍କ ପତରପେଁଡି ପୂଜାର୍ଚ୍ଚନା ଚାଲିଛି।

## ଶୋଭାଯାତ୍ରା ସହ କନ୍ୟାଘରେ ସପ୍ତଋଷି

# ଶୀତଳଷଷ୍ଠୀ ଯାତ୍ରା: ଦେବଦମ୍ପତିଙ୍କ ନିର୍ବନ୍ଧ

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବ ଦମ୍ପତି ମାତା ପାର୍ବତୀ ଓ ମହାଦେବ ଶିବଙ୍କ ବିବାହ ପାଇଁ ପତରପେଣ୍ଡି (ନିର୍ବନ୍ଧ) ଶେଷ ହୋଇଛି। ରିତିନୀତି ଓ ପରମ୍ପରା ଅନୁସାରେ ମଧ ରାତ୍ରିରେ ସମ୍ପର୍ଣ୍ଣ ହୋଇଥିଲା। ବରପକ୍ଷରୁ ଭବ୍ୟ ଶୋଭାଯାତ୍ରାରେ ସପ୍ତ ଋଷି ସହ କନ୍ୟାଘରେ ପହଞ୍ଚିଥିଲେ । କନ୍ୟା ମାତାପିତା ୭୨ଟି ସର୍ଗିପତ୍ର ଗ୍ରହଣ କରି ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ସଂକଳ୍ପ କରିଥିଲେ। ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁଡେଶ୍ୱର ବାବା, ବୁଢ଼ାରଜା ମହାଦେବ, ସହରର ସର୍ବ ପୁରାତନ ଶ୍ରୀଶ୍ରୀ ସୋମନାଥ ବାବାଙ୍କ ପତରପେଡିଁ ସଂପନ୍ନ ହୋଇଛି। ମହାଦେବଙ୍କ ନିର୍ବନ୍ଧ ଭାରକୁ କନ୍ୟା ମାତାପିତା ଓ ବନ୍ଧୁ ପରିଜନ ବରପିତା ଏବଂ ଶୋଭାଯାତ୍ରାକୁ ସ୍ୱାଗତ କରି ଘରକୁ ପାଛୋଟି ନେଇଥିଲେ। ଆତସବାଜି, ରୋଷଣି, ଦୁଲଦୁଲି ବଜା, ବାଡିଖେଳ, କିନ୍ନରଙ୍କ ନୃତ୍ୟ ଛଟାରେ ଦୁଲକି ଉଠିଥିଲା ସମ୍ବଲପୁର ରାଜରାସ୍ତା। ପଣ୍ଡିତ ମାନଙ୍କ ମନ୍ତ୍ରୋଚାରଣରେ ପତରପେଡିଁ ହୋଇଥିଲା। ମଙ୍ଗଳବାର ଶିବପାର୍ବତୀଙ୍କ ବିବାହ ଉତ୍ସବରେ ସାକ୍ଷୀଗୋପୀନାଥ ଠାକୁର ସହର ପରିକ୍ରମା କରିବେ। ସେହିପରି ବୀର ହନୁମାନ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଦେବଦେବୀଙ୍କୁ ନିମନ୍ତ୍ରଣ କରିବା ପରମ୍ପରା ଅନୁଷ୍ଠିତ ହେବ।



ମୁଦିପଡା ପତରପେଁଡି କାର୍ଯ୍ୟକ୍ରମ।



ବଡବଜାର ଯାତ୍ରା କମିଟି ପତରପେଁଡି ସାମଗ୍ରୀ ନେଇ ଶୋଭାଯାତ୍ରାରେ ବାହାରିଛନ୍ତି।

### ସୋମନାଥ ବାବା

ସୋମନାଥ ବାବାଙ୍କ ବରପିତା ଗୋପିନାଥ ନାୟକ ନିର୍ବନ୍ଧ ଭାର ନେଇ ସପ୍ତରଷିଙ୍କ ଗହଣରେ ଗ୍ରୀନପାର୍କସ୍ଥିତ ହରିହର ମିଶ୍ର ଓ ସୁଜାତା ପଣ୍ଡାଙ୍କ ଘରେ ପହଞ୍ଚିଥିଲେ। ପଣ୍ଡିତ ମନୋବୋଧ ପାଢୀଙ୍କ ମନ୍ତ୍ରୋଚାରଣରେ ପତରପେଡିଁ ହୋଇଥିଲା। ସୋମନାଥ ଟ୍ରଷ୍ଟବୋର୍ଡ ସଭାପତି ଡ. ବିଜୟ କୁମାର ପ୍ରଧାନ, ଡା. ରମେଶ ସାହୁ, ଲୋକନାଥ ପାଣ୍ଡେ, କୈଳାସ ମିସ୍ତ୍ରୀ, ପ୍ରଦିପ ପ୍ରଧାନ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା ସହ ଶୋଭାଯାତ୍ରା ହୋଇଥିଲା।

### ଲୋକନାଥ ବାବା

ଝାଡୁଆପଡା ଲୋକନାଥ ବାବାଙ୍କ ବରପିତା ଅମରନାଥ ସୁପକାର ରୌପ୍ୟ ଥାଳରେ ଶାଳପତ୍ର ସହ ବିଭିନ୍ନ ପୂଜା ସାମଗ୍ରୀ ଧରି ମନ୍ଦିରରୁ ବାହାରିଥିଲେ। ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା, ବାଡିଖେଳ ସହ ସପ୍ତରଷିମାନେ ସୁସଜ୍ଜିତ ବିମାନରେ ବସିଥିଲେ। କନ୍ୟାଘର ଗୁରୁପଡାସ୍ଥିତ ଡା. ଶିରିଷ ଚନ୍ଦ୍ର ବେହେରା ଓ ଡା. ରେଣୁକା ସାହୁଙ୍କ ବାସଭବନରେ ପହଞ୍ଚିଥିଲେ। ସପ୍ତରଷି ଭାବେ ଚଳିତବର୍ଷ ପୀତବାସ ବିଶି, ପୁରନ୍ଦର ପାଣିଗ୍ରାହୀ, ମନୋଜ କୁମାର ମିଶ୍ର, ପ୍ରକାଶ ପୂଜାରୀ, ଧିରେନ୍ଦ୍ର ପଣ୍ଡା, ହରିହର ପଣ୍ଡା, ରବିନ୍ଦ୍ର ଦରଜି, ଗୋପିନାଥ ମିଶ୍ର, ଶିବ ନାୟକ ରାତ୍ରିରେ କନ୍ୟା ମାତାପିତା ପହଞ୍ଚିଥିଲେ। ପଣ୍ଡିତ ମହେନ୍ଦ୍ର ପୂଜାରୀ ନିର୍ବନ୍ଧ ପୂଜାର୍ଚ୍ଚନା କରିଥିଲେ।

### ଜାଗେଶ୍ୱର ବାବା

ମୁଦିପଡା ଜାଗେଶ୍ୱର ବାବାଙ୍କ ବରପିତା ମଧୁସୂଦନ ନେଗୀ ସୁସଜ୍ଜିତ ବିମାନରେ ସପ୍ତରଷିଙ୍କ ସହ ଭିଏସ୍ଏସ୍ ମାର୍ଗସ୍ଥିତ ଶିଳା ମନୋଜଙ୍କ ଘରେ ପହଞ୍ଚିଥିଲେ। ଏହାପରେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ସହଯୋଗ କରିଥିଲେ। ଈଶ୍ୱର ପ୍ରସାଦ ନନ୍ଦ, ସଞ୍ଜିବ କୁମାର ଦାସ, ଡ. ବିଶ୍ୱରଞ୍ଜନ ପୂଜାରୀ, ରାଜକିଶୋର ମିଶ୍ର, ଦୁର୍ଗାପ୍ରସାଦ ଦାସ, ହିମାଂଶୁ ପାଣିଗ୍ରାହୀ ସପ୍ତରଷି ଭାବେ ସାମିଲ ଥିଲେ।

### ଶୀତଳେଶ୍ୱର ବାବା

ବଡବଜାର ଶୀତଳେଶ୍ୱର ବାବାଙ୍କ ବରପିତା ଜଗଦୀଶ ପ୍ରସାଦ କାଲାନୁରିଆ ନିର୍ବନ୍ଧ ଭାର ନେଇ ବଡବଜାରସ୍ଥିତ କିଶୋର ପ୍ରଧାନ ଓ ରିଙ୍କିଙ୍କ ବାସଭବନରେ ପହଞ୍ଚିଥିଲେ। ପଣ୍ଡିତ ଯୋଗେଶ୍ୱର ନନ୍ଦ ପତରପେଡିଁ କାର୍ଯ୍ୟ କରାଇଥିଲେ। ଏଥିରେ ମନ୍ଦିର ପୂଜକ ବଡମାଳୀ ସହଯୋଗ କରିଥିଲେ। ପଣ୍ଡିତ କାଳିଦାସ ପଣ୍ଡା, ଆଶୋକ କୁମାର ଚାନ୍ଦ, ଦୁଃଶାସନ ଦୁବେ, ସୁବ୍ରତ ପଣ୍ଡା, ଶଙ୍କର ଶର୍ମା, ତ୍ରିଲୋଚନ ତ୍ରିପାଠୀ, ଅମରେଶ ମିଶ୍ର ସପ୍ତରଷି ଥିଲେ।

### ଗୁପ୍ତେଶ୍ୱର ବାବା

ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ବରପିତା ଓମ୍‌ପ୍ରକାଶ ମହାନନ୍ଦ ନିର୍ବନ୍ଧ ଭାର ନେଇ ଭିମଭୋଇ ନଗରସ୍ଥିତ ରାଧେଶ୍ୟାମ ମିଶ୍ର ଓ ପିଙ୍କିଙ୍କ ଘରେ ପହଞ୍ଚିଥିଲେ। ପଣ୍ଡିତ ଆଶୁତୋଷ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ବିଷଡୋରା ବଳରାମ ଜାଲ, ତ୍ରିଲୋଚନ ବେହେରା, ଗୋଲକ ବିହାରୀ ମିଶ୍ର, ଭବାନୀ ଶଙ୍କର ବାବୁ, ଜଗଦିପ ସିଂ, ଲିଙ୍ଗରାଜ ପରିଡା ସପ୍ତରଷି ଭାବେ ରହିଥିଲେ।

### ବୁଢାରଜା ବାବା

ମନ୍ଦିର ପୂଜକ ରାଜା ସିଂଙ୍କ ନେତୃତ୍ୱରେ ପତରପେଣ୍ଡି ଶୋଭାଯାତ୍ରା ବାହାରିଥିଲା। ବରପିତା ମାସନ ରଞ୍ଜନ ମିଶ୍ର ଶୋଭାଯାତ୍ରାରେ ବାହାରିଥିଲେ । ପଣ୍ଡିତ ରାଜେଶ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଶଙ୍କର ନଗରସ୍ଥିତ ଜୟକୃଷ୍ଣ ନାୟକ ଓ ଜ୍ୟୋତିର୍ମୟୀଙ୍କ ଘରେ ପହଞ୍ଚିଥିଲେ। ରାଜେଶ ସିଂ, ସୁଶାନ୍ତ ତନସେନା ପ୍ରମୁଖ ପରିଚାଳନା କରିଥିଲେ।

# ମାନଧାତା ବାବାଙ୍କ ହନୁମାନ ନିୟୁତା

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୈବପୀଠ ମାନେଶ୍ୱର ମାନଧାତା ବାବାଙ୍କ ଯାତ୍ରା କମିଟି ପକ୍ଷରୁ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ପାଇଁ ସୋମବାର ହନୁମାନ ନିୟୁତା ପରମ୍ପରା ଅନୁଷ୍ଠିତ ହୋଇଛି। ମନ୍ଦିର ପରିସରରୁ ବୀର ହନୁମାନ ସୁସଜ୍ଜିତ ରଥରେ ଦେବ ନିମନ୍ତ୍ରଣ କରିବାକୁ ବାହାରିଥିଲେ। ପ୍ରଥମେ ମନ୍ଦିର ପରିସରରେ ଥିବା ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ଶୋଭାଯାତ୍ରା ବାହାରିଥିଲା। ଜାତୀୟ ରାଜପଥ କଡରେ ଥିବା ମା' ପଥେଇ ଦୁର୍ଗା, ମହାମାୟା, ଶ୍ରୀରାମ ମନ୍ଦିର ସହିତ ବିଭିନ୍ନ ହନୁମାନ ମନ୍ଦିର ଯାଇଥିଲେ। ସେଠାରେ ବିବାହରେ ଯୋଗଦାନ କରିବାକୁ ନିମନ୍ତ୍ରଣ କରିଥିଲେ। ମନ୍ଦିର ପୂଜକ ଗୋପୀନାଥ ପୂଜାରୀ, ପ୍ରଶାନ୍ତ ପୂଜାରୀ, ସିପନ ପୂଜାରୀ, ସନ୍ତୋଷ ପୂଜାରୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ବିଧାନଚନ୍ଦ୍ର ପଣ୍ଡା, ରାମକୃଷ୍ଣ ବେହେରା ଉପସ୍ଥିତ ରହିଥିଲେ।



ମାନେଶ୍ୱର ମାନଧାତା ବାବାଙ୍କ ହନୁମାନ ନିୟୁତା ଶୋଭାଯାତ୍ରା।

# ଝଡ଼ତୋଫାନ, ଶୀତଳଷଷ୍ଠୀ ଯାତ୍ରା ପ୍ରଭାବିତ

ସମ୍ବଲପୁର,୨୨।୫(ବ୍ୟୁରୋ): ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଥିବାବେଳେ ସବୁଠି ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ସୋମବାର ପତରପେଡିଁ (ନିର୍ବନ୍ଧ) କାର୍ଯ୍ୟ ହୋଇଛି। ହେଲେ କାଳବୈଶାଖି ଯାତ୍ରାକୁ ପ୍ରଭାବିତ କରିଛି। ଶୋଭାଯାତ୍ରା ବାହାରିବା ସମୟରେ ଝଡତୋଫାନ ଯୋଗୁ ଶୋଭାଯାତ୍ରା ଅଟକି ରହିଥିଲା। ପ୍ରାୟ ୨ ଘଣ୍ଟା ଧରି ବିଭ୍ରାଟ ଦେଖାଦେଇଥିଲା। ପରେ ଯାତ୍ରା କମିଟି ଓ ସପ୍ତରଷି ସହ କନ୍ୟା ମାତାପିତାଙ୍କ ବାସଭବନରେ ପହଞ୍ଚି ନିର୍ବନ୍ଧ କରିଥିଲେ। ପୂଜା କମିଟି ସହିତ ଆଲୋଚନା କରିବା ପାଇଁ ଜିଲାପାଳ ଅନନ୍ୟା ଦାସ ମଧ ସାମିଲ ହୋଇଥିଲେ। ଯାତ୍ରା ପଥକୁ ମରାମତି, ଉତ୍ତମ ପାନୀୟ ଜଳ ବ୍ୟବସ୍ଥା, ସୁରକ୍ଷା କଡାକଡି କରିବା, ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ବ୍ୟବସ୍ଥା ସୁଧାରିବା ଆଦି ବିଷୟରେ ନନ୍ଦପଡ଼ା ଯାତ୍ରା କମିଟି ସହ ଜିଲାପାଳ ଦାସ ଆଲୋଚନା କରିଥିଲେ। କମିଟିର ସଭାପତି ପ୍ରଶାନ୍ତ ବରେଇଙ୍କ ସମେତ ମିଳିତ ସମନ୍ୱୟ କମିଟି କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ଶିବ ମିଶ୍ର, ରାଜୀବ ମାଝି, ଭବାନୀ ମିଶ୍ର, ଗୋପାଳ ପୃଷେଠ, ଫଣିଭୂଷଣ ମିଶ୍ରଙ୍କ ସମେତ ମହାନଗର ନିଗମ କମିଶନର ପ୍ରଦୀପ ସାହୁ ମଧ ଉପସ୍ଥିତ ରହିଥିଲେ।



ନନ୍ଦପଡା ଯାତ୍ରା କମିଟି ସହିତ ଆଲୋଚନା କରୁଛନ୍ତି ଜିଲାପାଳ।

# ଠିକା ରଦ୍ଦକୁ ନେଇ ଉପଜିଲାପାଳଙ୍କ ଦ୍ୱାରସ୍ଥ

କୁଚିଣ୍ଡା,୨୨।୫(ଡି.ଏନ.ଏ.)

ଜମନକିରା ବ୍ଲକ ଟିକିଲିପଡା ଗ୍ରାମର ଶକ୍ତି(ଖ) ମହିଳା ଏସ୍ଏଚ୍‌ଜି ଏମ୍ଆଇ ଡ୍ୟାମ୍ ଠିକାକୁ ନେଇ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡ୍ୟାମ୍ ଠିକାକୁ ପଞ୍ଚାୟତ କର୍ତ୍ତୃପକ୍ଷ ବିନା କାରଣରେ ରଦ୍ଦ କରି ଦେଇଥିବାରୁ ଏହାର ପୁନର୍ବିଚାର କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସ ୩ ତାରିଖରେ ଜମନକିରା ବ୍ଲକ ଟିକିଲିପଡା ପଞ୍ଚାୟତରେ ଥିବା ଏମ୍ଆଇ ଡ୍ୟାମ୍ ଠିକା ନିଲାମ ହୋଇଥିଲା। ନିଲାମରେ ଟିକିଲିପଡା ଗ୍ରାମର ଶକ୍ତି(ଖ) ମହିଳା ଏସ୍ଏଚ୍‌ଜି ୬ଲକ୍ଷ ୫୦ହଜାର ଟଙ୍କାରେ ନିଲାମ ଜିଣି ୧୦ପ୍ରତିଶତ ଅମାନତ ଜମା କରିଥିଲେ। ୧୫ଦିନ ମଧ୍ୟରେ ୭୫ପ୍ରତିଶତ ଅର୍ଥ ଜମାକରିବା ନିୟମ ରହିଥିବା ବେଳେ ଏକ କାଳୀନ ଏତେ ଟଙ୍କା ଯୋଗାଡ କରି ଜମା କରିବା ଏସ୍ଏଚ୍‌ଜିଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ତେଣୁ ସେମାନେ ୧୫ତାରିଖରେ ୨ଲକ୍ଷ ଟଙ୍କା ଜମା କରିବା ପାଇଁ ଗଲାବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ଏହା ଗ୍ରହଣ ନ କରି ଫେରାଇ ଦେଇଥିଲେ। ପରେ ଏହି ଅର୍ଥ କିସ୍ତି ମାଧ୍ୟମରେ ଦେବାକୁ ଜମନକିରା ବିଡିଓଙ୍କୁ ଦରଖାସ୍ତ କରିଥିଲେ। ସରପଞ୍ଚଙ୍କ ସହ ପରାମର୍ଶ କରି ଜଣାଇବାକୁ ପ୍ରତିଶ୍ରୁତି ଦେବା ପରେ ମଧ ପଞ୍ଚାୟତ କର୍ତ୍ତୃପକ୍ଷ ଏହି ଠିକା ନିଲାମକୁ ରଦ୍ଦ କରି ଦେଇଥିବାରୁ ଏହାର ସୁବିଚାର ନିମନ୍ତେ ଦାବିପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ଗ୍ରହଣ କରି ଉପଜିଲାପାଳ ବିଭୂତିଭୂଷଣ ନାୟକ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶକ୍ତି(ଖ) ଏସ୍ଏଚ୍‌ଜି ସଭାନେତ୍ରୀ ଶକୁନ୍ତଳା ଛତ୍ରିଆ, ସମ୍ପାଦିକା ସୁଷମା ତନସନା, ସଭ୍ୟା ସରସ୍ୱତୀ ବାଘ, ପୂର୍ଣ୍ଣମା ପଧାନ, ସୁଧାମୟୀ ପଧାନ, ସୁକାନ୍ତି ତନସନା, ଜେମା ବାଘ, କୌଶଲ୍ୟା ବାଘ, ଗୀତା ବାଘ, ତୁଳା ବାଘ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଏସ୍ଏଚ୍‌ଜି ସଦସ୍ୟାମାନେ।

# ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାର ଗୁଣ୍ଡେରପୁରସ୍ଥିତ ଷ୍ଟକ୍‌ୟାର୍ଡରେ ସୋମବାର ବଡ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ପାଇପ୍ ପୋଡ଼ି ପାଉଁଶ ହୋଇଯାଇଛି। ସକାଳ ପ୍ରାୟ ୧୦ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ପାଇପ୍ କମ୍ପାନୀ ଅଧିକାରୀ ଜ୍ୟୋତି ରଞ୍ଜନ ଶତପଥୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କମ୍ପାନୀର ସୁରକ୍ଷା ପ୍ରାଚୀର ବାହାରେ ଥିବା କ୍ଷେତ ନଡାରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏହି ନିଆଁ ବ୍ୟାପି ପାଇପ୍‌ରେ ଲାଗିଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ କର୍ମଚାରୀ ଏହାକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭିବା ପରିବର୍ତ୍ତେ ଆହୁରି ଜୋରରେ ହୁତ୍‌ହୁତ୍ ହୋଇ ଜଳିଉଠିଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଆଖପାଖ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ମାନେଶ୍ୱର, ଯୁଯୁମୁରା, ସମ୍ବଲପୁର ଅଗ୍ନିଶମ ବାହିନୀର ୫ଟି ଟିମ୍ ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ସମ୍ବଲପୁର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଧମା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ଉପସ୍ଥିତ ରହିଥିଲେ। ଉପଜିଲାପାଳ ଦଣ୍ଡସେନା କହିଛନ୍ତି, ପାଇପ୍ ଗୋଦାମରେ ସିସିଟିଭି ବ୍ୟବସ୍ଥା ଓ ନିଆଁ ଲିଭାଇବା ପାଇଁ ଫାୟାର ସେଫ୍ଟି ବ୍ୟବସ୍ଥା ନ ଥିବା କୁହାଯାଉଛି। କେତେ ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି ତାହା ଜଣାପଡି ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ପାଇପ୍ ମାନେଶ୍ୱର ବ୍ଲକର ୫ ଗୋଟି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପରେ ବ୍ୟବହାର ପାଇଁ ଗଚ୍ଛିତ ରଖାଯାଇଥିଲା।



କମ୍ପାନୀ ଷ୍ଟକୟାର୍ଡରେ ନିଆଁ ଲିଭାଉଛନ୍ତି ଅଗ୍ନିଶମ କର୍ମଚାରୀ।

### କମ୍ପାନୀ ଷ୍ଟକ୍‌ୟାର୍ଡରେ ଅଗ୍ନିକାଣ୍ଡ

**ଅନ୍ୟ ଧର୍ମକୁ ଆପଣାଇବାକୁ ଲୋକଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗ**

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବଡଚେର ଗାଁର ଲୁନା ଡାଣ୍ଡି (୨୭) ନାମକ ଜଣେ ବ୍ୟକ୍ତି ଭବାନୀପାଟଣାର ବାହାଦୁର ବଗିଚା ପଡାସ୍ଥିତ ହନୁମାନ ମନ୍ଦିରକୁ ଯାଇ ଅନ୍ୟ ଧର୍ମକୁ ଆପଣାଇବାକୁ ଲୋକଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗ ହୋଇଛି। ଏହାର ଭିଡିଓ ସୋମବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ସନାତନ ସଂସ୍କୃତିକୁ ଅସମ୍ମାନ କରିଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟାଉନ ଥାନା ପୋଲିସର ଦ୍ୱାରସ୍ଥ ହୋଇଛନ୍ତି ଏସଆର ଏନଏମ୍‌ଏସ ସଦସ୍ୟ। ସେମାନେ ଏହି ବିରୋଧରେ ଏକ ଲିଖିତ ଅଭିଯୋଗ ମଧ ଦେଇଛନ୍ତି।

## ସଂକ୍ଷେପରେ

### କାଳବୈଶାଖୀରେ ଭାଙ୍ଗିଲା ଘର

**ଦୁଇ ପିଲା ନେଇ ଅନ୍ୟ ଘରେ ଆଶ୍ରୟ ନେଲେ ବିଧବା**



**ଭବାନୀପାଟଣା,୨୨।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କଲମ ଗ ପଞ୍ଚାୟତ ଅନ୍ତର୍ଗତ ବିଲେଇକୁନି ଗ୍ରାମର ଲଳିତା ଯାନୀଙ୍କ ଘର ଟିଣ ଛାତ କାଳବୈଶାଖୀରେ ଉଡି ଯାଇଛି। ଫଳରେ ତାଙ୍କ ପରିବାର ଏବେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସ୍ୱାମୀ ଧରଣୀ ବଞ୍ଚିଥିବା ଥିବା ସମୟରେ ସେ ଏକ ଘର କରିଥିଲେ। ସେଥିରେ ସେମାନେ ଟିଣ ପକେଇ ରହୁଥିଲେ। ଗତବର୍ଷ ଧରଣୀଙ୍କର ଏକ ଅଜଣା ରୋଗରେ ଦେହାନ୍ତ ହୋଇଥିଲା। ଫଳରେ ଦୁଇ ଛୁଆ ଅର୍ଚ୍ଚିତା ଓ ରାକେଶଙ୍କୁ ନେଇ ଲଳିତା ଜୀବନ ଯାପନ କରୁଛନ୍ତି। ଲଳିତା ପର ଘରେ ମୂଳ ଲାଗି ପରିବାର ପ୍ରତି ପୋଷଣ କରୁଥିବା ବେଳେ ଘର ଭାଙ୍ଗିଯିବାରୁ କିପରି ସଜାଡିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଲଳିତାଙ୍କୁ ଘର ଭଙ୍ଗା ସହାୟତା, ତହସିଲ ଅଫିସରୁ ପଲିଥିନ ସହ ବିଧବା ଭତ୍ତା ଓ ତାଙ୍କର ଛୁଆମାନଙ୍କୁ ପଢିବାରେ ସହଯୋଗ କରିବାପାଇଁ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଓ ଗ୍ରାମୀବାସୀ ଦାବି କରିଛନ୍ତି। ଏହି ପରିବାରକୁ ଘରଭଙ୍ଗା ସହାୟତା ଯୋଗାଇ ଦେଲେ ସେମାନେ ଘର ସଜାଡି ପାରିବେ ବୋଲି ଲଳିତା ମଧ ଦାବି କରିଛନ୍ତି।

### ଅମଲା ସଂଘର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ



**କୋକସରା,୨୨।୫(ଡି.ଏନ.ଏ.):** କଳାହାଣ୍ଡି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଡାକରାକୁ ସମର୍ଥନ ଜଣାଇ ସୋମବାର କୋକସରା ବ୍ଲକ ଅମଲା କର୍ମଚାରୀମାନେ କଳାବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ସଂଘର ଦାବି ଅନୁସାରେ ଗ୍ରେଡ ପେ ଲେବଲ ୪ କର୍ମଚାରୀଙ୍କୁ ଗ୍ରେଡ ୯ ଲେବଲକୁ ବୃଦ୍ଧି କରିବା ନେଇ ପ୍ରମୁଖ ଦାବି ରହିଛି। ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଅମଲା କର୍ମଚାରୀମାନେ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଜୁନ ୧ରୁ ସମୂହ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି। କୋକସରା ଅମଲା କର୍ମଚାରୀ ସଂଘ ପକ୍ଷରୁ ବ୍ଲକ, ତହସିଲ ଓ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅମଲା କର୍ମଚାରୀଙ୍କ ମଧରେ ବିଜୟ ଚନ୍ଦ୍ର ବେହେରା, ଅଚ୍ୟୁତାନନ୍ଦ ନାଗ, ରାଜୀବ କୁମାର ନାଏକ, ମିହିର କୁମାର ବେହେରା, ସୁଶାନ୍ତ ମହାପାତ୍ର, ଚିନ୍ତାମଣି ସତନାମୀ, ରୁକଚନ ପାତ୍ର, ଲିଳାନିଧି ପାଟଯୋଷୀ, ସୁବାଷ ଚନ୍ଦ୍ର ରାଉତ, ତନୁର୍ଯ୍ୟ ପଟ୍ଟନାୟକ ଓ ପ୍ରତାପ ନାଗ ପ୍ରମୁଖ ସାମିଲ ହୋଇଥିଲେ।

### ୩ ନଂ. ୱାର୍ଡ ସଭ୍ୟାଙ୍କ ୱାର୍ଡ ପରିଦର୍ଶନ



**ଖଡ଼ିଆଲ,୨୨।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୦୩ ୱାର୍ଡ ସଭ୍ୟା ରାଜରାଣୀ ପଟ୍ଟନାୟକ ୱାର୍ଡ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ୱାର୍ଡବାସୀଙ୍କ ସମସ୍ୟା ପଚାରି ବୁଝିଛନ୍ତି। ସରକାରୀ ଜନକଲ୍ୟାଣକାରୀ ଯୋଜନା ପହଞ୍ଚିବାରେ କୌଣସି ସମସ୍ୟା ଥିଲେ ତୁରନ୍ତ ଜଣାଇବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୱାର୍ଡର କୌଣସି ବ୍ୟକ୍ତି ନିଜ ହକ କିମ୍ବା ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ଏକ ମାତ୍ର ଲକ୍ଷ ନେଇ କାର୍ଯ୍ୟ କରିବାର ପାଇଁ ପଟ୍ଟନାୟକ ବାହାରି ପଡିଛନ୍ତି। ପ୍ରଚଣ୍ଡ ରୌଦ୍ରତାପରେ ମଧ ନିଜ ୱାର୍ଡବାସୀଙ୍କ ସେବା ପ୍ରଦାନ କରିବାର ୱାର୍ଡବାସୀ ତାଙ୍କ ଉପରେ ଆସ୍ଥା ଦେଇ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ଏହା ଉପରେ ନିଜର କାର୍ଯ୍ୟ କରିବାର ସଂକଳ୍ପ ବଦ୍ଧ ଅଟେ ବୋଲି ୱାର୍ଡ ସଭ୍ୟା ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଆନ୍ଧ୍ରରେ ୪୫ ଦାଦନ ଶ୍ରମିକ ନିର୍ଯାତନାର ଶିକାର

**ନୂଆପଡ଼ା ଅଫିସ,୨୨।୫**

ନୂଆପଡ଼ା ଜିଲା ବୋଡେନ ଓ କୋମନା ବ୍ଲକର ୪୫ଜଣ ଦାଦନ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶର ବିଜେୱାଡା ଗୁଣ୍ଟୁର ନିକଟସ୍ଥ ଏକ ଇଟାଭାଟିରେ ଜୋରଜବରଦସ୍ତ କାମ କରାଯାଉଛି। ମନା କଲେ ଇଟାଭାଟିରେ ମାଲିକ ଶାରୀରିକ ଓ ମାନସିକ ନିର୍ଯାତନ ଦେଉଛନ୍ତି। ଉଦ୍ଧାର ପାଇଁ ଭିଡିଓ ମାଧ୍ୟମରେ ସେମାନେ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ହରି ମାଝି ନାମକ ଜଣେ ବୟସ୍କ ଶ୍ରମିକଙ୍କୁ ପ୍ରବଳ ମାଡ ମାରିଥିବା ଅଭିଯୋଗ ହେଉଛି। ବୋଡେନ ଓ କୋମନା ବ୍ଲକର ମୋଟ ୪୫ଜଣ ଦାଦନ ଶ୍ରମିକ ଗୁଣ୍ଟୁର ନିକଟସ୍ଥ ମାଛରଲାରେ ଆଜକୁ ପ୍ରାୟ ୬ ମାସ ହେବ ଇଟା ତିଆରି କାମ କରିବାକୁ ଯାଇଛନ୍ତି। କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାମକେଡା ଗାଁର ଦାଦନ ସର୍ଦ୍ଦାର ଭଗବାନ ମହାନନ୍ଦ ଶ୍ରମିକ ପ୍ରତି ୪୦ ହଜାର ଟଙ୍କା ଅଗ୍ରୀମ ଦେଇ କାମ କରିବାକୁ ସେଠାକୁ ନେଇଥିଲେ। ୬ ମାସ



ନିର୍ଯାତିତ ଦାଦନ ଶ୍ରମିକମାନେ।

**ଭିଡିଓ ମାଧ୍ୟମରେ ଉଦ୍ଧାର ପାଇଁ ଆକୁଳ ନିବେଦନ**

ହୋଇଥିବାରୁ ଶ୍ରମିକମାନେ ଘରକୁ ଛାଡି ଦେବା ପାଇଁ କହିବାରୁ ଟଙ୍କା ଅନୁସାରେ କାମ ସରିନାହିଁ। ଆଉ ଅନେକ ଦିନ କାମ କର ନଚେତ୍ ଟଙ୍କା ଫେରାଇ ଦିଅ ବୋଲି ସର୍ଦ୍ଦାର କହୁଥିବା ଶ୍ରମିକମାନେ କହୁଛନ୍ତି। ମାନସିକ ନିର୍ଯାତନା ସହ୍ୟ କରି ନ ପାରି ଶେଷରେ ଭିଡିଓ ବର୍ତ୍ତା ମାଧ୍ୟମରେ ପ୍ରଶାସନକୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଦୃଷ୍ଟି ଦେଇ ନିର୍ଯାତିତ ଦାଦନଙ୍କୁ ଉଦ୍ଧାର କରିବା ପାଇଁ ପରିବାରବର୍ଗ ଦାବି କରିଛନ୍ତି।

# ମିଛ ରିପୋର୍ଟ ନେଇ ଅମ୍ବୁଡସ୍‌ମ୍ୟାନଙ୍କୁ ଫେରାଦ

**ଲୋଇସିଂହା,୨୨।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ବ୍ରାହ୍ମଣଡୁଙ୍ଗରୀ ଗ୍ରାମର କପିଲ ପଡା ରାସ୍ତା କାମ ନକରି ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ଅର୍ଥ ଆତ୍ମସାତ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଗତ ଏପ୍ରିଲ ୨୪ରେ ବ୍ରାହ୍ମଣୀଡୁଙ୍ଗରୀ ଗସ୍ତ କରି ଡିଆରଡିଏର ଏମ୍‌ଜିଏନ୍‌ଆରଇଜିଏସ୍ ଅମ୍ବୁଡସ୍‌ମ୍ୟାନ ସଚ୍ଚିଦାନନ୍ଦ ହନୁମାନ କ୍ଷେତ୍ର ପରିଦର୍ଶନ କରିଥିଲେ। ସେତେବେଳେ କାମ ସଂକ୍ରାନ୍ତରେ ଏକ ରିପୋର୍ଟ ଦେବାକୁ ପିଇଓ ଅକ୍ଷୟ ଦଲାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପିଇଓ ଦଳାଇ ଭୁଲତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅମ୍ବୁଡସ୍‌ମ୍ୟାନ ତଦନ୍ତ ଦିନ ରାସ୍ତା କାମ ଅନିୟମିତତାର ଅଭିଯୋଗକାରୀ ସ୍ଥାନୀୟ ସମିତି ସଭ୍ୟ

**କପିଲପଡା ରାସ୍ତା ନିର୍ମାଣରେ ଅନିୟମିତତା ଘଟଣା**

ଦେବାଶିଷ ଦାସ ଅନୁପସ୍ଥିତ ଥିଲେ। ହେଲେ ଉକ୍ତ ରିପୋର୍ଟରେ ସେ ଉପସ୍ଥିତ ଥିବା ଏବଂ ରାସ୍ତା କାମ ପାଇଁ ପ୍ରସ୍ତାବ ଦେବା ପରେ ଶ୍ରମିକମାନଙ୍କୁ ପାରିଶ୍ରମିକ ପୈଠ କରାଯାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ଜାଣିବା ପରେ ଗ୍ରାମବାସୀ ଏବଂ ସମିତି ସଭ୍ୟ ଦାସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଅମ୍ବୁଡସ୍‌ମ୍ୟାନଙ୍କଠାରେ ସେମାନେ ସୋମବାର ଫେରାଦ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ,୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ବ୍ରାହ୍ମଣୀଡୁଙ୍ଗରୀ ନିକଟସ୍ଥ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ କପିଲପଡା ରାସ୍ତା କାମ ହାତକୁ ନିଆଯାଇଛି। ଉକ୍ତ ରାସ୍ତାରେ ୧୫୬୦ ଜଣ ଶ୍ରମିକଙ୍କ ପାଉଣା ବାବଦକୁ ୩ ଲକ୍ଷ ୪୬ ହଜାର ୩୨୦ ଟଙ୍କା ପୈଠ ହୋଇଥିବା ବେଳେ ସାମଗ୍ରୀ ବାବଦକୁ ୨ ଲକ୍ଷ ୧୮ ହଜାର ୪୬୮ ବ୍ୟୟ କରାଯାଇଛି। ରାସ୍ତା କାମରେ ମୋଟ ୫ ଲକ୍ଷ ୬୪ ହଜାର ୭୮୮ ଟଙ୍କା ବିଲ୍ ଉଠିଛି। ଏମ୍‌ଜିଏନଆର୍‌ଇଜିଏସ୍ କାମରେ ଶ୍ରମିକଙ୍କୁ ଉପେକ୍ଷା କରି ମେଶିନରେ କାମ କରାଯାଇଛି। ଅପରପକ୍ଷେ ବିଲ ମୁତାବକ କାମ ହୋଇନାହିଁ। ପୁଣି ଉକ୍ତ ରାସ୍ତାରେ କାମ ନାଁରେ ମାଷ୍ଟରରୋଲ ପ୍ରସ୍ତୁତ କରାଯାଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଉପରୋକ୍ତ ରାସ୍ତା ବଲାଙ୍ଗୀର ସଦର ବ୍ଲକ ଅଧୀନରେ ଯାଉଛି। କେଉଁ ସ୍ୱାର୍ଥରେ ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା କାମ ନାମରେ ବାରମ୍ବାର ଫାଇଲ ଖୋଲା ଚାଲିଛି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।

# ହାଟ ନିଲାମ ନେଇ ପୌର ପରିଷଦ ବୈଠକରେ ନିଷ୍ପତ୍ତି

**ଟିଟିଲାଗଡ଼, ୨୨।୫(ଡି.ଏନ.ଏ)**

ଟିଟିଲାଗଡ ପୌର ପରିଷଦର ସୋମବାର ପୌରାଧ୍ୟକ୍ଷା ମମତା ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ହାଟପଦାପଡା ବଜାର ତଥା ଡେଲି ମାର୍କେଟ ପ୍ରାୟ ଦୁଇ ଦଶନ୍ଧି ଧରି ନିଲାମ ହେଉନି। ଏଥର ଏହାର ନିଲାମ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ରାଜସ୍ୱ ବୃଦ୍ଧି ପାଇଁ ପୌର ପରିଷଦର ନୂତନ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହା ସହ ସହରର ପ୍ରାୟ ପ୍ରତ୍ୟେକ ଗଳିକନ୍ଦିର ନାଳନର୍ଦ୍ଦମା ଆବର୍ଜନାରେ ପୋତି ହୋଇଗଲାଣି। ପରିମଳ ଅବସ୍ଥା ସୁଧୁରିବା ନାଁ ନେଉନାହିଁ। ଆବର୍ଜନା ଉଠୁ ନ ଥିବାରୁ ସେ ସବୁ ନାଳରେ ପଡି ଜାମ ହେଉଛି। ବର୍ଷା ଋତୁରେ ନାଳ ପାଣି ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବା ନିଶ୍ଚିତ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ଆଗାମୀ ବର୍ଷାଋତୁରେ ସହରରେ ସବୁଜିମା ସୃଷ୍ଟି ପାଇଁ ପ୍ରତ୍ୟେକ ପରିବାରଙ୍କୁ ପୌର ପରିଷଦ ପକ୍ଷରୁ ଦୁଇଟି ଫଳ ଚାରା ବଣ୍ଟନ, ସହରର ବିଭିନ୍ନ ୱାର୍ଡରେ ଜନ ଗହଳି ଲାଗୁଥିବା ସ୍ଥାନରେ ସିମେଣ୍ଟ ଚୌକି ବ୍ୟବସ୍ଥା, ଡିଏଭି ସ୍ୱୟଂ ଶାସିତ କଲେଜ ପଡିଆରେ ଆଲୁଅ ବ୍ୟବସ୍ଥା ପାଇଁ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଛି। ବୈଠକରେ ବିଭିନ୍ନ ଜଳାଶୟରେ ରହିଥିବା ଗାଧୁଆ ତୁଠର ମରାମତି, କୁମୁଡା ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସନ୍ତରଣାଗାରର ଟିକେଟ ମୂଲ୍ୟବୃଦ୍ଧି, ସହରରେ ଗ୍ରୀଷ୍ମ ପ୍ରବାହ ନେଇ ଜଳଛତ୍ର ସଂଖ୍ୟାରେ ବୃଦ୍ଧି, ସହରର ଶ୍ମଶାନ ନିକଟସ୍ଥ ଏବଂ କୋର୍ଟ ପଛ ପଟରେ ଖାଲି ପଡିଥିବା ଭେଣ୍ଡିଙ୍ଗ ଜୋନ ମାଂସ ଏବଂ ମାଛ ଦୋକାନୀଙ୍କୁ ଆବଣ୍ଟନ, ବର୍ଷା ପୂର୍ବରୁ ବନ୍ଧଘାଟ ସଫେଇ ଆଦି ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

**ଟିଟିଲାଗଡ଼, ୨୨।୫ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଲୁଥୁରବନ୍ଧ ପଞ୍ଚାୟତ ପୁଡାପଦର କୈଳାସ ବାଗ ପୁଅ ଅମନ (୭) ଏବଂ ପୁତୁରା ଉଦ୍ଧବ (୧୦)ଙ୍କ ସହ ଏକ ବାଇକରେ ରବିବାର ରାତିରେ ସିକେର ଗ୍ରାମକୁ ପ୍ରହରୀରେ ନାଚିବାକୁ ଯାଉଥିଲେ। ପୂର୍ବରୁ ଗାଁର ସଂକୀର୍ତ୍ତନ ଦଳ ଉକ୍ତ ଗ୍ରାମରେ ପହଞ୍ଚି ସାରିଥିଲେ। ସେହି ରାସ୍ତାରେ ତୁଲାଙ୍ଗ ମୋଡାଣିରେ ଏକ ପିକ୍‌ଅପ ଗାଡି (ଓଡି୦୩ ପି ୨୨୧୭) ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଗୁରୁତର ଆହତ ହୋଇ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ କୈଳାସ ଏବଂ ତାଙ୍କ ପୁଅଙ୍କ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମନ ଏବେ ମଧ ବଲାଙ୍ଗୀର ଡାକ୍ତରଖାନାରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୋମବାର ପୂର୍ବାହ୍ନରେ



ଥାନା ସମ୍ମୁଖରେ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା।

**■ଥାନାରେ ମୃତଦେହ ରଖି ଧାରଣା**
**■ପ୍ରହରୀ ନଚା ନୋହିଲା**

ମୃତଦେହ ଅଣାଯିବା ପରେ ଟିଟିଲାଗଡ ଥାନା ସମ୍ମୁଖରେ ରଖି ପରିବାର ଲୋକେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ରାଜ୍ୟ ଯାଦବ ମହାସଭା ଆଇନ ସେଲ ସଭାପତି ମନୋଜ ହାତୀ, ଅସୀମ ହେର୍ଣ୍ଣା, ଗଜେନ୍ଦ୍ର ଛତର ତଥା ବଲାଙ୍ଗୀର ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ମଙ୍ଗଳବାର ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ପ୍ରତିଶ୍ରୁତି ମିଳିଥିବା ଜଣାଯାଇଛି। ମୃତକ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଉପଜିଲାପାଳ ଫୋନ ଯୋଗେ ସରପଞ୍ଚ ସଂଘ ସଭାପତି ସାହୁଙ୍କ ସହ କଥାବାର୍ତ୍ତା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଲୁଥୁରବନ୍ଧ ସରପଞ୍ଚ ଜ୍ୟୋତ୍ସ୍ନା ସାହୁ ପୀଡିତ ପରିବାରଙ୍କୁ ୨ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**smbselfie@gmail.com**



@ ବିକାଶ



@ ରଞ୍ଜିତ



@ ସତ୍ୟାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା' ଠାକୁରାଣୀ କ୍ରିକେଟ: ଡୁଡୁକାଠେଙ୍ଗା ଚାମ୍ପିୟନ

**କୋକସରା,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମା' ଠାକୁରାଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଡୁଡୁକାଠେଙ୍ଗା ଦଳ ଓ ମହିମା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଡୁଡୁକାଠେଙ୍ଗା ଚାମ୍ପିୟନ ହୋଇଛି। ରଘୁନାଥ ଖମାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସମ୍ମାନିତ ଅତିଥି ଭାବେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ସମିତି ସଭ୍ୟା ପାର୍ବତୀ ବାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ୱାର୍ଡ ସଦସ୍ୟ ରିତା ନାଏକ, ସନମତି ପୂଝାରୀ, ରିତା କଟା, ଦେବିସିଂ ନାଗ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ। ଖେଳକୁ ସତ୍ୟ ଧ.ମାଝି ଓ ତନୁ ନାଗ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ବିଶ୍ୱ ରଞ୍ଜନ ନାଏକ, ପ୍ରସନ୍ନ ନାଏକ, ଦୁର୍ଯ୍ୟୋଧନ ମାଝି ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନାରେ ଖଗେଶ୍ୱର ପାଣିଗ୍ରାହୀ ସହଯୋଗ କରିଥିଲେ।

# ସନ୍ତରଣ ପ୍ରତିଯୋଗିତାରେ ୧୦୦ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ, ୨୨।୫**

ବଲାଙ୍ଗୀର ଜିଲା ସନ୍ତରଣ ସଂଘ ପକ୍ଷରୁ ସୋମବାର ସ୍ଥାନୀୟ ଆର.ଏନ.ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସ୍ଥିତ ସନ୍ତରଣଗାରରେ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲ ଏବଂ କଲେଜର ପ୍ରାୟ ୧ ଶହରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପାଞ୍ଚଟି ଗ୍ରୁପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର କୃତି ଖେଳାଳୀମାନେ ଆସନ୍ତା ଜୁନ ୪ ଓ ୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଆୟୋଜିତ ପ୍ରତିଯୋଗିତା ସଭାରେ ମୁଖ୍ୟଅତିଥି ଭାବେ ଏସ୍‌ପି ନୀତିନ କୁଶଲକାର, ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ ପ୍ରଧାନ ଯୋଗଦେଇ ଥିଲେ।



ସନ୍ତରଣ ପ୍ରତିଯୋଗିତାର ଖେଳାଳିଙ୍କ ସହ ଅତିଥି।

# ଜିଲା ଅମଲା ପରିଧାନ କଲେ କଳାବ୍ୟାଜ୍

**ନୂଆପଡ଼ା ଅଫିସ,୨୨।୫**

ରାଜ୍ୟରେ କାର୍ଯ୍ୟରତ ଅମଲାମାନଙ୍କ ଦାବି ପୂରଣ କରିବାରେ ସରକାର ଉଦାସୀନ ମନୋଭାବ କରୁଥିବାରୁ ତାର ପ୍ରତିବାଦ କରି ସୋମବାରଠାରୁ ସମସ୍ତ ଅମଲା କଳାବ୍ୟାଜ୍ ପରିଧାନ କରିଛନ୍ତି। ମେ ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ଜୁନ ୧ ରୁ ଜିଲାର ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିଲାରେ ୭ଟି ବିଭାଗରୁ ମୋଟ ୨୯୨ଜଣ ଅମଲା ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ନାଏକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସଂଘ ସଭାପତି ଧର୍ମରାଜ ନାଏକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କିରାଣୀ ବିଭୁଦତ ମିଶ୍ର, ପବନ କୁମାର ସୋନି, ମଦନ ସୁନ୍ଦର ସାହୁ, ମନୋଜ କୁମାର ମହାରଣା, ନୀଳକଣ୍ଠ ସାହୁ, ତ୍ରିଲୋଚନ ପୁମାର, ଲୋକନାଥ ରଥ, ମନୋଜ ଭୋଇ, ଗଲିଆରା ଜାକିର ମହମ୍ମଦ, ଦୀପ୍ତି ପାଢୀ, ମମତା ଶବର,



ସମସ୍ତ ଅମଲା ବୃନ୍ଦ।

**ଜୁନ ୧ରୁ ସମୂହ ଛୁଟିରେ ଯିବେ**

ମୀନାକ୍ଷୀ ଦାସ, ମଧୁ ଜ୍ୟୋତିଷ, ଜାନକି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘବର୍ଷ ହେବ ଜିଲାସ୍ତରୀୟ ଅମଲାମାନଙ୍କ ବେତନରେ ଥିବା ଅସଙ୍ଗତି ଦୂର କରିବାରେ ରାଜ୍ୟ ସରକାର ଜାଣିଶୁଣି ଅଣଦେଖା ଓ ଅବହେଳା କରି ଚାଲିଛନ୍ତି। ଏହା ଦ୍ୱାରା ଜିଲାସ୍ତରୀୟ ଅମଲାଙ୍କ ମନରେ ଘୋର ନୈରାଶ୍ୟଭାବ ଓ ଅସନ୍ତୋଷ ଦେଖାଦେଇଛି। ଫଳରେ ଆଗାମୀ ଦିନରେ ଏକ ବିଶାଳ ଅମଲା ଆନ୍ଦୋଳନ ମୁଣ୍ଡ ଟେକିବାକୁ ଆଉଛି। ଏହା ଦ୍ୱାରା ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ଓ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ସମୀକରଣ କରି ଦରମା ହାର ଲେବୁଲ-୪ ରୁ ଲେବୁଲ-୯କୁ ଉନ୍ନୀତ କରିବା ପାଇଁ ଏକ ସ୍ମାରକ ପତ୍ର ୨୦୨୩ ଏପ୍ରିଲ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏପ୍ରିଲ ୩୦ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରୀୟା ପ୍ରକାଶ ନ ପାଇବାରୁ ମେ ୧ ରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ରାଜ୍ୟ ଶାଖା ପକ୍ଷରୁ ଏକ ଚରମ ପତ୍ର ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ସରକାରଙ୍କ ଦ୍ୱାରା ବାରମ୍ବାର ପ୍ରତାରିତ ହେବା ପରେ ଏଭଳି ଏକ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଉଅଛୁ ବୋଲି କହିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

ଭେଡ଼େନ,୨୨।୫ (ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଛକରେ ସୋମବାର ସନ୍ଧ୍ୟାରେ ଅସଭ୍ୟ ଭାଷାରେ ଗାଳିଗୁଲଜକୁ ନେଇ ବରଗାଁ ଗ୍ରାମର ଦୈତାରୀ ପାଣିଗ୍ରାହୀ (୩୮)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବରଗାଁ ଗ୍ରାମର ଦୈତାରିଙ୍କ ଫୋନକୁ ଦୁଇଜଣ ଯୁବକ ବାରମ୍ବାର ଫୋନ କରି ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିଲେ। ତେବେ ସେ ଆସି ତେନ୍ତୁଲିଟିକ୍ରା ଛକରେ ଉକ୍ତ ଦୁଇଜଣ ଯୁବକ ମୋହନ ସାହୁ ଏବଂ ବୃନ୍ଦାବନ ପଧାନ (ଭାଲୁ) ଫୋନ କରୁଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ଉଭୟେ ଏକ ଧାରୁଆ ଅସ୍ତ୍ରରେ ଦୈତାରିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଛାତିରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ହେବାରୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ. ୧୫୭/୨୩) ରୁଜୁ ହୋଇଛି। ଭେଡ଼େନ ଆଇଆଇସି ସଙ୍ଗିତା ମହାପାତ୍ରଙ୍କ କହିବା ଅନୁସାରେ ଘଟଣାର ମୁଖ୍ୟ ଅଭିଯୁକ୍ତ ମୋହନ ସାହୁ ଫେରାର୍ ରହିଥିବା ବେଳେ ଅନ୍ୟ ଅଭିଯୁକ୍ତ ବୃନ୍ଦାବନଙ୍କ ମସ୍ତିଷ୍କ ବିକୃତି ରହଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ପ୍ରକାଶ କରିଛନ୍ତି।

### କାଳବୈଶାଖୀ ତାଣ୍ଡବ, ବ୍ୟାପକ କ୍ଷତି

ଭେଡ଼େନ, ୨୨।୫(ଡ଼ି.ଏନ.ଏ.): ବରଗଡ଼ ଜିଲା ଭେଡ଼େନ ବ୍ଲକରେ ସୋମବାର ସନ୍ଧ୍ୟାରେ କାଳବୈଶାଖିର ତାଣ୍ଡବଲୀଳା ଦେଖିବାକୁ ମିଳିଛି। ଝଡ଼ତୋଫାନ ସାଙ୍ଗକୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଏହା ଲୋକଙ୍କ ଅଭୂତପୂର୍ବ କ୍ଷୟକ୍ଷତି ଘଟାଇଛି। ଅନେକ ଚାଳଛପର ଘର ଉଡ଼ାଇ ନେବା ସହ ରାସ୍ତା କଡ଼ର ବଡ଼ବଡ଼ ଗଛ ଉପୁଡ଼ି ଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଚାଷୀଙ୍କ କଷ୍ଟୋପାର୍ଜିତ ଅମଳ ଧାନ ଖଳା ଓ ରାସ୍ତା କଡ଼ରେ ଶୁଖାଯାଇଥିବାବେଳେ ଧାନ ଭିଜି ଯାଇଛି। କ୍ଷେତରେ ଥିବା ଧାନ ଫସଲ ମାଟିରେ ଲୋଟି ପଡ଼ିଛି। ସେହିପରି ବିଭିନ୍ନ ସ୍ଥାନରେ ଖୁଣ୍ଟ ଉପୁଡ଼ି ଯାଇ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ମହୁଲପାଲି, ସିଆଳଖଣ୍ଡହଥା ଏବଂ ରକ୍ସୁଡ଼ା ପଞ୍ଚାୟତରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରିବାକୁ ଦାବି ହେଉଛି।

### ଗୁନ୍ଦୁଲିଆ ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି

ବାଉଁଶୁଣୀ, ୨୨।୫(ଡି.ଏନ.ଏ.): ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହିମାଂଶୁ ଶେଖର ପୂଜାହାରି, ବୌଦ୍ଧ ବିଡ଼ିଓ ଅଭିନାଶ ପାଣ୍ଡିଆ, ଅତିରିକ୍ତ ତହସିଲଦାର ରଜା ରସୁଲ ଖାଁଙ୍କ ସମେତ ବ୍ଲକ ଓ ଜିଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ କରିଥିଲେ। ମୋଟ ୧୬୬ ଅଭିଯୋଗରୁ ୧୫୯ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ରହିଥିଲା।

### ନିଗମ ଅଫିସ ଘେରିଲେ ଚାଷୀ

କନ୍ଧମାଳ, ୨୨।୫(ଡି.ଏନ.ଏ.): ବୌଦ୍ଧ ଜିଲା ଉଠାଜଳସେଚନ ନିଗମର ଚାଷୀମାରଣ ନୀତି ପ୍ରତିବାଦରେ ସୋମବାର ମନମୁଣ୍ଡାଠାରେ ଶତାଧିକ ଚାଷୀ ବିଭାଗୀୟ ଅଫିସ ଘେରାଉ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, କନ୍ଧମାଳ ବ୍ଲକର ବିଳାସପୁର, ଖଟଖଟିଆ, ପଲଶାଗୋରା, ଶିମିଳିପଦର, ଗୁଡଭେଲିପଦର ଆଦି ପଞ୍ଚାୟତର ଶତାଧିକ ଚାଷୀ କ୍ଲଷ୍ଟର ଭିତ୍ତିକ ନଳକୂପ ଖନନ ପାଇଁ ବ୍ୟାଙ୍କ ଜରିଆରେ ନିଗମ ନାମରେ ୨୦ ହଜାର ଟଙ୍କା ଜମା କରିଥିଲେ। ତେବେ ନଳକୂପ ଖନନ ପରେ ବିଜୁଳି ସଂଯୋଗ ନ କରି ନିଗମ ହାତବାନ୍ଧି ବସିରହିଛି। କେତେକ ଚାଷୀଙ୍କ ନଳକୂପକୁ ଖୁଣ୍ଟ ପୋତି ତାର ଟଣାଯାଇଥିବା ବେଳେ କେତେକ ଚାଷୀଙ୍କ ନଳକୂପକୁ ଖୁଣ୍ଟ ପୋତା ହୋଇନାହିଁ। ଏ ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ କରି ସୁଫଳ ନ ପାଇବାରୁ ବାଧ ହୋଇ ସେମାନେ ଅଫିସ ଘେରାଉ କରିଥିବା କହିଥିଲେ। ନିଗମର ନିର୍ବାହୀ ଯନ୍ତ୍ରୀ ମହେଶ୍ୱର ମୋହନା ମନମୁଣ୍ଡା ଅଫିସରେ ପହଞ୍ଚି ଜୁନ ୨୦ ସୁଦ୍ଧା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଘେରାଉ ହଟିଥିଲା।

# ମନ୍ଦିର ଜମି ଜବରଦଖଲ

ବରଗଡ଼ ଅଫିସ୍,୨୨।୫

ବରଗଡ଼ ଜିଲା ଭଟଲି ବ୍ଲକ ସୁକୁଡ଼ା ଗ୍ରାମରେ ମାଉସୀ ମା' ମନ୍ଦିର ପାଇଁ ଉଦ୍ଦିଷ୍ଟ ରହିଥିବା ଜମିକୁ କିଛି ଲୋକେ ଜବରଦଖଲ କରୁଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି । ପ୍ରକାଶ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

ଯେ, ସୁକୁଡ଼ା ଗ୍ରାମରେ ଦୀର୍ଘବର୍ଷ ତଳେ ଏକ କ୍ଲବ ଘର ଥିଲା । ତାହା ପୁରୁଣା ହୋଇ ଭାଙ୍ଗିଯିବା ପରେ ଗ୍ରାମବାସୀ ସେହି ଜାଗାକୁ ସମତୁଳ କରିଥିଲେ ଏବଂ ସେଠାରେ ମାଉସୀ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ମାତ୍ର ଗ୍ରାମର ଜଣେ ଲୋକ ସେହି ଜାଗା ଜବରଦଖଲ କରି ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଜବରଦଖଲ ନ କରିବାକୁ କହିଲେ ଧମକଚମକ ମଧ୍ୟ ଦିଆଯାଉଥିବା ଗ୍ରାମବାସୀ କହି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲାପାଳଙ୍କ ସ୍ମାରକପତ୍ର ଦିଆଯାଇଛି। ସୁମନ କୁମାର ସାହୁ, ସଞ୍ଜୟ ବନଛୋର, ସହଦେବ ବନଛୋର ପ୍ରମୁଖଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି ।

# ଅମଲା ମଞ୍ଚର କଳାବ୍ୟାଜ୍ ପରିଧାନ


ଅମଲା ସଂଘର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦାନ।

ବୌଦ୍ଧ,୨୨।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ୪୨୦୦ଟଙ୍କା ଦାବି ହାସଲ ପାଇଁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ସ୍ନାତକ ଯୋଗ୍ୟତା ତଥା କମ୍ପ୍ୟୁଟର ଜ୍ଞାନ ଆଧାରରେ ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ଦରମା ୪୨୦୦ ଟଙ୍କା ଗ୍ରେଡପେ କରାଇବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସମସ୍ତ ଅମଲା ଦୃଢ ସଂକଳ୍ପ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ରାଜ୍ୟ ମିଳିତ ଅମଲା ମଞ୍ଚ ନିର୍ଦ୍ଦେଶରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସରକାରଙ୍କୁ ଜଣାଇଦିଆଯାଇଛି । ଜିଲା ମିଳିତ ଅମଲା ମଞ୍ଚର ଅଧକ୍ଷ ମାନସ ରଞ୍ଜନ ସେଠୀ ଓ ଆବାହକ ଭାବରେ ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱରେ ଜିଲାସ୍ତରରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି । ଏଥିରେ ରାଜସ୍ୱ ଅମଲା, ଟ୍ରେଜେରୀ ଅମଲା, ସବରେଜିଷ୍ଟ୍ରାର ଅମଲା ପ୍ରମୁଖ ସାମିଲ ହୋଇଛନ୍ତି।

### କଳାବ୍ୟାଜ୍ ପିନ୍ଧି ଅମଲା ମଞ୍ଚର ପ୍ରତିବାଦ

ବରଗଡ଼ ଅଫିସ୍,୨୨।୫

ରାଜ୍ୟ ସରକାର ମିଳିତ ଅମଲା ମଞ୍ଚର ଦାବିକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। ୪୨୦୦ ଗ୍ରେଡ୍ ପେ ଦାବି ନେଇ ମଞ୍ଚ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ସରକାର ସେ ଦିଗରେ କିଛି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ସୋମବାର ବରଗଡ଼ ଜିଲାପାଳ ଅଫିସ ପରିସରରେ କଳାବ୍ୟାଜ ପିନ୍ଧି ଅମଲା ମଞ୍ଚର ସଦସ୍ୟା, ସଦସ୍ୟ ପ୍ରତିବାଦ କରିଛନ୍ତି। ଆସନ୍ତା ୩୧ତାରିଖ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ ଜୁନ୍ ୧ତାରିଖରୁ ମଞ୍ଚର ସମସ୍ତ ସଦସ୍ୟା, ସଦସ୍ୟ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦିଆଯାଇଛି । ଜିଲା ମିଳିତ ଅମଲା ମଞ୍ଚର ଚେୟାରମ୍ୟାନ ନନ୍ଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟା, ସଦସ୍ୟ ଏଥିରେ ସାମିଲ ଥିଲେ।

# ବିନିକା ଏନ୍ଏସିରେ ଭୂମି ପ୍ରମାଣପତ୍ର, ଭତ୍ତା ବଣ୍ଟନ

ବିନିକା ୨୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସିରେ ଭୂମି ପ୍ରମାଣପତ୍ର ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଏନଏସି କମ୍ୟୁନିଟି ସେଣ୍ଟରରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଯୋଗଦେଇ ୯୭ଜଣ ହିତାଧିକାରୀଙ୍କୁ ଭୂମି ପ୍ରମାଣ ପତ୍ର ଓ ୧୮ ଜଣଙ୍କୁ ମଧୁବାବୁ ପେନସନ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଉପାଧ୍ୟକ୍ଷା ତପସ୍ୱିନୀ



ଜଣେ ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି।

ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ସିଏମଏମ ଉମାକାନ୍ତ ସିଂ, ସିଓ ସୁମିତା ବାରିକ, ପିଏ ସରୋଜ ମେହେର, ସାନିଟାରୀ ଏକ୍ସପୋର୍ଟ ସାଗରିକା ପାତ୍ର ଯୋଗ ଦେଇଥିଲେ। ହିମାଂଶୁ ଭୂଷଣ ପଣ୍ଡା ସଭା ପରିଚାଳନା ଓ ଉପାଧ୍ୟକ୍ଷା ମେହେର ଧନ୍ୟବାଦ ପ୍ରଦାନ ଦେଇଥିଲେ।

### ୨ନିଖୋଜ ଶିଶୁ ପୁରୀରୁ ଉଦ୍ଧାର

ବରଗଡ଼ ଅଫିସ୍,୨୨।୫

ବରଗଡ଼ ସହରରୁ ରବିବାର ନିଖୋଜ ୨ଶିଶୁଙ୍କୁ ପୁରୀରୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ବରଗଡ଼ ଅଣାଯାଉଛି ବୋଲି ସ୍ଥାନୀୟ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି। ପ୍ରକାଶଥାଉକି, ବରଗଡ଼ କୁମ୍ଭାର ପଡ଼ାର ଆୟୁଷ୍ମାନ ଦାଶ ଏବଂ ସୋହନ ଷଡ଼ଙ୍ଗୀ ୨ସାଙ୍ଗ। ସେମାନେ ରବିବାର ନିଖୋଜ ହୋଇ ଯାଇଥିଲେ। ଖୋଜାଖୋଜି ପରେ ପରିବାର ଲୋକେ ସେମାନଙ୍କୁ ପାଇ ନ ଥିଲେ । ଏ ନେଇ ଟାଉନ ଥାନାରେ ଜଣାଇବା ପରେ ପୋଲିସ ୨ଶିଶୁଙ୍କୁ ଉଦ୍ଧାର ପାଇଁ ତନାଘନା ଚଳାଇଥିଲା ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିକାଶ


@ ରଞ୍ଜିତ


@ ସତ୍ୟାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ



ଟାଙ୍ଗରପଡ଼ାରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ।

ବରଗଡ଼ ଅଫିସ୍,୨୨।୫

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଦିବ୍ୟାଙ୍ଗମାନଙ୍କ ପାଇଁ ସୋମବାରରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସୋମବାର ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲାଜଜ୍ ଲୁନା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବିଭୁକଲ୍ୟାଣ ପାଢ଼ୀ ବରଗଡ଼ ଟାଙ୍ଗରପଡ଼ାରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାଧିକରଣ ସଦସ୍ୟ ଶ୍ୟାମସୁନ୍ଦର ଅଗ୍ରୱାଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ପେନାଲ ଓକିଲ, ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର କର୍ମୀମାନେ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଦିବ୍ୟାଙ୍ଗ ଚିହ୍ନଟ ପାଇଁ ଚାଲିଥିବା ଏହି ଅଭିଯାନରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ନୂଆ, ପୁରୁଣା ଦିବ୍ୟାଙ୍ଗଙ୍କ ଉପରେ ସୂଚନା ସଂଗ୍ରହ କରିବେ।

# ସ୍ତ୍ରୀଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିଲେ ସ୍ୱାମୀ

ବିନିକା,୨୨।୫(ଡି. ଏନ. ଏ )

### ସହଯୋଗୀଙ୍କ ସହ ଜେଲଗଲେ ସ୍ୱାମୀ

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଆଡାକସା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଦୁଃଖିଶ୍ୟାମ ଭୁଏ ଓ ତାଙ୍କ ସହଯୋଗୀ ପ୍ରଫୁଲ୍ଲ ମେର୍ଲ୍ଲଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସୋନପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡ ସମ୍ପର୍କରେ ବିନିକା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି ଏସ୍‌ପି ଅମରେଶ ପଣ୍ଡା।

ଏସ୍‌ପି ସୂଚନା ଅନୁସାରେ ବିନିକା ଥାନା ଅଧୀନ ଅଡାକସା ଗ୍ରାମର ଦୁଃଖିଶ୍ୟାମ ଭୁଏ(୩୧) ୪ବର୍ଷ ତଳେ ବୌଦ୍ଧ ଜିଲା ମନମୁଣ୍ଡା ଥାନା କିରକିଟିପାଲି ଗ୍ରାମର ସନ୍ତୋଷିନୀ ଭୁଏ(୨୪) ଓରଫ କିଶୋରୀଙ୍କୁ ବିବାହ କରିଥିଲେ। ଦୁଃଖିଶ୍ୟାମଙ୍କର ଛୋଟ ବ୍ୟବସାୟ ଥିଲା। ଗତ ୧୭ତାରିଖ ରାତି ପ୍ରାୟ ୧୦ଟାରେ ଘରକୁ ଫେରିବାରେ ବିଳମ୍ବ ହେବାରୁ କିଶୋରୀ ସ୍ୱାମୀଙ୍କ ଦୋକାନକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଃଖିଶ୍ୟାମ କିଶୋରୀଙ୍କ ତଣ୍ଟିଚିପି ଦେଇଥିଲେ। ତାଙ୍କର ମୃତ୍ୟୁ ହୋଇଯିବା ପରେ ଦୋକାନ କର୍ମଚାରୀ ପ୍ରଫୁଲ୍ଲଙ୍କ ସହାୟତାରେ ଦୋକାନଠାରୁ ୩କିମି ଦୂର ଏକ ସ୍ଥାନକୁ ନେଇ ବିଳମ୍ବିତ ରାତିରେ ସେମାନେ ମୃତଦେହ ନେଇ ପୋଡି ଦେଇଥିଲେ। କିଶୋରୀଙ୍କ ନିଖୋଜ ହେବାରେ ସନ୍ଦେହ ପ୍ରକାଶ କରି ଗ୍ରାମବାସୀ ଗତ ୨୦ତାରିଖରେ ବିନିକା ଥାନାକୁ ଆସି ଘଟଣାର ତଦନ୍ତ ଓ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିଶୋରୀଙ୍କ ଭାଇ ହିମାଂଶୁ ମଲ୍ଲିକ ବିନିକା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ପରେ ଦୁଃଖିଶ୍ୟାମ ସବୁ ସତ ମାନି ଯାଇଥିଲେ। ଏହାପରେ ସହଯୋଗୀ ଦୋକାନ କର୍ମଚାରୀ ପ୍ରଫୁଲ୍ଲ ମେର୍ଲ୍ଲଙ୍କୁ ପୋଲିସ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ମିଞ୍ଜ, ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ମହିଳାଙ୍କୁ ଥଇଥାନ କେନ୍ଦ୍ର ପଠାଇଲେ ବିଧାୟକ

ବରଗଡ଼ ଅଫିସ୍,୨୨।୫

ବରଗଡ଼ ରେଳଷ୍ଟେଶନ ପଡ଼ାରେ ଅନେକ ଦିନ ହେଲା ଜଣେ ଅସହାୟ, ଦିବ୍ୟାଙ୍ଗ ମହିଳା ରାସ୍ତାକଡ଼ରେ ପଡ଼ି ରହିଥିଲେ। ସେହି ପଡ଼ାରେ ରହୁଥିବା ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଉଥିଲେ। ସୂଚନା ପାଇ କିଛି ସାମାଜିକ କର୍ମୀ ସମ୍ପୃକ୍ତ ମହିଳାଙ୍କ ପାଖକୁ ପହଞ୍ଚିଥିଲେ । ସମ୍ପୃକ୍ତ ମହିଳାଙ୍କୁ ସେମାନେ କନ୍ଧମାଳରେ ରହିଥିବା ଏକ ଥଇଥାନ କେନ୍ଦ୍ରକୁ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ସେଠାକୁ ନେବା ପାଇଁ ଅର୍ଥର ନବାରୁ ସେମାନେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇ ବିଧାୟକ ଆଚାର୍ଯ୍ୟ ସେଠାକୁ ପହଞ୍ଚିଥିଲେ ଏବଂ ତାଙ୍କୁ କନ୍ଧମାଳ ଥଇଥାନ କେନ୍ଦ୍ରକୁ ନେବା ପାଇଁ ବ୍ୟବସ୍ଥା କରିଥିଲେ। ଏହାପରେ ମହିଳାଙ୍କୁ ସେଠାକୁ ନିଆଯାଇଥିଲା ।

# ବର୍ଷାପୂର୍ବରୁ ଡ୍ରେନ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ବରଗଡ଼ ଅଫିସ୍,୨୨।୫

ବରଗଡ଼ ପୌର ପରିଷଦର ବିଭିନ୍ନ ୱାର୍ଡ଼କୁ ସୋମବାର ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ପରିଦର୍ଶନରେ ଯାଇଥିଲେ। ୱାର୍ଡ଼ ବୁଲିଦେଖି ସେ ଲୋକଙ୍କୁ ଭେଟିବା ସହିତ ସ୍ଥିତି ପରଖିଥିଲେ। ଏହି କ୍ରମରେ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରକୁ ବିଧାୟକ ଆଚାର୍ଯ୍ୟ ଯାଇ ସେଠାରେ ନିର୍ମାଣାଧିନ ଡ୍ରେନ କାର୍ଯ୍ୟ ଦେଖିଥିଲେ। ବିଭାଗୀୟ ଯନ୍ତ୍ରୀ ପ୍ରଜ୍ଞା ପରମିତା ପାଣିଗ୍ରାହୀ, ସୁନୀଲ ମହାପାତ୍ର ପ୍ରମୁଖଙ୍କୁ ଡାକି ବର୍ଷାପୂର୍ବରୁ ଡ୍ରେନ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବରଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ବେଦମତୀ ସେଟ, ଉମାଚରଣ ରାଉତ, ଉଦ୍ଧବ ସେଟ, ନିଗମାନନ୍ଦ ବିହାର ଉନ୍ନୟନ କମିଟିର ସଭାପତି ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବରଗଡ଼ ବିଧାୟକ ୱାର୍ଡ଼ବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

# ସବୁ ଜମିକୁ ଜଳସେଚିତ କରାଯାଉ

ପାଇକମାଳ, ୨୨।୫ (ଡି.ଏନ୍.ଏ.)

ପାଇକମାଳ ବ୍ଲକର ସମସ୍ତ ଜମିକୁ ବିସ୍ଥାପନ ବିହୀନ ଜଳସେଚନ ପାଇଁ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜନଶୁଣାଣି ସମୟରେ ଜିଲାପାଳ ମନୀଷା ବାନାର୍ଜୀଙ୍କୁ ଲିଖିତ ଅନୁରୋଧ କରାଯାଇଛି। ଚିରମରୁଡ଼ି ଭାବେ ପରିଚିତ ପାଇକମାଳ ବ୍ଲକ ଅଞ୍ଚଳରେ ଅନେକ ନଈ ନାଳ ବୋହିଗଲେ ମଧ ଚାଷ ପାଇଁ ଜଳସେଚନ ନାମକୁ ମାତ୍ର ଅଟେ। ଫଳରେ ଏହି ଅଞ୍ଚଳରେ ଚାଷୀମାନେ ବାରମ୍ବାର ମରୁଡ଼ିର ଶିକାର ହେଉଛନ୍ତି। ସେଥିପାଇଁ ଚାଷ କାର୍ଯ୍ୟରେ ନିରୁତ୍ସାହିତ ଯୁବପିଢ଼ି ଚାଷ ବ୍ୟତୀତ ଅନ୍ୟ ଧନ୍ଦା କରିବା ପାଇଁ ଆଗ୍ରହୀ। ଦାଦନ ବନ୍ଦ କରିବାକୁ ହେଲେ ଚାଷ କାର୍ଯ୍ୟପାଇଁ ଜଳସେଚନ କରି ନୂତନ ଶୈଳୀରେ ଚାଷ ପାଇଁ ସଚେତନ କରିବାକୁ ପଡ଼ିବ। ଜଳସେଚନ ବିନା


ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଲିଖିତ ଭାବେ ଜଣାଯାଉଛି।

ଚାଷ କାର୍ଯ୍ୟ ସମ୍ଭବ ନୁହେଁ। ଏଣୁ ସଙ୍ଗଠନ ବିଭିନ୍ନ ସମୟରେ ବିନା ବିସ୍ଥାପନ କରି ଜଳସେଚନ କରିବାକୁ ଦାବି, ଅନୁରୋଧ, ଧାରଣା ଦାବିପତ୍ର ଏବଂ ଆନ୍ଦୋଳନ କରି ସରକାରଙ୍କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ପଦ୍ମପୁର ବିଧାନସଭା ଉପନିର୍ବାଚନ ସମୟରେ ସରକାରଙ୍କୁ ଜଳସେଚନର ଗୁରୁତ୍ୱ ପ୍ରସଙ୍ଗରେ ସଙ୍ଗଠନ ଆଲୋଚନା କରିଥିଲା। ଶୀଘ୍ର ଯେଉଁ ସ୍ଥାନରେ ସମ୍ଭାବନା ଅଛି ସେହିସ୍ଥାନମାନଙ୍କର ପ୍ରସ୍ତାବ ପଠାଇବା ପାଇଁ କହିଥିଲେ। ସଙ୍ଗଠନର ଅନୁରୋଧ କ୍ରମେ ବିଭିନ୍ନ ସ୍ଥାନରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କିଛି ସ୍ଥାନର ସର୍ଜମିନ

### କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସଙ୍ଗଠନ ପାଇକମାଳର ଅଙ୍ଗନଦୀର ମନବୋଧ ପାଲି, ମାଣ୍ଡିଆ ଢ଼ିପା, ଅନାଦୀହାଲ, ସାନ କୁଞ୍ଜୀରୀ ଏବଂ ମୋହନପାଲି ଠାରେ ନଦୀ ବନ୍ଧ କରି ଜଳସେଚନ କରିବା ପାଇଁ ଲିଖିତ ଅନୁରୋଧ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୁଣିଥରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ଲିଙ୍ଗରାଜ ପଧାନ, ବିନୋଦ ସେଠ, ଗଗନ ବାରିକ, ପରମାନନ୍ଦ ଭୋଇ ସହିତ ଅଞ୍ଚଳର ମାଣ୍ଡିଆ ଢ଼ିପା ସରପଞ୍ଚ ଚନ୍ଦ୍ରିକା ସାହୁ, ବୁକ୍ରାମୁଣ୍ଡା ସରପଞ୍ଚ ଅନିତା ଭୋଇ, ଛେଲିଆମାଳ ସରପଞ୍ଚ ଚିତ୍ତରଞ୍ଜନ ପଧାନ, ଟେମରୀ ସରପଞ୍ଚ ଦିଲୀପ ବେହେରା ପ୍ରମୁଖ ନିବେଦନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ମେ, ୨୦୨୩



## ସଂକ୍ଷେପରେ

### ରାଉରକେଲାରେ ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ



**ରାଉରକେଲା ଅଫିସ, ୨୨।୫:** ରାଉରକେଲାର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ମିତ୍ରଭାନୁ ମହାପାତ୍ର। ସୋମବାର ରାଉରକେଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ନୂତନ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଆରକ୍ଷୀ ଅଧୀକ୍ଷକ ଭାବେ ମୁକେଶ କୁମାର ଭାମୁ ଥିଲେ। ରାଉରକେଲାର ନବ ନିଯୁକ୍ତ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ନିଜ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ରାଉରକେଲା ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି ସମସ୍ତ ପୋଲିସ ଅଧିକାରୀ। ଆଗାମୀ ଦିନରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରଖି ଅପରାଧକୁ ଦମନ କରିବାକୁ ଚେଷ୍ଟା ଜାରି ରହିବ ବୋଲି ନୂତନ ଏସ୍‌ପି କହିଥିଲେ।

### ଘରେ ପଶି ଛୁରାମାଡ଼, ଯୁବକ ମୃତ

**ରାଉରକେଲା ଅଫିସ,୨୨।୫:** ସେକ୍ଟର-୧୯ ଥାନା ଅନ୍ତର୍ଗତ ରାମଗଡ଼ ବସ୍ତି ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ତାଙ୍କ ଘରେ ପଶି କେହିଜଣେ ବ୍ୟକ୍ତି ଛୁରାମାଡ଼ କରିଥିବା ସୂଚନା ମିଳିଛି। ତୁରନ୍ତ ଯୁବକଙ୍କୁ ପାଖପଡୋଶୀ ଅଟୋରେ ନେଇ ସେକ୍ଟର-୧୯ ସ୍ଥିତ ଆଇଜିଏଚରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ରାତିରେ ସେ ମୃତ୍ୟୁବରଣ କରିଥିଲେ। ମୃତକ ହେଉଛନ୍ତି ହରିଶ ନାୟକ। ଏ ନେଇ ସେକ୍ଟର-୧୯ ଥାନା ପୋଲିସ ଯୁବକଙ୍କ ମୃତଦେହକୁ ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ଥାନା ଅଧିକାରୀ ମାନସ ବାରିକଙ୍କ କହିବା ଅନୁସାରେ ମୃତକ ଘରେ ଝିଆରୀ ସହ ରହୁଥିଲେ। ତାଙ୍କ ପରିବାରବର୍ଗ ବ୍ରହ୍ମପୁର ଯାଇଥିଲେ। ତେବେ ପ୍ରକୃତପକ୍ଷରେ ମାମଲା କଣ ହୋଇଛି, ତାହା ପରିବାରବର୍ଗ ରାଉରକେଲା ପ୍ରତ୍ୟାବର୍ତ୍ତନ କରିବା ପରେ ଜଣାପଡ଼ିବ। ତେବେ ପରିବାରବର୍ଗଙ୍କୁ ସୂଚିତ କରାଯାଇଛି। ସୂଚନାଯୋଗ୍ୟ ଯୁବକଙ୍କୁ ଛୁରାମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ରାତି ପର୍ଯ୍ୟନ୍ତ ଥାନାରେ ରିପୋର୍ଟ ହୋଇ ନ ଥିବା ଜଣାପଡ଼ିଛି।

### କଳାବ୍ୟାଜ୍ ପରିଧାନ କଲା ଅମଲା ସଂଘ

ନାକଟିଦେଉଳ,୨୨।୫(ଡି.ଏନ.ଏ.): ରାଜ୍ୟ ସଂଘ ଆହ୍ୱାନ କ୍ରମେ ସମ୍ବଲପୁର ଜିଲା ମିଳିତ ଅମଲା ସଂଘର ନାକଟିଦେଉଳ ବ୍ଲକ ଶାଖା ସଦସ୍ୟମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜିଲା ସ୍ତରୀୟ



କନିଷ୍ଠ ସହାୟକଙ୍କ ବେତନ ଲେଭଲ-୪ରୁ ଲେଭଲ-୯କୁ ବୃଦ୍ଧି କରାଯିବା ପାଇଁ ସଂଘ ପୂର୍ବରୁ ସରକାରଙ୍କଠାରେ ଦାବି ହୋଇଆସୁଛି। କିନ୍ତୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ରାଜ୍ୟ ସଂଘ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରି ରହିବ। ଦାବି ପୂରଣ ନ ହେଲେ ଜୁନ ୧ରୁ ସମୂହ ଛୁଟିରେ ଯିବାକୁ ସଙ୍ଘ ଚେତାବନୀ ଦେଇଛି। ନାକଟିଦେଉଳ ବ୍ଲକର ବରିଷ୍ଠ ରାଜସ୍ୱ ସହାୟକ (ଆଇସିଡ଼ିଏସ୍), ବ୍ଲକ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଶରତ କଲତା, ନିର୍ମଳ ନାୟକ, ବିଭାଗ ଅଧିକାରୀ ଜୟରାମ ମିର୍ଦ୍ଧା, ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ସୁବୋଧ ବାରିକ ପ୍ରମୁଖ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ କଳା ବ୍ୟାଜ୍ ପରିଧାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ କାର୍ଯ୍ୟାଳୟର ରାଜସ୍ୱ ସହାୟକ ଏହାକୁ ସମର୍ଥନ ଜଣାଇଥିବା ଜଣାପଡିଛି।

# ମନ୍ଦିର ଜମି ଜବରଦଖଲ

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ଜିଲା ଭଟଲି ବ୍ଲକ ସୁକୁଡ଼ା ଗ୍ରାମରେ ମାଉସୀ ମା’ ମନ୍ଦିର ପାଇଁ ଉଦ୍ଦିଷ୍ଟ ରହିଥିବା ଜମିକୁ କିଛି ଲୋକେ ଜବରଦଖଲ କରୁଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି । ପ୍ରକାଶ ଯେ, ସୁକୁଡ଼ା ଗ୍ରାମରେ ଦୀର୍ଘବର୍ଷ ତଳେ ଏକ କ୍ଲବ ଘର ଥିଲା । ତାହା ପୁରୁଣା ହୋଇ ଭାଙ୍ଗିଯିବା ପରେ ଗ୍ରାମବାସୀ ସେହି ଜାଗାକୁ ସମତୁଳ କରିଥିଲେ ଏବଂ ସେଠାରେ ମାଉସୀ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ମାତ୍ର ଗ୍ରାମର ଜଣେ ଲୋକ ସେହି ଜାଗା ଜବରଦଖଲ କରି ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଜବରଦଖଲ ନ କରିବାକୁ କହିଲେ ଧମକଚମକ ମଧ୍ୟ ଦିଆଯାଉଥିବା ଗ୍ରାମବାସୀ କହି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲାପାଳଙ୍କ ସ୍ମାରକପତ୍ର ଦିଆଯାଇଛି। ସୁମନ କୁମାର ସାହୁ, ସଞ୍ଜୟ ବନଛୋର, ସହଦେବ ବନଛୋର ପ୍ରମୁଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

# ଅମଲା ମଞ୍ଚର କଳାବ୍ୟାଜ୍ ପରିଧାନ



ଅମଲା ସଂଘର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦାନ।

**ବୌଦ୍ଧ,୨୨।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ୪୨୦୦ଟଙ୍କା ଦାବି ହାସଲ ପାଇଁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ସ୍ନାତକ ଯୋଗ୍ୟତା ତଥା କମ୍ପ୍ୟୁଟର ଜ୍ଞାନ ଆଧାରରେ ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ଦରମା ୪୨୦୦ ଟଙ୍କା ଗ୍ରେଡପେ କରାଇବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସମସ୍ତ ଅମଲା ଦୃଢ ସଂକଳ୍ପ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ରାଜ୍ୟ ମିଳିତ ଅମଲା ମଞ୍ଚ ନିର୍ଦ୍ଦେଶରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସରକାରଙ୍କୁ ଜଣାଇଦିଆଯାଇଛି । ଜିଲା ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ ଓ ଆବାହକ ଭାବରେ ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱରେ ଜିଲାସ୍ତରରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି । ଏଥିରେ ରାଜସ୍ୱ ଅମଲା, ଟ୍ରେଜେରୀ ଅମଲା, ସବରେଜିଷ୍ଟ୍ରାର ଅମଲା ପ୍ରମୁଖ ସାମିଲ ହୋଇଛନ୍ତି।

### କଳାବ୍ୟାଜ୍ ପିନ୍ଧି ଅମଲା ମଞ୍ଚର ପ୍ରତିବାଦ

**ବରଗଡ଼ ଅଫିସ୍,୨୨।୫**

ରାଜ୍ୟ ସରକାର ମିଳିତ ଅମଲା ମଞ୍ଚର ଦାବିକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। ୪୨୦୦ ଗ୍ରେଡ୍ ପେ ଦାବି ନେଇ ମଞ୍ଚ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ସରକାର ସେ ଦିଗରେ କିଛି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ସୋମବାର ବରଗଡ଼ ଜିଲାପାଳ ଅଫିସ ପରିସରରେ କଳାବ୍ୟାଜ ପିନ୍ଧି ଅମଲା ମଞ୍ଚର ସଦସ୍ୟା, ସଦସ୍ୟ ପ୍ରତିବାଦ କରିଛନ୍ତି। ଆସନ୍ତା ୩୧ତାରିଖ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ ଜୁନ୍ ୧ତାରିଖରୁ ମଞ୍ଚର ସମସ୍ତ ସଦସ୍ୟା, ସଦସ୍ୟ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦିଆଯାଇଛି । ଜିଲା ମିଳିତ ଅମଲା ମଞ୍ଚର ଚେୟାରମ୍ୟାନ ନନ୍ଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟା, ସଦସ୍ୟ ଏଥିରେ ସାମିଲ ଥିଲେ।

# ବିନିକା ଏନ୍‌ଏସିରେ ଭୂମି ପ୍ରମାଣପତ୍ର, ଭତ୍ତା ବଣ୍ଟନ

**ବିନିକା ୨୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସିରେ ଭୂମି ପ୍ରମାଣପତ୍ର ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଏନଏସି କମ୍ୟୁନିଟି ସେଣ୍ଟରରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଯୋଗଦେଇ ୯୭ଜଣ ହିତାଧିକାରୀଙ୍କୁ ଭୂମି ପ୍ରମାଣ ପତ୍ର ଓ ୧୮ ଜଣଙ୍କୁ ମଧୁବାବୁ ପେନସନ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ସିଏମଏମ ଉମାକାନ୍ତ ସିଂ, ସିଓ ସୁମିତା ବାରିକ, ପିଏ ସରୋଜ ମେହେର, ସାନିଟାରୀ ଏକ୍ସପୋର୍ଟ ସାଗରିକା ପାତ୍ର ଯୋଗ ଦେଇଥିଲେ। ହିମାଂଶୁ ଭୂଷଣ ପଣ୍ଡା ସଭା ପରିଚାଳନା ଓ ଉପାଧ୍ୟକ୍ଷା ମେହେର ଧନ୍ୟବାଦ ପ୍ରଦାନ ଦେଇଥିଲେ।



ଜଣେ ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି।

### ୨ନିଖୋଜ ଶିଶୁ ପୁରୀରୁ ଉଦ୍ଧାର

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ସହରରୁ ରବିବାର ନିଖୋଜ ୨ଶିଶୁଙ୍କୁ ପୁରୀରୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ବରଗଡ଼ ଅଣାଯାଉଛି ବୋଲି ସ୍ଥାନୀୟ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି। ପ୍ରକାଶଥାଉକି, ବରଗଡ଼ କୁମ୍ଭାର ପଡ଼ାର ଆୟୁଷ୍ମାନ ଦାଶ ଏବଂ ସୋହନ ଷଡ଼ଙ୍ଗୀ ୨ସାଙ୍ଗ। ସେମାନେ ରବିବାର ନିଖୋଜ ହୋଇ ଯାଇଥିଲେ। ଖୋଜାଖୋଜି ପରେ ପରିବାର ଲୋକେ ସେମାନଙ୍କୁ ପାଇ ନ ଥିଲେ । ଏ ନେଇ ଟାଉନ ଥାନାରେ ଜଣାଇବା ପରେ ପୋଲିସ ୨ଶିଶୁଙ୍କୁ ଉଦ୍ଧାର ପାଇଁ ତନାଘନା ଚଲାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିକାଶ



@ ରଞ୍ଜିତ



@ ସତ୍ୟାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ



ଟାଙ୍ଗରପଡ଼ାରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ।

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଦିବ୍ୟାଙ୍ଗମାନଙ୍କ ପାଇଁ ସୋମବାରରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସୋମବାର ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲାଜଜ୍ ଲୁନା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବିଭୁକଲ୍ୟାଣ ପାଢ଼ୀ ବରଗଡ଼ ଟାଙ୍ଗରପଡ଼ାରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାଧିକରଣ ସଦସ୍ୟ ଶ୍ୟାମସୁନ୍ଦର ଅଗ୍ରୱାଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ପେନାଲ ଓକିଲ, ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର କର୍ମୀମାନେ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଦିବ୍ୟାଙ୍ଗ ଚିହ୍ନଟ ପାଇଁ ଚାଲିଥିବା ଏହି ଅଭିଯାନରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ନୂଆ, ପୁରୁଣା ଦିବ୍ୟାଙ୍ଗଙ୍କ ଉପରେ ସୂଚନା ସଂଗ୍ରହ କରିବେ।

# ସ୍ତ୍ରୀଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିଲେ ସ୍ୱାମୀ

**ବିନିକା,୨୨।୫(ଡି. ଏନ. ଏ )**

### ସହଯୋଗୀଙ୍କ ସହ ଜେଲଗଲେ ସ୍ୱାମୀ

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଆଡାକସା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଦୁଃଖିଶ୍ୟାମ ଭୁଏ ଓ ତାଙ୍କ ସହଯୋଗୀ ପ୍ରଫୁଲ୍ଲ ମେର୍ଲିଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସୋନପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡ ସମ୍ପର୍କରେ ବିନିକା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି ଏସ୍‌ପି ଅମରେଶ ପଣ୍ଡା।

ଏସ୍‌ପି ସୂଚନା ଅନୁସାରେ ବିନିକା ଥାନା ଅଧୀନ ଅଡାକସା ଗ୍ରାମର ଦୁଃଖିଶ୍ୟାମ ଭୁଏ(୩୧) ୪ବର୍ଷ ତଳେ ବୌଦ୍ଧ ଜିଲା ମନମୁଣ୍ଡା ଥାନା କିରକିଚିପାଲି ଗ୍ରାମର ସନ୍ତୋଷିନୀ ଭୁଏ(୨୪) ଓରଫ କିଶୋରୀଙ୍କୁ ବିବାହ କରିଥିଲେ। ଦୁଃଖିଶ୍ୟାମଙ୍କର ଛୋଟ ବ୍ୟବସାୟ ଥିଲା। ଗତ ୧୭ତାରିଖ ରାତି ପ୍ରାୟ ୧୦ଟାରେ ଘରକୁ ଫେରିବାରେ ବିଳମ୍ବ ହେବାରୁ କିଶୋରୀ ସ୍ୱାମୀଙ୍କ ଦୋକାନକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଦୁଃଖିଶ୍ୟାମ କିଶୋରୀଙ୍କ ତଣ୍ଟିଚିପି ଦେଇଥିଲେ। ତାଙ୍କର ମୃତ୍ୟୁ ହୋଇଯିବା ପରେ ଦୋକାନ କର୍ମଚାରୀ ପ୍ରଫୁଲ୍ଲଙ୍କ ସହାୟତାରେ ଦୋକାନଠାରୁ ୩କିମି ଦୂର ଏକ ସ୍ଥାନକୁ ନେଇ ବିଳମ୍ବିତ ରାତିରେ ସେମାନେ ମୃତଦେହ ନେଇ ପୋଡି ଦେଇଥିଲେ। କିଶୋରୀଙ୍କ ନିଖୋଜ ହେବାରେ ସନ୍ଦେହ ପ୍ରକାଶ କରି ଗ୍ରାମବାସୀ ଗତ ୨୦ତାରିଖରେ ବିନିକା ଥାନାକୁ ଆସି ଘଟଣାର ତଦନ୍ତ ଓ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିଶୋରୀଙ୍କ ଭାଇ ହିମାଂଶୁ ମଲ୍ଲିକ ବିନିକା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ପରେ ଦୁଃଖିଶ୍ୟାମ ସବୁ ସତ ମାନି ଯାଇଥିଲେ। ଏହାପରେ ସହଯୋଗୀ ଦୋକାନ କର୍ମଚାରୀ ପ୍ରଫୁଲ୍ଲ ମେର୍ଲିଙ୍କୁ ପୋଲିସ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ମିଞ୍ଜ, ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ମହିଳାଙ୍କୁ ଥଇଥାନ କେନ୍ଦ୍ର ପଠାଇଲେ ବିଧାୟକ

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ରେଳଷ୍ଟେଶନ ପଡ଼ାରେ ଅନେକ ଦିନ ହେଲା ଜଣେ ଅସହାୟ, ଦିବ୍ୟାଙ୍ଗ ମହିଳା ରାସ୍ତାକଡ଼ରେ ପଡ଼ି ରହିଥିଲେ। ସେହି ପଡ଼ାରେ ରହୁଥିବା ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଉଥିଲେ। ସୂଚନା ପାଇ କିଛି ସାମାଜିକ କର୍ମୀ ସମ୍ପୃକ୍ତ ମହିଳାଙ୍କ ପାଖକୁ ପହଞ୍ଚିଥିଲେ । ସମ୍ପୃକ୍ତ ମହିଳାଙ୍କୁ ସେମାନେ କନ୍ଧମାଳରେ ରହିଥିବା ଏକ ଥଇଥାନ କେନ୍ଦ୍ରକୁ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ସେଠାକୁ ନେବା ପାଇଁ ଅର୍ଥର ନବାରୁ ସେମାନେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇ ବିଧାୟକ ଆଚାର୍ଯ୍ୟ ସେଠାକୁ ପହଞ୍ଚିଥିଲେ ଏବଂ ତାଙ୍କୁ କନ୍ଧମାଳ ଥଇଥାନ କେନ୍ଦ୍ରକୁ ନେବା ପାଇଁ ବ୍ୟବସ୍ଥା କରିଥିଲେ। ଏହାପରେ ମହିଳାଙ୍କୁ ସେଠାକୁ ନିଆଯାଇଥିଲା।

# ସିଭିକ ସେଣ୍ଟରରେ ‘କବିତା ଆପଣଙ୍କର ସୁର ଓ ସ୍ୱର ମୋର’ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୨।୫**

ରାଉରକେଲା ସିଭିକ୍ ସେଣ୍ଟରଠାରେ ‘ଜୟଦେବ କଳା ବିକାଶ କେନ୍ଦ୍ର’ ଆନୁକୂଲ୍ୟରେ ‘କବିତା ଆପଣଙ୍କର ସୁର ଓ ସ୍ୱର ମୋର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ଚୟନ ହୋଇଥିବା ୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲଟେରୀ ମାଧ୍ୟମରେ ପ୍ରତିଯୋଗୀଙ୍କୁ ଏକ ଘଣ୍ଟା ପୂର୍ବରୁ ଗୀତି କବିତାକୁ ଦିଆ ଯାଇଥିଲା। ଯାହା ସେମାନେ ଅନ୍ୟ କାହାର ପ୍ରତ୍ୟକ୍ଷ ବା ପରୋକ୍ଷ ସାହାଯ୍ୟ ନ ନେଇ ନିଜସ୍ୱ ପ୍ରସ୍ତୁତି ସ୍ୱରରେ ସଙ୍ଗୀତ ସଜାଇଥିଲେ। ବାଦ୍ୟଯନ୍ତ୍ର ସହ ସେମାନଙ୍କୁ ପ୍ରସ୍ତୁତ କରିଥିଲେ। ସେମାନଙ୍କୁ ବାଦ୍ୟଯନ୍ତ୍ର ପରିଚାଳନାରେ ସହଯୋଗ କରିଥିଲେ ସହରର ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ପୁହାଣ, ଡ. ସୁଶାନ୍ତ କୁମାର ପାଣି ଓ ଶ୍ୟାମସୁନ୍ଦର ପଟ୍ଟନାୟକ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ଏଥିରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ଭୁବନେଶ୍ୱରରୁ ଆସିଥିବା ପ୍ରଖ୍ୟାତ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ବୈଷ୍ଣବ କଳାସ, ଦେବଗଡ଼ର ଗୀତିକାର ତଥା ସଙ୍ଗୀତ କଣ୍ଠଶିଳ୍ପୀ ରାଜେନ୍ଦ୍ର ବେହେରା ଓ ସୁନ୍ଦରଗଡ଼ର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଦୋଳ ଗୋବିନ୍ଦ ଗର୍ଡ଼ିଆ। ୩ ଜଣ ପ୍ରତିଯୋଗୀଙ୍କୁ ଯୋଗ୍ୟତା ଭିତିରେ ୫ ହଜାର, ୪ ହଜାର ଓ ୩ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୭ ଜଣଙ୍କୁ ୧ ହଜାର ଟଙ୍କା ଲେଖାଏଁ ସହିତ ସ୍ମୃତି ଫଳକ, ପ୍ରଶସ୍ତି ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଭାଗ ନେଇଥିବା ଅନ୍ୟ ୪୦ ଜଣ ପ୍ରତିଯୋଗୀଙ୍କୁ ପ୍ରଶସ୍ତିପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୧୫ ଜଣ ଗୀତିକାରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ଉତ୍ତରୀୟ, ଫଳକ ଆଦି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ କେଟିଏଚ୍‌ର ନିର୍ଦ୍ଦେଶକ ତଥା ସହରର ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଉତ୍ତମ ଚରଣ ଜେନା, ନିତ୍ୟାନନ୍ଦ ସିଙ୍ଘଲ, ମାନସ ରଞ୍ଜନ ଉପାଧ୍ୟାୟ, ଗୌତମ ମିଶ୍ର, ପ୍ରଫୁଲ କୁମାର ସୁନାନୀ, ରବି ଦାସ, ରାଜୀବ ପାଣି ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଜୟଦେବ କଳା ବିକାଶ କେନ୍ଦ୍ରର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା କାର୍ଯ୍ୟକ୍ରମର ରୂପରେଖ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ସହରର ବିଶିଷ୍ଟ ସମାଜସେବୀ ଶିବ କୁମାର ମହାନ୍ତି, ପୀତାମ୍ବର ଲେଙ୍କା, ପ୍ରଭାତ କୁମାର ମହାନ୍ତି, କ୍ରିଷ୍ଣା ସିଂ, ପରଭେଜ୍ ଅରୋରା, ମଧୁସୂଦନ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ତନ୍ମୟ, ପ୍ରଜ୍ଞା, ସ୍ନେହଲତା, ଗୁନଗୁନ, ପୂଜା, ଉଦଘୋଷିକା ଝିଲିମା ମହାନ୍ତି ମଞ୍ଚ ପରିଚାଳନାରେ ସହଯୋଗ କରିଥିବାବେଳେ କବି ତଥା ଗୀତିକାର ବ୍ରଜେନ୍ଦ୍ର ଦାଶ, ନରେନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସୁକାନ୍ତ ମହାପାତ୍ର, ରମେଶ ସୁନା, ପ୍ରଳୟ ଶତପଥି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୨।୫**

ଶୌଚାଳୟରେ ରଶି ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା ଝାଡତରଙ୍ଗ ଅଞ୍ଚଳର ଆରତି ନାୟକ(୨୩)। ସୂଚନାଯୋଗ୍ୟ, ଆଇଡିସି ଝାଡତରଙ୍ଗ ବସ୍ତିରେ ସ୍ୱାମୀ ବିନୟ ବିଶ୍ୱାଳଙ୍କ ସହ ଆରତି ବାସ କରୁଥିଲେ। ସବୁଦିନ ପରି ଆରତି ପରିବାର ଲୋକଙ୍କୁ ରାତିରେ ଖାଇବାକୁ ଦେଇ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ସ୍ୱାମୀ ବିନୟ ତାଙ୍କୁ ବୁଝାସୁଝା କରି ଶୋଇ ପଡିଥିବାବେଳେ ସକାଳ ସମୟରେ ଆରତି ଘର ଶୌଚାଳୟ ଆଜବେଷ୍ଟସ ଲୁହା ପାଇପରେ ଏକ ଶାଢ଼ିବାନ୍ଧି ବେକରେ ଗୁଡାଇ ଝୁଲି ପଡିଥିଲେ। ପରିବାର ଲୋକେ ଏହି ଦୃଶ୍ୟ ଦେଖି ମହିଳା ଜଣଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ନୂଆଦିଲ୍ଲୀ ଠାରେ ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀଙ୍କୁ ଭେଟି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଲୋଚନା କରୁଛନ୍ତି।

# ବିରୋଧୀ ଏକତା ବଢ଼ାଇବାକୁ ଗୁରୁତ୍ୱ

## ରାହୁଲ, ଖାର୍ଗେଙ୍କୁ ଭେଟିଲେ ନୀତୀଶ

ନୂଆଦିଲ୍ଲୀ,୨୨।୫

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ଖାର୍ଗେଙ୍କ ବାସଭବନରେ ହୋଇଥିବା ଏହି ସାକ୍ଷାତ ଅବସରରେ ବିରୋଧୀ ଏକତା ଉପରେ ଗୁରୁତ୍ୱାରୋପ କରାଯାଇଥିବା ଏବଂ ଆଗାମୀ ଦିନରେ ପାଟନାଠାରେ ହେବାକୁ ଥିବା ବିରୋଧୀ ନେତାଙ୍କ ବୈଠକ ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଏକତା ବୃଦ୍ଧି ସମ୍ପର୍କିତ ଏହା ଦ୍ୱିତୀୟ ବୈଠକ କୁହାଯାଉଛି। ଏହି ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳ ଏବଂ ଜେଡିୟୁ ସଭାପତି ଲଲନ ସିଂ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ରବିବାର ଏହି ପ୍ରସଙ୍ଗରେ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ଅବସରରେ କେନ୍ଦ୍ରର ଭାଜପା ସରକାର ବିରୋଧରେ ଲଢେଇ ପାଇଁ ତାଙ୍କର ସମର୍ଥନ ରହିଥିବା ନେଇ ନୀତୀଶଙ୍କୁ ଅବଗତ କରାଇଥିବା କୁହାଯାଉଛି।

କର୍ଣ୍ଣାଟକରେ ସିଦ୍ଧାରାମାୟାଙ୍କ ସରକାରର ଶପଥ ଗ୍ରହଣ ଉତ୍ସବରେ ନୀତୀଶ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, ନାଶନାଲ କନ୍‌ଫରେନ୍ସ ମୁଖ୍ୟ ଫାରୁଖ ଅବଦୁଲା ପ୍ରମୁଖ ଯୋଗ ଦେଇଥିଲେ। ତେବେ କର୍ଣ୍ଣାଟକରେ କଂଗ୍ରେସର ବିଜୟ ଜାତୀୟ ସ୍ତରରେ ବିରୋଧୀ ଏକତା ମେଳିକୁ ଦୃଢ଼ କରୁଥିବା କୁହାଯାଉଛି।

ସୂଚନାଯୋଗ୍ୟ ନୀତୀଶ ଏବଂ ତେଜସ୍ୱୀ ଏପ୍ରିଲ ୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବିରୋଧୀ ଦଳର ନେତାଙ୍କୁ ଭେଟିଛନ୍ତି।

## ସଂସଦ ଭବନ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦିଅନ୍ତୁ: ଶରତ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ନୂତନ ସଂସଦ ଭବନ ଆସନ୍ତା ୨୮ ତାରିଖରେ ଉଦ୍‌ଘାଟନ ହେବ। ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟନ କରିବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁ ମତ ରଖିଛନ୍ତି ତାହାକୁ ହୃଦୟତାର ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସମର୍ଥନ କରୁଛି ବୋଲି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ଶରତ କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମାନ ଦାବି ରଖିବା ଆବଶ୍ୟକ। କାରଣ ପ୍ରତ୍ୟେକ କ୍ଷେତ୍ରରେ ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ସବୁବେଳେ ମା'ଙ୍କୁ ସମ୍ମାନ କଥା କହିଆସନ୍ତି ବୋଲି ଶରତ ଉଲ୍ଲେଖ କରିଛନ୍ତି।

# ସୁଶାନ୍ତଙ୍କୁ ଅବହେଳା କଲେ ଦଳ କ୍ଷତି ସହିବ: ପ୍ରଦ୍ୟୁମ୍ନ

## ମନ୍ତ୍ରୀପଦ ନ ମିଳିବାରୁ ସୁଶାନ୍ତଙ୍କ ସମର୍ଥକ ନିରାଶ

ବରଗଡ଼ ଅଫିସ୍,୨୨।୫

ରାଜ୍ୟ ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ବରଗଡ଼ ଜିଲା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀପଦ ନ ମିଳିବାରୁ ତାଙ୍କ ସମର୍ଥକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଦଳ ପାଇଁ ସୁଶାନ୍ତ ଦିନରାତି ପରିଶ୍ରମ କରୁଛନ୍ତି। ପ୍ରତ୍ୟେକ ଉପନିର୍ବାଚନରେ ସେ ତାଙ୍କ ଦକ୍ଷତା ପ୍ରତିପାଦିତ କରି ସାରିଛନ୍ତି। ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ସୁଶାନ୍ତଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ବରଗଡ଼ ଜିଲାରେ ଦଳର ସମସ୍ତ ଯୁବ, ଛାତ୍ର, ମହିଳା କର୍ମୀଙ୍କଠାରୁ ସାଧାରଣ ଲୋକେ ଆଶା ରଖିଥିଲେ। ମାତ୍ର ତାହା ନ ହେବାରୁ ସମସ୍ତଙ୍କ ମନ ଖରାପ ଅଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ତାହା ବ୍ୟକ୍ତିଗତ ନିଷ୍ପତ୍ତି। ତାକୁ ସମସ୍ତେ ସ୍ୱୀକାର କରିବା ସହିତ ସମ୍ମାନ ଦେବାକୁ ପଡ଼ିବ। କିନ୍ତୁ ସୁଶାନ୍ତ ସିଂଙ୍କ ଭଳି ନେତାଙ୍କୁ ଅବହେଳା କରା ନ ଯାଉ, ତାଙ୍କୁ ଅବହେଳା କରାଗଲେ ତାହା ଦଳ ପାଇଁ ହିଁ କ୍ଷତି ହେବ ବୋଲି ତ୍ରିପାଠୀ କହିଛନ୍ତି। ତେବେ ସୁଶାନ୍ତଙ୍କ ପ୍ରତି ଦଳରେ ଅବହେଳା କରାଯାଇଛି କି ବୋଲି ପଚାରିବାରୁ ଅବହେଳା ନା ଚକ୍ରାନ୍ତ, ସେ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। କାରଣ ମୁଖ୍ୟମନ୍ତ୍ରୀଙ୍କ ଗୁଡ୍ ଲିଷ୍ଟରେ ସୁଶାନ୍ତ ଅଛନ୍ତି। ସେହିପରି ମନ୍ତ୍ରିମଣ୍ଡଳ ପୁନର୍ଗଠନ ପୂର୍ବରୁ ଗଣମାଧ୍ୟମ ସମ୍ଭାବ୍ୟ ତାଲିକାରେ ମଧ୍ୟ ସୁଶାନ୍ତଙ୍କ ନାମ ଆସିଥିଲା ବୋଲି ତ୍ରିପାଠୀ କହିଥିଲେ।

# ପୂର୍ବରୁ ବାଦ୍ ପଡ଼ିଥିଲେ, କେଉଁ ଦକ୍ଷତା ବଳରେ ପୁଣି ମନ୍ତ୍ରୀ ହେଲେ: ଭାଜପା

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟ ସରକାର ପୂର୍ବରୁ ଯେଉଁମାନଙ୍କୁ ମନ୍ତ୍ରିମଣ୍ଡଳରୁ ଅପସାରଣ କରିଥିଲେ, ସେମାନଙ୍କୁ ପୁନର୍ବାର ଦକ୍ଷ ଓ ବରିଷ୍ଠ ପୁଣି ସାମିଲ କରିଛନ୍ତି । ସୋମବାର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ୩ ଜଣ ମନ୍ତ୍ରୀ ପୂର୍ବରୁ ଦକ୍ଷ କିମ୍ବା ବରିଷ୍ଠ ନ ଥିଲେ କି ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଯେଉଁମାନେ ମନ୍ତ୍ରିମଣ୍ଡଳରେ ସାମିଲ ହେଲେ ଯଦି ସେମାନେ ଦକ୍ଷ ଥିଲେ ତେବେ ଗତଥର ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ କାହିଁକି ଅନ୍ତର କରିଥିଲେ। ବର୍ତ୍ତମାନ ସେମାନଙ୍କୁ କେଉଁ ଦକ୍ଷତା ବଳରେ ପୁଣି ମନ୍ତ୍ରିମଣ୍ଡଳରେ ସାମିଲ କରାଗଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମାନଙ୍କୁ କ'ଣ ଦକ୍ଷ ଭାବୁ ନ ଥିଲେ। ହଠାତ୍ ସେମାନଙ୍କର କେଉଁ ଦକ୍ଷତା ଫେରିଆସିଲା ତାହା ସ୍ପଷ୍ଟ କରିବେ କି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ କିଭଳି ମନ୍ତ୍ରୀମାନେ କାର୍ଯ୍ୟ କରନ୍ତି ତାହା ଦିବାଲୋକ ପରି ସ୍ପଷ୍ଟ। ନୂତନ ଶିକ୍ଷା ବର୍ଷ ଆରମ୍ଭ ସମୟରେ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଙ୍କୁ ରାତି ଅଧରେ ବିଜେଡି ସରକାର ବହିଷ୍କାର କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଶିକ୍ଷା ସହ ଖେଳ ଖେଳୁଛନ୍ତି। ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ଦ୍ୱାରା ବିଜେଡି ଶାସନ ଶୈଳୀ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ। ଓଡ଼ିଶାର ଶାସନରେ କିଛି ନୂତନତ୍ୱ ନାହିଁ ବୋଲି ଗୋଲକ କହିଛନ୍ତି।

# ବିଜେଡି ସରକାରରେ ମହିଳାଙ୍କୁ ସମ୍ମାନ ଏକ ଫମ୍ପା ଆହ୍ୱାନ: କଂଗ୍ରେସ

ଭୁବନେଶ୍ୱର, ୨୨।୫(ବ୍ୟୁରୋ):

ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢୁଥିବା ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ପ୍ରଦେଶ ମହିଳା କଂଗ୍ରେସ ବର୍ଷିଛି। କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହିଳା ନେତ୍ରୀମାନେ କହିଛନ୍ତି, ବିଜେଡି ସରକାରର ମହିଳାଙ୍କୁ ସମ୍ମାନ ଏକ ଫମ୍ପା ଆହ୍ୱାନ। ବିଜେଡି ସରକାରର ୨୩ ବର୍ଷରେ ରାଜ୍ୟର ମହିଳା ଅତି ଶୋଚନୀୟ ଭାବେ ଉପେକ୍ଷିତ ଓ ଅତ୍ୟାଚାରିତ ହୋଇ ରହିଛନ୍ତି। ବିଜେଡିର ଚରିତ୍ର ମା'ଙ୍କୁ ନିର୍ଯାତନା। ବଲାଙ୍ଗୀର ଜିଲାର ଶାସକ ଦଳର ତୁଙ୍ଗ ନେତା ପୂର୍ବତନ ମନ୍ତ୍ରୀ, ତାଙ୍କ ପୁଅ ପୂର୍ବତନ ଏମ୍‌ପିଙ୍କ ବିରୋଧରେ ବଧୂ ନିର୍ଯାତନା ଅଭିଯୋଗ ହୋଇ ମକଦ୍ଦମା ହୋଇ ତଦନ୍ତ ଚାଲୁଛି। କେନ୍ଦ୍ରାପଡ଼ା ବିଧାୟକଙ୍କ ବିରୋଧରେ ବଧୂନିର୍ଯାତନା ଅଭିଯୋଗ ଆସିବା ପରେ ତଦନ୍ତ ଚାଲୁଛି। କେନ୍ଦ୍ରାପଡ଼ାର ଏମ୍‌ପିଙ୍କ ବିରୋଧରେ ନାରୀ ନିର୍ଯାତନାର ଅଭିଯୋଗ ସମସ୍ତେ ଦେଖି ଆସୁଛନ୍ତି। ଜଗତସିଂହପୁର ଜିଲାର ଜଣେ ବିଧାୟକଙ୍କ ବିରୋଧରେ ଜଣେ ଝିଅ ଅଭିଯୋଗ ଆଣୁଛନ୍ତି। ହେଲେ ଆଇନ କେଉଁ ବାଟରେ ଯାଉଛି ତାହା ଜଣାପଡୁ ନାହିଁ। ସେହିପରି ଓଡ଼ିଶାରେ ମହିଳା ସମ୍ପର୍କିତ ଅପରାଧ ଅତ୍ୟନ୍ତ ଉଦ୍‌ବେଗଜନକ। ୨୦୧୨ରେ ଉତ୍ତର ପ୍ରଦେଶ ଓ ଆସାମ ପରେ ଓଡ଼ିଶା ଦେଶର ୩ୟ ରାଜ୍ୟ ଭାବେ ଥିଲା। ଯୌତୁକ ନିର୍ଯାତନା, ବଳାତ୍କାର, ପାରିବାରିକ ହିଂସା କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ। ୨୦୨୦ ତୁଳନାରେ ୨୦୨୧ରେ ୧୩୭.୮ ପ୍ରତିଶତ ବୃଦ୍ଧି ପାଇଥିଲା। ୨୦୨୩ରେ ଓଡ଼ିଶା ବିଧାନସଭାରେ ଉପସ୍ଥିତ ଘରୋଇ ବିଭାଗର ଶ୍ୱେତପତ୍ର ଅନୁସାରେ ମହିଳା ସମ୍ପର୍କିତ ମାମଲା ବିଚାରାଧୀନ ହୋଇ ପଡ଼ିରହିଥିବା ହେଉଛି ୯୮.୬%। ଭାରତ ବର୍ଷରେ ଏହା ସର୍ବାଧିକ। ଦଣ୍ଡବିଧାନ କ୍ଷେତ୍ରରେ ଓଡ଼ିଶାର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ। ଏହି ପ୍ରସଙ୍ଗରେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଫୁର୍‌ସତ୍



ରାମଚରଣ

# ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଷ୍ଟେପ୍ ଶିଖାଇଲେ ରାମଚରଣ

ମୁମ୍ବାଇ

ଶ୍ରୀନଗରରେ ସୋମବାରଠାରୁ ଜି-୨୦ ସମିଟ୍ ୩ୟ ୱାର୍କିଂ ଗ୍ରୁପ୍ ମିଟିଂ ଆରମ୍ଭ ହୋଇଛି। ଏହି ମିଟିଂ ୩ ଦିନ ଧରି ଚାଲିବ। ତେବେ ଏଥିରେ ଯୋଗଦେବାକୁ ସାଉଥ୍ ଅଭିନେତା ରାମଚରଣ ସୋମବାର ଶ୍ରୀନଗରରେ ପହଞ୍ଚିଛନ୍ତି। କଶ୍ମୀରରେ ଆୟୋଜିତ ହୋଇଥିବା ଏହି ଜି-୨୦ ସମିଟ୍‌ର 'ଫିଲ୍ମ ଟୁରିଜମ୍ ଫର୍ ଇକୋନୋମି ଗ୍ରୋଥ୍ ଆଣ୍ଡ କଲଚରାଲ ପ୍ରିଜରଭେଶନ' ମିଟିଂରେ ପ୍ରଥମ ଅଭିନେତା ଭାବେ ରାମଚରଣ ଯୋଗଦେଇଛନ୍ତି। ସେଥିରେ ଯୋଗଦେଇ ରାମଚରଣ ନାଟୁ ନାଟୁ ଗୀତ ତାଳରେ ୨ ଜଣ ଫରେନ ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଡ୍ୟାନ୍ସ ଷ୍ଟେପ୍ ଶିଖାଉଥିବା ଦେଖିବାକୁ ମିଳିଛି। ଏହାପରେ ସେ ଏକ ସାକ୍ଷାତ୍‌କାରରେ ଜମ୍ମୁ-କଶ୍ମୀର ପ୍ରତି ଥିବା ତାଙ୍କର ଭଲ ପାଇବା ସମ୍ପର୍କରେ କହିଛନ୍ତି। ତେବେ ରାମଚରଣଙ୍କୁ ନିକଟରେ ଫିଲ୍ମ 'ଆର୍‌ଆର୍‌ଆର୍'ରେ ଦେଖିବାକୁ ମିଳିଥିଲା। ଏଥିରେ ସେ ତାଙ୍କ ଅଭିନୟ ଜରିଆରେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। ସେ ୨୦୦୭ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ହିଟ୍ ମୁଭି ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଚଳିତବର୍ଷ ସେ ବଲିଉଡ୍ ଭାଇଜାନଙ୍କ ସହ ମଧ୍ୟ ଏକ ଚଳଚ୍ଚିତ୍ରରେ ନଜର ଆସିଛନ୍ତି। ଏଥିସହ ତାଙ୍କ ହାତରେ ଏବେ ଆଉ କିଛି ଫିଲ୍ମ ରହିଛି।

# ମଡେଲିଂ ଛାଡ଼ି ଚଳାଉଛନ୍ତି ଟ୍ରକ୍

**ଲଣ୍ଡନ:** ଯଦି ଜଣଙ୍କୁ ମଡେଲିଂ ନଚେତ୍ ଟ୍ରକ୍ ଡ୍ରାଇଭର ହେବାକୁ କୁହାଯାଏ, ତେବେ ସେଥିରେ ସମସ୍ତେ ମଡେଲିଂକୁ ଚୟନ କରିବେ। ହେଲେ ଜଣେ ମଡେଲର ତାଙ୍କ ମଡେଲିଂ କ୍ୟାରିୟର ଛାଡ଼ି ଲୋରି ଭଳି ଭାରିଯାନ ଚଳାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ରିଟେନ୍‌ର ଲିନ୍‌କୋଲ୍‌ନସିର୍‌ର ବାସିନ୍ଦା ୨୩ ବର୍ଷୀୟା ମିଲି ଏଭରେଟ୍ ତାଙ୍କ ଅଞ୍ଚଳର ବହୁତ ବ୍ୟୁଟି ପେଜେଣ୍ଟ ଜିତିବା ସହ ମିସ୍ ଇଂଲଣ୍ଡ-୨୦୧୮ର ଫାଇନାଲିଷ୍ଟ ମଧ୍ୟ ହୋଇଛନ୍ତି। ସେ ଅତି ସୁନ୍ଦରୀ ହୋଇଥିଲେ ମଧ୍ୟ ମଡେଲିଂ କ୍ୟାରିୟରକୁ ଛାଡ଼ି ଟ୍ରକ୍ ଡ୍ରାଇଭର ହେବାକୁ ପସନ୍ଦ କରିଛନ୍ତି। ତାଙ୍କ କହିବା ମୁତାବକ, ଲୋରି ଭଳି ଭାରିଯାନକୁ କେବଳ ପୁରୁଷମାନେ ଚଳାଉଥିବା ସମସ୍ତଙ୍କ ଧାରଣା ରହିଛି। ତେବେ ସେ ଲୋକଙ୍କ ଏପରି ଧାରଣାକୁ ଦୂର କରିବାକୁ ଚାହୁଁଛନ୍ତି। ଏଥିସହ ମହିଳାମାନେ ମଧ୍ୟ ଏହି କାମକୁ ବହୁ ଭଲଭାବେ କରିପାରିବେ ବୋଲି ପ୍ରମାଣ କରିଛନ୍ତି। ବ୍ରିଟେନ୍‌ରେ କେବଳ ୨ ପ୍ରତିଶତ ମହିଳା ହିଁ ଏପରି ଭାରିଯାନ ଚଳାଉଛନ୍ତି। ମିଲି ଗତବର୍ଷ ଭାରିଯାନ ଡ୍ରାଇଭିଂ ସ୍କୁଲରେ ଆଡ୍‌ମିଶନ ହୋଇଥିଲେ। ବର୍ତ୍ତମାନ ସେ ଭାରିଯାନ ଡ୍ରାଇଭିଂ ପାଇଁ ଲାଇସେନ୍ସ ପାଇସାରିଛନ୍ତି। ସେ ପ୍ରଥମରୁ ଟ୍ରକ୍, ଲୋରି ଭଳି ଯାନ ଚଳାଇଛନ୍ତି। ମିଲି ଏକ ସାଧାରଣ ପରିବାରରୁ ଆସି ମଡେଲିଂ ଶିଖିଛନ୍ତି। ଏହାଛଡ଼ା ତାଙ୍କର କୃଷି ସମ୍ବନ୍ଧିତ କାର୍ଯ୍ୟ ଏବଂ ଡ୍ରାଇଭିଂ କରିବାକୁ ବେଶ୍ ପସନ୍ଦ। କରୋନା ମହାମାରୀ ସମୟରେ ମିଲି ଟ୍ରକ୍, ଲୋରି ଭଳି ଭାରିଯାନ ଚଳାଇବାକୁ ପ୍ରେରିତ ହୋଇଥିଲେ। କାରଣ ସେତେବେଳେ ବ୍ରିଟେନ୍‌ରେ ଟ୍ରକ୍ ଡ୍ରାଇଭରଙ୍କ ଆବଶ୍ୟକତା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟ ପାଇଁ ତାଙ୍କ ପରିବାର ବେଶ୍ ଖୁସି ଥିବା ସେ କହିଛନ୍ତି। ତାଙ୍କ ବାପା ଜଣେ କୃଷକ ହୋଇଥିବାବେଳେ ସେ ତାଙ୍କୁ ନେଇ ଗର୍ବ କରୁଥିବା କହିଛନ୍ତି। ବହୁ ଲୋକ ତାଙ୍କର ଏହି କାର୍ଯ୍ୟ ପାଇଁ ଟ୍ରୋଲ୍ ମଧ୍ୟ କରୁଛନ୍ତି, ହେଲେ ସେ ସେମାନଙ୍କ କଥା ନ ଶୁଣି ନିଜ କାମ କରିବାକୁ ପସନ୍ଦ କରୁଛନ୍ତି।




# ୪୦୦ ବର୍ଷ ତଳର ଫଟୋରେ ୬୦ ବର୍ଷ ତଳର ଜୋତା

ଲଣ୍ଡନ

ଟାଇମ ଟ୍ରାଭେଲ ଅର୍ଥାତ୍ ସମୟ ଯାତ୍ରା ହେଉଛି ଏପରି ଏକ କନ୍‌ସେପ୍ଟ, ଯାହାର ଚର୍ଚ୍ଚା ଫିଲ୍ମରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ହୋଇଥାଏ। ହେଲେ ଏହା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ଅସମ୍ଭବ ପ୍ରକ୍ରିୟା। ନିକଟରେ ଏକ ପେଣ୍ଟିଂରେ ଜଣେ ପୁଅକୁ ଦେଖିବାକୁ ମିଳିଛି, ଯେଉଁଥିରେ ସେ ଆଜିକାଲି ସମୟର ଜୋତା ପିନ୍ଧିଥିବା ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, ୧୭ଶ ଶତାବ୍ଦୀ ଅର୍ଥାତ୍ ପାଖାପାଖି ୪୦୦ ବର୍ଷ ତଳେ ନେଦରଲାଣ୍ଡର ଚିତ୍ରକର ଡଚ୍ ମାଷ୍ଟର ଫେଡନନ୍ଦ ବୋଲ ୮ ବର୍ଷୀୟ ବାଳକର ଏକ ଫଟୋଚିତ୍ର ପ୍ରସ୍ତୁତ କରିଥିଲେ। ଯେଉଁଥିରେ ବାଳକଟି ହାତରେ କିଛି ପାତ୍ର ଧରିଥିବା ନଜର ଆସୁଛି। ବାଳକର ପୋଷାକ ସେବେକାର ବୋଲି ଜଣାପଡୁଥିଲା। ହେଲେ ଏଠାରେ ଆଶ୍ଚର୍ଯ୍ୟର କଥା, ବାଳକଟି ପିନ୍ଧିଥିବା ଜୋତାରେ ବର୍ତ୍ତମାନ ସମୟରେ ପିନ୍ଧୁଥିବା ନାମୀ କମ୍ପାନୀ 'ନାଇକ୍'ର ଚିହ୍ନ ଥିବା ଦେଖିବାକୁ ମିଳିଛି। ତେବେ ଏହି ନାଇକ୍ କମ୍ପାନୀର ଜୋତା ୧୯୬୪ରେ ଆମେରିକାରେ ଗଢ଼ିଉଠିଥିଲା। ନାଇକ୍ କମ୍ପାନୀର ଜୋତା ୬୦ ବର୍ଷ ପୁରୁଣା ହୋଇଥିବାବେଳେ ତାହା ୪୦୦ ବର୍ଷ ତଳର ଫଟୋଚିତ୍ରରେ କିପରି ଆସିଲା ତାହା ଆଶ୍ଚର୍ଯ୍ୟ କରିଛି। ଏହି ଫଟୋଚିତ୍ରଟି ଲଣ୍ଡନ ଗ୍ୟାଲେରିରେ ଲାଗିଛି। ନିକଟରେ ୫୭ ବର୍ଷୀୟା ଫ୍ଲୋନା ଫୋସକିଟ୍ ତାଙ୍କ ୨୩ ବର୍ଷୀୟା ଝିଅ ହୋଲିଙ୍କ ସହିତ ଗ୍ୟାଲେରି ବୁଲିବାକୁ ଯାଇଥିଲେ। ସେହି ସମୟରେ ହୋଲିଙ୍କ ନଜର ଏହି ଫଟୋଚିତ୍ରର ଜୋତାରେ ଥିବା ଚିହ୍ନ ଉପରେ ପଡ଼ିଥିଲା। ଏହା ଦେଖି ମହିଳା ଜଣକ ଟାଇମ ଟ୍ରାଭେଲ ଥିବା ନେଇ ଦାବି କରୁଛନ୍ତି। ତେବେ ସେହି ଜାତୀୟ ଗ୍ୟାଲେରୀର ଜଣେ ପ୍ରବକ୍ତାଙ୍କୁ ଏହି ଫଟୋଚିତ୍ର ବାବଦରେ ପଚାରିବାରୁ, ଏହି ଫଟୋଚିତ୍ର ବହୁ ପ୍ରଚଳିତ ବୋଲି କହିଥିଲେ। ସେହି ପୁରୁଣା ଫଟୋଚିତ୍ରରେ କିଛି ମଡର୍ନ ଜିନିଷ ଥିବା ନଜର ଆସୁଛି କି ନାହିଁ ଏପରି ଏକ ଟୁଇଟ୍ କରିଥିଲେ। ଜୋତାରେ ଠିକ୍ ଚିହ୍ନ କିପରି ଆସିଲା ତାହା ବିଷୟରେ ସଠିକ ତଥ୍ୟ ମିଳିପାରିନାହିଁ।



# ମ୍ୟୁଜିୟମ୍‌ରେ ମହିଳାଙ୍କ ହୃଦୟ

**ଲଣ୍ଡନ:** ନିକଟରେ ଜଣେ ମହିଳା ନିଜ ହୃଦୟ ଦେଖିବାକୁ ମ୍ୟୁଜିୟମ୍‌ରେ ପହଞ୍ଚିଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଇଂଲଣ୍ଡର ହମ୍‌ସିର୍‌ର ବାସିନ୍ଦା ୩୮ ବର୍ଷୀୟା ଜେନିଫର ସୁଟନ୍‌ଙ୍କ ପାଇଁ ଲଣ୍ଡନର ହଣ୍ଟେରିୟାନ୍ ମ୍ୟୁଜିୟମ୍‌ରେ ଅଙ୍ଗ ପ୍ରଦର୍ଶନୀରେ ନିଜ ହୃଦୟକୁ ଦେଖିବା ବିଚିତ୍ର ଥିଲା। ଏପରି ପ୍ରଦର୍ଶନୀ ଜରିଆରେ ଲୋକେ ଅଙ୍ଗ ଦାନ କରିବାକୁ ପ୍ରେରଣା ପାଇବେ ବୋଲି ସେ କହିଛନ୍ତି। ମହିଳାଙ୍କ କହିବା ଅନୁସାରେ, ୧୬ ବର୍ଷ ପୂର୍ବେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ସର୍ଜରିରେ ତାଙ୍କ ହୃଦୟକୁ ବାହାର କରାଯାଇଥିଲା। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଜେନିଫରଙ୍କୁ ୨୨ ବର୍ଷ ହୋଇଥିବାବେଳେ ସେ ୟୁନିଭର୍ସିଟିରେ ପଢୁଥିଲେ। ସେତେବେଳେ ସେ କିଛି କାର୍ଯ୍ୟ କରିବା ସମୟରେ ତାଙ୍କୁ ବିଭିନ୍ନ ଯନ୍ତ୍ରଣା ହେଉଥିଲା। ସେ ଡାକ୍ତରଙ୍କ ସହ ପରାମର୍ଶ କରିବାରୁ ତାଙ୍କୁ ରେଷ୍ଟ୍ରିକ୍ଟିଭ୍ କାର୍ଡିଓମୋପାଥି ହୋଇଥିବା ଜାଣିବାକୁ ପାଇଲେ। ଏହି ରୋଗରେ ରୋଗୀଙ୍କ ରକ୍ତ ସଞ୍ଚାଳନ ପ୍ରଭାବିତ ହୋଇଥାଏ। ଏଥିପାଇଁ ତାଙ୍କୁ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିବାକୁ ପଡ଼ିବ ନ ହେଲେ ତାଙ୍କର ମୃତ୍ୟୁ ହେବାର ସମ୍ଭାବନା ଥିବା ଡାକ୍ତର କହିଥିଲେ। ତାଙ୍କ ସ୍ୱାସ୍ଥ୍ୟ ବେଳକୁବେଳ ଅଧିକ ଖରାପ ହେବାରେ ଲାଗିଥିଲା। ୨୦୦୭ ଜୁନ୍‌ରେ ତାଙ୍କର ହାର୍ଟ ଟ୍ରାନ୍ସପ୍ଲାଣ୍ଟେଶନ ପାଇଁ ସମସ୍ତ ପ୍ରସ୍ତୁତି ହୋଇଗଲା। କିନ୍ତୁ ଏ ନେଇ ଜେନିଫର ବହୁତ ଚିନ୍ତିତ ଥିଲେ। କାରଣ ତାଙ୍କୁ ୧୩ ବର୍ଷ ହୋଇଥିବାବେଳେ ଏପରି ଏକ ସର୍ଜରିରେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ହାର୍ଟ ଟ୍ରାନ୍ସପ୍ଲାଣ୍ଟ ସରିବା ପରେ ସେ ନିଜକୁ ଜଣେ ନୂଆ ମଣିଷ ଭାବେ ପାଇଥିଲେ। ପରେ ତାଙ୍କ ଅନୁମତିରେ ତାଙ୍କ ହୃଦୟକୁ ପ୍ରଦର୍ଶନୀରେ ରଖାଯାଇଛି।



**୨୦୦୦ ଟଙ୍କିଆ ନୋଟ୍ ବଦଳ ବିରୋଧରେ ଜନସ୍ୱାର୍ଥ ମାମଲା**

ବିନା ରିକ୍ୟୁଜିଶନ ସ୍ଲିପ୍ ଏବଂ ପରିଚୟ ପ୍ରମାଣରେ ୨,୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ବଦଳାଇବାକୁ ଅନୁମତି ଦିଆଯାଉଥିବାରୁ ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ସୋମବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏନେଇ ଆର୍‌ବିଆଇ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ବିଜ୍ଞପ୍ତି ମନମାନି, ତର୍କହୀନ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ପ୍ରତି ଅପମାନ ବୋଲି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।



## ସଂକ୍ଷେପରେ

### ଛତିଶଗଡ଼ ମଦ ଦୁର୍ନୀତି

## ୧୨୧କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ, ୨୨।୫(ପି.ଟି.):** ଛତିଶଗଡ଼ ମଦ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାୟପୁର ମେୟରଙ୍କ ବଡ଼ଭାଇ ଅନୱର ଧେବାର ଏବଂ ଛତିଶଗଡ଼ ରାଜ୍ୟ ମାର୍କେଟିଂ କର୍ପୋରେଶନ ଲିଃର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଫିସର ଅନିଲ ଟୁଟେଜାଙ୍କର ୧୨୧.୮୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ରେ ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ଟୁଟେଜାଙ୍କର ୮.୮୩ କୋଟି ଟଙ୍କାର ୧୪ଟି ସମ୍ପତ୍ତି ଥିବାବେଳେ ଅନୱରଙ୍କର ୯୮.୭୮ କୋଟି ଏବଂ ଅରୁଣ ପତି ତ୍ରିପାଠୀଙ୍କର ୧.୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହା ବ୍ୟତୀତ ବିକାଶ ଅଗ୍ରୱାଲ ଓରଫ ସୁବ୍ବୁଙ୍କର ୧.୫୪ କୋଟି ଏବଂ ଅରବିନ୍ଦ ସିଂଙ୍କର ୧୧.୩୫ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଇଡି ଅନୱର ଧେବରଙ୍କ ସମେତ ତ୍ରିପାଠୀ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଛି।

## ସିବିଆଇ ତଦନ୍ତ ବିରୋଧରେ ସୁପ୍ରିମକୋର୍ଟ ଗଲେ ଅଭିଷେକ


ଅଭିଷେକ ବାନାର୍ଜୀ

**ନୂଆଦିଲ୍ଲୀ, ୨୨।୫:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ବିରୋଧରେ ବରିଷ୍ଠ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଜେରା ବିରୋଧରେ ତାଙ୍କ ଆବେଦନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଶନିବାର ସିବିଆଇ ଅଭିଷେକଙ୍କୁ ୯ ଘଣ୍ଟା ଧରି ଜେରା କରିଥିଲା। ତଦନ୍ତକାରୀ ସଂସ୍ଥା ତାଙ୍କ ବିରୋଧରେ କୌଣସି ଜବରଦସ୍ତ ପଦକ୍ଷେପ ନ ନେବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଅଭିଷେକ ନିବେଦନ କରିଛନ୍ତି। ତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସଞ୍ଜୟ କାରୋଲଙ୍କ ଅବକାଶକାଳୀନ ଖଣ୍ଡପୀଠରେ ପିଟିଶନ ଦାଖଲ କରିଥିଲେ।

## ଗୁଜରାଟ ଦଙ୍ଗା ଡକ୍ୟୁମେଣ୍ଟାରି: ବିବିସିକୁ ହାଇକୋର୍ଟ ସମନ

**ନୂଆଦିଲ୍ଲୀ, ୨୨।୫:** ୨୦୦୨ ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଡକ୍ୟୁମେଣ୍ଟାରି ବିରୋଧରେ କରାଯାଇଥିବା ମାନହାନି ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ଏହାକୁ ସମନ ଜାରି କରିଛନ୍ତି। ଗୁଜରାଟର ଏନ୍‌ଜିଓ ଜଷ୍ଟିସ୍ ଫର୍ ଟ୍ରାଏଲ୍ ପକ୍ଷରୁ ମାନହାନି ମାମଲା ଦାଏର ହୋଇଥିଲା। ଉକ୍ତ ଡକ୍ୟୁମେଣ୍ଟାରି ଭାରତ ଓ ଏହାର ନ୍ୟାୟପାଳିକା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଦନାମ କରିଥିବା ଉକ୍ତ ପିଟିଶନରେ ଦର୍ଶାଯାଇଥିଲା। ବିବିସି(ବ୍ରିଟେନ୍) ସମେତ ବିବିସି(ଇଣ୍ଡିଆ)କୁ ମଧ୍ୟ ଜଷ୍ଟିସ୍ ସଚିନ ଦତ୍ତ ନୋଟିସ ଜାରି କରି ଜବାବ ମାଗିଛନ୍ତି। ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କୋଶ୍ଚିନ' ନାମରେ ଡକ୍ୟୁମେଣ୍ଟାରି ଦୁଇଟି ଅଧ୍ୟାୟରେ ପ୍ରକାଶ କରାଯାଇଥିଲା।


ରାଞ୍ଚିରେ ନବନିର୍ମିତ ଝାଡ଼ଖଣ୍ଡ ହାଇକୋର୍ଟ ବିଲ୍ଡିଂର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଉକ୍ତ ହାଇକୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ।

# ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ନେଇ ଭାଜପାକୁ ଖାର୍ଗେଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୨।୫**

### ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଗୌଣ କରାଯାଇଛି


ମଲ୍ଲିକାର୍ଜୁନ ଖାର୍ଗେ

ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ରାଷ୍ଟ୍ରପତି ଏବଂ ପୂର୍ବତନ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ ନ କରି କେନ୍ଦ୍ର ସରକାର କ୍ରମାଗତ ଭାବେ ସେମାନଙ୍କ ମର୍ଯ୍ୟାଦା ହାନି କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଅଭିଯୋଗ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ସରକାରରେ ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ପ୍ରତୀକବାଦକୁ ହ୍ରାସ ପାଇଥିବା ଖାର୍ଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୮ ତାରିଖରେ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବେ। ଏହି ଉତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ। ପାର୍ଲାମେଣ୍ଟ ଭବନ ଶିଳାନ୍ୟାସ ଉତ୍ସବକୁ ମଧ୍ୟ ରାମନାଥଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ପାର୍ଲାମେଣ୍ଟ ଦେଶର ସର୍ବୋଚ୍ଚ ବ୍ୟବସ୍ଥାପିକା ସଂସ୍ଥା ହୋଇଥିବାବେଳେ ରାଷ୍ଟ୍ରପତି ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷ। ସେ ସରକାର, ବିରୋଧୀ ଏବଂ ପ୍ରତ୍ୟେକ ନାଗରିକଙ୍କର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ଦ୍ୱାରା ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରାଗଲେ ସରକାରଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଔଚିତ୍ୟ ପ୍ରତିଶ୍ରୁତି ପ୍ରତିଫଳିତ ହେବ ବୋଲି ଖାର୍ଗେ କହିଛନ୍ତି।

# ରାଜସ୍ଥାନ ଭାଜପାରେ ସବୁ କିଛି ଠିକ୍ ଚାଲିନି

**ଜୟପୁର, ୨୨।୫**

ଭାଜପା ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ରାଜସ୍ଥାନରେ ଗୈରିକ ଦଳ ଭିତରେ ସବୁକିଛି ଠିକ୍ ଚାଲିଥିବା ଭଳି ବିଶ୍ୱାସ ହେଉ ନାହିଁ। ଶନିବାର ନାଗାଉର ଜିଲାର ଲାଡ୍‌ନୁନ୍‌ଠାରେ ରାଜସ୍ଥାନ ଭାଜପା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଅନୁପସ୍ଥିତ ରହିବା ଭାଜପା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା ଜଣାପଡ଼ିଯାଇଛି। ସମ୍ପୃକ୍ତ ବୈଠକରେ ରାଜ୍ୟ ଭାଜପା ଦାୟିତ୍ୱରେ ଥିବା ନେତା, ପୂର୍ବତନ ରାଜ୍ୟ ସଭାପତି, ବିରୋଧୀ ଦଳ ନେତା ଓ ଉପନେତା, ରାଜ୍ୟରୁ ଥିବା କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବଡ଼ ନେତା ଉପସ୍ଥିତ ଥିବା ବେଳେ ବସୁନ୍ଧରାଙ୍କୁ ଦେଖିବାକୁ ମିଳି ନ ଥିଲା।


ବସୁନ୍ଧରା ରାଜେ


ସୁଭାଷ ମାହାରିଆ

ଏପରି କି ପୂର୍ବରୁ ଯେତେବେଳେ ପୂର୍ବତନ ରାଜ୍ୟ ସଭାପତି ସତୀଶ ପୁନିଆଙ୍କ ସହିତ ତାଙ୍କର ମତଭେଦ ରହିଥିଲା, ସେତେବେଳେ ମଧ୍ୟ ବସୁନ୍ଧରା ସବୁ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗ ଦେଇଥିଲେ। କିନ୍ତୁ ଚଳିତ ବୈଠକରେ ତାଙ୍କ ଅନୁପସ୍ଥିତି ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ରାଜ୍ୟ ଭାଜପାର କାର୍ଯ୍ୟକାରୀ କମିଟି ବୈଠକରେ ଆସନ୍ତା ୩ ମାସ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନିର୍ବାଚନ ଲାଗି ପ୍ରସଙ୍ଗ କ'ଣ ରହିବ ସେହି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏଭଳି ସ୍ଥଳେ ବସୁନ୍ଧରାଙ୍କ ଅନୁପସ୍ଥିତି ରାଜନୈତିକ ପରିମଣ୍ଡଳରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ କିଛିଦିନ ତଳେ ସେ ନାଗାଉର ଜିଲା ଗସ୍ତ କରି ଏକ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଭାଷ ମାହାରିଆ ନିକଟରେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳରେ ବିବାଦ ଦେଖାଦେଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସଂସଦୀୟ ନିର୍ବାଚନ ବେଳେ ଭାଜପା ତାଙ୍କୁ ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଏବେ ଭାଜପାକୁ ଫେରି ଆସିଥିବାରୁ ଦଳ ତାଙ୍କୁ ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ଦୋତସାରାଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବ ବୋଲି ଆଶା କରାଯାଉଛି। ନିକଟରେ ମାହାରିଆଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସିକର ଏମ୍‌ପି ସୁମେଧାନନ୍ଦ ସରସ୍ୱତୀ କହିଛନ୍ତି, ଲୋକଙ୍କ ଯିବା ଆସିବା ଲାଗି ରହିଛି। ଯଦି ୧୦୦ କୁଇଣ୍ଟାଲ ଶସ୍ୟ ଅଛି, ସେଥିରେ ମୁଠାଏ ଚଣାର ମାନେ କିଛି ନାହିଁ। ମାହାରିଆ ତାଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଦୁଇ ତିନୋଟି ନିର୍ବାଚନରେ ପରାସ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି। ମାହାରିଆଙ୍କ ଗୃହ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ବସୁନ୍ଧରା ରାଜେ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

ରାଜସ୍ଥାନ ବିଧାନସଭା ନିର୍ବାଚନକୁ ୬ ମାସ ଥିବା ବେଳେ ଦଳ ଭିତରେ ଫାଟ ସୃଷ୍ଟି ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି କର୍ଣ୍ଣାଟକ ଓ ପୂର୍ବରୁ ହିମାଚଳ ପ୍ରଦେଶରେ ଦଳ ହାରି ଯାଇଥିବାରୁ ରାଜସ୍ଥାନ ଭାଜପାରେ ଦେଖାଦେଇଥିବା କନ୍ଦଳ ଆଗକୁ ସମସ୍ୟା ସୃଷ୍ଟି କରିବ। କିନ୍ତୁ ଦଳୀୟ ନେତାଙ୍କ କହିବା କଥା ଯେ, ବସୁନ୍ଧରା ବ୍ୟକ୍ତିଗତ କାରଣ ଯୋଗୁ ଉକ୍ତ ବୈଠକରେ ଯୋଗ ଦେଇପାରି ନ ଥିଲେ। ନାଗାଉରରେ ହୋଇଥିବା କାର୍ଯ୍ୟକ୍ରମ ଅତି ସଫଳ ହୋଇଥିଲା ବୋଲି ନେତାମାନେ ଦର୍ଶାଇଛନ୍ତି।

## ଇସ୍ରାଏଲ୍ ଆକ୍ରମଣରେ ୩ ପାଲେଷ୍ଟିନୀୟଙ୍କ ମୃତ୍ୟୁ

**ତେଲ୍ ଆଭିଭ, ୨୨।୫**

ୱେଷ୍ଟ ବ୍ୟାଙ୍କ୍‌ର ଏକ ଶରଣାର୍ଥୀ ଶିବିର ଉପରେ ସୋମବାର ଭୋର ସମୟରେ ଇସ୍ରାଏଲ୍ ସେନା ଆକ୍ରମଣ କରିବାରୁ ୩ ଜଣ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଆମେରିକା ନିନ୍ଦା କରିଛି। ନାବ୍‌ଲୁସ୍ ସହର ନିକଟରେ ଥିବା ବାଲାଟା ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ସେନା ଚଢ଼ାଉ ବେଳେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟ ୬ ଜଣ ଆହତ ହୋଇଥିବାବେଳେ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ଅଲ୍ ଅକ୍ସା ମାର୍ଟାୟର୍ସ ବ୍ରିଗେଡ୍ ନାମକ ଉଗ୍ରପନ୍ଥୀ ସଂଗଠନରଥ ସଦସ୍ୟ ବୋଲି ଚିହ୍ନଟ କରାଯାଇଛି। ଏହି ସଂଗଠନର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସଙ୍କ ଦଳ ସହ ସମ୍ପର୍କ ରହିଛି।

# ମଧ୍ୟପ୍ରଦେଶରେ କଂଗ୍ରେସର ୫ ପ୍ରତିଶ୍ରୁତି

**ନୂଆଦିଲ୍ଲୀ, ୨୨।୫**

### ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ, ୧୦୦ ୟୁନିଟ୍ ବିଜୁଳି ମାଗଣା

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ସଫଳତା ପରେ ଏହି ଦଳ ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନଜର ପକାଇଛି। ମଧ୍ୟପ୍ରଦେଶର ଜନସାଧାରଣଙ୍କୁ ଆକୃଷ୍ଟ କରିବା ଲାଗି ଦଳ ପକ୍ଷରୁ ୫ଟି ପ୍ରତିଶ୍ରୁତି ଘୋଷଣା କରାଯାଇଛି। ସେହି ପ୍ରତିଶ୍ରୁତିଗୁଡ଼ିକ ହେଲା କଂଗ୍ରେସ ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିଲେ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବ। ପ୍ରତି ମାସରେ ମହିଳାମାନଙ୍କୁ ୧,୫୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ମିଳିବ। ୧୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ସହ କୃଷିଋଣ ଛାଡ଼ କରାଯିବ। ଏହା ବ୍ୟତୀତ ପୁରୁଣା ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ଆଗାମୀ ନିର୍ବାଚନରେ ମଧ୍ୟପ୍ରଦେଶ କଂଗ୍ରେସ କମିଟି ସଭାପତି କମଳ ନାଥ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ କହିଛନ୍ତି। ଜୁନ୍ ୧୨ରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟପ୍ରଦେଶରେ ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବେ। ନର୍ମଦା ନଦୀରେ ପୂଜାର୍ଚ୍ଚନା କରିବା ପରେ ସେ ଜବଲପୁରରେ ରୋଡ୍‌ଶୋ' ଏବଂ ରାଲି କରିବେ ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।

ଚଳିତବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୨୦୧୮ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟୀ ହୋଇ ସରକାର ଗଢ଼ିଥିଲେ ମଧ୍ୟ ୨୦୨୦ ମାର୍ଚ୍ଚରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ବିଧାୟକ ବିଦ୍ରୋହ କରିବାରୁ ଭାଜପା କ୍ଷମତାକୁ ଫେରିଥିଲା।

## ଅଧ୍ୟାଦେଶ ବିରୋଧରେ ରାଲି କରିବ ଏଏପି

**ନୂଆଦିଲ୍ଲୀ, ୨୨।୫**

ସେବା ଅଧିକାରୀ ନିଯୁକ୍ତି ଓ ବଦଳି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏଏପି ସରକାର ସପକ୍ଷରେ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିଦେବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଛନ୍ତି। ରାଜ୍ୟ ସଭାରେ ଉକ୍ତ ଅଧ୍ୟାଦେଶକୁ ଗୃହୀତ କରାଇ ନ ଦେବା ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଉଦ୍ୟମ କରାଯିବ। ଏଥିସହିତ ଏଏପି ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ ଲୋକଙ୍କୁ ବୁଝାଇବ। ଦିଲ୍ଲୀର ରାମଲୀଳା ମଇଦାନରେ ଜୁନ୍ ୧୧ରେ ଏକ ରାଲି କରାଯାଇ ଅଧ୍ୟାଦେଶ ବିରୋଧରେ ଜନମତ ସଂଗ୍ରହ କରାଯିବ ବୋଲି ଏଏପି ଦିଲ୍ଲୀ ଆବାହକ ଗୋପାଳ ରାୟ କହିଛନ୍ତି। ରାଜ୍ୟ ସଭାରେ ଅଧ୍ୟାଦେଶ ଯେପରି ଗୃହୀତ ହୋଇ ନ ପାରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମସ୍ତ ବିରୋଧୀ ଦଳ ସହ ଯୋଗାଯୋଗ ଚଳାଇଛନ୍ତି। ଏହି କ୍ରମରେ ସେ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିଥିଲେ।

# ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ

**ପୋର୍ଟ ମୋରେସ୍‌ବି, ୨୨।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଫିଜିର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ମୋଦିଙ୍କ ବିଶ୍ୱ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଫିଜି ବାହାରର କୌଣସି ବ୍ୟକ୍ତିଙ୍କୁ ଏଭଳି ସମ୍ମାନ ମିଳିବା ବିରଳ ଘଟଣା। ଉକ୍ତ ସମ୍ମାନକୁ ପ୍ରଧାନମନ୍ତ୍ରୀ ଭାରତର ଜନସାଧାରଣ ଏବଂ ଫିଜି-ଭାରତୀୟ ସମ୍ପ୍ରଦାୟଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

୧୪ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶଗୁଡ଼ିକ ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରବିବାର ରାତିରେ ପପୁଆ ନ୍ୟୁ ଗିନିରେ ପହଞ୍ଚିଥିଲେ। ଫୋରମ୍ ଫର୍ ଇଣ୍ଡିଆ-ପାସିଫିକ ଆଇଲାଣ୍ଡ୍‌ସ କୋଅପରେଶନ (ଏଫ୍‌ଆଇପିଆଇସି) ସମିଟ ଅବସରରେ ମୋଦି ତାଙ୍କ ଫିଜି ପ୍ରତିପକ୍ଷ ରାବୁକାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ପର୍କକୁ ଆହୁରି ଆଗେଇନେବା ଦିଗରେ ଉଭୟ ଏକାଠି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରୁଛନ୍ତି ତାଙ୍କ ଫିଜି ପ୍ରତିପକ୍ଷ ସିଟିଭେନି ରାବୁକା।


ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକରେ ଯୋଗ ଦେବାକୁ ଆସିଥିବା ବିଦେଶୀ ପ୍ରତିନିଧିଙ୍କୁ ସ୍ୱାଗତ କରାଯାଉଛି।

# ଫିଲ୍ମ ପର୍ଯ୍ୟଟନ ବୃଦ୍ଧିକୁ ଗୁରୁତ୍ୱ

**ଶ୍ରୀନଗର, ୨୨।୫**

### ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ

ଜମ୍ମୁ ଓ କଶ୍ମୀରର ଶ୍ରୀନଗରସ୍ଥିତ ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମେଳନ କେନ୍ଦ୍ରରେ ସୋମବାର ଅତି କଡ଼ା ସୁରକ୍ଷା ମଧ୍ୟରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ। ଦୁଇଦିନିଆ ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରୁ ଅତିକମ୍‌ରେ ୬୦ ଜଣ ପ୍ରତିନିଧି ଯୋଗ ଦେଇଥିବା ବେଳେ ୨୦ ଜଣ ସାମ୍ବାଦିକ ଅଂଶଗ୍ରହଣ କରିଛନ୍ତି।

ଜି୨୦ର ମୁଖ୍ୟ ସମନ୍ୱୟକାରୀ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କହିଛନ୍ତି ଯେ, ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀର ଅନ୍ୟତମ ମୁଖ୍ୟ କାର୍ଯ୍ୟସୂଚୀ ହେଉଛି ଫିଲ୍ମ ଟୁରିଜମ୍। ସିନେମା ପର୍ଯ୍ୟଟନରେ ଜମ୍ମୁ ଓ କଶ୍ମୀରର ସମ୍ଭାବ୍ୟ ଶକ୍ତିକୁ ପ୍ରଦର୍ଶନ ଲାଗି ଏଭଳି ପ୍ରଚେଷ୍ଟା କରାଯାଇଛି। ସେ କହିଛନ୍ତି, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଏଠାରେ ଅନୁଷ୍ଠିତ ଜି ୨୦ ବୈଠକ କଶ୍ମୀର ପର୍ଯ୍ୟଟନକୁ ନୂଆ ରୂପ ଦେବ। ଏଥିସହିତ ଏହି ସମ୍ମିଳନୀ ଜମ୍ମୁ ଓ କଶ୍ମୀର ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ପୂର୍ବାପେକ୍ଷା ସର୍ବାଧିକ ପ୍ରତିନିଧି ଯୋଗ ଦେଇଛନ୍ତି ବୋଲି ଶ୍ରୀଙ୍ଗଲା କହିଛନ୍ତି। ଚାଇନା ସମେତ କେତେକ ସଦସ୍ୟ ରାଷ୍ଟ୍ର ଏହି କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ସେ ପ୍ରକାଶ କରିଛନ୍ତି। ଜମ୍ମୁ ଓ କଶ୍ମୀର ଏକ ବିବାଦୀୟ ଅଞ୍ଚଳ ବୋଲି ଅଭିହିତ କରି ଚାଇନା ଜି୨୦ରେ ଯୋଗ ଦେଇ ନ ଥିବା ବେଳେ ସାଉଦି ଆରବ ଏହି କାର୍ଯ୍ୟକ୍ରମ ପାଇଁ ନାମ ପଞ୍ଜୀକରଣ କରିନାହିଁ। ସେହିପରି ତୁର୍କୀ ଏହି ବୈଠକରୁ ନିଜକୁ ଦୂରେଇ ରଖିଛି। ହେଲେ ଇସ୍‌ଲାମୀୟ ରାଷ୍ଟ୍ର ସଙ୍ଗଠନ (ଓଆଇସି)ର ସଦସ୍ୟ, ନାଇଜେରିଆ ଓ ଇଣ୍ଡୋନେସିଆର ରାଷ୍ଟ୍ରଦୂତମାନେ ଏଥିରେ ଯୋଗ ଦେଇଛନ୍ତି। ପ୍ରତିନିଧିମାନେ ପରି ମହଲ, ଚେସ୍‌ମାସାହି ଓ ମୋଗଲ ଗାର୍ଡେନ ପରିଦର୍ଶନ କରିବେ। ଏଥିସହିତ ସେମାନେ ପୁନରୁଦ୍ଧାର ହୋଇଥିବା ପୋଲୋ ଭିଉ ମାର୍କେଟ ବୁଲିବା ସହ ବୁଧବାର କଶ୍ମୀର ଉପତ୍ୟକା ଯିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ସ୍ତରୀୟ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିବାରୁ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରିଦିଆଯାଇଛି। ଏନ୍‌ଏସ୍‌ଜିର ଡ୍ରୋନ୍ ନିରୋଧୀ ଟିମ୍ ଆକାଶମାର୍ଗ ଉପରେ ନଜର ରଖିଥିବା ବେଳେ ଡାଲ୍ ହ୍ରଦ ନିକଟରେ ମରିନ୍ କମାଣ୍ଡୋମାନେ ପଇଁତରା ମାରୁଛନ୍ତି। ଚେନାବ ନଦୀରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନମାନେ ଡଙ୍ଗାରେ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ଜମ୍ମୁର ଅଖନୁର ସ୍ଥିତ ଭାରତ-ପାକିସ୍ତାନ ସୀମାନ୍ତ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ସେନା ସହ ଜମ୍ମୁ ଓ କଶ୍ମୀର ପୋଲିସ ମିଶି ବୈଠକ ସ୍ଥଳ ଜବାରୱାନ୍ ରେଞ୍ଜ ଉପରେ ଦୃଷ୍ଟି ରଖିଛନ୍ତି। ଦେଶର ବିଭିନ୍ନ ଭାଗରେ ହୋଇଥିବା ନିର୍ବାଚନ ଲାଗି ଜମ୍ମୁ ଓ କଶ୍ମୀରରୁ ଯାଇଥିବା ସିଆର୍‌ପିଏଫ୍ ଯବାନମାନଙ୍କୁ ଜି୨୦ ସମ୍ମିଳନୀ ସ୍ଥଳକୁ ଫେରାଇ ଅଣାଯାଇଛି। ପଣବନ୍ଦୀ ଭଳି ସ୍ଥିତିକୁ ଟାଳିବା ଲାଗି 'ବ୍ଲାକ୍ କ୍ୟାଟ୍' କମାଣ୍ଡୋମାନଙ୍କୁ ମଧ୍ୟ ମୁତୟନ କରାଯାଇଛି।





କଳିଙ୍ଗ ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ଜୁଡୋ ଓ ଭାରୋତ୍ତୋଳନ ପ୍ରଶିକ୍ଷାର୍ଥୀମାନେ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

# କଳିଙ୍ଗରେ ସମର କ୍ୟାମ୍ପ ଉଦ୍‌ଯାପିତ



ଭୁବନେଶ୍ୱର,୨୨।୫
(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପ ସୋମବାର ଉଦ୍‌ଯାପିତ ହୋଇଛି। ମେ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପରେ ୫୦୦ରୁ ଅଧିକ ଶିଶୁ ଅଂଶଗ୍ରହଣ କରିଥିଲେ। ଫୁଟବଲ, ଆଥଲେଟିକ୍ସ, ଜୁଡୋ, ଭାରୋତ୍ତୋଳନ, ଭଲିବଲ୍, ବାସ୍କେଟ ବଲ୍, ଜିମ୍ନାଷ୍ଟିକ୍ସ ଓ କବାଡି ପରି ୮ଟି ବର୍ଗର ଖେଳରେ ଏହି ଶିଶୁ ମାନେ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟସ ହଷ୍ଟେଲର କୋଚ୍ ମାନେ ଯୁବ ଆଥଲେଟ ମାନଙ୍କ ପାଇଁ ମଜାଦାର ପ୍ରଶିକ୍ଷଣ ବ୍ୟବସ୍ଥା ଆପଣେଇ ଥିଲେ। ଶିଶୁ ମାନଙ୍କ ମଧ୍ୟରେ ଫିଟ୍‌ନେସ୍ ଓ ଜୀବନଶୈଳୀକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ କ୍ରୀଡା ସହ ପରିଚିତ କରାଇବା ଏହି କ୍ୟାମ୍ପର ମୁଖ୍ୟ ଲକ୍ଷ୍ୟ ରହିଥିଲା। କେବଳ କଳିଙ୍ଗ ଷ୍ଟାଡିୟମ ନୁହେଁ ବରଂ ସମସ୍ତ ଜିଲାରେ ଥିବା ସ୍ପୋର୍ଟ୍ସ ହଷ୍ଟେଲରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କ୍ୟାମ୍ପକୁ ନେଇ କେବଳ ଶିଶୁ ନୁହନ୍ତି ବରଂ ଅଭିଭାବକ ମଧ୍ୟ ଖୁସି ଜାହିର କରିଛନ୍ତି। ୯ ବର୍ଷୀୟ ବାଳକର ମା ମମତା ପ୍ରିୟଦର୍ଶିନୀ ଏହି ସମର କ୍ୟାମ୍ପକୁ ବେଶ ପସନ୍ଦ କରିଛନ୍ତି। ଗତବର୍ଷ ତାଙ୍କ ପୁଅ ହକି ଖେଳରେ ନିଜକୁ ପଞ୍ଜୀକୃତ କରିଥିବା ବେଳେ ଚଳିତ ବର୍ଷ ବାସ୍କେଟବଲ ଖେଳ ପାଇଁ ନାମ ପଞ୍ଜୀକରଣ କରିଛି। ପ୍ରତିବର୍ଷ ଭିନ୍ନ ଭିନ୍ନ ଖେଳ ଶିଖିବାକୁ ମିଳୁଥିବାରୁ ଏହା ଶିଶୁଙ୍କ ପାଇଁ ବେଶ ଲାଭଦାୟକ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପଞ୍ଜୀକରଣ ହେଉଥିବା ବେଳେ ସମସ୍ତଙ୍କ ବ୍ୟବହାର ବେଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା ବୋଲି ସେ କହିଛନ୍ତି। ଶିଶୁ ମାନଙ୍କ ପାଇଁ ନୂତନ ଖେଳ ସମ୍ପର୍କିତ ଜ୍ଞାନ ଆହରଣ ପାଇଁ ଏହା ପ୍ରକୃଷ୍ଟ ସୁଯୋଗ ବୋଲି କହିଛନ୍ତି ଜୁଡୋ କୋଚ୍ ଗୀତାଞ୍ଜଳି ପଣ୍ଡା। ଜଣେ ପ୍ରଶିକ୍ଷକ ଭାବରେ ଅଧିକ ଶିଶୁଙ୍କୁ ଜୁଡୋ ପ୍ରତି ଆଗ୍ରହ ପ୍ରକାଶ କରୁଥିବାର ଦେଖି ଖୁସି ଲାଗୁଛି ବୋଲି ସେ କହିଛନ୍ତି। ଏହି ଖେଳ କେବଳ ଫିଟ୍ ରଖି ନଥାଏ ବରଂ ଏହା ଆତ୍ମରକ୍ଷା କୌଶଳ ଶିଖାଇଥାଏ ବୋଲି କହିଛନ୍ତି ଗୀତାଞ୍ଜଳି। ଫୁଟବଲ ପାଇଁ ପଞ୍ଜୀକରଣ କରିଥିବା ଶ୍ରେୟାନ ମହାନ୍ତି ଏଠାକାର ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠିକାର ବ୍ୟବସ୍ଥା ଚମତ୍କାର ଥିବା ବେଳେ କୋଚ୍ ମାନେ ବେଶ ସହାୟତା କରିଥିଲେ। ଫୁଟବଲର ବେସିକ୍ ଡ୍ରିବଲିଂ, ଶୁଟିଂ ପରି ଟେକ୍‌ନିକ୍ ଶିଖିବାର ସୁଯୋଗ ମିଳିଥିବା ସେ କହିଛନ୍ତି।

# ଚେପକ୍ ପିଚ୍‌କୁ ନେଇ ଅନିଶ୍ଚିତତା

ଚେନ୍ନାଇ,୨୨।୫(ପି.ଟି.)

ଆଇପିଏଲ୍‌ର କ୍ୱାଲିଫାୟର୍-୧ରେ ମଙ୍ଗଳବାର ପରସ୍ପରକୁ ଭେଟିବେ ୪ ଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ। ଏହା ସହିତ ଆଇପିଏଲର ଶ୍ରେଷ୍ଠ ରଣନୀତିକାର ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ଓ ଭାରତୀୟ କ୍ରିକେଟ୍‌ର ଯୁବରାଜ ଶୁବମନ ଗିଲ୍‌ଙ୍କ ଜବରଦସ୍ତ ଫର୍ମ ମଧ୍ୟରେ ଲଢେଇ ଦେଖିବାକୁ ମିଳିପାରେ। ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଚେପକ୍‌ର ପିଚ୍‌କୁ ନେଇ ଲାଗି ରହିଛି ଅନିଶ୍ଚିତତା।ଏହି ପିଚ୍ କେଉଁଭଳି ବ୍ୟବହାର କରୁଛି ତାହାକୁ ନେଇ ଚେନ୍ନାଇ ଅନିଶ୍ଚିତତାରେ ରହିଥିବା ବେଳେ ଗୁଜରାଟ ଏଠାରେ ଚଳିତ ବର୍ଷ ଗୋଟିଏ ବି ମ୍ୟାଚ୍ ଖେଳି ନାହିଁ। ଅନ୍ୟ ପକ୍ଷରେ ଶୁବମନ ଗିଲ୍ ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। କ୍ରମାଗତ ଦୁଇଟି ଶତକ ସହିତ ସେ ପ୍ଲେ ଅଫ୍ ଖେଳିବାକୁ ଆସୁଥିବାରୁ ତାଙ୍କୁ ରୋକିବା ପାଇଁ ଧୋନୀଙ୍କ ରଣନୀତି କଣ ରହିବ ତା ଉପରେ ସଭିଙ୍କ ନଜର ରହିବ। ଏହା ସହିତ ଉଭୟ ଦଳ ମଧ୍ୟରେ ଆଉ ଏକ ସମାନତା ହେଉଛି ଏହାର

**ଆଇପିଏଲ୍ କାର୍ଯ୍ୟସୂଚୀ**
**(କ୍ୱାଲିଫାୟର-୧)**
**ଗୁଜରାଟ ବନାମ ଚେନ୍ନାଇ**
**ସ୍ଥାନ: ଚେନ୍ନାଇ,**
**ସମୟ: ରାତି ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ମ୍ୟାନେଜମେଣ୍ଟ। ଚେନ୍ନାଇର ମ୍ୟାନେଜମେଣ୍ଟ ଯେମିତି କ୍ରିକେଟ ପଡିଆର ନିଷ୍ପତ୍ତିରେ ମୁଣ୍ଡ ଖେଳାଏ ନାହିଁ ଗୁଜରାଟରେ ମଧ୍ୟ ପରିସ୍ଥିତି ସମାନ। କ୍ରିକେଟ ପଡିଆ ମଧ୍ୟର ନିଷ୍ପତ୍ତି ସର୍ବଦା ଆଶିଷ ନେହେରା, ଗ୍ୟାରୀ କର୍ଷ୍ଟେନ୍ ଓ ବିକ୍ରମ ସୋଲାଙ୍କିଙ୍କ ହାତରେ ରହିଥାଏ।

ଚେପକ୍ ପିଚ୍ ଧୀମା ରହୁଥିବା ବେଳେ ଏହା ଗୁଜରାଟ ପାଇଁ ଅଧିକ ସମସ୍ୟା ସୃଷ୍ଟି କରପାରେ। ଅନ୍ୟ ପକ୍ଷରେ ପାୱାର ପ୍ଲେରେ ଦୀପକ ଚହର ଓ ଡେଥ୍ ଓଭରରେ ମଥୀଷା ପଥିରାନା ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରି ପାରନ୍ତି। ମଥୀଷା ପଥିରାନା ଓ ମହୀଷ ଥିକ୍‌ସାନା ଶ୍ରୀଲଙ୍କା ପାଇଁ ଖେଳିଥିବାରୁ ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଶ୍ରୀଲଙ୍କା ଅଧିନାୟକ ଦାସୁନ୍ ସନକାଙ୍କ ସହାୟତା ନେଇ ପାରନ୍ତି। ସନକାଙ୍କୁ ଏହି ମ୍ୟାଚ୍‌ରେ ଅଲରାଉଣ୍ଡର ଭାବରେ ଖେଳାଇ ପାରେ ଗୁଜରାଟ। ସେହିପରି ଘରୋଇ ପରିବେଶକୁ ଭଲରେ ଜାଣିଥିବା ଆର. ସାଇ କିଶୋର ମଧ୍ୟ ଏହି ମ୍ୟାଚ୍ ଖେଳିପାରନ୍ତି। ସନକାଙ୍କ ସ୍ଥାନରେ ଜୋଶୁଆ ଲିଟଲ ଓ ଯଶ ଦୟାଲଙ୍କ ସ୍ଥାନରେ ସାଇ କିଶୋର ଖେଳି ପାରନ୍ତି। ଚେନ୍ନାଇ ଏହାର ଓପନିଂ ଯୋଡି ଡେଭନ୍ କନ୍‌ୱେ ଓ ଋତୁରାଜ ଗାଏକ୍ୱାଡଙ୍କ ଉପରେ ଅଧିକ ନିର୍ଭର କରିବ। ଅଜିଙ୍କ୍ୟ ରାହାନେ ଓ ଶିବମ ଦୁବେଙ୍କ ବ୍ୟାଟରୁ କିଛି ବଡ ଶଟ୍ ଓ ଇନିଂସ ଦେଖିବାକୁ ମିଳିପାରେ। ଗୁଜରାଟର ବୋଲିଂ ମହମ୍ମଦ ଶାମି ଓ ରାଶିଦ୍ ଖାନଙ୍କ ଉପରେ ନିର୍ଭର କରିବ।




ଆଇପିଏଲ୍ ଟ୍ରଫି ସହ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

**କ୍ୱାଲିଫାୟର-୧**

# ନାର୍କୋ ଟେଷ୍ଟ ପାଇଁ ରେସ୍‌ଲରଙ୍କ ସହମତି

ନୂଆଦିଲ୍ଲୀ,୨୨।୫(ପି.ଟି.)

ଭାରତୀୟ ରେସ୍‌ଲିଂ ଫେଡେରେଶନ(ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୯ ଦିନରେ ପହଞ୍ଚିଛି। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗଟ୍ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ତେବେ ଡବ୍ଲୁଏଫ୍ଆଇ ମୁଖ୍ୟ ରହିଥିବା ବ୍ରିଜ୍‌ଭୂଷଣ ରବିବାର ଏକ ଫେସ୍‌ବୁକ୍ ପୋଷ୍ଟ ଜରିଆରେ ଲେଖିଥିଲେ, ମୁଁ ନାର୍କୋ ଟେଷ୍ଟ ପାଇଁ ପ୍ରସ୍ତୁତ ମାତ୍ର ବଜରଙ୍ଗ ଓ ଭିନେଶ୍ ମଧ୍ୟ ନାର୍କୋ ଟେଷ୍ଟ ପାଇଁ ରାଜି ହେବା ଉଚିତ। ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି।




ଖବରଦାତା ସମ୍ମିଳନୀରେ ତାରକା ରେସଲର।

**ଡବ୍ଲ୍ୟୁଏଫ୍ଆଇ ଯୌନ ଶୋଷଣ ମାମଲା**

ଆମେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। କେବଳ ଆନ୍ଦୋଳନରେ ବସିଥିବା ଖେଳାଳି ନୁହନ୍ତି ବରଂ ଯେଉଁମାନେ ପୀଡ଼ିତା, ସେମାନେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। ତେବେ ଏହି ଟେଷ୍ଟ ସୁପ୍ରିମ୍‌କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା ଉଚିତ୍ ଏବଂ ଏଥିରେ କ'ଣ ପ୍ରଶ୍ନ କରାଯାଉଛି ତାହା ସମଗ୍ର ଦେଶବାସୀ ଜାଣିବା ଦରକାର ବୋଲି ସେ କହିଛନ୍ତି। ଖେଳାଳିମାନେ କେଉଁଭଳି କଷ୍ଟ ସହିଛନ୍ତି ତାହା ସମଗ୍ର ଦେଶବାସୀ ଜାଣିବା ଜରୁରୀ ବୋଲି ଭିନେଶ୍ କହିଛନ୍ତି। ଦେଶର କିଛି ଗଣମାଧ୍ୟମ ବ୍ରିଜ୍‌ଭୂଷଣଙ୍କୁ ବଢ଼ାଇ ଚଢ଼ାଇ କହୁଥିବାରୁ ଏପରି କରିବାରୁ କ୍ଷାନ୍ତ ରହିବାକୁ ବଜରଙ୍ଗ ଅନୁରୋଧ କରିଛନ୍ତି। ବ୍ରିଜ୍‌ଭୂଷଣ ଷ୍ଟାର ନୁହନ୍ତି ବରଂ ଜଣେ ଯୌନ ଶୋଷଣକାରୀ। ତେଣୁ ମିଡିଆ ତାଙ୍କର ପ୍ରଶଂସା ବନ୍ଦ କରୁ ବୋଲି ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ମଙ୍ଗଳବାର ଦ୍ୱିତୀୟ ଚରଣ ଆନ୍ଦୋଳନକୁ ୧ ମାସ ବିତୁଥିବା ବେଳେ ଖେଳାଳିମାନେ ଯନ୍ତରମନ୍ତରଠାରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା ଆୟୋଜନ କରିବେ। ଅପରାହ୍ନ ୫ଟାରେ ଏହି ଯାତ୍ରା ହେବ। ଏହି ଶୋଭାଯାତ୍ରାରେ ଅଧିକରୁ ଅଧିକ ସାଧାରଣ ଜନତା ଯୋଗ ଦେବା ପାଇଁ ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ଆମର ଏହି ଆନ୍ଦୋଳନ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ଏହାକୁ ଅନେକ ଲୋକ ଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଏପରି ଲୋକଙ୍କ ପାଇଁ ଆମେ ଦାୟୀ ନୁହଁ ବୋଲି କହିଛନ୍ତି ସାକ୍ଷୀ। ଉଲ୍ଲେଖଯୋଗ୍ୟ, ଜଣେ ନାବାଳିକାଙ୍କ ସମେତ ୭ ଜଣ ରେସ୍‌ଲର ବ୍ରିଜ୍‌ଭୂଷଣଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି।

# ଆଇସିସି ନିୟମ ଉଲ୍ଲଂଘନ କରିଛନ୍ତି ଅମ୍ପାୟର ଯତୀନ

ଦୁବାଇ, ୨୨।୫(ପି.ଟି.): ଭଟିଣ୍ଡାର ଜଣେ ଅମ୍ପାୟର ଯତୀନ କାଶ୍ୟପଙ୍କ ବିରୋଧରେ ଦୁର୍ନୀତି ନିବାରଣ ନିୟମ ଉଲ୍ଲଂଘନ କରିଛନ୍ତି। ୨୦୨୨ରେ କେତୋଟି ଅନ୍ତର୍ଜାତୀୟ ମ୍ୟାଚ୍ ଉପରେ ତଦନ୍ତ ବେଳେ ଏହା ଜଣାପଡ଼ିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ସୋମବାର ପ୍ରକାଶ କରିଛି। କାଶ୍ୟପ କି ପ୍ରକାର ଦୋଷ କରିଛନ୍ତି ଆଇସିସି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହିଁ। କାଶ୍ୟପ କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ୟାନେଲରେ ନାହାନ୍ତି। ପଞ୍ଜାବରେ ସେ ଜିଲାସ୍ତରୀୟ ମ୍ୟାଚ ପରିଚାଳନା କରିଥାନ୍ତି। ହେଲେ କାଶ୍ୟପ ଗତ ୪ ବର୍ଷ ହେଲା ଜିଲା ମ୍ୟାଚ୍ ପରିଚାଳନା କରିନାହାନ୍ତି।

# ସଙ୍କେତ, ବିଶାଲଙ୍କ ଶତକ, ସୋହମ, ମାଧବଙ୍କୁ ୫

ଭୁବନେଶ୍ୱର,୨୨।୫
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଚରଣ ଅନୁଷ୍ଠିତ ହେଉଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ବି, କେନ୍ଦୁଝର, ନୂଆପଡା, ବରଗଡ, ଖୋର୍ଦ୍ଧା ଓ ଗଜପତି ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ବିର ସୋହମ ପଟ୍ଟନାୟକ ଓ ମାଲକାନଗିରିର କୋଟଲା ମାଧବା ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ କେନ୍ଦୁଝରର ସଙ୍କେତ ପଣ୍ଡା ଓ ନୂଆପଡାର ବିଶାଲ କୁମ୍ଭାର ଶତକ ହାସଲ କରିଛନ୍ତି।

ରେଲୱେ ଗ୍ରାଉଣ୍ଡ: ଏଠାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ବି ୫୯ ରନରେ ମାଲକାନଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ୪୬.୧ ଓଭରରେ ୨୦୩ ରନରେ ଅଲଆଉଟ ହୋଇଥିଲା। ପ୍ରୟାନ୍ ସାମଲ ସର୍ବାଧିକ ୪୭ ରନ୍ କରିଥିଲେ। ଜବାବରେ ସୋହମ ପଟ୍ଟନାୟକ ୨୫ ରନରେ ୫ ଉଇକେଟ ନେବାରୁ ମାଲକାନଗିରି ୩୨.୧ ଓଭରରେ ୧୪୪ ରନ୍‌ରେ ଅଲଆଉଟ ହୋଇଥିଲା।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଟାଉନ୍ କ୍ଲବ୍(ଭୁବନେଶ୍ୱର): ଏଠାରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ୨୫୬ ରନ୍‌ର ବିଶାଳ ବ୍ୟବଧାନରେ ଜଗତସିଂହପୁରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ୪୯ ଓଭରରେ ୫ ଉଇକେଟରେ ୨୯୦ ରନ୍ କରିଥିଲା। ଜବାବରେ ସନ୍ତୋଷ ରାଉତ ୪ ରନରେ ୪ ଉଇକେଟ ନେବାରୁ ଜଗତସିଂହପୁର ୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଅଡଶପୁର ଗ୍ରାଉଣ୍ଡ: ଏଠାରେ ଅନୁଷ୍ଠିତ ମ୍ୟାଚରେ ନୂଆପଡା ୧୯ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବିଶାଲ କୁମ୍ଭାରଙ୍କ ଶତକ ବଳରେ ନୂଆପଡା ୩୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୩ ରନ୍ କରିବାରେ ସମର୍ଥ ହୋଇଥିଲା। ଜବାବରେ କନ୍ଧମାଳ ୪୫ ଓଭରରେ ୮ ଉଇକେଟ ହରାଇ ୧୮୪ ରନ କରିଥିଲା।

ବିଜେଏଚ୍‌ଏସ୍ ଗ୍ରାଉଣ୍ଡ (ଖୋର୍ଦ୍ଧା): ଏଠାରେ କଟକ-ବି'କୁ ୬ ଉଇକେଟରେ ହରାଇଛି ବରଗଡ। ପ୍ରଥମେ ବ୍ୟାଟିଂ କରି କଟକ ସମସ୍ତ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ବରଗଡ ୩୭.୩ ଓଭରରେ ୪ ଉଇକେଟ ହରାଇ ୧୪୫ ରନ୍ କରିଥିଲା।



୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପରେ ସେନେଗାଲକୁ ହରାଇବାପରେ ଉଲ୍ଲସିତ ଜାପାନ ଦଳର ଖେଳାଳି।

# ବ୍ରାଜିଲକୁ ହରାଇଲା ଇଟାଲୀ

ବୁଏନ୍‌ସ ଏୟାର୍ସ,୨୨।୫(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ଦୁଇ ଟାଇଟଲ ଫେବରିଟ୍ ଦଳ ବ୍ରାଜିଲ ଓ ସେନେଗାଲ୍ ନିଜର ଓପ୍‌ନିଂ ଗେମ୍‌ରେ ପରାଜିତ ହୋଇଛନ୍ତି। ରବିବାର ଇଟାଲୀ, ଜାପାନ, ନାଇଜେରିଆ ଓ କଲମ୍ବିଆ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଇଟାଲୀ ବ୍ରାଜିଲକୁ ୩-୨ରେ ହରାଇଥିବା ବେଳେ ଜାପାନ ୧-୦ ଗୋଲରେ ସେନେଗାଲକୁ ହରାଇଛି। ଅନ୍ୟ ଦୁଇ ମ୍ୟାଚ୍‌ରେ ନାଇଜେରିଆ ଓ କଲମ୍ବିଆ ଯଥାକ୍ରମେ ଡୋମିନିକାନ୍ ରିପବ୍ଲିକ୍ ଓ ଇସ୍ରାଏଲକୁ ୨-୧ଗୋଲ୍‌ରେ ପରାସ୍ତ କରିଛନ୍ତି।

ଗ୍ରୁପ୍ ଡି' ମ୍ୟାଚ୍‌ରେ ଇଟାଲୀ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା ୧୧ତମ ମିନିଟ୍‌ରେ ମାଟ୍ଟେଓ ପ୍ରାଟ୍ଟି ଇଟାଲୀ ପାଇଁ ପ୍ରଥମ ଗୋଲ ଦେଇଥିଲେ। ତେବେ ସିଜର କାସାଡେଇ(୨୭ ଓ ୩୫ ମିନିଟ) ଦୁଇଟି ଗୋଲ ସ୍କୋର କରିବା ସହିତ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ଆଗୁଆ କରିଥିଲେ। ବ୍ରାଜିଲ ପକ୍ଷରୁ ମାର୍କୋସ୍ ଲିଓନାର୍ଡୋ ଦୁଇଟି (୭୨ ଓ ୮୭ ମିନିଟ୍) ଗୋଲ ସ୍କୋର କରିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜାପାନ ୧-୦ରେ ସେନେଗାଲକୁ ପରାସ୍ତ କରିଥିଲା। ଜାପାନ ପକ୍ଷରୁ ଷ୍ଟ୍ରାଇକର କୁରୁ୍ୟ ମାଟସୁକୀ ୧୫ତମ ମିନିଟରେ ଗୋଲ ସ୍କୋର କରିଥିଲେ। ନାଇଜେରିଆ ୨-୧ ଗୋଲରେ ଡୋମିନିକାନ୍ ଅଫ୍ ରିପବ୍ଲିକକୁ ପରାସ୍ତ କରିଥିଲା। ଏଡିସନ୍ ଆଜାକୋନା ୨୩ତମ ମିନିଟରେ ଡୋମିନିକାନ୍ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ତେବେ ୩୧ତମ ମିନିଟରେ ଗୁଲେର୍ମୋ ଡେ ପାନା ଓ ୭୦ତମ ମିନିଟରେ ସାମସନ୍ ଆଡେନିରାନ୍ ଲାୱାଲଙ୍କ ଗୋଲ ବଳରେ ନାଇଜେରିଆ ବିଜୟୀ ହୋଇଥିଲା। ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ଇସ୍ରାଏଲ୍ ବିପକ୍ଷରେ କଲମ୍ବିଆ ବିଜୟୀ ହୋଇଥିଲା।



ଇଟାଲୀ ଓ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ


ଅଲିଭ ରିଡ୍ଲେ

କଇଁଛଙ୍କୁ ସେମାନଙ୍କର ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୩ରେ ବିଶ୍ୱ କଇଁଛ ଦିବସ ପାଳନ କରାଯାଏ। ଏହି ଦିନ କଇଁଛ ଏବଂ କଇଁଛ ବିଷୟରେ ଜ୍ଞାନ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। କଇଁଛଙ୍କ ସୁରକ୍ଷା ଦ୍ୱାରା ହିଁ ଜୈବ ବିବିଧତାର ବିକାଶ ସମ୍ଭବ।

କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ ବିଦ୍ୟମାନ। ସାରା ବିଶ୍ୱରେ ସାହିତ୍ୟ, କବିତା ଏବଂ ଦୃଷ୍ଟାନ୍ତରେ ସେମାନଙ୍କ ଉଦାହରଣ ଦିଆଯାଇଛି। ବିଶ୍ୱ କଇଁଛ ଦିବସ ଏହି ଶ୍ରେଷ୍ଠ ସରୀସୃପ ଏବଂ ବିଶ୍ୱରେ ସେମାନଙ୍କର ସ୍ଥାନ, ବିପଦପୂର୍ଣ୍ଣ କଇଁଛକୁ ସୁରକ୍ଷା ଦେବା ପାଇଁ ଲୋକଙ୍କୁ ପଦକ୍ଷେପ ନେବାକୁ ଉତ୍ସାହିତ କରେ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ ନିୟୁତ ବର୍ଷ ତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା।

ପ୍ରଥମେ ଆମେରିକାନ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନା ହୋଇଥିଲା। ବିଶ୍ୱ କଇଁଛ ଦିବସ ସ୍ୱୀକାର କରେ ଯେ କଇଁଛମାନେ ବିପଦପୂର୍ଣ୍ଣ ପରିବେଶ ତଥା ଅଣ୍ଡା ଶିକାର ଏବଂ ଅମଳ ସମସ୍ୟା ଯୋଗୁ ପ୍ରାୟ ବିଲୁପ୍ତ ହେବାକୁ ଯାଉଛନ୍ତି। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସେମାନଙ୍କର କଇଁଛ ପ୍ରତି ଏକ ବିଶେଷ ଉତ୍ସାହ ଥିଲା। ସାରା ବିଶ୍ୱରେ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଉଦ୍ଦେଶ୍ୟରେ କଇଁଛ ଦିବସ ଆରମ୍ଭ କରିଥିଲେ ଏବଂ ଏହି ସମ୍ବେଦନଶୀଳ ଜୀବମାନଙ୍କର ସଂଖ୍ୟା ହ୍ରାସ ପାଇବା ବିଷୟରେ ସଚେତନତା ବୃଦ୍ଧି ପାଇଥିଲା।



ସମଗ୍ର ପୃଥିବୀରେ ସମୁଦାୟ ୩୦୦ ପ୍ରଜାତିର କଇଁଛ ଅଛନ୍ତି, ଯେଉଁଥିରୁ ୧୨୯ ପ୍ରଜାତି ମନୁଷ୍ୟର ବିଭିନ୍ନ କାର୍ଯ୍ୟ ଯୋଗୁଁ ବିପଦରେ ପଡ଼ିଛନ୍ତି। ସେମାନଙ୍କର ବିଭିନ୍ନ ଆକୃତି ଏବଂ ଆକାର ରହିଛି। ଛୋଟ କଇଁଛ ୪-ଇଞ୍ଚ ଛୋଟ ହୋଇପାରେ। କେତେକ କଇଁଛଙ୍କର ଓଜନ ୧୦୦୦ ପାଉଣ୍ଡରୁ ଅଧିକ ମଧ୍ୟ ହୋଇଥାଏ।

କଇଁଛମାନେ ସେମାନଙ୍କ ସରୀସୃପ ସମ୍ପର୍କୀୟଙ୍କ ଅପେକ୍ଷା ଅଧିକ ବର୍ଷ ବଞ୍ଚିପାରନ୍ତି। କେତେକ କଇଁଛ ୩୦୦ ବର୍ଷରୁ ଅଧିକ ବଞ୍ଚିଥାନ୍ତି। ଯଦିଓ ସେମାନଙ୍କର ହାରାହାରି ଆୟୁ ପ୍ରାୟ ୧୫୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ।

ବର୍ତ୍ତମାନ ଏହି ପ୍ରାଣୀ ସଂକଟରେ ପଡିଛନ୍ତି। ଅଧିକାଂଶ ପ୍ରଜାତି ବିଲୁପ୍ତପ୍ରାୟ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦିହୋଇ, ଟ୍ରଲର ବ୍ଲେଡରେ କଟି, ସମୁଦ୍ରରେ ଜମା ହେଉଥିବା ପ୍ଲାଷ୍ଟିକ ଖଣ୍ଡ ଖାଇ କଇଁଛଙ୍କର ଅସମୟରେ ମୃତ୍ୟୁ ଘଟୁଛି; ଯାହାକି ପରିବେଶ ପ୍ରତି ଶୁଭଙ୍କର ନୁହେଁ।

୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସକୁ ପ୍ରତିବର୍ଷ ମେ' ୨୩ରେ ପାଳନ କରାଯାଇଆସୁଅଛି। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ କଇଁଛମାନଙ୍କୁ ସଂରକ୍ଷଣ କରିବା ସହିତ ବିଶ୍ୱସ୍ତରରେ ସେମାନଙ୍କୁ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପ୍ରୟାସ ଜାରି ରହିଛି। ଫଳରେ ଆଇନ ପ୍ରଣୟନ ଦ୍ୱାରା ସେମାନଙ୍କ ପ୍ରାକୃତିକ ବାସସ୍ଥାନ ରକ୍ଷା କରିବାକୁ କିଛିଟା ସକ୍ଷମ ହେଲାଣି। ଅସୁସ୍ଥ, ଅବହେଳିତ ଏବଂ ପରିତ୍ୟକ୍ତ କଇଁଛମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷା ପ୍ରଦାନ କରାଯାଉଛି।

> ୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପ୍ରତିବର୍ଷ ମେ' ୨୩ରେ ପାଳନ କରାଯାଇଆସୁଛି। ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ଦ୍ୱାରା କଇଁଛଙ୍କ ସୁରକ୍ଷା ଲାଗି ପ୍ରଥମେ ଏଭଳି ପ୍ରୟାସ କରାଯାଇଥିଲା। ସେମାନଙ୍କ ସ୍ଥାୟିତ୍ୱ ବଜାୟ ରଖିବା ସକାଶେ ମାନବୀୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ଜୈବବିବିଧତା ରକ୍ଷା କ୍ଷେତ୍ରରେ କଇଁଛମାନଙ୍କର ଯଥେଷ୍ଟ ଅବଦାନ ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପ୍ରାଣୀର ନିରାପତ୍ତା ପ୍ରତି ବିପଦ ଦେଖାଦେଉଥିବାରୁ ସଚେତନତା ସୃଷ୍ଟି ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।


ରେଡ୍ ଇୟରଡ୍ ସ୍ଲାଇଡର

## ବିଭିନ୍ନ କଇଁଛ ପ୍ରଜାତି


ଆଲିଗେଟର ସ୍ନାପିଙ୍ଗ


ହକ୍ସବିଲ୍


ଲେଦରବ୍ୟାକ୍


ମିଶିସିପି ମ୍ୟାପ୍


CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରାଜ୍ୟ ଖବର

# ଅନୁମତି ନ ନେଇ ପରିବାର ନିୟୋଜନ ଅସ୍ତ୍ରୋପଚାର

### କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ
### ଥାନାରେ ଅଭିଯୋଗ କଲେ ପୀଡ଼ିତାଙ୍କ ସ୍ୱାମୀ

**କେନ୍ଦୁଝର,୨୨।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କ ବିନା ଅନୁମତିରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଛି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମହିଳାଙ୍କ ସ୍ୱାମୀ ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସୂଚନା ଅନୁଯାୟୀ, ଝୁମ୍ପୁରା ବ୍ଲକ୍ ଖେଣ୍ଡରା ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ପବିତ୍ରାଣୀ ବେହେରାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ରବିବାର ପୂର୍ବାହ୍ନ ୧୧ଟାରେ ଜିଲା ମୁଖ୍ୟ ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୭ଟା ୪୦ ବେଳେ ପବିତ୍ରାଣୀଙ୍କ ଅସ୍ତ୍ରୋପଚାର ପରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପୁଅ ଜନ୍ମ ହୋଇଥିବା ଶୁଣି ସୁଶାନ୍ତ ଖୁସି ହୋଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ଓ ଏଥିରେ ତାଙ୍କ ସହମତି ଥିବା ନେଇ ତାଙ୍କୁ ଏକ ଫର୍ମରେ ଦସ୍ତଖତ କରିବାକୁ ଡାକ୍ତର କହିଥିଲେ। ଏହା ଶୁଣି ସୁଶାନ୍ତ ଆଶ୍ଚର୍ଯ୍ୟ ହେବା ସହ ପ୍ରତିବାଦ କରି ଦସ୍ତଖତ କରି ନ ଥିଲେ। ମନା କରିବାକୁ ଡାକ୍ତର ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ତାଙ୍କ ଅଜାଣତରେ ଡାକ୍ତର ମିଛ ସତ କହି ପବିତ୍ରାଣୀଙ୍କ ଦସ୍ତଖତ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଫୋନ୍ କରି ବନ୍ଧୁବାନ୍ଧବଙ୍କୁ ଡାକିବାରୁ ଡାକ୍ତର ସେଠାରୁ ଚାଲିଯାଇଥିଲେ। ଆକ୍ରୋଶମୂଳକ ଭାବେ ତାଙ୍କ ସ୍ତ୍ରୀ ଓ ନବଜାତକଙ୍କୁ ବାରଣ୍ଡାରେ ବିନା ପଙ୍ଖାରେ ଗରମରେ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଅଭିଯୋଗ ହସ୍ତଗତ ହୋଇଛି, ଘଟଣାର ତଦନ୍ତ ଚାଲିଛି। ଡାକ୍ତର ଅଭିଜିତ ମହାପାତ୍ର କହିଛନ୍ତି, ଉକ୍ତ ମହିଳାଙ୍କର ଏହା ଦ୍ୱିତୀୟ ସନ୍ତାନ। ପୂର୍ବରୁ ତାଙ୍କର ଏକ ଝିଅ ଥିଲା। ତେଣୁ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ମତାମତ ନିଆଯାଇ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିଲେ। କିନ୍ତୁ ପରିବର୍ତ୍ତୀ ସମୟରେ କାହିଁକି ଏଭଳି ଅଭିଯୋଗ କରୁଛନ୍ତି ସେ ଜାଣିପାରୁନାହାନ୍ତି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଅସ୍ତ୍ରୋପଚାର ପୂର୍ବରୁ ଅନୁମତି ନିଆଯାଇଥାଏ। ଘଟଣା କ'ଣ ହୋଇଛି, ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଥିଲେ।

# କାର୍ଯ୍ୟରେ ଢିଲା ହେଲେ ଦରମା ବନ୍ଦ

### ଶିମିଳିପାଳରେ ପାଟ୍ରୋଲିଂ କଡ଼ାକଡ଼ି
- ଫରେଷ୍ଟ ଗାର୍ଡ ଚାଲିବେ ୧୨୦ କି.ମି.
- କର୍ମଚାରୀଙ୍କୁ ଜଗିବ ସ୍ୱତନ୍ତ୍ର ଆପ୍

**ବାରିପଦା ଅଫିସ, ୨୨।୫**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଠିକ୍ ଭାବେ କାର୍ଯ୍ୟ ନ କଲେ କାରଣ ଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ କରାଯିବ। ଏ ନେଇ ସୋମବାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ କଡ଼ା ନିର୍ଦ୍ଦେଶ ଜାରିକରିଛନ୍ତି।

ପ୍ରକାଶ ଯେ, ଅଭୟାରଣ୍ୟରେ ହାତୀ, ବାଘ ଭଳି ବନ୍ୟପ୍ରାଣୀଙ୍କ ଅବାଧ ଶିକାର ହେଉଛି। ଏଥିସହିତ ମୂଲ୍ୟବାନ ଗଛକୁ କାଟି ଚୋରାଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ବଡ଼ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବନ ବିଭାଗ କର୍ମଚାରୀ ଜଙ୍ଗଲ ମଧ୍ୟରେ ୧୫ କି.ମି. ଚାଲି ଚାଲି ପାଟ୍ରୋଲିଂ କରୁଥିଲେ। କିଛି କର୍ମଚାରୀ ପାଟ୍ରୋଲିଂ ନ କରି ଅଫିସରେ ଦିନ କାଟୁଥିଲେ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ଫରେଷ୍ଟ ଗାର୍ଡମାନେ ମାସକୁ ୧୦୦ରୁ ୧୨୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବେ। ସେହିପରି ଫରେଷ୍ଟରମାନେ ୭୦ କି.ମି., ରେଞ୍ଜ ଅଫିସର ୫୦ କି.ମି., ଏସିଏଫମାନେ ୩୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବାକୁ ନିୟମ କରାଯାଇଛି। ଯଦି କେହି ଏଥିରେ ଖିଲାପ କରନ୍ତି, ତେବେ ପ୍ରଥମ ମାସରେ କାରଣ ଦର୍ଶାଅ ନୋଟିସ୍ କରାଯିବ। ସେହିପରି ଦ୍ୱିତୀୟ ମାସରେ ସମାନ ଭୁଲ୍ କଲେ ଦରମା ବନ୍ଦ କରାଯିବା ଲାଗି କଡାକଡି ନିର୍ଦ୍ଦେଶ ରହିଛି। କିଏ ଚାଲି ଚାଲି ପାଟ୍ରୋଲିଂ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଏକ ସ୍ୱତନ୍ତ୍ର ଆପ୍ ବ୍ୟବହାର କରାଯାଇଛି। ଯେଉଁଥିରେ ଚାଲି ଚାଲି ଯିବା, ଗାଡ଼ିରେ ଯିବା ସବୁ ଜଣାପଡ଼ିବ। ଏସବୁକୁ ଏସିଏଫ୍‌ମାନେ ତଦାରଖ କରୁଛନ୍ତି। ଚାଲି ଚାଲି ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀଙ୍କ ପାଇଁ ଦୁଇଟି ଭିନ୍ନ ଭିନ୍ନ ଆପ୍ ରହିଛି। ଗୋଟିଏ ଶିମିଳିପାଳ ବନ ବିଭାଗ କର୍ମଚାରୀ ବ୍ୟବହାର କରୁଥିବା ବେଳେ ଅନ୍ୟଟି ବିଭିନ୍ନ ବନଖଣ୍ଡର ବନ ବିଭାଗ କର୍ମଚାରୀ ବ୍ୟବହାର କରୁଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

Gharabari plots with boundary wall at Balianta ready to construction for sale. Contact: 9438620034. D-0414

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399. D-0410

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

Duplex sale at Bhubaneswar @ 55 lakhs only. Contact: 9777433701. D-74864


FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Full body massage in homely atmosphere in all therapy. Mob: 8114881641. D-73431

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer @799, Master Canteen. 9124527173. D-75107

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74685

### AFFIDAVIT
I, Sarika Jena, W/o- Banesh Kumar Jena, resident of Block G, Flat No.-301, Utkal Vatika, Jharapada, Laxmisagar, Bhubaneswar-751006, Dist.- Khordha, Odisha declare by this affidavit No.-631 dated 22.05.2023 that now onwards I shall be known as Sarika Jena for all future purposes. D-63234

I Babula Rath, S/o. Purusottam Rath, At-Karadamada, PO- Kalikaprasad, Via- Bhapur, PS-Sadar, Dist-Dhenkanal sworn by affidavit before Executive Magistrate, Dhenkanal, my name has changed from Kuma Rath to Babula Rath. Heneceforth I shall be known as Babula Rath for all purposes. D-74069

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁମତୀ ପେଡ଼ା
ମାର୍କୋଣା, ବାଲେଶ୍ୱର
ଆବିର୍ଭାବ: ୨୦।୦୩।୧୯୪୭
ତିରୋଧାନ: ୧୩।୦୫।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ସ୍ୱାମୀ: କୈଳାସ ଚନ୍ଦ୍ର ପେଡ଼ା, ପୁତ୍ର, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୦୪୦୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବେଙ୍ଗଲତା ମହାନ୍ତି
ଜଗନ୍ନାଥପଡ଼ା, କୋଣାର୍କ, ପୁରୀ
ଆବିର୍ଭାବ : ୧୯୩୪
ତିରୋଧାନ : ୦୩.୦୬.୨୦୨୨
ତୁମ ଚାଲିଯିବାର ଏକ ବର୍ଷ ବିତିଗଲା ସତ; ମାତ୍ର ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସରଳତା ଆମପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି, ମୁକ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପୁତ୍ର-ପୁତ୍ରବଧୂ : ପୂର୍ଣ୍ଣଚନ୍ଦ୍ର-ଉର୍ମିଳା, ଗୁଣନିଧି-ନମିତା, ଗଙ୍ଗାଧର-ଶୁକାନ୍ତି, ସାରଙ୍ଗ-ମାମି, ମନୋଜ-ବିଷ୍ଣୁପ୍ରିୟା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୦୪୧୧

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହିଲ୍ସ କିଣିବା ପୂର୍ବରୁ...

ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ମହିଳାମାନେ ନିଜ ଆଉଟ୍‌ଫିଟ୍‌ରେ ହିଲ୍ସକୁ ବାଛିଥାନ୍ତି। ହେଲେ ଠିକ୍‌ଭାବେ ହିଲ୍ସ ପିନ୍ଧି ନ ପାରିଲେ ସୌନ୍ଦର୍ଯ୍ୟ ବୃଦ୍ଧି ହେବା ବଦଳରେ ବିପରୀତ ପ୍ରଭାବ ପଡ଼ିବ। ତେଣୁ ହିଲ୍ସ ପିନ୍ଧିବାପୂର୍ବରୁ ଜାଣିରଖନ୍ତୁ।



➤ହିଲ୍ସ କିଣିବା ସମୟରେ ନିଜ ପାଦର ସାଇଜ୍ ପୂରା ଠିକ୍ ହେଉଛି କି ନାହିଁ ଭଲଭାବେ ପରୀକ୍ଷା କରନ୍ତୁ। ନଚେତ୍ ହିଲ୍ସ ଟିକେ ବଡ଼ ଥିଲେ ବି ପିନ୍ଧିବାରେ ଅସୁବିଧା ହେବ। ବାରମ୍ବାର ଗୋଡ଼ ମୋଡ଼ି ହୋଇଯିବ କିମ୍ବା ଚାଲିପାରିବେ ନାହିଁ। ତେଣୁ ନିଜ ପାଦ ଅନୁସାରେ ଠିକ୍ ମାପର ହାଇ ହିଲ୍ସ କିଣନ୍ତୁ।

➤ହିଲ୍ସ ପିନ୍ଧି କୌଣସି ସ୍ଥାନକୁ ଯିବା ପୂର୍ବରୁ ଥରେ ପିନ୍ଧି ଅଭ୍ୟାସ କରନ୍ତୁ। ହିଲ୍ସ ପିନ୍ଧି କିଛି ସମୟ ବ୍ୟବହାର କରିବା ପରେ ଆପଣ ସେଥିରେ ସହଜ ଅନୁଭବ କରୁଛନ୍ତି କି ନାହିଁ ଜାଣିପାରିବେ। ହିଲ୍ସ ପିନ୍ଧିବାରେ ଯଦି ପାଦରେ ଦରଜ ହେଉଥାଏ ତେବେ କୌଣସି କ୍ରିମ୍ ଲଗାଇ ଦିଅନ୍ତୁ।

➤ଯଦି ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧିବାକୁ ଯାଉଥାନ୍ତି ତେବେ ବ୍ଲାକ୍ କଲରର ହିଲ୍ସ କିଣନ୍ତୁ। ଏହି ରଙ୍ଗର ହିଲ୍ସ ପ୍ରାୟତଃ ଆରାମଦାୟକ ହୋଇଥାଏ। ଆଉ ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧୁଥିଲେ ଆଦୌ ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ ନାହିଁ।

➤ହିଲ୍ସ ପିନ୍ଧିବା ଆରମ୍ଭ କରିବାବେଳେ ପ୍ରଥମେ ଛୋଟ ଉଚ୍ଚା ଥିବା ହିଲ୍ସ ପିନ୍ଧନ୍ତୁ। ଧୀରେ ଧୀରେ ଅଭ୍ୟାସ ହେବା ପରେ ହିଁ ଅଧିକ ହିଲ୍ସ କିମ୍ବା ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ।

# ଫ୍ରିଜ୍‌ରେ ଏମିତି ରଖନ୍ତୁ



ଠିକ୍ ଭାବରେ ଜିନିଷ ସାଇତି ରଖିଲେ ଫ୍ରିଜ୍ ଶୀଘ୍ର ଅପରିଷ୍କାର ହେବ ନାହିଁ। ତେଣୁ କେଉଁ ଜିନିଷ କେଉଁଠି ରଖିବେ ସେସମ୍ପର୍କରେ ଜାଣିରଖନ୍ତୁ।

– ପ୍ରତିଦିନ ବ୍ୟବହାର କରୁଥିବା ଜିନିଷକୁ ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ବଳକା ଖାଦ୍ୟକୁ ବି ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ଫଳରେ ରଖିଥିବା ଜିନିଷ ଭୁଲିବେ ନାହିଁ ଏବଂ ଖାଦ୍ୟ ନଷ୍ଟ ହେବନାହିଁ।

– ଜିନିଷର ପ୍ରକାର ଦେଖି ସେହି ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଅର୍ଥାତ୍ ସବୁ ପ୍ରକାର ଚକୋଲେଟ୍‌କୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଫଳ କିମ୍ବା ପରିବାକୁ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଏପରି କରିବା ଫଳରେ ଆପଣଙ୍କର ସମୟ ବଞ୍ଚିବା ସହିତ ଅଧିକ ଜିନିଷ ରଖିପାରିବେ।

– ଫ୍ରିଜ୍‌ରେ କେଉଁଠି ବୋତଲ ରଖିବେ, କେଉଁଠି ଟିଫିନ୍ ରଖିବେ ସେନେଇ ଠିକ୍ ଭାବେ ଚିନ୍ତାକରି ରଖନ୍ତୁ। ନଚେତ୍ ବେଳେବେଳେ ଫ୍ରିଜ୍ ଖୋଲିବା ମାତ୍ରେ ଅନେକ ଜିନିଷ ପଡ଼ି ନଷ୍ଟ ହୋଇଯାଏ।

– ଫ୍ରିଜ୍‌ରେ ଆପଣ ବଜାରରୁ ଅନ୍ୟ ଥାକ ଆଣି ଭିତରେ ଜିନିଷ ରଖିପାରିବେ। ଫ୍ରିଜ୍ ଭିତରେ ଛୋଟ ଛୋଟ ଢାଙ୍କୁଣୀ ଥିବା ବକ୍ସ ଭିତରେ ବିଭିନ୍ନ ପ୍ରକାର ଜିନିଷ ଆରାମରେ ରଖିପାରିବେ। ଏପରି କରିବା ଫଳରେ ଅଧିକ ସ୍ଥାନ ମିଳିପାରିବ।

– ଫ୍ରିଜ୍‌କୁ ଅଳ୍ପ ମଇଳା ହେବା ମାତ୍ରେ ସଫା କରିଦିଅନ୍ତୁ। ଟିସୁ ପେପର ସାହାଯ୍ୟରେ ଫ୍ରିଜର ଟ୍ରେ କିମ୍ବା ଅନ୍ୟ ଥାକ ସବୁ ପୋଛି ଦିଅନ୍ତୁ। ଫ୍ରିଜ୍‌ରେ କୌଣସି ପ୍ରକାର ଫଳ କିମ୍ବା ପରିବା ପଚିଯାଇଥିଲେ ତୁରନ୍ତ ସଫାକରି ଦିଅନ୍ତୁ। ଫ୍ରିଜ୍‌କୁ ଗନ୍ଧହେବାକୁ ଦିଅନ୍ତୁ ନାହିଁ।

# ସ୍ୱପ୍ନ ପାଇଁ...





ଆଗ କ୍ୟାରିୟର ତା'ପରେ ବାହାଘର। ଏମିତି ଏକ ଲକ୍ଷ୍ୟ ନେଇ ନିଜକୁ ପ୍ରସ୍ତୁତ କରୁଛନ୍ତି ଆଜିର ଉଚ୍ଚଶିକ୍ଷିତା ଯୁବତୀ। କିନ୍ତୁ ବେଳେବେଳେ ଚାକିରି କରିବା ପୂର୍ବରୁ ବିବାହ ହୋଇଯାଉଛି। ସେମିତି କ୍ଷେତ୍ରରେ ଏବେ ଦେଖିବାକୁ ମିଳୁଛି ଶାଶୁଘର ଲୋକ ବି ଝିଅଟିର ସ୍ୱପ୍ନ ପୂରା କରିବାକୁ ସହଯୋଗର ହାତ ବଢ଼ାଉଛନ୍ତି।

ଭଲ କ୍ୟାରିୟର ଗଢ଼ି ଭବିଷ୍ୟତ ସଜାଡ଼ିବାକୁ ସବୁ ଆଧୁନିକ ମହିଳା ଇଚ୍ଛା କରିଥାନ୍ତି। ଏମିତିକି କ୍ୟାରିୟରକୁ ସଜାଡ଼ିବା ପାଇଁ କେତେକେ ବିବାହକୁ ବନ୍ଧନ ଭାବି ଏଡ଼ାଇ ଯାଆନ୍ତି। ହେଲେ ଏମିତି ବି ଅନେକ ଅଛନ୍ତି ଯେଉଁମାନେ ବିବାହ ପରେ ହିଁ କ୍ୟାରିୟର ଗଢି ନିଜ ସ୍ୱପ୍ନ ପୂରା କରିପାରିଛନ୍ତି।

**କ୍ୟାରିୟର ପ୍ରାଥମିକତା:** ଆଜିକାଲିର ଉଚ୍ଚଶିକ୍ଷିତା ଝିଅମାନେ ପ୍ରଥମେ ଚାକିରି କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ପାଇଁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଚାକିରି ଲକ୍ଷ୍ୟରେ ହିଁ ବିଭିନ୍ନ ପ୍ରକାର ପାଠ ପଢୁଛନ୍ତି। ବିବାହ ହେଉ କି ନ ହେଉ କିନ୍ତୁ କ୍ୟାରିୟର କରି ଚାକିରି କରିବା ସବୁ ଝିଅଙ୍କ ପ୍ରାଥମିକତା ହେଉଛି। ଅବଶ୍ୟ କେତେଜଣ ବିଭିନ୍ନ କାରଣରୁ ବିବାହ ପୂର୍ବରୁ ଚାକିରି କରି ପାରି ନ ଥାନ୍ତି, କିନ୍ତୁ ଚାକିରି କରିବା ନିମନ୍ତେ ନିଜକୁ ଯୋଗ୍ୟ କରିଥାନ୍ତି। ତେଣୁ ବିବାହ ପରେ ଶାଶୁଘରେ ସମସ୍ତଙ୍କ ଅନୁମତି ନେଇ ସେମାନେ ନିଜ କ୍ୟାରିୟର ବାଛି ସ୍ୱପ୍ନ ପୂରା କରିଥାନ୍ତି।

**ସମ୍ମାନରେ ଆଞ୍ଚ ନ ଆସୁ:** ବେଳେବେଳେ ଝିଅକୁ ପାଠ ପଢ଼ାଇ ସମ୍ପୂର୍ଣ୍ଣ ଯୋଗ୍ୟ କରିବାକୁ ସବୁ ପ୍ରକାର ସହଯୋଗ କରିଥାନ୍ତି ପରିବାର ଲୋକେ। କିନ୍ତୁ ଚାକିରି କରିବା ସମୟ ଆସିଲେ ସେମାନେ ପ୍ରତିବନ୍ଧକ ସାଜିଥାନ୍ତି। ଝିଅମାନେ ଚାକିରିକରି ରୋଜଗାର କରିବାକୁ ଅନେକେ ନିଜ ସମ୍ମାନରେ ଆଞ୍ଚ ଆସିବା ଭଳି ମନେକରିଥାନ୍ତି। ଏହି କାରଣରୁ ବି ବିବାହ ପୂର୍ବରୁ କେତେଜଣ ଯୁବତୀ ଚାକିରି କରିବାର ସୁଯୋଗ ପାଇ ନ ଥାନ୍ତି। ଆଉ ଯଦି ବିବାହ ପରେ ସେମାନଙ୍କୁ ଶାଶୁଘରେ କ୍ୟାରିୟର ଗଢ଼ିବାର ଅନୁମତି ମିଳେ ତା'ହେଲେ ସେମାନେ ନିଜର ଏକ ପରିଚୟ ସୃଷ୍ଟି କରିବାର ସୁଯୋଗ ପାଇଥାନ୍ତି।

**ସବୁବେଳେ ସମ୍ମତି ମିଳେନି:** ଝିଅମାନେ ଏବେ ସବୁକ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରୁଛନ୍ତି। କେତେଜଣ ଏମିତି କିଛି କ୍ୟାରିୟର ବାଛୁଛନ୍ତି ଯେଉଁଥିପାଇଁ ସେମାନଙ୍କୁ ଘର ଛାଡ଼ି ଦୂରକୁ ଯିବାକୁ ପଡୁଛି। ତେଣୁ ଅନେକ ସମୟରେ ପରିବାର ଲୋକେ ଝିଅମାନଙ୍କୁ ଘରଠାରୁ ଦୂରକୁ ଛାଡ଼ିବା ପାଇଁ ରାଜି ହୁଅନ୍ତି ନାହିଁ। ସେହି କାରଣରୁ କେତେଜଣ ଯୁବତୀ ବିବାହ ପୂର୍ବରୁ ଚାକିରି ବି କରିପାରି ନ ଥାନ୍ତି। ତେଣୁ ବିବାହ ପରେ ଜୀବନସାଥୀଙ୍କ ସହଯୋଗ ମିଳିଲେ ସେମାନେ ଚାକିରି କରି ନିଜ ସାମର୍ଥ୍ୟ ପ୍ରତିପାଦନ କରିପାରିଥାନ୍ତି।

**ଦ୍ୱନ୍ଦ୍ୱରେ:** ବିବାହ ପରେ ଝିଅ ଶାଶୁଘର କେଉଁଠି ହେବ ସେକଥା ଅନେକଙ୍କୁ ଜଣା ନ ଥାଏ। ତେଣୁ ବିବାହ ପରେ ଶାଶୁଘର ଲୋକଙ୍କ ସହ ରହିବାକୁ ହେଲେ ଅନେକ ସମୟରେ ଝିଅମାନଙ୍କୁ ହିଁ ଚାକିରି ଛାଡ଼ିବାକୁ ପଡ଼ିଥାଏ। କିନ୍ତୁ ବେଳେବେଳେ ଭଲ ଚାକିରି ଛାଡ଼ି ହୁଏନାହିଁ କି ଭଲ ବିବାହ ପ୍ରସ୍ତାବକୁ ବି ଛାଡିହୁଏ ନାହିଁ। ତେଣୁ ଏଭଳି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କେତେକ ପରିବାରରେ ଝିଅମାନଙ୍କୁ ବିବାହ ପୂର୍ବରୁ ଚାକିରି କରିବା ପାଇଁ ପ୍ରାୟତଃ ମନା କରିଥାନ୍ତି। ବରଂ ଶାଶୁଘର କେଉଁଠି ଜଣାପଡ଼ିବା ପରେ ସେମାନେ ନିଜ କ୍ୟାରିୟର ସେହି ଅନୁସାରେ ଗଢ଼ିବେ ବୋଲି ସମସ୍ତେ ଚିନ୍ତା କରିଥାନ୍ତି। ଏହି ଦୃଷ୍ଟିରୁ ବିବାହ ପରେ ହିଁ ସେହି ମହିଳା କ୍ୟାରିୟର ଲାଗି ଶାଶୁଘର ଲୋକଙ୍କ ଅନୁମତିକୁ ଅପେକ୍ଷା କରନ୍ତି।





## ଏମାନେ କ'ଣ କରନ୍ତି



### କ୍ୟାରିୟର ଗଢ଼ିପାରିଛି

ଚାକିରି କରିବା ଉଦ୍ଦେଶ୍ୟରେ ମତେ ଘରେ ପାଠ ପଢ଼ିବା ପାଇଁ ସବୁ ପ୍ରକାର ସୁଯୋଗ ଦେଇଥିଲେ। ଗ୍ରାଜୁଏଶନ ପରେ ମୁଁ କମ୍ପ୍ୟୁଟର କୋର୍ସ କରି ଚାକିରି କରିବା ପାଇଁ ବିଭିନ୍ନ ସ୍ଥାନରୁ ଅଫର ବି ପାଇଥିଲି। କିନ୍ତୁ ଶାଶୁଘର ଲୋକେ ଅନୁମତି ଦେଲେ ଚାକିରି କରିବୁ କହି ବିବାହ ଆଗରୁ ଆମ ଘରେ ଚାକିରି କରିବାକୁ ଦେଇ ନ ଥିଲେ। ଅବଶ୍ୟ ମୋର ଭାଗ୍ୟ ବହୁତ ଭଲ ଯେ ଶାଶୁଘରେ ମତେ ଚାକିରି କରିବାକୁ କେହି ବି ବାରଣ କରିନାହାନ୍ତି। ସ୍ୱାମୀ ତଥା ଶାଶୁଶ୍ୱଶୁରଙ୍କ ସମର୍ଥନରେ ମୁଁ ଏବେ ମୋ କ୍ୟାରିୟର ଗଢ଼ିବାର ସ୍ୱପ୍ନ ପୂରଣ କରିପାରିଛି। ତା'ଛଡ଼ା ଏବେ ମୁଁ ଭଲ ରୋଜଗାର କରି ନିଜ ଆତ୍ମବିଶ୍ୱାସ ବଢ଼ାଇ ପାରିଛି।

*– ରଶ୍ମିରେଖା ପ୍ରକାଶ*
*କର୍ମଜୀବୀ, ଶ୍ରୀସାଇ ବିହାର, ଜଗନ୍ନାଥନଗର, ଭୁବନେଶ୍ୱର*



### ଘରେ ମନା କରିଥିଲେ

ଶିକ୍ଷୟିତ୍ରୀଟିଏ ହେବା ଲକ୍ଷ୍ୟରେ ଆରମ୍ଭରୁ ମୁଁ ନିଜକୁ ପ୍ରସ୍ତୁତ କରୁଥିଲି। ଏହା ଭିତରେ କିଛି ପ୍ରାଇଭେଟ୍ କମ୍ପାନୀରେ ମତେ କାମ କରିବା ପାଇଁ ସୁଯୋଗ ବି ମିଳିଥିଲା। କିନ୍ତୁ ଶାଶୁଘର କେଉଁଠି ହେବ ଭାବି ଘରଲୋକେ ମତେ ଚାକିରି କରିବା ପାଇଁ ଦେଇ ନ ଥିଲେ। ସେମାନଙ୍କ କଥାରେ ଚାକିରି କରିବା ପୂର୍ବରୁ ମତେ ପ୍ରଥମେ ବିବାହ କରିବାକୁ ପଡ଼ିଲା। କିନ୍ତୁ ବିବାହ ପରେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ ଜାରି ରଖିଥିଲି। ଏହି କାରଣରୁ ମତେ ଶାଶୁଘରେ ସମସ୍ତେ ସହଯୋଗ କରିବା ପାଇଁ ଆଗେଇ ଆସିଲେ। ଆଉ ଚାକିରି କରିବା ପାଇଁ ମୋ ସ୍ୱାମୀ ମଧ୍ୟ ଯଥାସାଧ୍ୟ ସାହାଯ୍ୟ କରିଛନ୍ତି। ସେମାନଙ୍କ ଇଚ୍ଛା ଓ ସହଯୋଗ ଫଳରେ ଶେଷରେ ମତେ ପ୍ରାଇମେରି ସ୍କୁଲରେ ଶିକ୍ଷୟିତ୍ରୀଭାବେ ନିଯୁକ୍ତି ମିଳିଛି। ଏଇ କ୍ୟାରିୟରକୁ ନେଇ ଏବେ ମୁଁ ଯେତିକି ଖୁସି ତା'ଠାରୁ ବେଶି ଖୁସି ମୋ ପରିବାର ଲୋକେ।

*– ସୁଭଦ୍ରା ଦାସ*
*ଶିକ୍ଷୟିତ୍ରୀ, ପୋଲସରା, ଗଞ୍ଜାମ*



ସୌନ୍ଦର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ



ଖରାଦିନେ ତ୍ୱଚାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ। ତେବେ ତ୍ୱଚାର ସମସ୍ୟା ଦୂରକରିବା ପାଇଁ ଠିକ୍ ସମୟରେ ତା'ର ଉପଚାର କରିବାକୁ ଭୁଲନ୍ତୁ ନାହିଁ।



■ଖରାଦିନେ ମୁହଁର ତ୍ୱଚାକୁ ଧୂଳି ଏବଂ ଝାଳହେବାରୁ ଦୂରେଇ ରଖନ୍ତୁ। ଝାଳ ସହ ଅତ୍ୟଧିକ ଧୂଳି ରହିଲେ ଖୁବ୍‌ଶୀଘ୍ର ମୁହଁରେ ବ୍ରଣ ହୋଇଥାଏ। ତେଣୁ ଦିନକୁ ଅତି କମ୍‌ରେ ୩/୪ ଥର ମୁହଁ ଧୁଅନ୍ତୁ। କିନ୍ତୁ ସବୁଥର ଫେସ୍ ୱାଶ୍ ଲଗାନ୍ତୁ ନାହିଁ। ମୁହଁ ସଫା କରିବା ପାଇଁ ମୁଲତାନୀ ମାଟି, ଚନ୍ଦନ କିମ୍ବା ରୋଜ୍ ୱାଟର ବ୍ୟବହାର କରନ୍ତୁ।

■ଖରାଦିନେ ଶୀତଦିନର କ୍ରିମ୍ ଲଗାନ୍ତୁ ନାହିଁ। ଲାଇଟ୍ ଲୋସନ କିମ୍ବା ସେରମ ଲଗାନ୍ତୁ। ୱାଟର ଏବଂ ଜେଲ୍ ଥିବା ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ତୈଳୀୟ ତ୍ୱଚା ନିମନ୍ତେ ମିନେରାଲ ଫେସିଆଲ ସ୍ପ୍ରେ ବ୍ୟବହାର କରନ୍ତୁ। ସ୍ନାନ କରୁଥିବା ପାଣିରେ ଗ୍ଲିସେରିନ୍ ଏବଂ ରୋଜ ୱାଟର ପକାନ୍ତୁ।

■ଖରାଦିନେ ବି ତ୍ୱଚା ଶୁଷ୍କ ହୋଇଥାଏ। ତେଣୁ ଶୋଇବା ପୂର୍ବରୁ ସଫାକରି ତ୍ୱଚାରେ ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ଝାଳ ବାହାରୁଥିଲେ ଟୋନର ଲଗାନ୍ତୁ।

■ଟାଣଖରାରେ ବାହାରକୁ ବାହାରୁଥିଲେ ସନ୍ ଗ୍ଲାସ୍ ଏବଂ ଲିପ୍ ବାମ୍ ନିଶ୍ଚୟ ଲଗାନ୍ତୁ। ଏହା ସହିତ ସନ୍‌ସ୍କ୍ରିନ୍ ଲୋଶନ ମଧ୍ୟ ଲଗାନ୍ତୁ।

■ଖରାଦିନେ ଦୁଇଥର ସ୍ନାନକଲେ ତ୍ୱଚା ଫ୍ରେଶ୍ ରହିଥାଏ। ଯଦି ଘିମିରି ହେଉଥାଏ ତେବେ ପାଣିରେ ନିମ୍ବପତ୍ର ପକାଇ ସ୍ନାନ କରନ୍ତୁ।

■ଭିଟାମିନ୍ ସି ଥିବା କ୍ରିମ୍ ବ୍ୟବହାର କରନ୍ତୁ। ହାତ ଏବଂ ପାଦକୁ କିଛି ସମୟ ଲୁଣ ପାଣିରେ ଭିଜାଇଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ।

ଖାଦ୍ୟରୁଚି

# ଚୁଡ଼ା ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ**
ଚୁଡ଼ା– ଅଧା କପ୍
ସୁଜି– ଅଧା କପ୍
ଦହି– ଅଧା କପ୍
ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ

**ଷ୍ଟଫିଂ ନିମନ୍ତେ–**
ପିଆଜ– ଅଧାକପ୍ ଛୋଟ କଟାହୋଇଥିବା
ବିନ୍ସ, ଗାଜର ଓ କ୍ୟାପ୍ସିକମ୍– ଛୋଟ ଛୋଟ କଟା

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମକରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟ କରି ଢାଳନ୍ତୁ ଓ ଉପରେ କଟାହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରିଦିଅନ୍ତୁ। ଏହାକୁ ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ Bhubaneswar, Tuesday, May 23/ 2023

# ଏସିଆନ ଗେମ୍ସ ଉପରେ ଫୋକସ



ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ୟୁରୋପ ଗସ୍ତ କରିଥିବା ଭାରତୀୟ ହକି ଦଳ।

**ବେଙ୍ଗାଲୁରୁ, ୨୨।୫**

ୟୁରୋପରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାପାଇଁ ଭାରତୀୟ ହକି ଦଳ ସୋମବାର ଲଣ୍ଡନ ଯାତ୍ରା କରିଛି। ମେ ୨୬ରୁ ଆରମ୍ଭ ହେଉଥିବା ଏହି ଗସ୍ତରେ ଭାରତୀୟ ଦଳ ପ୍ରଥମ ପର୍ଯ୍ୟାୟରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ଏବଂ ଆୟୋଜକ ଗ୍ରେଟ୍ ବ୍ରିଟେନକୁ ଭେଟିବ। ବେଲଜିୟମ ବିପକ୍ଷରେ ୨୬ ଓ ଜୁନ୍ ୨ରେ ଏବଂ ବ୍ରିଟେନ ବିପକ୍ଷରେ ମେ ୨୭ ଓ ଜୁନ୍ ୩ରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ

**ୟୁରୋପ ଗସ୍ତରେ ଭାରତୀୟ ହକି ଦଳ**

ଭାରତୀୟ ଦଳ ଇନ୍ଧୋଭେନ ଯାଇ ଆୟୋଜକ ନେଦରଲାଣ୍ଡ (ଜୁନ୍ ୭ ଓ ୧୦) ଏବଂ ଆର୍ଜେଣ୍ଟିନା (ଜୁନ୍ ୮ ଓ ୧୧) ବିପକ୍ଷରେ ଖେଳିବ। ''ଆମେ ଆଗାମୀ ଦିନରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରୋ ଲିଗ୍ ମ୍ୟାଚ ଖେଳିବାକୁ ଯାଉଛୁ। ବର୍ତ୍ତମାନ ଆମେ ଟେବୁଲରେ ଦୃଢ଼ ସ୍ଥିତିରେ ରହିଛୁ। ଆସନ୍ତା ମ୍ୟାଚ ଗୁଡ଼ିକରୁ ଯଥା ସମ୍ଭବ ଅଧିକ ପଏଣ୍ଟ ସଂଗ୍ରହ ପାଇଁ ଚେଷ୍ଟା କରିବୁ। କ୍ୱାଲିଟି ଟିମ୍ ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିବାରୁ ଆମେ ଏହି ଟୁର୍‌କୁ ନେଇ ଉତ୍ସାହିତ ଅଛୁ। ଚଳିତ ବର୍ଷ ଶେଷ ଭାଗରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଆମେ ଏଥିପାଇଁ ପ୍ରସ୍ତୁତି ପଥରେ ରହିଥିବାରୁ ଆଗାମୀ ମ୍ୟାଚ ଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ'' ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଏହା ପୂର୍ବରୁ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜେୟ ରହିଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ଭାରତୀୟ ଦଳର ମନୋବଳ ବଢ଼ାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଜାତୀୟ କୋଚିଂ କ୍ୟାମ୍ପରେ ମଧ୍ୟ ଜାତୀୟ ଦଳର ଖେଳାଳିମାନେ ଉତ୍ତମ ଟ୍ରେନିଂ କରିଛନ୍ତି। ତେଣୁ ମୋମେଣ୍ଟମ ବଜାୟ ରଖିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି ହରମନପ୍ରୀତ। ନବନିଯୁକ୍ତ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ ୟୁରୋପରେ ମ୍ୟାଚ ଖେଳିବ।

## ସାଇକ୍ଲିଂରୁ ଅବସର ନେବେ କାଭେଣ୍ଡିସ୍

**କୋକାଗ୍ଲିଓ (ଇଟାଲୀ), ୨୨।୫ (ଏପି):** ଚଳିତ ବର୍ଷ ସିଜନ ଶେଷରେ ସାଇକ୍ଲିଂରୁ ଅବସର ନେବେ ଭେଟେରାନ ସ୍ପ୍ରିଣ୍ଟ ସ୍ପେସାଲିଷ୍ଟ ମାର୍କ କାଭେଣ୍ଡିସ। ଟୁର୍ ଡି' ଫ୍ରାନ୍ସରେ ସର୍ବାଧିକ ଷ୍ଟେଜ୍ ବିଜୟ ହାସଲ କରିବାରେ ଦୀର୍ଘଦିନ ଧରି ରହିଥିବା ରେକର୍ଡକୁ ହୁଏତ ଏଥର ସେ ଭାଙ୍ଗିବାକୁ ଚେଷ୍ଟ କରିବେ। ଅଷ୍ଟାନା କାଜାକସ୍ତାନ ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ରିଟିଶ ଡ୍ରାଇଭର



ରବିବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୫ ବର୍ଷରୁ ଅଧିକ ସମୟ ଧରି ସାଇକ୍ଲିଂ ତାଙ୍କ ଜୀବନ ହୋଇ ରହିଆସିଛି। ଚଳିତବର୍ଷ ଗିରୋ ଡି' ଇଟାଲିଆର ଅନ୍ତିମ ବିଶ୍ରାମ ଦିବସରେ କାଭେଣ୍ଡିସ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି, ଯେଉଁଠାରେ ସେ ତାଙ୍କର ୫୩ତମ ଗ୍ରାଣ୍ଡ ଟୁର୍ ଷ୍ଟେଜ ବିଜୟ ଲକ୍ଷ୍ୟ ରଖିଛନ୍ତି।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଦୀପ୍ ରଞ୍ଜନ ବିଷୋୟୀର

**ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ସିଙ୍ଗଲ୍ସ ସେମିଫାଇନାଲରେ ହାରି ଯାଇଥିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ ପଦକ ପାଇଛନ୍ତି। ସୋମବାର ଅନୁଷ୍ଠିତ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ



ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ।

ଭେଟିବେ। ସେହିପରି ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଡବଲ୍ସ ସେମିରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ତରୁଣ ଓ ନିତେଶ କୁମାରଙ୍କୁ ଭେଟିବେ।

# ସମୀର ବର୍ମା ଜିତିଲେ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ, ୨୨।୫(ପି.ଟି.)**

ସ୍ଲୋଭେନିଆର ମାରିବୋର୍‌ଠାରେ ଅନୁଷ୍ଠିତ ସ୍ଲୋଭେନିଆ ଓପନ୍ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ତାଇୱାନ୍‌ର ସୁ ଲି ୟାଙ୍ଗ୍‌ଙ୍କୁ ୨୧-୧୮, ୨୧-୧୪ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ କାପୁର ଓ ସିକ୍କି ରେଡ୍ଡୀ ରନରଅପ୍ ସହ ରୌପ୍ୟ ଜିତିଛନ୍ତି। କାପୁର

**ସ୍ଲୋଭେନିଆ ଓପନ୍ ବ୍ୟାଡ୍‌ମିଣ୍ଟନ**

ଓ ରେଡ୍ଡୀ ସେମିଫାଇନାଲରେ ଡେନ୍‌ମାର୍କର ମ୍ୟାଡ୍ସ ଭେଷ୍ଟରଗାର୍ଡ ଓ ଖ୍ରୀଷ୍ଟିନି ବସ୍କଙ୍କୁ ପରାଜିତ କରିଥିଲେ। ଫାଇନାଲରେ କିନ୍ତୁ ସେମାନେ ଡେନ୍‌ମାର୍କର ଅନ୍ୟ ଏକ ଯୋଡ଼ି ସେପର ଟଫ୍ଟ ଓ କ୍ଲାରା ଗ୍ରାଭେସେନ୍‌ଙ୍କଠାରୁ ୧୨-୨୧, ୧୩-୨୧ରେ ହାରିଯାଇଥିଲେ।

## ଡବ୍ଲ୍ୟୁଟିସି ଫାଇନାଲ ପାଇଁ ହାଜେଲଉଡ୍ ଫିଟ୍

**ମେଲବୋର୍ନ, ୨୨।୫ (ପି.ଟି.):** କ୍ରିକେଟ ଅଷ୍ଟ୍ରେଲିଆ ଦେଶର ପୁରୁଖା ସ୍ୱିଙ୍ଗ୍‌ଷ୍ଟର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ଫିଟ୍ ଘୋଷଣା କରିବା ସହ ଏହି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି କହିଛି। ଭାରତ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଲଣ୍ଡନର ଓଭାଲଠାରେ ହେବ। ୫ ମ୍ୟାଚ୍‌ବିଶିଷ୍ଟ ଆସେସ୍ ସିରିଜ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ତରଫରୁ ଖେଳୁଥିବା ୩୨ ବର୍ଷୀୟ ହାଜେଲ୍‌ଉଡ ଆଘାତପ୍ରାପ୍ତ ହୋଇ ଦୁଇ ସପ୍ତାହ ପୂର୍ବରୁ ନିଜ ଦେଶକୁ ଫେରିଯାଇଥିଲେ। ଫଳରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ସେ ଖେଳିପାରିବେ କି ନା ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୟୁନାଇଟେଡ୍ କିଙ୍ଗ୍‌ଡମ୍(ୟୁକେ) ଗସ୍ତ ପାଇଁ ହାଜେଲଉଡ୍ ଫିଟ୍ ବୋଲି ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।

# ଦର୍ଶନାଙ୍କୁ ତୃତୀୟ ସ୍ଥାନ

**ଅଲ୍‌ମାଟି, ୨୨।୫(ପି.ଟି.)**

ଆଇଏସ୍ଏସ୍ଏଫ୍ ଶଟ୍‌ଗନ୍ ବିଶ୍ୱକପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ସ୍କିଟ୍ କ୍ୱାଲିଫିକେଶନରେ ପୂର୍ବତନ ଜାତୀୟ ଚାମ୍ପିୟନ ଓ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବିଜେତା ଦର୍ଶନା ରାଠୋର ୭୧ ଶଟ୍ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀସ୍‌ର ଏମାନୋଏଲା କାଟ୍‌ଜୋରାକି ୭୨ ଶଟ୍ ସହ ପ୍ରଥମ ସ୍ଥାନରେ ରହିଥିଲେ। ମଙ୍ଗଳବାର ଦୁଇଟି ଫାଇନାଲ କ୍ୱାଲିଫିକେଶନ ରାଉଣ୍ଡ ହେବ। ଶ୍ରେଷ୍ଠ ୮ ସେହି ଦିନ ହେବାକୁଥିବା ଫାଇନାଲକୁ ଉନ୍ନୀତ ହେବେ। ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଦର୍ଶନା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସାଥୀ ଶୁଟର ଗାନେମତ ସେଖନ ୬୯ ଶଟ୍ ସହ ପ୍ରତିଯୋଗୀମାନଙ୍କ ମଧ୍ୟରେ ୯ମ ସ୍ଥାନରେ ରହିଥିବା ବେଳେ ମାହେଶ୍ୱରୁ ଚୌହାନ ୬୭ ଶଟ୍ ସହ ଆହୁରି ପଛରେ ରହିଥିଲେ। ପୁରୁଷ ସ୍କିଟ୍‌ରେ ଶୁଟରମାନେ ସମସ୍ତ ୩ ରାଉଣ୍ଡ ଶେଷ କରିବାରେ ବିଫଳ ହୋଇଥିଲେ। ସେମାନଙ୍କ

**ଶଟ୍‌ଗନ୍ ବିଶ୍ୱକପ୍**

ମଧ୍ୟରୁ ମିରାଜ ଅହମ୍ମଦ ଖାଁ ପ୍ରତିଯୋଗୀମାନଙ୍କ ମଧ୍ୟରେ ୧୨ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ଆହୁରି ୧୯ ଶଟ୍ ବାକି ରହିଥିଲା। ଗୁର୍‌ଜୋତ ଖାଙ୍ଗୁରା ୭୨ ସହ ୧୭ତମ ସ୍ଥାନରେ ରହିଥିବା ବେଳେ ଅନନ୍ତଜିତ୍ ସିଂ ନାରୁକା ୭୦ ଶଟ୍ ସହ ୩୧ତମ ସ୍ଥାନରେ ରହିଛନ୍ତି। ପୁରୁଷ ସ୍କିଟ୍ ଫାଇନାଲ୍ସ ମଙ୍ଗଳବାର ହେବ।

# ଭିନ୍ନ ଅଭିଜ୍ଞତା ସହ ଶ୍ରଦ୍ଧାଞ୍ଜଳିଙ୍କ ପ୍ରତ୍ୟାବର୍ତ୍ତନ

**ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)**

''୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ତୁଲାଇବାରେ ଭିନ୍ନ ଅଭିଜ୍ଞତା ରହିଲା। ଏହା ମୋତେ ଆତ୍ମସନ୍ତୋଷ ଦେବାସହ ଭବିଷ୍ୟତରେ ଆହୁରି ଦାୟିତ୍ୱର ସହ କାର୍ଯ୍ୟ କରିବାପାଇଁ ଉତ୍ସାହିତ କରିଛି'' ବୋଲି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶ୍ରଦ୍ଧାଞ୍ଜଳି ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲର ବିଭିନ୍ନ କାର୍ଯ୍ୟପାଇଁ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳର ସହକାରୀ କୋଚ୍‌ଭାବେ ଏବଂ ହିରୋ କପ୍ ଇଣ୍ଡିଆନ୍ସ



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରି ପାଖାପାଖି ୫ ମାସପରେ ଶ୍ରଦ୍ଧାଞ୍ଜଳି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର ରାଉଣ୍ଡର ୨ୟ ପର୍ଯ୍ୟାୟକୁ ଯୋଗ୍ୟତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହି ସମୟ ମଧ୍ୟରେ ତାଙ୍କଦ୍ୱାରା ପ୍ରଶିକ୍ଷିତ ଭାରତୀୟ ଦଳ ବାଂଲାଦେଶ ଓ କିର୍ଗିଜସ୍ତାନରେ ଏଏଫ୍‌ସି ପକ୍ଷରୁ ଆୟୋଜିତ ମ୍ୟାଚ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲା। ଏପରି ସଫଳତା ପାଇଁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ନିଯୁକ୍ତିଦାତା ନାଲ୍‌କୋ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ

**ମାଡ୍ରିଡ୍, ୨୨।୫(ପି.ଟି.)**

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିଅସ୍ ଜୁନିଅରଙ୍କୁ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ଏମିତି ଘଟଣା ଘଟିଥିଲା। ମେଷ୍ଟାଲ୍ଲା ଷ୍ଟାଡିୟମରେ ଏଭଳି ଘଟଣା ଘଟିଥିବା ବେଳେ ଖେଳକୁ କିଛି ମିନିଟ୍ ପାଇଁ ବନ୍ଦ ରଖାଯାଇଥିଲା। ସ୍ପାନିଶ୍ ଲିଗ୍‌ରେ ଏଭଳି ଘଟଣା ପ୍ରଥମ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏକଦା ସ୍ପାନିଶ ଲିଗ୍ ରୋନାଲ୍ଡିନୋ, ରୋନାଲ୍ଡୋ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଲିଗ୍ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଜାତିଆଣ ବାଦୀଙ୍କ ଲିଗ୍ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ୨ ବର୍ଷୀୟ ଭିନିସିଅସ୍ ୫ ବର୍ଷ ତଳେ ସ୍ପାନିଶ ଲିଗ୍ ଖେଳିବା ପାଇଁ ସ୍ପେନକୁ ସ୍ଥାନାନ୍ତରିତ ହୋଇଥିଲେ। ଦର୍ଶକ ମାନେ ଭିନିସିଅସଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଥିବା ବେଳେ ଏହାକୁ ନେଇ ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କୋଚ୍ ଭିନିସିଅସଙ୍କୁ ପଡିଆରୁ ବାହାରକୁ ନେଇଥିଲେ। ପଡିଆରୁ ବାହାରକୁ ଯିବା ସମୟରେ ଭିନିସିଅସ୍ ଭାଲେନ୍ସିଆ ଦର୍ଶକଙ୍କ ଆଡକୁ ମଝି ଆଙ୍ଗୁଳି ଦେଖାଇଥିଲେ, ଯାହାକୁ ଅନେକ ଖେଳାଳି ବିରୋଧ କରିଛନ୍ତି। ଭିନିସିଅସ ଭାଲେନ୍ସିଆ ସମର୍ଥକଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି ଭାଲେନ୍ସିଆ କୋଚ୍। ତେବେ ଏହି ମାମଲାରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଭିନିସିଅସଙ୍କୁ ସମର୍ଥନ କରିଛନ୍ତି। ଏମ୍‌ବାପେ ଏକ ଚିଠି ଲେଖିବା ସହିତ ଏହି ଲଢେଇରେ ତୁମେ ଏକୁଟିଆ ନାହଁ ଆମେ ତୁମ ସହିତ ଅଛୁ ବୋଲି ଲେଖାଯାଇଛି।



କୋଚ୍ କାର୍ଲୋ ଆନ୍ସେଲୋଟିଙ୍କ ସହ ଭିନିସିୟସ୍ ଜୁନିୟର।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଏସିଆନ ଗେମ୍ସ ଉପରେ ଫୋକସ



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ୟୁରୋପ ଗସ୍ତ କରିଥିବା ଭାରତୀୟ ହକି ଦଳ।

### ୟୁରୋପ ଗସ୍ତରେ ଭାରତୀୟ ହକି ଦଳ

ବେଙ୍ଗାଲୁରୁ, ୨୨।୫

ୟୁରୋପରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାପାଇଁ ଭାରତୀୟ ହକି ଦଳ ସୋମବାର ଲଣ୍ଡନ ଯାତ୍ରା କରିଛି। ମେ ୨୬ରୁ ଆରମ୍ଭ ହେଉଥିବା ଏହି ଗସ୍ତରେ ଭାରତୀୟ ଦଳ ପ୍ରଥମ ପର୍ଯ୍ୟାୟରେ ଅଲିମ୍ପିକ୍ସ ଚାମ୍ପିୟନ ବେଲ୍‌ଜିୟମ ଏବଂ ଆୟୋଜକ ଗ୍ରେଟ୍ ବ୍ରିଟେନକୁ ଭେଟିବ। ବେଲଜିୟମ ବିପକ୍ଷରେ ୨୬ ଓ ଜୁନ୍ ୨ରେ ଏବଂ ବ୍ରିଟେନ ବିପକ୍ଷରେ ମେ ୨୭ ଓ ଜୁନ୍ ୩ରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଦଳ ଇନ୍‌ଧୋଭେନ ଯାଇ ଆୟୋଜକ ନେଦରଲାଣ୍ଡ (ଜୁନ୍ ୭ ଓ ୧୦) ଏବଂ ଆର୍ଜେଣ୍ଟିନା (ଜୁନ୍ ୮ ଓ ୧୧) ବିପକ୍ଷରେ ଖେଳିବ। "ଆମେ ଆଗାମୀ ଦିନରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରୋ ଲିଗ୍ ମ୍ୟାଚ ଖେଳିବାକୁ ଯାଉଛୁ। ବର୍ତ୍ତମାନ ଆମେ ଟେବୁଲରେ ଦୃଢ଼ ସ୍ଥିତିରେ ରହିଛୁ। ଆସନ୍ତା ମ୍ୟାଚ ଗୁଡ଼ିକରୁ ଯଥା ସମ୍ଭବ ଅଧିକ ପଏଣ୍ଟ ସଂଗ୍ରହ ପାଇଁ ଚେଷ୍ଟା କରିବୁ। କ୍ୱାଲିଟି ଟିମ୍ ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିବାରୁ ଆମେ ଏହି ଟୁର୍‌କୁ ନେଇ ଉତ୍ସାହିତ ଅଛୁ। ଚଳିତ ବର୍ଷ ଶେଷ ଭାଗରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଆମେ ଏଥିପାଇଁ ପ୍ରସ୍ତୁତି ପଥରେ ରହିଥିବାରୁ ଆଗାମୀ ମ୍ୟାଚ ଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ" ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଏହା ପୂର୍ବରୁ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜେୟ ରହିଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ଭାରତୀୟ ଦଳର ମନୋବଳ ବଢ଼ାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଜାତୀୟ କୋଚିଂ କ୍ୟାମ୍ପରେ ମଧ୍ୟ ଜାତୀୟ ଦଳର ଖେଳାଳିମାନେ ଉତ୍ତମ ଟ୍ରେନିଂ କରିଛନ୍ତି। ତେଣୁ ମୋମେଣ୍ଟମ ବଜାୟ ରଖିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି ହରମନପ୍ରୀତ। ନବନିଯୁକ୍ତ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ ୟୁରୋପରେ ମ୍ୟାଚ ଖେଳିବ।

## ସାଇକ୍ଲିଂରୁ ଅବସର ନେବେ କାଭେଣ୍ଡିସ୍

**କୋକାଗ୍ଲିଓ (ଇଟାଲୀ), ୨୨।୫ (ଏପି):** ଚଳିତ ବର୍ଷ ସିଜନ ଶେଷରେ ସାଇକ୍ଲିଂରୁ ଅବସର ନେବେ ଭେଟେରାନ ସ୍ପ୍ରିଣ୍ଟ ସ୍ପେସାଲିଷ୍ଟ ମାର୍କ କାଭେଣ୍ଡିସ। ଟୁର୍ ଡି' ଫ୍ରାନ୍ସରେ ସର୍ବାଧିକ ଷ୍ଟେଜ୍ ବିଜୟ ହାସଲ କରିବାରେ ଦୀର୍ଘଦିନ ଧରି ରହିଥିବା ରେକର୍ଡକୁ ହୁଏତ ଏଥର ସେ ଭାଙ୍ଗିବାକୁ ଚେଷ୍ଟ କରିବେ। ଅଷ୍ଟାନା କାଜାକ୍‌ସ୍ତାନ ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ରିଟିଶ ଡ୍ରାଇଭର



ରବିବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୫ ବର୍ଷରୁ ଅଧିକ ସମୟ ଧରି ସାଇକ୍ଲିଂ ତାଙ୍କ ଜୀବନ ହୋଇ ରହିଆସିଛି। ଚଳିତବର୍ଷ ଗିରୋ ଡି' ଇଟାଲିଆର ଅନ୍ତିମ ବିଶ୍ରାମ ଦିବସରେ କାଭେଣ୍ଡିସ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି, ଯେଉଁଠାରେ ସେ ତାଙ୍କର ୫୩ତମ ଗ୍ରାଣ୍ଡ ଟୁର୍ ଷ୍ଟେଜ ବିଜୟ ଲକ୍ଷ୍ୟ ରଖିଛନ୍ତି।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୨।୫
(କ୍ରୀଡ଼ା ପ୍ରତିନିଧି)

### ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଦୀପ୍ ରଞ୍ଜନ ବିଷୋୟର ସିଙ୍ଗଲ୍ସ ସେମିଫାଇନାଲରେ ହାରି ଯାଇଥିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ ପଦକ ପାଇଛନ୍ତି। ସୋମବାର ଅନୁଷ୍ଠିତ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ ଭେଟିବେ। ସେହିପରି ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଡବଲ୍ସ ସେମିରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ତରୁଣ ଓ ନିତେଶ କୁମାରଙ୍କୁ ଭେଟିବେ।



ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ।

# ସମୀର ବର୍ମା ଜିତିଲେ ସ୍ୱର୍ଣ୍ଣ




### ସ୍ଲୋଭେନିଆ ଓପନ୍ ବ୍ୟାଡ୍‌ମିଣ୍ଟନ

ନୂଆଦିଲ୍ଲୀ, ୨୨।୫(ପି.ଟି.)

ସ୍ଲୋଭେନିଆର ମାରିବୋର୍‌ଠାରେ ଅନୁଷ୍ଠିତ ସ୍ଲୋଭେନିଆ ଓପନ୍ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ତାଇୱାନ୍‌ର ସୁ ଲି ୟାଙ୍ଗ୍‌ଙ୍କୁ ୨୧-୧୮, ୨୧-୧୪ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ କାପୁର ଓ ସିକ୍କି ରେଡ୍ଡୀ ରନରଅପ୍ ସହ ରୌପ୍ୟ ଜିତିଛନ୍ତି। କାପୁର ଓ ରେଡ୍ଡୀ ସେମିଫାଇନାଲରେ ଡେନ୍‌ମାର୍କର ମ୍ୟାଡ୍ସ ଭେଷ୍ଟରଗାର୍ଡ ଓ ଖ୍ରୀଷ୍ଟିନି ବସ୍କଙ୍କୁ ପରାଜିତ କରିଥିଲେ। ଫାଇନାଲରେ କିନ୍ତୁ ସେମାନେ ଡେନ୍‌ମାର୍କର ଅନ୍ୟ ଏକ ଯୋଡ଼ି ସେପର ଟଫ୍ଟ ଓ କ୍ଲାରା ଗ୍ରାଭେସେନ୍‌ଙ୍କଠାରୁ ୧୨-୨୧, ୧୩-୨୧ରେ ହାରିଯାଇଥିଲେ।

## ଡବ୍ଲ୍ୟୁଟିସି ଫାଇନାଲ ପାଇଁ ହାଜେଲଉଡ୍ ଫିଟ୍

**ମେଲବୋର୍ନ, ୨୨।୫ (ପି.ଟି.):** କ୍ରିକେଟ ଅଷ୍ଟ୍ରେଲିଆ ଦେଶର ପୁରୁଖା ସ୍ୱିଡ୍‌ଷ୍ଟର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ଫିଟ୍ ଘୋଷଣା କରିବା ସହ ଏହି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି କହିଛି। ଭାରତ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଲଣ୍ଡନର ଓଭାଲଠାରେ ହେବ। ୫ ମ୍ୟାଚ୍‌ବିଶିଷ୍ଟ ଆସେସ୍ ସିରିଜ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ତରଫରୁ ଖେଳୁଥିବା ୩୨ ବର୍ଷୀୟ ହାଜେଲ୍‌ଉଡ ଆଘାତପ୍ରାପ୍ତ ହୋଇ ଦୁଇ ସପ୍ତାହ ପୂର୍ବରୁ ନିଜ ଦେଶକୁ ଫେରିଯାଇଥିଲେ। ଫଳରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ସେ ଖେଳିପାରିବେ କି ନା ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୟୁନାଇଟେଡ୍ କିଙ୍ଗଡମ୍(ୟୁକେ) ଗସ୍ତ ପାଇଁ ହାଜେଲଉଡ୍ ଫିଟ୍ ବୋଲି ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।

# ଦର୍ଶନାଙ୍କୁ ତୃତୀୟ ସ୍ଥାନ

ଅଲ୍‌ମାଟି, ୨୨।୫(ପି.ଟି.)

### ଶଟ୍‌ଗନ୍ ବିଶ୍ୱକପ୍

ଆଇଏସ୍‌ଏସ୍‌ଏଫ୍ ଶଟ୍‌ଗନ୍ ବିଶ୍ୱକପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ସ୍କିଟ୍ କ୍ୱାଲିଫିକେଶନରେ ପୂର୍ବତନ ଜାତୀୟ ଚାମ୍ପିୟନ ଓ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବିଜେତା ଦର୍ଶନା ରାଠୋର ୭୧ ଶଟ୍ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀସ୍‌ର ଏମାନୋଏଲା କାଟ୍‌ଜୋରାକି ୭୨ ଶଟ୍ ସହ ପ୍ରଥମ ସ୍ଥାନରେ ରହିଥିଲେ। ମଙ୍ଗଳବାର ଦୁଇଟି ଫାଇନାଲ କ୍ୱାଲିଫିକେଶନ ରାଉଣ୍ଡ ହେବ। ଶ୍ରେଷ୍ଠ ୮ ସେହି ଦିନ ହେବାକୁଥିବା ଫାଇନାଲକୁ ଉନ୍ନୀତ ହେବେ। ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଦର୍ଶନା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସାଥୀ ଶୁଟର ଗାନେମତ ସେଖନ ୬୯ ଶଟ୍ ସହ ପ୍ରତିଯୋଗୀମାନଙ୍କ ମଧ୍ୟରେ ୯ମ ସ୍ଥାନରେ ରହିଥିବା ବେଳେ ମାହେଶ୍ୱରୀ ଚୌହାନ ୬୭ ଶଟ୍ ସହ ଆହୁରି ପଛରେ ରହିଥିଲେ। ପୁରୁଷ ସ୍କିଟ୍‌ରେ ଶୁଟରମାନେ ସମସ୍ତ ୩ ରାଉଣ୍ଡ ଶେଷ କରିବାରେ ବିଫଳ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମିରାଜ ଅହମ୍ମଦ ଖାଁ ପ୍ରତିଯୋଗୀମାନଙ୍କ ମଧ୍ୟରେ ୧୨ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ଆହୁରି ୧୯ ଶଟ୍ ବାକି ରହିଥିଲା। ଗୁର୍‌ଜୋତ ଖାଙ୍ଗୁରା ୭୨ ସହ ୧୭ତମ ସ୍ଥାନରେ ରହିଥିବା ବେଳେ ଅନନ୍ତଜିତ୍ ସିଂ ନାରୁକା ୭୦ ଶଟ୍ ସହ ୩୧ତମ ସ୍ଥାନରେ ରହିଛନ୍ତି। ପୁରୁଷ ସ୍କିଟ୍ ଫାଇନାଲ୍ସ ମଙ୍ଗଳବାର ହେବ।

# ଭିନ୍ନ ଅଭିଜ୍ଞତା ସହ ଶ୍ରଦ୍ଧାଞ୍ଜଳିଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର, ୨୨।୫
(କ୍ରୀଡ଼ା ପ୍ରତିନିଧି)

"୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ତୁଲାଇବାରେ ଭିନ୍ନ ଅଭିଜ୍ଞତା ରହିଲା। ଏହା ମୋତେ ଆତ୍ମସନ୍ତୋଷ ଦେବାସହ ଭବିଷ୍ୟତରେ ଆହୁରି ଦାୟିତ୍ୱର ସହ କାର୍ଯ୍ୟ କରିବାପାଇଁ ଉତ୍ସାହିତ କରିଛି" ବୋଲି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶ୍ରଦ୍ଧାଞ୍ଜଳି ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲର ବିଭିନ୍ନ କାର୍ଯ୍ୟପାଇଁ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳର ସହକାରୀ କୋଚ୍‌ଭାବେ ଏବଂ ହିରୋ କପ୍ ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରି ପାଖାପାଖି ୫ ମାସପରେ ଶ୍ରଦ୍ଧାଞ୍ଜଳି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର ରାଉଣ୍ଡର ୨ୟ ପର୍ଯ୍ୟାୟକୁ ଯୋଗ୍ୟତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହି ସମୟ ମଧ୍ୟରେ ତାଙ୍କଦ୍ୱାରା ପ୍ରଶିକ୍ଷିତ ଭାରତୀୟ ଦଳ ବାଂଲାଦେଶ ଓ କିର୍ଗିଜସ୍ତାନରେ ଏଏଫ୍‌ସି ପକ୍ଷରୁ ଆୟୋଜିତ ମ୍ୟାଚ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲା। ଏପରି ସଫଳତା ପାଇଁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ନିଯୁକ୍ତିଦାତା ନାଲ୍‌କୋ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ

ମାଡ୍ରିଡ୍, ୨୨।୫(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିଅସ୍ ଜୁନିଅରଙ୍କୁ ଜାତିଆଣ ଆକ୍ଷେପର ଶିକାଶ ହେବାକୁ ପଡିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ଏମିତି ଘଟଣା ଘଟିଥିଲା। ମେଷ୍ଟାଲ୍ଲା ଷ୍ଟାଡିୟମରେ ଏଭଳି ଘଟଣା ଘଟିଥିବା ବେଳେ ଖେଳକୁ କିଛି ମିନିଟ୍ ପାଇଁ ବନ୍ଦ ରଖାଯାଇଥିଲା। ସ୍ପାନିଶ୍ ଲିଗ୍‌ରେ ଏଭଳି ଘଟଣା ପ୍ରଥମ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏକଦା ସ୍ପାନିଶ ଲିଗ୍ ରୋନାଲ୍ଡିନୋ, ରୋନାଲ୍ଡୋ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଲିଗ୍ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଜାତିଆଣ ବାଦୀଙ୍କ ଲିଗ୍ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ୨ ବର୍ଷୀୟ ଭିନିସିଅସ୍ ୫ ବର୍ଷ ତଳେ ସ୍ପାନିଶ ଲିଗ୍ ଖେଳିବା ପାଇଁ ସ୍ପେନକୁ ସ୍ଥାନାନ୍ତରିତ ହୋଇଥିଲେ। ଦର୍ଶକ ମାନେ ଭିନିସିଅସଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଥିବା ବେଳେ ଏହାକୁ ନେଇ ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟ୍ଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କୋଚ୍ ଭିନିସିଅସଙ୍କୁ ପଡିଆରୁ ବାହାରକୁ ନେଇଥିଲେ। ପଡିଆରୁ ବାହାରକୁ ଯିବା ସମୟରେ ଭିନିସିଅସ୍ ଭାଲେନ୍ସିଆ ଦର୍ଶକଙ୍କ ଆଡକୁ ମଝି ଆଙ୍ଗୁଳି ଦେଖାଇଥିଲେ, ଯାହାକୁ ଅନେକ ଖେଳାଳି ବିରୋଧ କରିଛନ୍ତି। ଭିନିସିଅସ ଭାଲେନ୍ସିଆ ସମର୍ଥକଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି ଭାଲେନ୍ସିଆ କୋଚ୍। ତେବେ ଏହି ମାମଲାରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଭିନିସିଅସଙ୍କୁ ସମର୍ଥନ କରିଛନ୍ତି। ଏମ୍‌ବାପେ ଏକ ଚିଠି ଲେଖିବା ସହିତ ଏହି ଲଢେଇରେ ତୁମେ ଏକୁଟିଆ ନାହଁ ଆମେ ତୁମ ସହିତ ଅଛୁ ବୋଲି ଲେଖାଯାଇଛି।



କୋଚ୍ କାର୍ଲୋ ଆନ୍ସେଲୋଟ୍ଟିଙ୍କ ସହ ଭିନିସିୟସ୍ ଜୁନିୟର।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ